

‘ଏକ ଚତୁର ନାର୍’ରେ ଦିବ୍ୟା

▶ପୃଷ୍ଠା ୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-55 ◆TUESDAY ◆19 AUGUST 2025 ◆PAGE-12 ◆₹ 6.00

JEYPORE

◆ବର୍ଷ-୪୩ ◆ସଂଖ୍ୟା-୫୫ ◆ମଙ୍ଗଳବାର ◆୧୯ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଗୁଜରାଟରେ ଦୁଇ କାର୍ ମୁହାଁମୁହିଁ; ୮ ଜୀବନ୍ତ ଦଗ୍ଧ



■ ସୁରେନ୍ଦ୍ରନଗର, ୧୮।୮(ଏଜେନ୍ସି): ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୮ଜଣ ଲୋକ ଜିଅନ୍ତା ଜଳିଯାଇ ପ୍ରାଣ ହରାଇଛନ୍ତି। ୱାଧୱାନ ତାଲୁକାର ଦେଦାଦାରା ଗାଁର ନିକଟସ୍ଥ ରାଜପଥରେ ରବିବାର ଅପରାହ୍ଣ ୩.୪୦ରେ ଏକ କାର ଓ ଏସ୍‌ୟୁଭି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ କାରରେ ନିଆଁ ଲାଗିଯାଇଥିଲା। ମୃତକଙ୍କ ମଧ୍ୟରେ ୫ ମହିଳା ଓ ୨ ପିଲା ସାମିଲ ରହିଛନ୍ତି। କାରରେ ଥିବା ୮ ଜଣ ଲୋକ ବାହାରକୁ ବାହାରି ପାରି ନଥିଲେ ଓ ଜଳି ଯାଇଥିଲେ। ୭ଜଣ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ଜଣେ ଆହତଙ୍କୁ ହସ୍ପିଟାଲ ନିଆଯାଉଥିବା ବେଳେ ଜୀବନ ହରାଇଥିଲେ। ଧକ୍କା ହେବା ପରେ କାର ରାସ୍ତା କଡେ ଗଳି ପଡ଼ିଥିଲା ଓ ସେଥିରେ ନିଆଁ ଲାଗିଯାଇଥିଲା। ସବୁ ମୃତକ ସମ୍ପର୍କୀୟ ଥିଲେ ଓ କଚ୍ଛରୁ ସୁରେନ୍ଦ୍ର ନଗର ଯାଉଥିଲେ। ସୂଚନା ମିଳିବା ପରେ ଦମକଳ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ।

# ଜନ୍ମାଷ୍ଟମୀ ଶୋଭାଯାତ୍ରାରେ ଅଘଟଣ; ବିଦ୍ୟୁତ୍ ଆଘାତରେ ୫ ମୃତ



■ ହାଇଦରାବାଦ୍, ୧୮।୮ (ଏଜେନ୍ସି): ହାଇଦରାବାଦ୍‌ରେ ଜନ୍ମାଷ୍ଟମୀ ଉତ୍ସବ ପାଳନ ବେଳେ ଏକ ବଡ଼ ଅଘଟଣ ଘଟିଛି। ଉତ୍ସବ ପାଳନ କରିବାକୁ ଏକ ରଥ ଯାଉଥିବା ବେଳେ ହାଇଭୋଲ୍ଟେଜ ବିଜୁଳି ତାର ସଂସ୍ପର୍ଶରେ ଆସିଥିଲା। ଫଳରେ ବିଦ୍ୟୁତ ଆଘାତରେ ୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ରାମନାଥପୁରର ଗୋକୁଳନଗରରେ ରବିବାର ବିଳମ୍ବିତ ରାତିରେ ଶ୍ରଦ୍ଧାଳୁ ଶୋଭାଯାତ୍ରାରେ ଯାଉଥିବା ବେଳେ ଏହି ଘଟଣା ଘଟିଥିଲା। ଶୋଭାଯାତ୍ରାରେ ରଥକୁ ଏକ ବାହନ ଉପରେ ନିଆଯାଉଥିଲା। ତେବେ ବାହନ ଖରାପ ହେବା କାରଣରୁ ଶ୍ରଦ୍ଧାଳୁ ରଥକୁ ଉଠାଇ ନେଉଥିଲେ। କିନ୍ତୁ କରେଣ୍ଟ ଲାଗିବା କାରଣରୁ ଶ୍ରଦ୍ଧାଳୁ ଦୂରକୁ ଛିଟ୍‌କି ପଡ଼ିଥିଲା। ଫଳରେ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଶୋଭାଯାତ୍ରାରେ ସାମିଲ ହୋଇଥିବା ଲୋକ ଏପଟେ ସେପଟେ ଦୌଡିବାକୁ ଲାଗିଥିଲେ। ସୂଚନା ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି। ପୀଡିତଙ୍କୁ ପ୍ରାଥମିକ ଚିକିତ୍ସା ଦିଆଯାଇଥିଲା। ପରେ ସେମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ୫ ଜଣ ଲୋକଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏହି ଘଟଣାରେ କେନ୍ଦ୍ର କୋଇଲା ଓ ଖଣିଜ ମନ୍ତ୍ରୀ ଜି କିଶନ ରେଡ୍ଡୀ ଶ୍ରୀନିବାସନଙ୍କ ସମେତ ୪ଜଣ ଆହତ ହୋଇଛନ୍ତି।

## ବିରୋଧୀ ଦଳଙ୍କ ଯୋଜନା

# ସିଇସିଙ୍କ ବିରୋଧରେ ଆଣିବେ ମହାଭିଯୋଗ

■ ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି): ବିହାରରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର୍ ଏବଂ ‘ଭୋଟ ଚୋରି’ ଅଭିଯୋଗକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ନିର୍ବାଚନ କମିସନ ଏବଂ ବିରୋଧୀ ଦଳ ମୁହାଁମୁହିଁ ହୋଇଛନ୍ତି। ବିରୋଧୀ ଦଳ ଉଠାଇଥିବା ଅଭିଯୋଗର ଯାଞ୍ଚ କରିବା ବଦଳରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ସତ୍ୟପାଠ ଦାଖଲ କରିବା ଲାଗି କମିସନଙ୍କ ଆହ୍ୱାନ ଜଟିଳ ପରିସ୍ଥିତି ସୃଷ୍ଟି କରିଛି। ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଏଭଳି ଆଭିମୁଖ୍ୟରେ କ୍ଷୁବ୍ଧ ବିରୋଧୀ ଦଳ ତାଙ୍କ ବିରୋଧରେ ସଂସଦରେ ମହାଭିଯୋଗ ପ୍ରସ୍ତାବ ଆଣିବାକୁ ଯୋଜନା କରିଛନ୍ତି। ଆଜି ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକ୍‌ର ସଂସଦୀୟ ଦଳ ବୈଠକରେ ଏହା ଉପରେ ଆଲୋଚନା କରାଯାଇଛି। ସତ୍ୟପାଠ ଦାଖଲ ପାଇଁ ଆହ୍ୱାନ ଦେଇ ଜ୍ଞାନେଶ କୁମାର ବିରୋଧୀ ଦଳ ବିରୋଧରେ ଯୁଦ୍ଧ ଘୋଷଣା କରିଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏଭଳି ବ୍ୟକ୍ତି ହାତରେ ନିର୍ବାଚନ କମିସନ ସୁରକ୍ଷିତ ନୁହେଁ ବୋଲି ଅଭିଯୋଗ କରି ସେମାନେ ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ପ୍ରସ୍ତାବ ଆଣିବେ ବୋଲି ସୂଚନା ଦେଇଛନ୍ତି। ତେବେ ମୁଖ୍ୟ ନିର୍ବାଚନ କମିସନରଙ୍କୁ ହଟାଇବାକୁ ହେଲେ ସଂସଦର ଉଭୟ ଗୃହରେ ଦୁଇ ତୃତୀୟାଂଶ ସଭ୍ୟଙ୍କ ସମର୍ଥନ ଦରକାର। କିନ୍ତୁ ବିରୋଧୀ ଦଳ ପାଖରେ ଏହି ସଂଖ୍ୟା ନଥିବାରୁ ଏହା କେବଳ ଏକ ଚାପ ରଣନୀତି ବୋଲି କୁହାଯାଉଛି।

ବିହାର ଭୋଟର ତାଲିକା ପ୍ରସଙ୍ଗରେ ସଂସଦର ଉଭୟ ଗୃହରେ ଆଜି ମଧ୍ୟ ଅଚଳାବସ୍ଥା ଜାରି ରହିଛି। ଆଜି ବିରୋଧୀ ଦଳ ପକ୍ଷରୁ ଏଠାରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିସନରଙ୍କର ଆଭିମୁଖ୍ୟର ତୀବ୍ର ସମାଲୋଚନା ▶ପୃଷ୍ଠା-୭



### ବଢ଼ୁଛି ଭୋଟର ଜାଲିଆତି ବିବାଦ

### ସଂସଦରେ ଅଚଳାବସ୍ଥା ଜାରି

## ୬୫ ଲକ୍ଷ ଭୋଟରଙ୍କ ନାମ ଜାରିକଲେ କମିସନ

■ ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି): ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ ବା ଏସ୍‌ଆଇଆର ପ୍ରକ୍ରିୟା ଉପରେ ବିରୋଧୀ ପ୍ରଶ୍ନ ଉଠାଇ ସଡ଼କରୁ ସଂସଦ ପର୍ଯ୍ୟନ୍ତ ହଙ୍ଗାମା କରୁଛନ୍ତି। ଏହି ପ୍ରକ୍ରିୟାକୁ ରଦ୍ଦ କରିବା ପାଇଁ ଦାବି କରୁଛନ୍ତି। ଏପରିସ୍ଥଳେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ନିର୍ବାଚନ କମିସନ ବିହାରର ଚିଠା ଭୋଟର ତାଲିକାରୁ ହଟା ଯାଇଥିବା ୬୫ ଲକ୍ଷ ଲୋକଙ୍କ ନାମ ତାଲିକା ଜାରି କରିଛନ୍ତି। ଗତ ୧ ତାରିଖରେ ଇସି ଏହି ଚିଠା ତାଲିକା ଜାରି କରିଥିଲେ। ଏଥିରୁ ୬୫ ଲକ୍ଷଙ୍କ ନାମ ହଟାଇ ଦେଇଥିଲେ। ଏହାକୁ ନେଇ ବିରୋଧୀ ଦଳ ହଙ୍ଗାମା କରିବା ସହିତ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାର ଶୁଣାଣି କରି ସୁପ୍ରିମକୋର୍ଟ ହଟା ଯାଇଥିବା ନାମ ତାଲିକା ଜାରି କରିବାକୁ ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଜି ସକାଳେ ନିର୍ବାଚନ କମିସନ ୬୫ ଲକ୍ଷ ନାମ ତାଲିକା ▶ପୃଷ୍ଠା-୭

# ଓଡ଼ିଶାରେ ଏସ୍‌ଆଇଆର୍ ଶୀଘ୍ର

## ୨୪ ବର୍ଷ ପରେ ହେବ ଭୋଟର ତାଲିକା ସଂଶୋଧନ

■ ଭୁବନେଶ୍ୱର, ୧୮।୮ (ସମିସ): ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) ପ୍ରସଙ୍ଗରେ ସାରା ଦେଶ ହୁଲସ୍ଥୁଲ। ଏସ୍‌ଆଇଆର୍‌ରେ ଭୋଟର ସୂଚୀରୁ ୬୫ ଲକ୍ଷ ଭୋଟରଙ୍କୁ ବାଦ ଦେବା ପ୍ରସଙ୍ଗରେ ନିର୍ବାଚନ କମିଶନ ଓ ବିରୋଧୀ ମୁହାଁମୁହିଁ ହୋଇଛନ୍ତି। ଏହି ପ୍ରସଙ୍ଗ ସଡ଼କରୁ ସଂସଦ ଓ ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ଦେଶର ଅନ୍ୟାନ୍ୟ ରାଜ୍ୟ ସହ ଖୁବ୍ ଶୀଘ୍ର ଓଡ଼ିଶାରେ ଏସ୍‌ଆଇଆର୍ ଅର୍ଥାତ୍ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍.ଗୋପାଳନ୍। ଶେଷଥର ପାଇଁ ୨୦୦୨ରେ ରାଜ୍ୟରେ ଭୋଟର ତାଲିକା ସଂଶୋଧନ ହୋଇଥିଲା ଓ ୨୪ ବର୍ଷ ପରେ ପୁଣିଥରେ ରାଜ୍ୟରେ ଭୋଟର ତାଲିକା ସଂଶୋଧନ କରାଯିବ ବୋଲି ଶ୍ରୀ ଗୋପାଳନ କହିଛନ୍ତି।

ଆଜି ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ ଅଧିକାରୀ ଏସ୍‌ଆଇଆର୍‌ର ପ୍ରସ୍ତୁତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ଅବସରରେ ସେ ବିଭିନ୍ନ ରାଜନୈତିକ ଦଳ ନିର୍ବାଚନରେ ଅସଙ୍ଗତି ସମ୍ପର୍କରେ ଆଣିଥିବା ଅଭିଯୋଗର ଉତ୍ତର ଦିଆଯାଇଥିବା ଉଲ୍ଲେଖ କରି ଭୋଟ ଚୋରିକୁ ଏକ କାଳ୍ପନିକ ବିଷୟ ବୋଲି କହିଛନ୍ତି। ଗତ ନିର୍ବାଚନ ସମୟରେ ରାଜ୍ୟର ବିଭିନ୍ନ ନିର୍ବାଚନମଣ୍ଡଳୀରେ ୪୨ ଲକ୍ଷ ଭୋଟକୁ ନେଇ ମୁଖ୍ୟ ବିରୋଧୀଦଳ ବିଜେଡ଼ି ଜାତୀୟ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରିଥିଲା। ଏପରିକି ରାଜ୍ୟର ସମସ୍ତ ସଂସଦୀୟ କ୍ଷେତ୍ରରେ ଇଭିଏମରେ ପଡ଼ିଥିବା ଭୋଟ ସଂଖ୍ୟା ଅପେକ୍ଷା ଗଣତି ହୋଇଥିବା ଭୋଟ ସଂଖ୍ୟା ଅଧିକ ଥିବାର ତଥ୍ୟଭିତ୍ତିକ ପ୍ରମାଣ ବିଜେଡି ଦାଖଲ କରିଥିଲା। ସେହିପରି ସଂସଦୀୟ କ୍ଷେତ୍ରର ଭୋଟ ସଂଖ୍ୟା ଅପେକ୍ଷା ଏହା ମଧ୍ୟରେ ଆସୁଥିବା ବିଧାନସଭାର ସମୁଦାୟ ଭୋଟ ସଂଖ୍ୟା ମଧ୍ୟରେ ଉଲ୍ଲେଖନୀୟ ତାରତମ୍ୟ ଓ ନିର୍ବାଚନ ସମୟ ଶେଷ ହୋଇଯିବା ପରେ ୭ ପ୍ରତିଶତରୁ ୩୦ ପ୍ରତିଶତ ଭୋଟକୁ ନେଇ ବିଜେଡି ପ୍ରଶ୍ନ ଉଠାଇଥିଲା। ଅନ୍ୟପକ୍ଷରେ ଫର୍ମ ୧୭-ସି ପ୍ରଦାନ ନ ▶ପୃଷ୍ଠା-୭

### ରାଜନୈତିକ ଦଳ ଏଜେଣ୍ଟଙ୍କୁ ଦିଆଯାଇଛି ୧୭-ସି ଫର୍ମ

# ନବୀନ ସୁସ୍ଥ; କ୍ୟାବିନକୁ ସ୍ଥାନାନ୍ତର

■ ଭୁବନେଶ୍ୱର, ୧୮।୮ (ସମିସ): ଡିହାଇଡ୍ରେସନ୍ ଯୋଗୁଁ ଚିକିତ୍ସା ନିମନ୍ତେ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଏବେ ସୁସ୍ଥ। ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିଛି ଓ ତାଙ୍କୁ କ୍ୟାବିନକୁ ସ୍ଥାନାନ୍ତର କରାଯାଇଥିବା ଡାକ୍ତରଖାନା କର୍ତ୍ତୃପକ୍ଷ ମେଡିକାଲ ବୁଲେଟିନ୍‌ରେ ସୂଚନା ଦେଇଛନ୍ତି। ଡାକ୍ତରମାନଙ୍କ ପର୍ଯ୍ୟବେକ୍ଷଣରେ କିଛି ସମୟ ରହିବା ପରେ ବାସଭବନକୁ ଫେରିବେ ବୋଲି ଡାକ୍ତରଖାନା କର୍ତ୍ତୃପକ୍ଷ କହିଛନ୍ତି।

ଅପରପକ୍ଷରେ ନିଜେ ଶ୍ରୀ ପଟ୍ଟନାୟକ ନିଜ ସୁସ୍ଥତାର ସୂଚନା ରାଜ୍ୟବାସୀଙ୍କୁ ଦେଇଛନ୍ତି। ହସ୍ପିଟାଲ୍‌ରୁ ଏକ ଭିଡିଓ ବାର୍ତ୍ତା ଜାରି କରି ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା କହିଛନ୍ତି। ତାଙ୍କର ଅସୁସ୍ଥତାଜନିତ ସୂଚନା ପାଇ ଶୁଭକାମନା ଜଣାଇଥିବା ସମସ୍ତଙ୍କୁ ନବୀନ ଧନ୍ୟବାଦ ଜଣାଇଛନ୍ତି ଓ ଦେଖା କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ନବୀନ ନିବାସରେ ତାଙ୍କୁ ଦେଖା କରିବାକୁ ଅନୁରୋଧ କରିଛନ୍ତି। ଡାକ୍ତରମାନେ ତାଙ୍କର ବହୁତ ଭଲ ଚିକିତ୍ସା କରୁଛନ୍ତି ବୋଲି ନବୀନ ଭିଡ଼ିଓବାର୍ତ୍ତାରେ କହିଛନ୍ତି।



ଏଠାରେ ଉଲ୍ଲେଖଯୋଗ୍ୟ ଯେ ଡିହାଇଡ୍ରେସନ୍ ଜନିତ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ରବିବାର ସନ୍ଧ୍ୟା ୫ ଟା ୧୫ରେ ନବୀନଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡ଼ାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। କିଛି ସମୟର ଚିକିତ୍ସା ପରେ ସେ ସୁସ୍ଥ ହୋଇଥିଲେ ଓ ରାତିରେ ଭିଡ଼ିଓ ବାର୍ତ୍ତାରେ ସେ ସୁସ୍ଥ ହେଉଥିବା ସୂଚନା ଦେଇଥିଲେ। ଗୋଟିଏ ଦିନର ଚିକିତ୍ସା ପରେ ସେ ଏବେ ସୁସ୍ଥ ଅନୁଭବ କରୁଛନ୍ତି। ତାଙ୍କର ଅସୁସ୍ଥତା ଖବର ପାଇ ଦଳମତ ନିର୍ବିଶେଷରେ ବହୁ ରାଜନୈତିକ ବ୍ୟକ୍ତି, ମନ୍ତ୍ରୀ, ବିଧାୟକ, ସାଂସଦଙ୍କ ସହ ସାଧାରଣ ଲୋକ ଡ଼ାକ୍ତରଖାନାରେ ପହଞ୍ଚି ତାଙ୍କର ଆରୋଗ୍ୟ କାମନା କରିଛନ୍ତି।

### ଭେଟିବାକୁ ଚାହୁଁଥିଲେ ନବୀନ ନିବାସକୁ ନିମନ୍ତ୍ରଣ

# ନବୀନଙ୍କୁ ଫୋନ୍ କଲେ ରାଜନାଥ

## ସ୍ୱାସ୍ଥ୍ୟାବସ୍ଥା ପଚାରି ଆଶୁ ଆରୋଗ୍ୟ କାମନା କଲେ

■ ଭୁବନେଶ୍ୱର, ୧୮।୮ (ସମିସ): ଡାକ୍ତରଖାନାରେ ଚିକିତ୍ସାଧୀନ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ଏହି ଅବସରରେ ସେ ଏନଡିଏ ପ୍ରାର୍ଥୀ ସି.ପି.ରାଧାକ୍ରିଷ୍ଣନ୍‌ଙ୍କୁ ସମର୍ଥନ ଦେବାକୁ ନବୀନଙ୍କୁ ଅନୁରୋଧ କରିଥିବା ମଧ୍ୟ ସୂଚନା ମିଳିଛି। ତେବେ ଏ ସମ୍ପର୍କରେ ନବୀନ କ’ଣ କହିଛନ୍ତି ସେ ସମ୍ପର୍କରେ ସ୍ପଷ୍ଟ ଜଣାପଡ଼ି ନାହିଁ।

ମହାରାଷ୍ଟ୍ର ରାଜ୍ୟପାଳ ତଥା ବିଜେପି ନେତା ସିପି ରାଧାକ୍ରିଷ୍ଣନଙ୍କୁ ଉପରାଷ୍ଟ୍ରପତି ପଦ ପାଇଁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ରବିବାର ନିଜର ପ୍ରାର୍ଥୀ ଭାବେ ଘୋଷଣା କରିଛି। ଏନଡିଏର ପ୍ରାର୍ଥୀ ଯେପରି ବିନା ନିର୍ବାଚନରେ ସର୍ବସମ୍ମତକ୍ରମେ ନିର୍ବାଚିତ ହେବେ, ସେନେଇ ଉଦ୍ୟମ ଆରମ୍ଭ ହୋଇଛି। ଏଥିପାଇଁ ଦଳର ବରିଷ୍ଠ ନେତା ରାଜନାଥ ସିଂଙ୍କୁ ବିଭିନ୍ନ ରାଜନୈତିକ ଦଳ ସହ ଯୋଗାଯୋଗ କରିବାକୁ ବିଜେପି ଦାୟିତ୍ୱ ପ୍ରଦାନ କରିଛି। ଏହି କ୍ରମରେ ରାଜନାଥ ଆଜି ନବୀନଙ୍କ ସହ ଆଲୋଚନା କରି ଏନ୍‌ଡିଏ ପ୍ରାର୍ଥୀଙ୍କୁ ସମର୍ଥନ ଦେବାକୁ ଅନୁରୋଧ କରିଛନ୍ତି।



### ଏନ୍‌ଡିଏ ଉପରାଷ୍ଟ୍ରପତି ପ୍ରାର୍ଥୀଙ୍କ ପାଇଁ ଲୋଡ଼ିଲେ ସହଯୋଗ

## ସମ୍ବଲପୁରରେ ପୁଣି ଲଜ୍ଜା!

# ଶୌଚ ପାଇଁ ଯାଇଥିବା ନାବାଳିକାଙ୍କୁ ଗଣଦୁଷ୍କର୍ମ

■ ସମ୍ବଲପୁର, ୧୮।୮ (ସମିସ): ସମ୍ବଲପୁରରେ ପୁଣି ଲଜ୍ଜା। ଯୁଯୋମୁରା ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ଗଣଦୁଷ୍କର୍ମ କରାଯିବା ଭଳି ଏକ ଆପରାଧିକ ଘଟଣା ଘଟିଛି। ନାବାଳିକାଜଣଙ୍କ ଶୌଚ ହେବାକୁ ଯାଇଥିବା ବେଳେ ୫ ଜଣ ଦୁର୍ବୃତ୍ତ ତାକୁ ଟେକିନେଇ ଗଣଦୁଷ୍କର୍ମ କରିଛନ୍ତି। ଏହି ଘଟଣାରେ ପୁଲିସ୍ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିବା ସହ ୨ ନାବାଳକଙ୍କୁ ଧରିଛି। ଅନ୍ୟ ୨ ଅଭିଯୁକ୍ତ ଫେରାର୍ ହୋଇଯାଇଥିବା ଜଣାଯାଇଛି। ସେମାନଙ୍କୁ ଧରିବା ପାଇଁ ପୁଲିସ ତନାଘନା ଚଳାଇଛି। ମୁଖ୍ୟ ଅଭିଯୁକ୍ତଜଣଙ୍କ ହେଲା, ଯୁଯୋମୁରା ଥାନା ଝାଙ୍କରପାଲି ପଞ୍ଚାୟତର ସୁଶାନ୍ତ ମିର୍ଦ୍ଧା(୨୧)। ଆଜି ତାକୁ କୋର୍ଟଚାଲାଣ କରାଯାଇଛି। ସେହିପରି, ଧରାପଡ଼ିଥିବା ୨ ନାବାଳକଙ୍କୁ କିଶୋର ନ୍ୟାୟ ବୋର୍ଡରେ ଉପସ୍ଥାପନ କରାଯାଇଛି। ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ପୁଲିସ୍ ସୂଚନାନୁଯାୟୀ, ଯୁଯୋମୁରା ବ୍ଲକ୍ ଅଞ୍ଚଳରେ ପୀଡ଼ିତା ୧୪ ବର୍ଷୀୟା ନାବାଳିକା ସପରିବାରେ ରୁହନ୍ତି। ନାବାଳିକାଜଣଙ୍କ ନବମ ଶ୍ରେଣୀ ଛାତ୍ରୀ। ରବିବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ସେ ପଡ଼ା ନିକଟସ୍ଥ ନାଳକୁ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ତାଙ୍କୁ ୫ଜଣ ଅଭିଯୁକ୍ତ ନିକଟସ୍ଥ ଏକ ସ୍ଥାନକୁ ନେଇ ଗଣଦୁଷ୍କର୍ମ କରିଥିଲେ। ପରେ ସେଠାରୁ ଫେରାର୍ ହୋଇଯାଇଥିଲେ। ନାବାଳିକାଜଣଙ୍କ ଏ ସଂପର୍କରେ ପରିବାରଲୋକଙ୍କୁ ଜଣାଇବା ପରେ ଯୁଯୋମୁରା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଓ ପୀଡ଼ିତାଙ୍କ ବୟାନ ଅଧାରରେ ପୁଲିସ ନମ୍ବର ୧୭୪/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ରେଢ଼ାଖୋଲ ଏସ୍‌ଡିପିଓଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼଼ଉ କରି ପୁଲିସ ବିଳମ୍ବିତ ରାତିରେ ମୁଖ୍ୟ ଅଭିଯୁକ୍ତ ସହ ମୋଟ ୩ ଜଣଙ୍କୁ ଧରାଯାଇଥିଲା। ସେମାନଙ୍କ ମଧ୍ୟରେ ମୁଖ୍ୟ ଅଭିଯୁକ୍ତ ସୁଶାନ୍ତ ମିର୍ଦ୍ଧା ସହ ଅନ୍ୟ ୨ ନାବାଳକ ରହିଛନ୍ତି। ତେବେ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ଚଢ଼ଉ ଜାରି ରଖିଛି। ଏସ୍‌ପି ଶ୍ରୀ ଭାମୁ କହିଛନ୍ତି, ଏହା ଏକ ସ୍ପର୍ଶକାତର ଓ ସମ୍ବେଦନଶୀଳ ଘଟଣା। ପୁଲିସ ଏହାକୁ ଅତ୍ୟନ୍ତ ଗୁରୁତ୍ୱର ସହ ଗ୍ରହଣ କରିଛି। ଖୁବ୍‌ଶୀଘ୍ର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ଚାର୍ଜସିଟ୍ ଦାଖଲ ପୂର୍ବକ ଅଭିଯୁକ୍ତମାନଙ୍କ ବିରୋଧରେ ପୁଲିସ ଦୃଢ଼ ପ୍ରମାଣ ଉପସ୍ଥାପନ କରିବାକୁ ଉଦ୍ୟମ କରିବ ବୋଲି ସେ ସୂଚନା ଦେଇଛନ୍ତି।

### ମୁଖ୍ୟ ଅଭିଯୁକ୍ତ ଗିରଫ, ୨ ନାବାଳକ ଅଟକ

### ଫେରାର୍ ୨ ଅଭିଯୁକ୍ତଙ୍କୁ ଖୋଜୁଛି ପୁଲିସ୍

## ଔଷଧ ନିଗମର ନିଷ୍ପତ୍ତିକୁ ନେଇ ସାଧାରଣରେ ସନ୍ଦେହ

# ଦାଗୀ ସଂସ୍ଥାକୁ ଅନୁଗ୍ରହ

■ ଭୁବନେଶ୍ୱର, ୧୮।୮ (ସମିସ): ଟ୍ରାକ୍ ରେକର୍ଡ ଭଲ ନ ଥିବା ଏକ ସଂସ୍ଥା ସହ ଚୁକ୍ତି ଅବଧି ବଢ଼ାଇ ପୁଣି ଥରେ ବିବାଦ ଘେରକୁ ଆସିଛି ଓଡ଼ିଶା ରାଜ୍ୟ ଔଷଧ ନିଗମ ଲିମିଟେଡ (ଓଏସ୍‌ଏମ୍‌ସିଏଲ୍)। ରାଜ୍ୟର ସମସ୍ତ ମେଡିକାଲ କଲେଜ ଓ ହସ୍ପିଟାଲ ଗୁଡିକର ବାୟୋମେଡିକାଲ ଉପକରଣ ମରାମତି ପାଇଁ ହୋଇଥିବା ଟେଣ୍ଡରକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ଚେନ୍ନାଇର କେଟିପିଏଲ୍ ସଂସ୍ଥାର ଅବଧି ୬ ମାସ ବୃଦ୍ଧିକୁ ନେଇ ପୁଣି ଓଏସ୍‌ଏମ୍‌ସିଏଲ୍‌କୁ କାଠଗଡ଼ାରେ ଠିଆ କରିଛି। ଯାହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଖରାପ ସେବା କାରଣରୁ ଅନ୍ୟ ରାଜ୍ୟଗୁଡ଼ିକ ଯେଉଁ ସଂସ୍ଥା ସହ ଚୁକ୍ତି ବାତିଲ କରୁଛି, ସେହି ସଂସ୍ଥାର ଚୁକ୍ତି ଅବଧିକୁ ଓଡ଼ିଶା ସରକାର ବଢ଼ାଇ ଚାଲିବା ସ୍ୱାଭାବିକ ସନ୍ଦେହ ପ୍ରକାଶ ପାଇଛି।

ଅଭିଯୋଗ ଅନୁସାରେ ଉତ୍ତରାଖଣ୍ଡ ସରକାର କେଟିପିଏଲ ସହ ଚୁକ୍ତିକୁ ଗତ ନଭେମ୍ବର ମାସରେ ବାତିଲ୍ କରିଛନ୍ତି। ସେହିପରି ରାଜସ୍ଥାନ ମେଡିକାଲ ସର୍ଭିସ କର୍ପୋରେସନ ଲିମିଟେଡ ମଧ୍ୟ ▶ପୃଷ୍ଠା-୭

### ଉତ୍ତରାଖଣ୍ଡ, ରାଜସ୍ଥାନରେ ନିଆଯାଇଛି କାର୍ଯ୍ୟାନୁଷ୍ଠାନ

### ରାଜ୍ୟରେ କାମ କରୁନାହିଁ ୨୦ ପ୍ରତିଶତ ଉପକରଣ

## ବରଗଡ଼ରେ ବିଜେଡିର ବିଶାଳ ଚାଷୀ ସମାବେଶ

# ରାଜରାସ୍ତାରେ ଚାଷୀଙ୍କ ରଣହୁଙ୍କାର

■ ବରଗଡ଼, ୧୮।୮ (ସମିସ): ଚାଷୀମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବି ନେଇ ଆଜି ବରଗଡ଼ରେ ବିଜେଡି ପକ୍ଷରୁ ବିଶାଳ ଚାଷୀ ସମାବେଶ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରଶାସନର ତମାମ ବାଧା ସତ୍ତ୍ୱେ ହଜାର ହଜାର ଚାଷୀ ରାଜରାସ୍ତାକୁ ଓହ୍ଲାଇବା ସହ ସରକାରଙ୍କ ଚାଷୀମାରଣ ନୀତି ବିରୋଧରେ ଗର୍ଜନ କରିଛନ୍ତି। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ସହ ହଜାରହଜାର ଚାଷୀ ଓ ବିଜେଡିନେତା ଓ କର୍ମୀ ସ୍ଥାନୀୟ ଗଣେଶରାମ ଭବନରୁ ବିଶାଳ ପଟୁଆରରେ ବାହାରି ଥାନା ଛକ ଓ କଚେରି ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଜିଲ୍ଲାପାଳ ଆଦିତ୍ୟ ଗୋଏଲଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯିବା ପରେ ସ୍ଥାନୀୟ ଗାନ୍ଧୀଛକରେ ପ୍ରତିବାଦ ସଭା କରାଯାଇଥିଲା। ସେଥିରେ ବିଜେଡି ନେତା ଓ ଚାଷୀମାନେ ଡବଲ୍-ଇଞ୍ଜିନ୍ ସରକାରର ଚାଷୀ ବିରୋଧୀ, ଚାଷୀ ଦମନକାରୀ ନୀତି ଉପରେ ପ୍ରବଳ ବର୍ଷିଥିଲେ। ଜଟିଳ ପଞ୍ଜୀକରଣ ବ୍ୟବସ୍ଥାକୁ ସରଳୀ କରିବା, ପଞ୍ଜୀକରଣ ଅବଧି ବୃଦ୍ଧି କରିବା, ବିଫଳ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ କମ୍ପାନୀମାନଙ୍କୁ ଲାଭ ଦେଇ ଚାଷୀଙ୍କୁ ଲୁଟ କରା ନଯାଉ, ଧାନ ବିକ୍ରିରେ କଟନିଛଟନି ଓ ଦଲାଲରାଜ୍ ବନ୍ଦ କରିବା, ଅଦିନିଆ ବର୍ଷାରେ କ୍ଷୟକ୍ଷତି ହୋଇଥିବା ଚାଷୀଙ୍କୁ ଇନ୍‌ପୁଟ୍ ସବସିଡି ତୁରନ୍ତ ପ୍ରଦାନ, ଲକ୍ଷଲକ୍ଷ ନାମମାତ୍ର ଚାଷୀ, ▶ପୃଷ୍ଠା-୭



ସ୍ୱତଃପ୍ରବୃତ୍ତ ଭାବେ ଯୋଗଦେଲେ ହଜାରହଜାର ଚାଷୀ

ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଦେଲେ ଦାବିପତ୍ର

ଆଜି ଆସିଥିଲେ

# ସଂଗ୍ରାମୀ ସରଳା



ବିଂଶ ଶତାବ୍ଦୀରେ ଓଡ଼ିଶାର ଯେଉଁ କେତେଜଣ ମହୀୟସୀ ମହିଳା ସ୍ୱାଧୀନତା ଆନ୍ଦୋଳନ ଓ ସାହିତ୍ୟ କ୍ଷେତ୍ରରେ ଅବତୀର୍ଣ୍ଣା ହୋଇ ଆମ ସମାଜକୁ ଦିଗ୍‌ଦର୍ଶନ ଦେବା ସହ ନାରୀସମାଜକୁ ଉପରକୁ ଉଠାଇବା ପାଇଁ ଅହରହ ଉଦ୍ୟମ କରିଥିଲେ, ତନ୍ମଧ୍ୟରେ ସରଳା ଦେବୀ ଥିଲେ ଅନ୍ୟତମ। ୧୯୦୪ ମସିହା ଆଜିର ଦିନରେ ଜଗତସିଂହପୁର ଜିଲ୍ଲା ନରିଲୋ ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ। ପିଲାବେଳୁ ସରଳା ଥିଲେ ଶାନ୍ତ, ସରଳ, ଦୃଢ଼ମନା ଓ ସ୍ପଷ୍ଟବାଦିନୀ। ଆଗରୁ ଚଳି ଆସୁଥିବା ପାରମ୍ପରିକ ଜୀବନଶୈଳୀ ଅପେକ୍ଷା ସେ ନିଜ ସହଜତାକୁ ନେଇ ଚଳିବାକୁ ବେଶୀ ପସନ୍ଦ କରୁଥିଲେ। ସେ ମୁଣ୍ଡରେ ଲୁଗା ଦେଉ ନ ଥିଲେ ଓ ଛୁଆଁ ଅଛୁଆଁ ଭେଦଭାବକୁ ପସନ୍ଦ କରୁ ନ ଥିଲେ। ଘରୋଇ ଶିକ୍ଷକଙ୍କ ଦ୍ୱାରା ସେ ଷଷ୍ଠ ଶ୍ରେଣୀ ଯାଏଁ ପାଠ ପଢ଼ିଥିଲେ। ତଥାପି ଅନ୍ୟାନ୍ୟ ଭାଷା ଜାଣିବା ପାଇଁ ତାଙ୍କ ମନରେ ପ୍ରବଳ ଆଗ୍ରହ ଥିଲା। ୧୪ ବର୍ଷ ବୟସରେ ସେ ଜଣେ ଜମିଦାରଙ୍କ ପୁତ୍ର ଭାଗିରଥୀ ମହାପାତ୍ରଙ୍କୁ ବିବାହ କରିଥିଲେ। ସ୍ୱାମୀ ଭାଗୀରଥୀ ଜଣେ ସ୍ୱାଧୀନଚେତା ବ୍ୟକ୍ତି ଥିଲେ। ୧୫ ବର୍ଷ ବୟସରେ ସେ କୁଳବଧୂ ପରଦା ଆଢ଼େଇ ପଦାକୁ ବାହାରିଥିଲେ। ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ ପ୍ରତିବାଦ ଶୋଭାଯାତ୍ରାରେ ସରଳା ନିଜକୁ ସାମିଲ କରିଥିଲେ। ଏଥିରେ ତାଙ୍କ ସ୍ୱାମୀ ତାଙ୍କୁ ପୂର୍ଣ୍ଣ ସମର୍ଥନ କରିଥିଲେ। ଗାନ୍ଧିଜୀଙ୍କର ଓଡ଼ିଶା ଗସ୍ତ ସମୟରେ ତାଙ୍କର ଅହିଂସା ନୀତି ପ୍ରତି ସରଳା ଆକୃଷ୍ଟ ହୋଇଥିଲେ। ଗାନ୍ଧିଜୀଙ୍କ ହିନ୍ଦୀ ଭାଷଣକୁ ସେ ଓଡ଼ିଆରେ ଭାଷାନ୍ତର କରି ସମସ୍ତଙ୍କୁ ଚକିତ କରି ଦେଇଥିଲେ। ଏହି ସଭାରେ ସେ ନିଜର ସମସ୍ତ ଅଳଙ୍କାରକୁ ସ୍ୱରାଜ ପାଣ୍ଠିକୁ ଦାନ କଲେ ଓ ଜୀବନରେ କେବେ ଅଳଙ୍କାର ପିନ୍ଧିବେ ନାହିଁ ବୋଲି ପ୍ରତିଜ୍ଞା ନେଲେ। ଓଡ଼ିଶାର ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିବା ନାରୀ ନେତ୍ରୀଙ୍କ ମଧ୍ୟରେ ସରଳା ଥିଲେ ଅଗ୍ରଗଣ୍ୟା। ଇଞ୍ଚୁଡ଼ିଠାରେ ହୋଇଥିବା ଲବଣ ସତ୍ୟାଗ୍ରହରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ନାରୀମାନଙ୍କ ମଧ୍ୟରେ ଦେଶପ୍ରେମ ଓ ଜାତୀୟତା ଭାବର ଉଦ୍ରେକ ପାଇଁ ସେ ଓଡ଼ିଶାର ବିଭିନ୍ନ ଅଞ୍ଚଳ ବୁଲି ବୁଲି ସେମାନଙ୍କୁ ଉଦ୍‌ବୋଧନ ଦେଉଥିଲେ। ସେ ଥିଲେ ଓଡ଼ିଶା ବିଧାନସଭାର ପ୍ରଥମ ମହିଳା ବିଧାୟିକା। ବିଧାନସଭାରେ ନାରୀ ଶିକ୍ଷା, ବାଲ୍ୟ ବିବାହ ଆଇନ ସଂଶୋଧନ, ପୋଇଲି ପ୍ରଥା ଉଚ୍ଛେଦ ବିଧାନସଭାରେ ବିଲ୍ ଆଗତ କରି ସଫଳ ହୋଇଥିଲେ। ଓଡ଼ିଆ ଭାଷାକୁ ସରକାରୀ ଭାଷା ରୂପେ ଗ୍ରହଣ କରିବାର ପ୍ରୟାସରେ ସେ ଥିଲେ ପ୍ରଥମ ଓ ଅଗ୍ରଗଣ୍ୟ ମହିଳା। ସେ ବିଧାନସଭାରେ ଗୋଟିଏ ଦିନ ବାଚସ୍ପତି ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ସାହିତ୍ୟର ବିଭିନ୍ନ ବିଭାଗ ଗଳ୍ପ, କବିତା, ଅନୁବାଦ, ଜୀବନୀ ପ୍ରବନ୍ଧରେ ସେ ଲେଖନୀ ଚାଳନା କରିଛନ୍ତି। ୧୯୮୬ ମସିହା ଅକ୍ଟୋବର ୪ରେ ୮୨ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା।

## ଆଜିର ଇତିହାସ

- ୧୯୧୯ - ଆଫଗାନିସ୍ତାନ ବ୍ରିଟେନଠାରୁ ସ୍ୱାଧୀନ ହେଲା।
- ୧୯୪୯ - ଭୁବନେଶ୍ୱର ଓଡ଼ିଶାର ରାଜଧାନୀ ହେଲା।
- ୧୯୭୩- ଫ୍ରାନ୍ସ ପରମାଣୁ ପରୀକ୍ଷା କଲା।
- ୧୯୭୮ - ଇରାନ୍‌ର ଏକ ସିନେମା ହଲ୍‌ରେ ନିଆଁ ଲାଗିବାରୁ ୪୨୨ ଜଣଙ୍କ ମୃତ୍ୟୁ।
- ୨୦୦୯ - ଇରାକ୍‌ରେ ସିରିଜ୍ ବୋମା ବିସ୍ଫୋରଣ ଯୋଗୁଁ ୧୦୧ ଜଣ ଲୋକଙ୍କ ପ୍ରାଣହାନି।

# ବିଶ୍ୱ ମାନବତା ଦିବସ



ମାନବିକତା ଏବଂ ସୌହାର୍ଦ୍ଦପୂର୍ଣ୍ଣ ବ୍ୟବହାର ଯୋଗୁ ମାନବ ସମାଜ ତିଷ୍ଠି ରହିଛି। ଜଣେ ବ୍ୟକ୍ତି ନିର୍ଭିକରେ ରହିବା ପାଇଁ ଆଉ ଜଣଙ୍କର ମାନବିକତା ଲୋଡ଼ା। ମାନବିକତା ହିଁ ସମାଜରେ ସଂସ୍କାର ଆଣେ। ତେଣୁ ଏହି ମାନବିକତାକୁ ଜୀବିତ ରଖିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୧୯ ତାରିଖକୁ ବିଶ୍ୱ ମାନବତା ଦିବସ ବା 'ୱାର୍ଲ୍ଡ ହ୍ୟୁମାନିଟାରିଆନ୍ ଡେ' ଭାବେ ପାଳନ କରାଯାଉଛି। ୨୦୦୩ ଅଗଷ୍ଟ ମାସ ୧୯ ତାରିଖରେ ଇରାକ୍‌ର ରାଜଧାନୀ ବାଗଦାଦ୍‌ରେ ବିଭିନ୍ନ ଦେଶର ମୋଟ ୨୧ ଜଣ ମାନବାଧିକାର କର୍ମୀ ପ୍ରାଣ ହରାଇଥିଲେ। ମୃତକଙ୍କ ମଧ୍ୟରେ ଜାତିସଂଘର ସ୍ୱତନ୍ତ୍ର ମହାସଚିବ ସର୍ଗିଓ ଭିଏରା ଡି ମିଲୋ ଥିଲେ। ଏହି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣାର ଠିକ୍ ପାଞ୍ଚ ବର୍ଷ ପରେ ଜାତିସଂଘର ସାଧାରଣ ପରିଷଦ ଅଗଷ୍ଟ ୧୯ ତାରିଖକୁ ବିଶ୍ୱ ମାନବତା ଦିବସ ଭାବେ ପାଳନ କରିବାକୁ ଘୋଷଣା କରିଥିଲା। ମିଳିତ ଜାତିସଂଘର ସାଧାରଣ ପରିଷଦ ଏହି ଦିବସ ପାଳନ ଜରିଆରେ ସମସ୍ତଙ୍କୁ ଏକାଠି କରିବାର ଉଦ୍ୟମ ଜାରି ରଖିଛି। ଏହାର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି, ସଂକଟ ପ୍ରଭାବିତ ଲୋକଙ୍କର ଜୀବନଧାରଣ, କଲ୍ୟାଣ ଓ ସମ୍ମାନକୁ ସମର୍ଥନ କରିବା ଏବଂ ସେମାନଙ୍କୁ ସହାୟତା ପ୍ରଦାନ କରୁଥିବା ଲୋକଙ୍କ ସୁରକ୍ଷା ଓ ନିରାପତ୍ତା ସୁନିଶ୍ଚିତ କରାଇବା। ମଣିଷ ଯେତେଯେତେ ପ୍ରଗତି ଆଡକୁ ମାଡ଼ିଚାଲିଛି ସେତେସେତେ ସେ ମାନବିକତାଠାରୁ ଦୂରେଇ ଯାଉଛି। ଆଜିକାଲି ଲୋକେ ଅଜଣା ଲୋକଙ୍କୁ ସାହାଯ୍ୟ କରିବା ଅପେକ୍ଷା ତ ଦୂର କଥା ନିଜ ରକ୍ତ ସମ୍ପର୍କୀୟଙ୍କୁ ସାହାଯ୍ୟ ସହାନୁଭୂତି ଯୋଗାଇବା ପାଇଁ କୁଣ୍ଠାବୋଧ କରୁଛନ୍ତି। ଗୋଟିଏ ଦେଶ ମାନବିକତା ଭୁଲି ଅନ୍ୟ ଦେଶ ସହିତ ଯୁଦ୍ଧ କରୁଛି। ସେହିଭଳି ନିଜ ଦେଶରୁ ପ୍ରାଣ ଭୟରେ ପଳାଇ ଆସି ଅନ୍ୟ ଦେଶରେ ଆଶ୍ରୟ ନେଇଥିବା ଶରଣାର୍ଥୀମାନଙ୍କୁ ଅକଥନୀୟ ନିର୍ଯାତନା ଦେଇ ତଡ଼ିଦେବା ଘଟଣା ବିଶ୍ୱରେ ମାନବିକତା ହଜିଗଲାଣି ବୋଲି ହୃଦୟଙ୍ଗମ ହୁଏ। ତଥାପି ମରିନାହିଁ ମାନବିକତା। କିଛି ହାତଗଣତି ଲୋକ ଏହାକୁ ବଞ୍ଚାଇ ରଖିଛନ୍ତି। ବିଶ୍ୱ ମାନବତା ଦିବସ ପାଳନ କରିବାର ଉଦ୍ଦେଶ୍ୟ ସାଧାରଣ ଲୋକଙ୍କ ମଧ୍ୟରେ ମାନବତା ମୂଲ୍ୟବୋଧର ବିକାଶ କରିବା ସହ ଲୋକେ ପରସ୍ପରକୁ ବିପଦଆପଦରେ କିପରି ସାହାଯ୍ୟ ସହଯୋଗ କରିବା ପାଇଁ ଆଗେଇ ଆସିବେ ସେ ଦିଗପ୍ରତି ଅବଗତ କରାଇବା। ତେବେ ବିଶ୍ୱଶାନ୍ତି ତଥା ମାନବତାର ପ୍ରଚାର ପ୍ରସାର କରୁଥିବା କର୍ମୀମାନଙ୍କୁ ସ୍ୱୀକୃତି ଦେବା ତଥା ଏକ୍ଷେତ୍ରରେ କାର୍ଯ୍ୟ କରି ପ୍ରାଣ ହରାଉଥିବା କାର୍ଯ୍ୟକର୍ତ୍ତାଙ୍କୁ ସମ୍ମାନ ଦେବା, ସେମାନଙ୍କ ସ୍ମୃତିଚାରଣ ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ବା ଉଦ୍ଦେଶ୍ୟ।

# ବିଶ୍ୱ ଫଟୋଗ୍ରାଫି ଦିବସ




ବିନା ଶବ୍ଦ, ବିନା ଭାଷାରେ ଯିଏ କଥା କୁହେ ସେ ହେଉଛି ଫଟୋ। ଏଇ ଫଟୋ ହିଁ ପୁରୁଣା ସ୍ମୃତିକୁ ସାଇତି ରଖିବାର ଏକ ଉତ୍କୃଷ୍ଟ ମାଧ୍ୟମ। ସମୟ ବିତିଯାଏ କିନ୍ତୁ ଅତୀତର ସାଥୀ ହେଇ ରହିଯାଏ ଏଇ ଫଟୋ। ଆଜିର ଡିଜିଟାଲ ଓ ସ୍ମାର୍ଟଫୋନ ଯୁଗରେ ସମସ୍ତେ ଫଟୋଗ୍ରାଫର ସାଜିଥିଲେ ବି ଫଟୋଗ୍ରାଫି ବା ଚିତ୍ରୋତ୍ତୋଳନ ଏଭଳି ଏକ କଳା ଯେଉଁଥିରେ ଆବଶ୍ୟକ ହୋଇଥାଏ ଆବେଗ, ଉତ୍କଣ୍ଠା, କୌତୂହଳ ଓ ସୃଜନଶୀଳତାର ମିଶ୍ରିତ ପ୍ରତିଫଳନ। ଫଟୋକୁ ସାଇତି ରଖିଥିବା ମଣିଷ ହେଉ କି ଫଟୋର ସେହି ସୁନ୍ଦର ମୁହୂର୍ତ୍ତକୁ ଠିକ୍ ସମୟରେ ନିଜ କ୍ୟାମେରା ଲେନ୍ସରେ ତୋଳି ଧରିଥିବା ମଣିଷମାନଙ୍କ ପାଇଁ ବିଶ୍ୱ ଫଟୋଗ୍ରାଫି ଦିବସ ବେଶ୍ ଗୁରୁତ୍ୱ ରଖେ। ଫଟୋଗ୍ରାଫିରେ ସଉକ ରଖିଥିବା ତଥା ଏହି ବୃତ୍ତିକୁ ଆପଣେଇ ନେଇଥିବା ଫଟୋଗ୍ରାଫରମାନଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ମାସର ୧୯ ତାରିଖକୁ 'ବିଶ୍ୱ ଫଟୋଗ୍ରାଫି ଦିବସ' ଭାବରେ ପାଳନ କରାଯାଉଛି। କେବଳ ଯେ, ଡିଏସ୍‌ଏଲ୍‌ଆର୍, ଏସ୍‌ଏଲ୍‌ଆର୍ ଭଳି ବଡ଼ ବଡ଼ କ୍ୟାମେରା କିମ୍ବା ଲେନ୍ସ ବ୍ୟବହାର କରିଦେଲେ ଜଣେ ଭଲ ଫଟୋଗ୍ରାଫର ହୋଇଯିବ ତାହା ନୁହେଁ, ସାଧାରଣ ସ୍ମାର୍ଟଫୋନ୍‌ରେ ବି ଉତ୍କୃଷ୍ଟମାନର ଫଟୋ ଉଠାଇହେବ। ଏଥିପାଇଁ କେବଳ ଆବଶ୍ୟକ ଭିନ୍ନ ଦୃଷ୍ଟିକୋଣ ଓ ଫଟୋଗ୍ରାଫି ଜ୍ଞାନ। ଯୁଦ୍ଧର ଭୟାବହତା ହେଉ କି ଦାଦନ ଶ୍ରମିକଙ୍କ ନିର୍ଯାତନାର ଦୁଃଖ, ଆମାଜନ୍ ଜଙ୍ଗଲର ଆଦିମ ଅଧିବାସୀଙ୍କ ଜୀବନଧାରା ହେଉ କି ହିମାଳୟର ବରଫାଚ୍ଛନ୍ନ ଅଞ୍ଚଳକୁ କ୍ୟାମେରାରେ ସାଇତି ରଖିଥାନ୍ତି ଫଟୋଗ୍ରାଫରମାନେ। ପୂର୍ବରୁ ଲୋକେ ଷ୍ଟୁଡିଓ ଯାଇ ଫଟୋ ଉଠାଉଥିଲେ। ସ୍ମାର୍ଟଫୋନ୍‌ର ଜମାନାରେ ଏବେ ପ୍ରତି ଲୋକଙ୍କ ହାତରେ କ୍ୟାମେରା। ଫଟୋ ଉଠାଇବା ପାଇଁ ଆଉ ଷ୍ଟୁଡିଓ ଯିବାର ଆବଶ୍ୟକତା ନାହିଁ କି କୁଆଡ଼େ ବୁଲି ଗଲାବେଳେ ସାଙ୍ଗରେ କ୍ୟାମେରା ନେଇ ଯିବାର ଲୋଡ଼ା ନାହିଁ। ବର୍ତ୍ତମାନ ଯିଏ ଯେଉଁଠି ଚାହୁଁଛି ଫଟୋ ଉଠାଇ ପାରୁଛି ଓ ସେଲ୍‌ଫି ନେଇପାରୁଛି। ୧୮୩୯, ଜାନୁଆରୀ ୯ ତାରିଖରେ ବିଶ୍ୱରେ ପ୍ରଥମ କରି ଫଟୋଗ୍ରାଫି ଆରମ୍ଭ ହୋଇଥିଲା। ଜୋସେଫ୍ ନାଇସଫୋର୍ ଓ ଲୁଇସ୍ ଡାଗୁଏରେ ନାମରେ ଦୁଇ ଜଣ ବୈଜ୍ଞାନିକ 'ଡେଗୁଏରୋଟାଇପ୍ ପ୍ରକ୍ରିୟା'ର ଆରମ୍ଭ କରିଥିଲେ। 'ଡେଗୁଏରୋଟାଇପ୍ ପ୍ରକ୍ରିୟା' ହେଉଛି ଫଟୋଗ୍ରାଫିର ପ୍ରଥମ ପ୍ରକ୍ରିୟା। ଏହି ଉଦ୍ଭାବନର ଘୋଷଣା ଫ୍ରାନ୍ସ ସରକାର ୧୯ ଅଗଷ୍ଟ ୧୮୩୯ ମସିହାରେ କରିଥିଲେ। ଏହାକୁ ମନେ ପକାଇବା ପାଇଁ ପ୍ରତିବର୍ଷ ୧୯ ଅଗଷ୍ଟ ଦିନ 'ୱାର୍ଲ୍ଡ ଫଟୋଗ୍ରାଫି ଡେ' ପାଳନ କରାଯାଇଥାଏ। ଏହା ଫଟୋଗ୍ରାଫର୍‌ମାନଙ୍କୁ ବିଭିନ୍ନ କୌଶଳ, ରଚନା ଓ ଶୈଳୀ ସହ ପରୀକ୍ଷାନିରୀକ୍ଷା କରିବାକୁ ଉତ୍ସାହିତ କରିଥାଏ। ତେବେ ୨୦୧୦ରେ ଫଟୋଗ୍ରାଫି ଦିବସ ଲୋକପ୍ରିୟତା ହାସଲ କରିଥିଲା। ଏହି ଦିନ ୨୭୦ ଜଣ ଫଟୋଗ୍ରାଫର୍ ଏକ ବିଶ୍ୱସ୍ତରୀୟ ଏକ ଅନ୍‌ଲାଇନ୍ ଗ୍ୟାଲେରୀରେ ନିଜର ଫଟୋଗୁଡ଼ିକୁ ସେୟାର୍ କରିଥିଲେ। ୧୦୦ରୁ ଊର୍ଦ୍ଧ୍ୱ ଦେଶର ଲୋକେ ଏହି ୱେବ୍‌ସାଇଟ୍ ପ୍ରଦର୍ଶନ କରିଥିଲେ। ଏହି ଦିବସ ପାଳନ ଅବସରରେ ବିଭିନ୍ନ ସଂସ୍ଥା ପକ୍ଷରୁ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ଫଟୋଗ୍ରାଫି ପ୍ରତିଯୋଗିତାମାନ ଆୟୋଜନ କରାଯାଇଥାଏ।



# ନାଁ ନ ଥିବା ରେଳଷ୍ଟେସନ

ପ୍ରତିଦିନ ଲକ୍ଷାଧିକ ଲୋକ ଟ୍ରେନ୍‌ରେ ଯାତ୍ରା କରିଥାନ୍ତି। ସେହିପରି ପ୍ରତ୍ୟେକ ଷ୍ଟେସନର ନାଁ ଥିବା ସ୍ୱାଭାବିକ କଥା। ହେଲେ ଭାରତରେ ଏମିତି ବି ଏକ ରେଳ ଷ୍ଟେସନ ଅଛି, ଯାହାର କୌଣସି ନାଁ ନାହିଁ। ସେଥିପାଇଁ ଏହା ବେନାମୀ ରେଳ ଷ୍ଟେସନ ଭାବେ ପରିଚିତ। ୨୦୦୮ ମସିହାରୁ ଏହି ଷ୍ଟେସନକୁ ଟ୍ରେନ୍ ଆତଯାତ ଲାଗି ରହିଛି। ପଶ୍ଚିମବଙ୍ଗର ବର୍ଦ୍ଧମାନଠାରୁ ୩୫ କିଲୋମିଟର ଦୂରରେ ଏହା ଅବସ୍ଥିତ। ଏହି ବେନାମୀ ରେଳ ଷ୍ଟେସନକୁ ଦିନ ତମାମ ଅନେକ ଟ୍ରେନ ଆସେ। ତା'ସହ ମାଲବାହୀ ଟ୍ରେନ ବି। ଷ୍ଟେସନର ନାଁ ନ ଥିଲେ ବି ଟିକେଟ୍ କଟାଯାଏ। ବିନା ନାଁର ଏହି ଷ୍ଟେସନ ୧୭ ବର୍ଷ ଧରି ଚାଲୁଛି। ତେବେ ରେଳ ଷ୍ଟେସନର ନାଁ ନ ଥିବା ପଛରେ ଦୁଇଟି ଗାଁର(ରୈନା ଓ ରୈନାଗର) ବିବାଦ ଥିବା କୁହାଯାଏ। ଭାରତୀୟ ରେଳ ପକ୍ଷରୁ ଯେତେବେଳେ ଏହାକୁ ତିଆରି କରାଗଲା, ଏହାର ନାଁ ରୈନାଗର ରଖିଲା। ହେଲେ ସ୍ଥାନୀୟ ଲୋକ ଏହାକୁ ଆପତ୍ତି କଲେ ଏବଂ ଷ୍ଟେସନର ନାଁ ବଦଳାଇବାକୁ କହିଲେ। ମାମଲା ଏତେ ବେଶି ବଢ଼ିଲା ଯେ, ଏହା ଅଦାଲତରେ ପହଞ୍ଚିଲା। ସେବେଠୁ ହିଁ ଏହି ରେଳ ଷ୍ଟେସନ ବିନା ନାଁରେ ଚାଲୁଛି। ଏହି ଷ୍ଟେସନରେ ଫଳକ ଲାଗିଛି, ହେଲେ ଫଳକରେ କୌଣସି ନାଁ ଲେଖାଯାଇ ନାହିଁ। ଅବଶ୍ୟ ଅଜଣା ଲୋକେ ଏଠାକାର ଲୋକଙ୍କୁ ସେମାନେ କେଉଁ ଷ୍ଟେସନରେ ଅଛନ୍ତି ପଚାରି ବୁଝନ୍ତି। ସେହିପରି ଏହି ଷ୍ଟେସନରେ କେବଳ ବାଙ୍କୁଡ଼ା ମାସାଗ୍ରାମ ଯାତ୍ରୀବାହୀ ଟ୍ରେନ୍ ଅଟକି ଥାଏ। ଅନ୍ୟପଟେ ଏହି ଷ୍ଟେସନରେ ବିକ୍ରି ହେଉଥିବା ଟିକେଟ୍‌ରେ ପୁରୁଣା ନାଁ ରୈନାଗର ଲେଖା ଅଛି।

# 'ଏକ ଚତୁର ନାର'ରେ ଦିବ୍ୟା-ନୀଲ




ଟି-ସିରିଜ୍ ଏବେ ଏକ ନୂଆ ଫିଲ୍ମ ନେଇ ଆସୁଛି। ଏଥିରେ ଦିବ୍ୟା ଖୋସଲା ଓ ନୀଲ ନିତିନ୍ ମୁକେଶ ଲିଡ୍ ରୋଲରେ ନଜର ଆସିବେ। ଇତିମଧ୍ୟରେ ଫିଲ୍ମର ପ୍ରଥମ ଝଲକ ଦର୍ଶକ ଦେଖିବାକୁ ପାଇଛନ୍ତି। ଫିଲ୍ମ ନିର୍ମାତା ଏହାର ଦୁଇଟି ମୋସନ୍ ପୋଷ୍ଟର୍ ଜାରି କରିଛନ୍ତି। ଗୋଟିଏ ପୋଷ୍ଟର୍‌ରେ ଦିବ୍ୟା ଓ ନୀଲ ଗୋଟିଏ ଟେବୁଲ ପାଖରେ ଠିଆ ହୋଇ ରହିଛନ୍ତି। ଟେବୁଲରେ ଟମାଟୋ ଓ କ୍ୟାପ୍ସିକମ୍ ଆଦି ରହିଛି। ଦିବ୍ୟା ବାମ ହାତରେ ଗାଜର କାଟୁଥିବାବେଳେ କ୍ୟାମେରା ଆଡ଼କୁ ଅନାଇଥିବାର ଦେଖାଯାଇଛନ୍ତି। ନୀଲ ହ୍ୟାଫ୍ ଜ୍ୟାକେଟ୍ ପିନ୍ଧି ହାତରେ ବନ୍ଧୁକ ଧରି ନଜର ଆସିଛନ୍ତି। ସେହିଭଳି ଦ୍ୱିତୀୟ ପୋଷ୍ଟରରେ ଦିବ୍ୟା ଆଖିରେ କଳା ଚଷମା ପିନ୍ଧିଛନ୍ତି। ତାଙ୍କ କେଶ ଏକ ଫୋନ୍‌ରେ ଗୁଡ଼ାଇ ହୋଇ ରହିଛି। ଫୋନ୍‌ର ଡିସ୍‌ପ୍ଲେରେ ନୀଲ ଡରିଯାଇଥିବାର ଦେଖାଯାଇଛନ୍ତି। ଫିଲ୍ମର ଟାଇଟଲ ଓ ପୋଷ୍ଟରରୁ ଏହା ଏକ କମେଡି ଡ୍ରାମା ହେବ ବୋଲି ଅନୁମାନ କରାଯାଉଛି। ତେବେ ଫିଲ୍ମର ପୋଷ୍ଟର୍ ସାମ୍ନାକୁ ଆସିବା ପରେ ଦର୍ଶକେ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ଟି-ସିରିଜ୍ ଦ୍ୱାରା ନିର୍ମିତ ଏହି ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱରେ ଉମେଶ ଶୁକ୍ଲା ରହିଛନ୍ତି। ଏହା ୧୨ ସେପ୍ଟେମ୍ବରରେ ପରଦାକୁ ଆସିବ।

# ଅଭିବାଦନ ପାଇଁ ଚର୍ଚ୍ଚାରେ ପ୍ରଧାନଶିକ୍ଷକ



ପେନସିଲଭାନିଆର ଜଣେ ପ୍ରଧାନଶିକ୍ଷକ ତାଙ୍କର ନିଆରା ଅଭିବାଦନ ଶୈଳୀ ପାଇଁ ଚର୍ଚ୍ଚା ସାଉଁଟୁଛନ୍ତି। ଛାତ୍ରଛାତ୍ରୀଙ୍କ ସହିତ ତାଙ୍କର ସକାଳ ଅଭିବାଦନ ହିଁ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଲାନକାଷ୍ଟର ସ୍ଥିତ ପ୍ରୋଭିଡେନ୍ସ ଏଲିମେଣ୍ଟାରି ସ୍କୁଲର ପ୍ରଧାନ ଶିକ୍ଷକ ହେଉଛନ୍ତି ଜାକ ବାଉରମାଷ୍ଟର। ସେ ପିଲାମାନେ କ୍ଲାସ୍‌କୁ ପ୍ରବେଶ କରିବା ପୂର୍ବରୁ କାହା ସହିତ ହାତ ମିଳାଇ ତ ପୁଣି କାହାକୁ ହାଇ ଫାଇଭ୍ କରି ସ୍ୱାଗତ କରିଥାନ୍ତି। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ଜଣ ଜଣ କରି ସେ ପ୍ରତ୍ୟେକ ଛାତ୍ରଙ୍କ ସହ ଯେଉଁଳି ଭାବେ ଅଭିବାଦନ କରୁଛନ୍ତି, ଲାଗୁଛି ସତେ ଯେପରି ସେ ସେମାନଙ୍କର ଶିକ୍ଷକ ନୁହଁନ୍ତି, ବରଂ ସାଙ୍ଗ। ପ୍ରିନ୍ସିପାଲଙ୍କ ପିଲାଙ୍କ ପ୍ରତି ଏଭଳି ବ୍ୟବହାର ସ୍କୁଲ ପରିବେଶକୁ ଆନନ୍ଦମୟ କରି ଦେଇଛି। ତେବେ ଭିଡିଓର ଶୀର୍ଷକରେ ଲେଖା ଯାଇଛି, "ସ୍କୁଲ ଏପରି ଏକ ସ୍ଥାନ ଯେଉଁଠି ସମ୍ପର୍କ ତିଆରି ହୁଏ, ତେଣୁ ପିଲାଙ୍କ ହୃଦୟ ଜିତିବାକୁ ସେମାନଙ୍କ ଭଳି ହେବାକୁ ପଡ଼ିବ।" ଅବଶ୍ୟ ପ୍ରଧାନଶିକ୍ଷକଙ୍କ ଏଭଳି କାର୍ଯ୍ୟ ପିଲାଙ୍କୁ ସ୍କୁଲ ଯିବା ଲାଗି ଏକପ୍ରକାର ଉତ୍ସାହିତ କରିପାରିଛି। ଅନ୍ୟପଟେ ପ୍ରଧାନଶିକ୍ଷକଙ୍କ ଏହି ସ୍ୱଭାବକୁ ଲୋକମାନେ ଖୁବ୍ ପସନ୍ଦ କରିବା ସହ ପ୍ରଶଂସା କରୁଛନ୍ତି।

# ଦରମା ମିଳିବାର ପାଞ୍ଚ ମିନିଟ୍‌ରେ ଦେଲେ ଇସ୍ତଫା




ପ୍ରଥମ ଦରମା ମିଳିବାର ପାଞ୍ଚ ମିନିଟ୍ ମଧ୍ୟରେ କେହି କେବେ ଚାକିରିରୁ ଇସ୍ତଫା ଦେବା କଥା ଚିନ୍ତା କରି ନ ଥିବେ। ତେବେ ଏମିତି ଏକ ଘଟଣା ଘଟିଛି। ଯାହାକି ସମସ୍ତଙ୍କର ଦୃଷ୍ଟିଆକର୍ଷଣ କରିଛି। ଜଣେ ଭାରତୀୟ ଏଚ୍‌ଆର୍ ପ୍ରଫେସନାଲ ଲିଙ୍କଡ୍‌ଇନ୍ ପୋଷ୍ଟରେ ଏହି ଘଟଣା ବାବଦରେ ସେୟାର୍ କରିଛନ୍ତି। ଏଥିରେ ଜଣେ ଯୁବକଙ୍କୁ ପ୍ରଥମ ଦରମା ମିଳିବାର ପାଞ୍ଚ ମିନିଟ୍ ପରେ ସେ ଇସ୍ତଫା ଦେଇଥିବା କଥା କୁହାଯାଇଛି। ସମ୍ପୃକ୍ତ ଏଚ୍‌ଆର୍ କହିଛନ୍ତି, ସକାଳ ୧୦ଟାରେ ଉକ୍ତ କର୍ମଚାରୀଙ୍କ ସାଲାରି କ୍ରେଡିଟ୍ ହୋଇଥିଲା ଏବଂ ୧୦ଟା ୫ରେ ସେ ତାଙ୍କର ଇସ୍ତଫାପତ୍ର ମେଲ୍‌କୁ ପଠାଇ ଦେଇଥିଲେ। ଏହା କେତେ ଦୂର ଠିକ୍ ବୋଲି ଏଚ୍‌ଆର୍ ପ୍ରଶ୍ନ କରିଛନ୍ତି। ସମ୍ପୃକ୍ତ ଏଚ୍‌ଆର୍ କହିଛନ୍ତି, 'କମ୍ପାନି ଏହି କର୍ମଚାରୀଙ୍କୁ ନିଯୁକ୍ତି ସୁଯୋଗ ଦେଲା, ତାଙ୍କ ଉପରେ ଭରସା କଲା ଏବଂ ତାଙ୍କୁ ତାଙ୍କ କ୍ୟାରିୟର୍‌ରେ ଆଗକୁ ବଢ଼ିବାର ସୁଯୋଗ ଦେଲା। କେବଳ ସେତିକି ନୁହେଁ, ତାଙ୍କୁ ଟିମ୍‌ରେ ସାମିଲ କରାଯାଇ ସପ୍ତାହେ ପର୍ଯ୍ୟନ୍ତ ଟ୍ରେନିଂ ମଧ୍ୟ ଦିଆଗଲା। ଏତେ ସବୁ କରାଯିବା ପରେ ପାଞ୍ଚ ମିନିଟ୍‌ରେ ଚାକିରି ଛାଡ଼ିବା କ'ଣ ନୈତିକତା ଦୃଷ୍ଟିକୋଣରୁ ଠିକ୍!' ସେହିପରି ଏଚ୍‌ଆର୍ ଜଣକ ଆହୁରି କହିଛନ୍ତି, 'ଯଦି କାମ କି ପରିବେଶ ଠିକ୍ ନ ଲାଗେ, କର୍ମଚାରୀ ଖୋଲାଖୋଲି ଭାବେ ଆଲୋଚନା କରିବା ଦରକାର। ଭାବିଚିନ୍ତି କମ୍ପାନିରୁ ବାହାରିବା ଉଚିତ। କୌଣସି ଚାକିରି ସହଜ ହୋଇ ନ ଥାଏ। ପ୍ରତ୍ୟେକ ଚାକିରିରେ ଧୈର୍ଯ୍ୟ ଓ ପରିଶ୍ରମର ଆବଶ୍ୟକତା ଥାଏ।' ପ୍ରକୃତ ଉନ୍ନତି ପ୍ରଥମ ଦରମାରେ ନୁହେଁ, ଲଗାତାର ପ୍ରଚେଷ୍ଟା ଓ ଧୈର୍ଯ୍ୟରୁ ଆସିଥାଏ ବୋଲି ଏଚ୍‌ଆର୍ ଜଣକ କହିଛନ୍ତି। ଅନ୍ୟପଟେ ଏହି ଘଟଣାକୁ ନେଇ କିଛି ଲୋକ ଏଚ୍‌ଆର୍‌ର ପକ୍ଷରେ ଥିବାବେଳେ ଆଉ କେତେ ଜଣ ସମ୍ପୃକ୍ତ ଯୁବକଙ୍କୁ ସମର୍ଥନ କରିଛନ୍ତି।

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜକୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

**ଫକୀରମୋହନ କଲେଜ ଛାତ୍ରୀ ଆତ୍ମଦାହ ଘଟଣା**

## ସମୀର ସାହୁଙ୍କୁ ୩ ଦିନିଆ ରିମାଣ୍ଡରେ ନେଲା କ୍ରାଇମବ୍ରାଞ୍ଚ



ଭୁବନେଶ୍ୱର/ବାଲେଶ୍ୱର,୧୮ ।୮ (ସମିସ): ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମଦାହ ଘଟଣାରେ କ୍ରାଇମବ୍ରାଞ୍ଚ ଆଜି ମୁଖ୍ୟ ଅଭିଯୁକ୍ତ ପ୍ରଫେସର୍ ସମୀର ସାହୁଙ୍କୁ ତିନିଦିନିଆ ରିମାଣ୍ଡରେ ନେଇଛି। ସମୀରଙ୍କଠାରୁ ଘଟଣା ବାବଦରେ ଅଧିକ ତଥ୍ୟ ହାସଲ ପାଇଁ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ କୋର୍ଟରେ ତିନିଦିନିଆ ରିମାଣ୍ଡ ଆବେଦନ କରାଯାଇଥିଲା। କୋର୍ଟ ଏହାକୁ ମଞ୍ଜୁର କରିଛନ୍ତି। ତଦନୁଯାୟୀ, ଆଜିଠାରୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚ ତାଙ୍କୁ ରିମାଣ୍ଡରେ ନେଇ ପଚରାଉଚରା ଆରମ୍ଭ କରିଛି। ଆଜି ପ୍ରଥମ ଦିନରେ କ୍ରାଇମବ୍ରାଞ୍ଚ ସମୀରଙ୍କୁ ଗୁଡ଼େଇ ତୁଡ଼େଇ ବିଭିନ୍ନ ପ୍ରଶ୍ନ କରିଛି। ସୂଚନାନୁଯାୟୀ, ସମୀର ଗିରଫ ହେବା ପରେ ତାଙ୍କୁ ୧୪ଦିନିଆ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ତାଙ୍କ ପକ୍ଷରୁ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟରେ ଗତ ୧ତାରିଖରେ ଜାମିନ ଆବେଦନ କରାଯାଇଥିଲା। ହେଲେ କ୍ରାଇମବ୍ରାଞ୍ଚ ପକ୍ଷରୁ ଆବଶ୍ୟକ ସିଡି ଦାଖଲ କରାଯାଇନଥିବା କାରଣରୁ ଜାମିନ ଆଦେବନ ଉପରେ ଶୁଣାଣି ହୋଇପାରିନଥିଲା। ସୋମବାର ସମୀରଙ୍କ ଜାମିନ ଆବେଦନ ଉପରେ ଶୁଣାଣି ହୋଇଛି। ଏହି ସମୟରେ କ୍ରାଇମବ୍ରାଞ୍ଚ ତାଙ୍କୁ ରିମାଣ୍ଡରେ ନେବା ପାଇଁ ଆବେଦନ କରିଥିଲା।

# ଅବପାତରେ ପରିଣତ ହେଲା ଲଘୁଚାପ

**■ ୭ ଜିଲ୍ଲାକୁ ପ୍ରବଳ ବର୍ଷା ସତର୍କତା**
**■ ୨୪ ବେଳକୁ ପୁଣି ଏକ ଲଘୁଚାପ**



ଭୁବନେଶ୍ୱର,୧୮।୮ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହୋଇ ସଦୃଶ ଲଘୁଚାପ ଓ ପରେ ଅବପାତରେ ପରିଣତ ହୋଇଛି। ବର୍ତ୍ତମାନ ଏହା ପଶ୍ଚିମ କେନ୍ଦ୍ରୀୟ ଓ ତତ୍‌ସଂଲଗ୍ନ ଉତ୍ତର ପଶ୍ଚିମ ବଙ୍ଗୋପସାଗର ଏବଂ ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡିଶା ଉପକୂଳରେ ସକ୍ରିୟ ରହିଥିବା ବେଳେ ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏହା ପଶ୍ଚିମ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି। ମଙ୍ଗଳବାର ସକାଳେ ଅବପାତଟି ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡିଶା ଦେଇ ଗତି କରିବ। ଏହା ପ୍ରଭାବରେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଆକଳନ କରାଯାଇଛି। ଏଥିପାଇଁ ମଙ୍ଗଳବାର ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ବଲାଙ୍ଗିର ଓ ରାୟଗଡ଼ା ପାଇଁ ପ୍ରବଳରୁ ଅତି ପ୍ରବଳ ଜନିତ ସତର୍କ ସୂଚନା ଜାରି କରାଯାଇଛି। ଅନ୍ୟପଟେ ରାଜ୍ୟର ଅନ୍ୟସ୍ଥାନରେ ଧୀରେ ଧୀରେ ବର୍ଷାର ପ୍ରଭାବ ହ୍ରାସ ପାଇବାର ସମ୍ଭାବନା ରହିଛି। ମାତ୍ର ପୁଣି ୨୩-୨୪ ବେଳକୁ ଆଉ ଏକ ଲଘୁଚାପ ସମ୍ଭାବନା ଥିବାରୁ ରାଜ୍ୟରେ କ୍ରମାଗତ ଭାବେ ବର୍ଷା ଜାରି ରହିବା ନେଇ ପାଣିପାଗ ବିଭାଗ ଆକଳନ କରିଛି। ଲଘୁଚାପ ପ୍ରଭାବରେ ଓଡ଼ିଶା ଉପକୂଳ ସାଗର ପ୍ରବଳ ଅଶାନ୍ତ ରହିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି।

ଲଗାଣ ବର୍ଷା ଯୋଗୁଁ ଦକ୍ଷିଣ ଓଡ଼ିଶା ବ୍ୟାପକ ପ୍ରଭାବ ପଡ଼ିଛି। ବିଶେଷକରି ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଅତ୍ୟଧିକ ବର୍ଷା ଯୋଗୁଁ ମାଲାକାନଗିରିରୁ ମୋଟୁକୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥର କାଙ୍ଗୁରୁକୋଣ୍ଡା ପୋଲ ଉପରେ ବନ୍ୟା ପାଣି ପ୍ରବାହିତ ହେଉଛି। ଗତ ୨୪ ଘଣ୍ଟା ମଧ୍ୟରେ ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ସହ ୯ଟି ସ୍ଥାନରେ ପ୍ରବଳ ଓ ଗୋଟିଏ ସ୍ଥାନରେ ଅତି ପ୍ରବଳ ବର୍ଷା ରେକର୍ଡ ହୋଇଥିବା ବେଳେ କୋରାପୁଟ କୋଟପାଡ଼ର ସର୍ବାଧିକ ୧୩୩ ମିମି ବର୍ଷା ରେକର୍ଡ କରାଯାଇଛ। କୋରାପୁଟରେ ମଧ ଆଜି ସାଢ଼େ ୫ଟା ସୁଦ୍ଧା ୬୪ ମିମି ବର୍ଷା ରେକର୍ଡ ହୋଇଛି। ପାରଳାଖେମୁଣ୍ଡିରେ ୪୯ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ନବରଙ୍ଗପୁରରେ ୩୩ ମିମି ବର୍ଷା ରେକର୍ଡ ହୋଇଛି।

ଲଘୁଚାପ ବର୍ଷା ଭିତରେ ମୌସୁମୀ ଋତୁ ଅର୍ଥାତ୍ ଜୁନ୍ ୧ରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ୭୨୬ ମିମି ବର୍ଷା ରେକର୍ଡ ହୋଇଛି। ଏହି ସମୟ ସୁଦ୍ଧା ସ୍ୱାଭାବିକ ବର୍ଷା ୭୭୨.୮ ମିମି ତୁଳନାରେ ରାଜ୍ୟରେ ୬ ପ୍ରତିଶତ କମ୍ ବର୍ଷା ରେକର୍ଡ ହୋଇଛି। ୨୦ ଜିଲ୍ଲାରେ ସ୍ୱାଭାବିକ ବର୍ଷା, ୨ ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ଏବଂ ୮ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଛି।

## ଆଇଇଡି ବିସ୍ଫୋରଣରେ ଯବାନ ସହିଦ ,୩ ଆହତ



ମାଲକାନଗିରି,୧୮ ।୮ (ସମିସ): ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ଆଇଇଡି ବିସ୍ଫୋରଣରେ ଜଣେ ଯବାନ ସହିତ ହୋଇଥିବା ବେଳେ ୩ଜଣ ଯବାନ ଗୁରୁତର ଆହତ ହୋଇଛନ୍ତି। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାର ଜାତୀୟ ଉଦ୍ୟାନ ଅଞ୍ଚଳରେ ମାଓବିରୋଧୀ ଅଭିଯାନ ବେଳେ ଆଜି ଏହି ଅଘଟଣ ଘଟିଛି। ସହିଦ ଯବାନଜଣଙ୍କ ହେଲେ, ଦିନେଶ ନାଗ। ସେହିପରି ଅନ୍ୟ ୩ ଆହତ ଯବାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ରାୟପୁର ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିପଦମୁକ୍ତ ଥିବା ଜଣାଯାଇଛି।

ସୂଚନାନୁଯାୟୀ, ବିଜାପୁର ଜିଲ୍ଲାର ଜାତୀୟ ଉଦ୍ୟାନ ଅଞ୍ଚଳରେ ମାଓ ଗତିବିଧି ସଂପର୍କରେ ଖବର ପାଇ ଗତକାଲି ଡିଆରଜି ଯବାନଙ୍କ ଏକ ଦଳ ସର୍ଚ୍ଚ ଅପରେସନ୍ ଆରମ୍ଭ କରିଥିଲା। ଆଜି ସକାଳେ ମଧ୍ୟ ସନ୍ଧାନ ଚାଲିଥିବା ବେଳେ ଜଙ୍ଗଲ ମଧ୍ୟରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ଏକ ଆଇଇଡି ବିସ୍ଫୋରଣ ହୋଇଥିଲା। ଏଥିରେ ଯବାନ ଦିନେଶ ସହିଦ ହୋଇଥିବା ବେଳେ ଅନ୍ୟ ୩ ଯବାନ ଆହତ ହୋଇଥିଲେ। ଏହି ଘଟଣା ପରେ, ସୁରକ୍ଷା ବାହିନୀ ପକ୍ଷରୁ ସର୍ଚ୍ଚ ଅପରେସନ୍‌କୁ ଜୋରଦାର୍ କରାଯାଇଛି।

## ଗଣେଶ ଚତୁର୍ଥୀ ପୂର୍ବରୁ 'ନିଗମ' ଲଡୁ!

**■ ତାଲିକା ଧରି ଦିଲ୍ଲୀ ଗଲେ ମନମୋହନ**
**■ ଦିଲ୍ଲୀ ବୈଠକରେ ଚୂଡ଼ାନ୍ତ ହେବ ନାମ**

ଭୁବନେଶ୍ୱର,୧୮।୮ (ସମିସ): ଗଣେଶ ଚତୁର୍ଥୀ ଓ ନୂଆଖାଇ ପୂର୍ବରୁ ଦଳୀୟ ଆଶାୟୀଙ୍କୁ ବିଜେପି ଦେବ ଉପହାର । ନିଗମ, ବୋର୍ଡର୍‌ରେ କିଛି ନେତାଙ୍କୁ ଥଇଥାନ କରାଯିବ। ଏଥିନିମନ୍ତେ ଆପାତତଃ ଚୂଡ଼ାନ୍ତ କୁହାଯାଉଥିବା ନାମ ସୂଚୀ ଧରି ସୋମବାର ପୁଣି ଦିଲ୍ଲୀ ଗସ୍ତରେ ଯାଇଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ସଭାପତି ଭାବେ ଦାୟିତ୍ୱ ନେବା ପରେ ମନମୋହନ ବାରମ୍ବାର ଦିଲ୍ଲୀ ଗସ୍ତ କରୁଥିବା ବେଳେ ଆଜିର ଗସ୍ତକୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ବିଶେଷକରି ମନମୋହନଙ୍କ ଏହି ଗସ୍ତ ରାଜ୍ୟ ବିଜେପି ପଦାଧିକାରୀ କମିଟି ଏବଂ ବୋର୍ଡ, ନିଗମ ନିଯୁକ୍ତି ନେଇ ଉଦ୍ଦିଷ୍ଟ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି। ଦିଲ୍ଲୀରେ ଦଳର ଶୀର୍ଷ ନେତୃତ୍ୱ, ରାଜ୍ୟର ସାଂସଦମାନଙ୍କ ସହ ଆଲୋଚନା ପରେ ଏ ନାମଗୁଡ଼ିକ ଚୂଡ଼ାନ୍ତ ହେବ ବୋଲି କୁହାଯାଉଛି।

ସୋମବାର ମନମୋହନ ଦିଲ୍ଲୀରେ ଗୃହମନ୍ତ୍ରୀ ଅମିତ ଶାହାଙ୍କ ସହ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ଅବସରରେ ଓଡ଼ିଶା ସମ୍ପର୍କରେ ଏକାଧିକ ପ୍ରସଙ୍ଗରେ ଶ୍ରୀ ଶାହାଙ୍କ ସହ ମନମୋହନ ଆଲୋଚନା କରିଛନ୍ତି। ଆଲୋଚନା ବେଳେ ଉପରାଷ୍ଟ୍ରପତି ନିର୍ବାଚନ ସହ ରାଜ୍ୟରେ ବିଜେପି ସାଂଗଠନିକ ସମ୍ପ୍ରସାରଣ ଏବଂ ନିଗମ, ବୋର୍ଡ ନିଯୁକ୍ତି ନେଇ ଆଲୋଚନା ହୋଇଥିବା ସୂଚନା ମିଳିଛି। ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ୍ ସିଂ ତୋମାରଙ୍କ ସୂଚନା ଅନୁଯାୟୀ ଓଡ଼ିଶାରେ ନିଗମ ଓ ବୋର୍ଡରେ ନିଯୁକ୍ତି ଲାଗି ଇତିମଧ୍ୟରେ ୨-୩ଟି ବୈଠକ ମଧ୍ୟ ବସିସାରିଲାଣି। ଆଗକୁ ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗ୍ ଓ ସେ ନିଜେ ଏନେଇ ରାଜ୍ୟ ବିଜେପି କୋର କମିଟି ସହ ଆଲୋଚନା କରିବେ। ଅତଏବ କୋର କମିଟି ସଦସ୍ୟଙ୍କ ସହ ବ÷÷ଠକ ପୂର୍ବରୁ ମନମୋହନଙ୍କ ଆଜିର ଗସ୍ତ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ମନମୋହନଙ୍କ ଏହି ଗସ୍ତ ଅବସରରେ ନିଗମ, ବୋର୍ଡ ନିଷ୍ପତ୍ତି ଚୂଡ଼ାନ୍ତ ହେବା ଏକରକମ ଧାର୍ଯ୍ୟ ବୋଲି ବିଜେପିର ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଅପରପକ୍ଷେ ଆଗାମୀ ଉପରାଷ୍ଟ୍ରପତି ନିର୍ବାଚନ ସଂକ୍ରାନ୍ତରେ ମନମୋହନ ରାଜ୍ୟ ବିଜେପି ସାଂସଦମାନଙ୍କ ସହ ଆଲୋଚନା କରିବେ ବୋଲି ମଧ୍ୟ ସୂଚନା ମିଳିଛି ।

**■ ମହଙ୍ଗା ପଡ଼ିଲା ଦେବୋତ୍ତର ସମ୍ପତ୍ତି ପଞ୍ଜୀକରଣ**

## ଖଣ୍ଡଗିରି ସବ୍‌ରେଜିଷ୍ଟ୍ରାରଙ୍କୁ କାରଣ ଦର୍ଶାଅ ନୋଟିସ୍

**୭ ଦିନରେ ଜବାବ ଦେବାକୁ ନିର୍ଦ୍ଦେଶ**

ଭୁବନେଶ୍ୱର, ୧୮ ।୮ (ସମିସ): ବୈଧ ଅନୁମତି ବିନା ଦେବୋତ୍ତର ସମ୍ପତ୍ତି ପଞ୍ଜୀକରଣ କରିବା ମହଙ୍ଗା ପଡ଼ିଛି। ଏଥିପାଇଁ ଖଣ୍ଡଗିରି ସବ୍-ରେଜିଷ୍ଟ୍ରାରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି ଇନ୍ସପେକ୍ଟର୍ ଜେନେରାଲ ଅଫ୍ ରେଜିଷ୍ଟ୍ରେସନ୍(ଆଇଜିଆର୍)। ୭ ଦିନ ମଧ୍ୟରେ ଜବାବ ରଖିବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାନୁସାରେ, ଉତ୍ତର ମୁଣ୍ଡମୁହାଁଣର ଶିବାନୀ ଶଙ୍କର ରଥ କାଶୀପୁର ମୌଜାରେ ଥିବା ଠାକୁରଙ୍କ ସମ୍ପତ୍ତିର ସ୍ୱତ୍ୱ ପରିବର୍ତ୍ତନ କରି ଦେଇଥିଲେ। ଜାଲିଆତି କରି ଉକ୍ତ ଜମିର ଆରଓଆର୍ ପ୍ରସ୍ତୁତ କରି ତାହା ସ୍ଥିତିବାନ ଜମି ବୋଲି ଦର୍ଶାଇଥିଲେ। ପରେ ନିଜ ପତ୍ନୀ ଜୟନ୍ତୀ ପୁଷ୍ପାଳକ ସମେତ ୮ ଜଣଙ୍କୁ ଉକ୍ତ ଜମିକୁ ବିକ୍ରି କରିଦେଇଥିଲେ। ଦେବୋତ୍ତର କମିସନରଙ୍କ ଅନୁମତି ଆଣିବା ପରିବର୍ତ୍ତେ ଜାଲିଆତି କରି ବିକ୍ରି କରିଦେଇଥିଲେ। ଖଣ୍ଡଗିରି ସବ୍-ରେଜିଷ୍ଟ୍ରାର ଅର୍ଚ୍ଚନା ଗୌଡ଼ଙ୍କ ଅଭିଯୋଗ ଆଧାରରେ ବଡ଼ଗଡ଼ ପୁଲିସ ଶିବାନୀ ଓ ପତ୍ନୀ ଜୟନ୍ତୀଙ୍କୁ ଗିରଫ କରିଥିଲା। ତେବେ ଖଣ୍ଡଗିରି ସବ୍ ରେଜିଷ୍ଟ୍ରାର କାହିଁକି ଆରଓଆର୍ (ରେକର୍ଡ ଅଫ୍ ରାଇଟ୍ସ) ଯାଞ୍ଚ ନକରି ଜମି ପଞ୍ଜୀକରଣ କରିଥିଲେ, ସେନେଇ ଆଇଜିଆର୍ ପ୍ରଶ୍ନ କରିଛନ୍ତି। ପଞ୍ଜୀକରଣ ଆକ୍ଟ ୧୯୦୮ ର ଧାରା ୨୨(ଏ) ଉଲଘଂନ କରିଥିବାରୁ କାହିଁକି ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ଲିଖିତ ଉତ୍ତର ଦେବାକୁ କହିଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ ଜବାବ ରଖିବାକୁ ଆଇଜିଆର୍ ନିର୍ଦ୍ଦେଶ ଦେଇଛନ୍ତି।

**ନବୀନଙ୍କ ସହ ସାକ୍ଷାତ ନ କରାଇଦେବା ଗୁଜବ**

## ଭିତରକୁ ନ ଯିବାକୁ ଡାକ୍ତର ଅନୁରୋଧ କରିଥିଲେ: ଭକ୍ତ

ଭୁବନେଶ୍ୱର,୧୮।୮ (ସମିସ): ହସ୍ପିଟାଲରେ ଚିକିତ୍ସାଧୀନ ଥିବା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିବାରେ ବାରଣ କରାଯିବା ସଂକ୍ରାନ୍ତ ଗୁଜବରେ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି ପିସିସି ସଭାପତି ଭକ୍ତଚରଣ ଦାସ। ବିଭିନ୍ନ ଗଣମାଧ୍ୟମରେ ନବୀନଙ୍କ ସହ ତାଙ୍କୁ ଭେଟାଇନଦେବା ନେଇ ଯାହା ପ୍ରଚାର ହେଉଛି ତାହା ସମ୍ପୂର୍ଣ୍ଣ ନିରାଧାର ବୋଲି ଭକ୍ତ କହିଛନ୍ତି । ସୋମବାର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କାଳରେ ଭକ୍ତ କହିଛନ୍ତି ଯେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଅସୁସ୍ଥତା ଖବର ଶୁଣି ସେ ହସ୍ପିଟାଲକୁ ଯାଇଥିଲେ। ଆଇସିୟୁ ନିକଟରେ ଗୋଟିଏ କୋଠରୀରେ ବିଜେଡି ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅରୁଣ ସାହୁଙ୍କ ସମେତ ଅନ୍ୟାନ୍ୟ ନେତାମାନେ ଉପସ୍ଥିତ ଥିଲେ। ସେ ଯାଇ ସେଠାରେ ବସିଥିଲେ। ହସ୍‌ପିଟାଲର କିଛି ଡାକ୍ତର ଓ ଅଧୀକ୍ଷକ ସେଠାକୁ ଆସି ସେମାନଙ୍କୁ ନବୀନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସେ ଆଇସିୟୁକୁ ଯିବାକୁ ଚାହିଁବାରୁ ଡାକ୍ତରମାନେ ତାଙ୍କୁ ଆଇସିୟୁ କୋଠରୀ ପର୍ଯ୍ୟନ୍ତ ତାଙ୍କୁ ନେଇ ଯାଇଥିଲେ। ମାତ୍ର ଭିତରକୁ କାହାରିକୁ ଛଡ଼ାଯାଉ ନାହିଁ ଓ ଜଣେ ବ୍ୟକ୍ତି ଗଲେ ଅନ୍ୟମାନେ ମଧ୍ୟ ଯିବା ପାଇଁ ଜିଦି କରିବେ ବୋଲି ଡାକ୍ତରମାନେ ଅତ୍ୟନ୍ତ ନମ୍ରତାର ସହ କହିବାରୁ ସେ ଆଇସିୟୁକୁ ଯାଇ ନ ଥିଲେ। ତେବେ ନବୀନ ବାବୁ ଭଲ ଅଛନ୍ତି। ବିରୋଧୀ ରାଜନୈତିକ କାର୍ଯ୍ୟ ଅଲଗା କଥା। ତାଙ୍କର ମହତ୍ୱ ବହୁତ ଅଛି। ଓଡ଼ିଶାରେ ସେ ଜଣେ ମହାନ ବ୍ୟକ୍ତିତ୍ୱ। ତାଙ୍କୁ ସମ୍ମାନ ଦେବା ଓ ଭଲମନ୍ଦ ଜଣିବା ପ୍ରଦେଶ କଂଗ୍ରେସ କମିଟିର କର୍ତ୍ତବ୍ୟ। ସେ ଦୃଷ୍ଟିକୋଣରୁ ଜଣେ ସାଂଗଠନିକ ମୁଖ୍ୟ ଭାବେ ସେ ହସ୍ପିଟାଲକୁ ଯାଇଥିଲେ ବୋଲି ଭକ୍ତ କହିଛନ୍ତି ।

ସେ ପୁଣି କହିଛନ୍ତି ଯେ ସେ ସେଠାରେ ବସିଥିବା ସମୟରେ ସୁଜାତା କାର୍ତ୍ତିକେୟନ ଆସିଥିଲେ ଓ ମୋତେ ଅତ୍ୟନ୍ତ ସମ୍ଭ୍ରମତାର ସହ ନବୀନଙ୍କ ସ୍ୱାସ୍ଥ୍ୟ, ଚିକିତ୍ସା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ସମୟରେ ଭି.କେ.ପାଣ୍ଡିଆନ ଆସିଥିଲେ ଓ ମୋ ସହ ମଧ୍ୟ ଅତ୍ୟନ୍ତ ସମ୍ମାନର ସହ କଥା ହୋଇଥିଲେ।

## ଭିଜିଲାନ୍ସ ଜାଲରେ ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ

**■ ଏକକାଳୀନ ୮ଟି ସ୍ଥାନରେ ଚଢ଼ଉ, କୋଟି କୋଟି ଟଙ୍କାର ସମ୍ପତ୍ତି ଠାବ**
**■ ଘରୁ ୧.୨୫ ଲକ୍ଷ ନଗଦ ଟଙ୍କା ଜବତ, ଆକାଉଣ୍ଟରେ ରହିଛି ୫୨ଲକ୍ଷ**



ଭୁବନେଶ୍ୱର/ଅନୁଗୁଳ/ରାଉରକେଲା,୧୮ ।୮ (ସମିସ): ଭିଜିଲାନ୍ସ ଜାଲରେ ଫସିଛନ୍ତି ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ବେହେରା। ଆୟ ବହିର୍ଭୂତ ସମ୍ପତ୍ତି ଅଭିଯୋଗରେ ଭିଜିଲାନ୍ସ ଯନ୍ତ୍ରୀ ସୁରେନ୍ଦ୍ରଙ୍କ ଅଫିସ ସମେତ ଏକକାଳୀନ ୮ଟି ସ୍ଥାନରେ ଚଢ଼ଉ କରାଯାଇଛି। ସୁନ୍ଦରଗଡ଼ ଟାଉନ୍‌ରେ ଥିବା ୩ ତାଲା ଘର, ରାଉରକେଲା ଗୋପବନ୍ଧୁ ନଗରରେ ଥିବା ଦୁଇ ତାଲା ଘର, ଭୁବନେଶ୍ୱର ଘାଟିକିଆ ଫେ-୩ରେ ଥିବା ୨ଟି ଫ୍ଲାଟ, ଗଞ୍ଜାମ ପୁରୁଷୋତ୍ତମପୁରରେ ଥିବା ପୈତୃକ ବାସଭବନ, ଗଞ୍ଜାମ, ପୁରୁଷୋତ୍ତମପୁର ବେହେରା ସାହିରେ ଥିବା ଶଶୁର ଘର, ଅନୁଗୁଳରେ ଥିବା ସରକାରୀ କ୍ୱାର୍ଟର୍ସ ଏବଂ ଅଫିସ ରୁମ୍‌ରେ ଚଢ଼ଉ କରିଥିଲା ଭିଜିଲାନ୍ସ। ଚଢ଼ଉ ବେଳେ ତାଙ୍କର କୋଟି କୋଟି ଟଙ୍କାର ସମ୍ପତ୍ତି ଠାବ କରିଛନ୍ତି ଭିଜିଲାନ୍ସ ଟିମ୍। ତାଙ୍କ ଘରୁ ନଗଦ ୧.୨୫ଲକ୍ଷ ଟଙ୍କା ଜବତ ହୋଇଥିବାବେଳେ ବ୍ୟାଙ୍କ୍ ଏବଂ ଇନ୍ସୁରାନ୍ସରେ ସେ ୫୧ଲକ୍ଷ ୯୭ ହଜାର ୩୪୦ ଟଙ୍କା ରଖିଥିବା ଭିଜିଲାନ୍ସ ଟିମ୍ ଜାଣିବାକୁ ପାଇଛି। ତାଙ୍କ ଘରେ ୧୭.୪୩ଲକ୍ଷ ଟଙ୍କାର ଆସବାବପତ୍ର ରହିଥିବା ଭିଜିଲାନ୍ସ ପ୍ରକାଶ କରିଛି। ଏଥିସହ ଭୁବନେଶ୍ୱର ଘାଟିକିଆ ଆକ୍ସିସ୍ ବ୍ୟାଙ୍କ୍ ଶାଖାରେ ଗୋଟିଏ ଲକର୍ ରହିଛି। ଏହି ଲକ୍‌ର ତାଙ୍କ ଜଣେ ଘନିଷ୍ଠ ସମ୍ପର୍କୀୟ ନାମରେ ରହିଛି। ଏଥିରେ ସୁନାଗହଣା ରହିଥିବା ସନ୍ଦେହ କରାଯାଉଥିବାରୁ ଏହାକୁ ଖୋଜିବା ପ୍ରକ୍ରିୟା ଆରମ୍ଭ କରିଛି ଭିଜିଲାନ୍ସ।

ଏହି ଚଢ଼ଉରେ ୩ ଜଣ ଡିଏସପି, ୧୦ ଜଣ ଇନ୍ସପେକ୍ଟର, ୪ ଜଣ ଏଏସ୍‌ଆଇ ଏବଂ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ। ତାଙ୍କ ନାମରେ ସୁନ୍ଦରଗଡ଼ ଟାଉନରେ ୧.୧୧କୋଟିର ଗୋଟିଏ ୩ ତାଲା କୋଠା ରହିଛି। ଗୋପବନ୍ଧୁନଗର ଏମ୍/୨୦ରେ ଗୋଟିଏ ଦୁଇ ତାଲା କୋଠା ରହିଥିବା ବେଳେ ଘାଟିକିଆ ଫେଜ୍-୩ ଅରୋଭିଲାରେ ଦୁଇଟି ଫ୍ଲାଟ୍ ରହିଛି। ତାଙ୍କ ନାମରେ ସୁନ୍ଦରଗଡ଼ରେ ଗୋଟିଏ, ରାଉରକେଲାରେ ଗୋଟିଏ ଏବଂ ଗଞ୍ଜାମ ପୁରୁଷୋତ୍ତମପୁରରେ ୨ଟି ପ୍ଲଟ୍ ରହିଛି। ଏହି ସବୁ ପ୍ଲଟ୍‌ର ମୂଲ୍ୟ ଆକଳନ କରୁଛି ଭିଜିଲାନ୍ସର ଟେକ୍ନିକାଲ ଟିମ୍।

ସୁନ୍ଦରଗଡ଼ ଆଇଟିଡିଏରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବରେ ୨୦୧୬ ରୁ ୨୦୨୨ ପର୍ଯ୍ୟନ୍ତ ଅବସ୍ଥାପିତ ଥିଲେ ସୁରେନ୍ଦ୍ର ବେହେରା। ସେହି ସମୟରେ ବି ତାଙ୍କ ବିରୁଦ୍ଧରେ ଅନେକ ଦୁର୍ନୀତିର ଅଭିଯୋଗ ହୋଇଥିଲା। ସମସ୍ତ ବିଭାଗୀୟ କାର୍ଯ୍ୟ ନିଜେ ଠିକା କରିବା ସହ ଅନେକ ପୁରୁଣା କାମରେ ଚୂନ ମାରି ନୂଆ କାମ ଦେଖାଇ କୋଟି କୋଟି ଟଙ୍କା ବିଲ କରି ଉଠାଇ ନେବା ଭଳି ଅଭିଯୋଗ ରହିଥିଲା। ଏହାପରେ ତତ୍କାଳୀନ ଜିଲ୍ଲାପାଳ ନିଖିଳ ପବନ କଲ୍ୟାଣଙ୍କ ନିର୍ଦ୍ଦେଶରେ ତଦନ୍ତ ଚାଲିଥିବାବେଳେ ତାଙ୍କ ବଦଳି ହୋଇଥିଲା। ଏହାପରେ ସେ ଭିଜିଲାନ୍ସ ସ୍କାନରକୁ ଆସିଥିଲେ। ସେପଟେ ତାଙ୍କ ଉପରେ ଲାଗିଥିବା ଅଭିଯୋଗକୁ ଖଣ୍ଡନ କରିବା ସହ ତାଙ୍କୁ ଫଶାଇ ଦିଆଯାଇଥିବା ଅଧୀକ୍ଷଣ ଯନ୍ତ୍ରୀ କହିଛନ୍ତି।

## ପତ୍ନୀହନ୍ତାକୁ ଆଜୀବନ ଜେଲ୍

ଭଦ୍ରକ, ୧୮ ।୮ (ସମିସ): ଭଦ୍ରକ ଅତିରିକ୍ତ ଜିଲ୍ଲା ତଥା ଦୌରା ଜଜ ପ୍ରଭାତ ରଞ୍ଜନ ରାୟଗୁରୁ ଆଜି ଜଣେ ପତ୍ନୀହନ୍ତାକୁ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଦୋଷୀ ସାବ୍ୟସ୍ତ ଅଭିଯୁକ୍ତଜଣଙ୍କ ହେଲା, ଧାମନଗର ଥାନା କଲ୍ୟାଣୀ ଗାଁର ଅଜିତ ଜେନା। ସୂଚନାନୁଯାୟୀ, ଧାମନଗର ଥାନା ବନ୍ଧଟିଆ ଗାଁର ଯୋଗେନ୍ଦ୍ର ଜେନାଙ୍କ ଝିଅ ଆରତି ଯାଜପୁର ଜିଲ୍ଲା ମଙ୍ଗଳପୁର ଅଞ୍ଚଳର ଅଜିତକୁ ବିବାହ କରିଥିଲେ। ବିବାହ ବେଳେ ବରଘର ପକ୍ଷରୁ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। କିନ୍ତୁ ଅଜିତ ପରେ ଯୌତୁକ ବାବଦକୁ ଏକ ବାଇକ୍ ଦାବି କରିଥିଲେ। ଏହାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ଗତ ୨୦୧୭ ଅଗଷ୍ଟ ୧୬ରେ ଏହି କଥାକୁ କେନ୍ଦ୍ର କରି ଅଜିତ ଏକ ଶାବଳରେ ଆରତିଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂପର୍କରେ ଯୋଗେନ୍ଦ୍ରଙ୍କ ଅଭିଯୋଗକ୍ରମେ ଧାମନଗର ପୁଲିସ୍ ଏକ ମାମଲା ରୁଜୁ କରି ଅଜିତଙ୍କୁ ଗିରଫ କରିଥିଲା। ସରକାରଙ୍କ ତରଫରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅରୁଣ ମିଶ୍ର ଓ ସୂର୍ଯ୍ୟକାନ୍ତ କୁଅାଁର ମାମଲା ପରିଚାଳନା କରୁଥିଲେ।

## ମୋବାଇଲ୍ ନ ଦେବାରୁ ବ୍ରାହ୍ମଣୀକୁ ଡେଇଁଲେ ଯୁବତୀ

**ନଦୀକୁ ଡେଇଁ ଉଦ୍ଧାର କଲେ ଜେଜେ**

କବାଟବନ୍ଧ/ଯଖପୁରା,୧୮।୮ (ସମିସ): ଚଣ୍ଡିଖୋଲ-ଦୁବୁରୀ ୫୩ନମ୍ବର ଜାତୀୟ ରାଜପଥ ବ୍ରାହ୍ମଣୀ ବ୍ରିଜ ଉପରୁ ଜଣେ ଯୁବତୀ ନଦୀକୁ ଡେଇଁଥିବା ଜଣାପଡ଼ିଛି। ଯୁବତୀଜଣଙ୍କ ଦାନଗଦି ବ୍ଲକ ଅନ୍ତର୍ଗତ ଜଖପୁରା ଥାନା ଅଧିନ ପଙ୍କପାଳ ପଞ୍ଚାୟତର ବୋଲି ଜଣାପଡ଼ିଛି। ଖବର ଅନୁସାରେ, ଯୁବତୀଜଣଙ୍କ ଏକ ମୋବାଇଲ ଫୋନ ପାଇଁ ଜିଦ କରିଥିଲେ। ଘରଲୋକେ ଫୋନ ନ ଦେବାରୁ ସେ ଘରୁ ରାଗି ଆସିଥିଲେ। ଏହା ପରେ ତାଙ୍କ ଜେଜେ ବାପା ମଧ୍ୟ ତାଙ୍କ ପଛେପଛେ ଆସିଥିଲେ। ବ୍ରାହ୍ମଣୀ ବ୍ରିଜ ଉପରୁ ହଠାତ ନଦୀକୁ ଡେଇଁ ପଡ଼ିଥିଲେ। ଏହା ପରେ ତାଙ୍କ ଜେଜେ ମଧ୍ୟ ଉଦ୍ଧାର କରିବା ପାଇଁ ଡେଇଁଥିଲେ। ତେବେ ଯୁବତୀଜଣଙ୍କୁ ତାଙ୍କ ଜେଜେ ଉଦ୍ଧାର କରି ନଦୀ ମଝିରେ ଥିବା ଶୁଖିଲା ସ୍ଥାନରେ ରହିଥିଲେ। ଖବର ପାଇ ଚଢ଼େଇଧରା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିଥିଲେ। ଫାୟାର ଅଫିସର ଉଦ୍ଧବ ଚରଣ ସାହୁଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଆଗ୍ନିକ କରୁଣାକର ମଲ୍ଲିକ, ଫାୟାର ଯୋଦ୍ଧା କୃପାସିନ୍ଧୁ ସ୍ୱାଇଁ, ଜିତୁ ରଞ୍ଜନ ପରିଡ଼ା, ତାପସ ମୁଳିଆ, ବସନ୍ତ ମହାନ୍ତି, ବିନୋଦ ପାତ୍ର, ସୁମନ୍ତ ଦାସ ପ୍ରମୁଖ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିଲେ। ଉଦ୍ଧାର ପରେ ତାଙ୍କୁ ଚିକିତ୍ସା ପାଇଁ ମେଡିକାଲକୁ ନିଆଯାଇଛି।

# ବର୍ଷାରେ ବେହାଲ ମାଲକାନଗିରି

**■ ଭୁଶୁଡ଼ିଲା ବିମାନବନ୍ଦର ପାଚେରି**
**■ ମାଲକାନଗିରି ବ୍ଲକ୍‌ରେ ସର୍ବାଧିକ ୧୦୮.୬ ମିମି ବର୍ଷା**
**■ ବୁଡ଼ିଲା ପୋଲ, ଯାତାୟାତ ବାଧାପ୍ରାପ୍ତ**



ମାଲକାନଗିରି,୧୮ ।୮ (ସମିସ): ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଗତକାଲି ସକାଳ ୮ଟାରୁ ଆଜି ସକାଳ ୮ଟା ମଧ୍ୟରେ ଜିଲ୍ଲାରେ ହାରାହାରି ୭୦.୩୭ ମିମି ବର୍ଷା ହୋଇଛି। ମାଲକାନଗିରି ବ୍ଲକରେ ସର୍ବାଧିକ ୧୦୮.୬ମିମି ବର୍ଷା ହୋଇଥିବା ବେଳେ ମାଥିଲିରେ ୫୭ ମିମି, କାଲିମେଳାରେ ୬୩ମିମି, ଖଇରପୁଟରେ ୪୮ମିମି, ଚିତ୍ରକୋଣ୍ଡାରେ ୬୬ ମିମି, କୋରୁକୋଣ୍ଡାରେ ୯୪ମିମି ଓ ପଡ଼ିଆ ବ୍ଲକ୍‌ରେ ୫୬ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଲଗାଣ ବର୍ଷା ଯୋଗୁଁ ଆଜି ସକାଳୁ ସକାଳୁ କିଛି ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବା ଦେଖାଯାଇଥିଲା। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା ଏବଂ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସଂଧ୍ୟା ସୁଦ୍ଧା ମିଳିଥିବା ସୂଚନାନୁଯାୟୀ, ଜିଲ୍ଲାର ପୋଟେରୁ ଓ ଏମ.ଭି-୯୬ ପୋଲ ଦେଇ ପ୍ରବାହିତ ହେଉଥିବା ବନ୍ୟାଜଳ ହ୍ରାସ ପାଇଥିବା ବେଳେ କାଙ୍ଗୁରୁକୋଣ୍ଡା ଓ କନ୍ୟାଶ୍ରମ ନିକଟସ୍ଥ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବା ଜଣାଯାଇଛି। ଫଳରେ ମାଲକାନଗିରି ଜିଲ୍ଲା ସଦର ମହକୁମାରୁ କାଲିମେଳା, ଏମ.ଭି-୭୯ ଓ ମୋଟୁ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଏଥିସହ କାଲିମେଳା ବ୍ଲକଠାରୁ ପଡ଼ିଆ ବ୍ଲକ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ପୋଲଗୁଡ଼ିକର ଉଭୟ ପାର୍ଶ୍ୱରେ ଶହଶହ ଯାନବାହନ ଅଟକି ରହିଛି। ସେହିପରି, ବର୍ଷା ଯୋଗୁଁ ମାଲକାନଗିରି ବିମାନବନ୍ଦରର ପାଚେରିର ପ୍ରାୟ ୨୦ ଫୁଟ୍ କାନ୍ଥ ଭୁଶୁଡ଼ିପଡ଼ିଛି। ପ୍ରବଳ ବର୍ଷା ଯୋଗୁଁ ଆଜି ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ଛୁଟି ରହିଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ କ୍ଷେତ୍ର କର୍ମଚାରୀଙ୍କୁ ଶୁଖିଲା ଖାଦ୍ୟ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ପରିସ୍ଥିତି ଉପୁଜିଲେ, ଓଡ୍ରାଫ୍ ଟିମ୍‌କୁ ପ୍ରସ୍ତୁତ ହୋଇ ରହିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିବା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଇଗ୍ନୋ ଡିଇସିଇ ପାଠ୍ୟକ୍ରମର ଓଡ଼ିଆ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୧୮ ।୮ (ସମିସ): ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ପକ୍ଷରୁ 'ପ୍ରାରମ୍ଭିକ ଶିଶୁଯତ୍ନ ଏବଂ ଶିକ୍ଷାରେ ଡିପ୍ଲୋମା (ଡିଇସିଇ)' ପାଠ୍ୟକ୍ରମର ଓଡ଼ିଆ ଭାଷାରେ ଅନୁବାଦ ପୁସ୍ତକ ଉନ୍ମୋଚିତ ହୋଇଛି। ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହାକୁ ଉନ୍ମୋଚନ କରିଛନ୍ତି। ଏହା ପୂର୍ବରୁ ଇଂରାଜୀ, ହିନ୍ଦୀ ଓ ତାମିଲ ଭାଷାରେ ଏହି ପାଠ୍ୟକ୍ରମ ଶିକ୍ଷାଦାନ କରାଯାଉଥିଲା। ସମ୍ପ୍ରତି ଓଡ଼ିଆରେ ମଧ୍ୟ ଶିକ୍ଷାଦାନ ପାଇପାରିବେ ଛାତ୍ରଛାତ୍ରୀ। ଏହା ଏକ ବର୍ଷିକିଆ ପାଠ୍ୟକ୍ରମ ଏବଂ +୨ ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରଛାତ୍ରୀମାନେ ନାମ ଲେଖାଇପାରିବେ। ଶିଶୁଙ୍କ ପ୍ରାରମ୍ଭିକ ଶିକ୍ଷା, ସ୍ୱାସ୍ଥ୍ୟ ଓ ପୋଷଣ ଉପରେ ଶିକ୍ଷାଦାନ କରାଯିବ। ପାଠ୍ୟପୁସ୍ତକ ସହ ଅଡିଓ କ୍ୟାସେଟ୍ ଏବଂ ଭିଡିଓ ମାଧ୍ୟମରେ ମଧ୍ୟ ଛାତ୍ରଛାତ୍ରୀମାନେ ଶିକ୍ଷା ଗ୍ରହଣ କରିପାରିବେ।

ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ ଓଡ଼ିଆ ଭାଷାରେ ଶିକ୍ଷାଦାନ ନିଷ୍ପତ୍ତି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ବିଶେଷକରି ଶିଶୁବାଟିକା ଏବଂ ଅଙ୍ଗନବାଡିରେ କାର୍ଯ୍ୟରତ କର୍ମଚାରୀମାନେ ଏହି ପାଠ୍ୟକ୍ରମରେ ଉପକୃତ ହୋଇପାରିବେ। ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ ପ୍ରାରମ୍ଭିକ ଶିକ୍ଷାକୁ ସୁଦୃଢ଼ କଲେ ସମ୍ପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ହୋଇପାରିବ।



ଇଗ୍ନୋର ଏହି ପାଠ୍ୟକ୍ରମ ପ୍ରାରମ୍ଭିକ ଶିକ୍ଷା ବ୍ୟବସ୍ଥା ସହ ଜଡ଼ିତ କର୍ମଚାରୀଙ୍କ ଦକ୍ଷତା ବିକାଶ କରିପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ମାତୃଭାଷାରେ ଶିକ୍ଷା ଲାଭ ଫଳରେ ଛାତ୍ରଛାତ୍ରୀଙ୍କର ସୃଜନଶୀଳତାର ବିକାଶ ହେବା ସହ ତୃଣମୂଳସ୍ତରରୁ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ହୋଇପାରିବ। କାର୍ଯ୍ୟକ୍ରମରେ ଇଗ୍ନୋ କୁଳପତି ପ୍ରଫେସର ଉମା କାଞ୍ଜିଲାଲଙ୍କ ସମେତ ଉଚ୍ଚଶିକ୍ଷା ବିଭାଗ ସଚିବ ଅରବିନ୍ଦ ଅଗ୍ରୱାଲ, ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶକ ମନୀଷା ବାନାର୍ଜୀ ଓ ବହୁ ବରିଷ୍ଠ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଇଗ୍ନୋର ବିଭିନ୍ନ ପାଠ୍ୟକ୍ରମକୁ ଓଡ଼ିଆରେ ପ୍ରଚଳନ କରିବା ପାଇଁ ଜୁନ୍ ୯ ତାରିଖରେ ଉଚ୍ଚଶିକ୍ଷା ବିଭାଗ ଓ ଇଗ୍ନୋ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା।

ସକାଳ THE SAKALA



## ୨୪ ଘଣ୍ଟାରେ ରେକର୍ଡ ପରିମାଣର ବର୍ଷା

# ରେଳ ଚଳାଚଳ ପ୍ରଭାବିତ



କୋରାପୁଟ,୧୮।୮(ସମିସ): ଲଘୁଚାପ ପ୍ରଭାବରେ କୋରାପୁଟ ଜିଲ୍ଲାରେ ପ୍ରବଳ ବର୍ଷା ହୋଇଥିବାବେଳେ ଜନ ଜୀବନ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଛି। ଗତ ୨୪ ଘଣ୍ଟାରେ ଜିଲ୍ଲାରେ ୫୬୪.୬ ମିମି ବର୍ଷା ପାଣିପାଗ ବିଭାଗ ରେକର୍ଡ କରିଥିବାବେଳେ କୋଟପାଡ ବ୍ଲକରେ ସର୍ବାଧିକ ୧୩୩ ମିମି ବର୍ଷା ହୋଇଥିବା ଜଣାପଡ଼ିଛି। ସେହିପରି କୋରାପୁଟ ବ୍ଲକରେ ୨୫ ମିମି ବର୍ଷା ହୋଇଥିବା ବେଳେ ଲମତାପୁଟରେ ୩୬.୪, ପଟାଙ୍ଗିରେ ୫୫.୨, ବନ୍ଧୁଗାଁରେ ୩୩, ନନ୍ଦପୁରରେ ୮, ଦଶମନ୍ତପୁରରେ ୨୦ ମିମି ବର୍ଷା ହୋଇଛି। ଅନ୍ୟ ପକ୍ଷରେ ନାରାୟଣପାଟଣା ବ୍ଲକରେ ୫୮.୨ ମିମି ବର୍ଷା ହୋଇଥିବା ବେଳେ ଲକ୍ଷ୍ମୀପୁରରେ ୨୦.୪,ସେମିଳିଗୁଡାରେ ୩୪, ଜୟପୁରରେ ୪୫.୮, କୁନ୍ଦୁରାରେ ୩୦.୨,ବୋରିଗୁମ୍ମାରେ ୫୫.୪ ଏବଂ ବୈପାରିଗୁଡ଼ା ବ୍ଲକରେ ୧୦ ମିମି ବର୍ଷା ହୋଇଛି। ପାଣିପାଗ ବିଭାଗ କୋରାପୁଟ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରିଥିବାରୁ ପ୍ରଶାସନ ଧନ ଜୀବନର ସୁରକ୍ଷା ପାଇଁ ସମସ୍ତ ପ୍ରାକ୍ ପ୍ରସ୍ତୁତି କରିଛି। ଏହା ବ୍ୟତୀତ ରେଳ ବିଭାଗ କିରଣ୍ଡୁଲ୍ କୋତାବାଲସା(କେକେ) ରେଳପଥରେ ଟ୍ରେନ୍ ଚଳାଚଳର ଗତିପଥ ବଦଳାଇଛି। ଏହି ଲାଇନରେ ଚାଲୁଥିବା ବିଶାଖାପାଟଣା-କିରଣ୍ଡୁଲ୍-ବିଶାଖାପାଟଣା ନାଇଟ୍ ଏକ୍ସପ୍ରେସ କୋରାପୁଟ,ରାୟଗଡ଼ା ଦେଇ ଯାତାୟାତ କରିବାକୁ ଥିବାବେଳେ ଦିନରେ ଚାଲୁଥିବା ଉଭୟ ଦିଗର ପାସେଞ୍ଜର ଟ୍ରେନ ୧୯ ତାରିଖରେ ବାତିଲ କରାଯାଇଛି। ସେଇପରି ବିଶାଖାପାଟଣା-କିରନ୍ଦୁଲ ପାସେଞ୍ଜର ଟ୍ରେନ୍‌କୁ ଆଜି ଏବଂ କାଲି ପାଇଁ ବାତିଲ କରାଯାଇଛି। ସେହିପରି ଲକ୍ଷ୍ମୀପୁର ବ୍ଲକ କାକିରିଗୁମା ଥାନା ତଳମେଟିଂ ରାସ୍ତାରେ ମାଟି ଅତଡା ଖସି ରାସ୍ତା ଅବରୋଧ ହେବାରୁ ଯାତାୟାତ ବନ୍ଦ ହୋଇଥିବାବେଳେ ନାରାୟଣପାଟଣା ଓ ତଳଗୁମାଣ୍ଡିକୁ ସଂଯୋଗ କରୁଥିବା ବୋରିପୁଟ୍ ରାସ୍ତାରେ ପାହାଡ଼ରୁ ପଥର ଖସି ରାସ୍ତା ଅବରୋଧ ହୋଇଛି। ଉକ୍ତ ରାସ୍ତାରେ କେବଳ ଦୁଇ ଚକିଆ ଗାଡ଼ି ଯାତାୟାତ କରୁଥିବା ବେଳେ ଲକ୍ଷ୍ମୀ ବସ୍ ଅଧା ବାଟରୁ ଫେରିଯାଇଛି।

## ନାବାଳିକାଙ୍କୁ ଦୁଷ୍କର୍ମ, ଅଭିଯୁକ୍ତ ଗିରଫ

ଜୟପୁର,୧୮।୮(ସମିସ): ଜୟପୁର ଟାଉନଥାନା ପକ୍ଷରୁ ୧୬ ବର୍ଷିୟା ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଦୁଷ୍କର୍ମ ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଛି। ଗିରଫ ଅଭିଯୁକ୍ତ ସ୍ଥାନୀ ଗୋପବନ୍ଧୁ ନଗର ଛତର ସାହିର ରୋହନ ନାଗ ଓରଫ ରାଜେନ୍ଦ୍ର (୨୧)। ଅଭିଯୁକ୍ତ ସ୍ଥାନୀୟ ଜଣେ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରୁଥିବା ନେଇ ନାବାଳିକାଙ୍କ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ଗତ ଜୁଲାଇ ୧୨ ତାରିଖରେ ଟାଉନ୍ ଥାନାରେ ନାବାଳିକା ଉତ୍ପୀଡନା ଏବଂ ଦୁଷ୍କର୍ମ ମାମଲା ରୁଜୁ ହୋଇଥିଲା। ଏହାପରେ ଅଭିଯୁକ୍ତ ଯୁବକ ଫେରାର ରହିଥିଲା। ଆଜି ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି।

● ବସ୍ ଧକ୍କାରେ ପୂର୍ବତନ ସରପଞ୍ଚ ମୃତ

## କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

ବୋରିଗୁମ୍ମା, ୧୮।୮ (ସମିସ): ବସ୍ ଧକ୍କାରେ ଜଣେ ମୃତ। ବୋରିଗୁମ୍ମା ଜାତୀୟ ରାଜପଥ ୨୬ ନମ୍ବର ଖୁଡ଼ିଗୁଡା ନିକଟରେ ଗୁପ୍ତା ନାମକ ଏକ ଘରୋଇ ବସ୍ ଧକ୍କାରେ କାମତା ଗ୍ରାମର ପୂର୍ବତନ ସରପଞ୍ଚ ନାରାୟଣ ଜାନିଙ୍କ ମୃତ୍ୟ ଘଟିଛି। ଏକ ବାଇକ୍ ଯୋଗେ ନାରାୟଣ ଜାନି ଏବଂ ସାଥ ବୋରିଗୁମ୍ମା ଅଭିମୁଖେ ଆସୁଥିବା ବେଳେ ଗୁପ୍ତା ବସ୍‌ପଛ ପଟୁ ବାଇକକୁ ଧକ୍କା ଦେଇଥିଲ। ଫଳରେ ବାଇକ୍ ଚାଳକ ଛିଟିକି ପଡ଼ିଥିଲେ। କିନ୍ତୁ ନାରାୟଣ ଜାନିଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟ ହୋଇଥିଲା। ନାରାୟଣ ଜାନି ପୂର୍ବତନ ସରପଞ୍ଚ ଥିଲେ । ବର୍ତ୍ତମାନ ରାଜମିସ୍ତ୍ରୀ ସଂଘର ସମ୍ପାଦକ ଥିଲେ। କ୍ଷତିପୂରାଣ ଦାବିରେ ସ୍ଥାନୀୟ ଲୋକ ଏବଂ ମିସ୍ତ୍ରୀ ସଂଘ ଥାନା ସମ୍ମୁଖରେ ଜାତୀୟ ରାଜପଥ ଅବରୋଧ କରିଛନ୍ତି। ୨୬ ନମ୍ବର ରାଜପଥ ଅବରୋଧ କାରଣରୁ ଜୟପୁର - ବରଗଡ, ଜୟପୁର-ଜଗଦଲପୁର, ବୋରିଗୁମ୍ମା ବିଶାଖାପାଟଣାକୁ ବସ ଚଳାଚଳ ବନ୍ଦ ରହିଛି। ଆନ୍ଦୋଳନକାରୀଙ୍କୁ ବୁଝାସୁଝା ପାଇଁ ବୋରିଗୁମ୍ମା ଅତିରିକ୍ତ ତହସିଲଦାର ବୈନି ଶତିଶ କୁମାର ଏବଂ ବୋରିଗୁମ୍ମା ପୋଲିସ ପହଞ୍ଚିଛନ୍ତି।

## ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ



ଦାମନଯୋଡ଼ି,୧୮।୮(ସମିସ): ନାଲକୋ ଟାଉନ୍‌ସିପ ସେକ୍ଟର ୧ ଓ ୨ ସାର୍ବଜନୀନ ମା'ଦୁର୍ଗା ଓ କାଳୀ ପୂଜା କମିଟି ପକ୍ଷରୁ ସେକ୍ଟର ୧ ମାର୍କେଟ ସ୍ଥିତ ପୂଜା ମଣ୍ଡପରେ ମା'ଦୁର୍ଗା ଙ୍କ ପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂଜା ମଣ୍ଡପରେ ଅନୁଷ୍ଠିତ ବୈଠକରେ ମା'ଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ, ପୂଜା,ସାଜସଜ୍ଜା ଓ ତୋରଣ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ବିଷୟରେ ଆଲୋଚନା ହୋଇଥିଲା। ବିଭିନ୍ନ କାର୍ଯ୍ୟ ପାଇଁ ସଦସ୍ୟ ମାନଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଥିଲା। କମିଟି ସଭାପତି ତଥା ନାଲ୍‌କୋ ଏଜିଏମ ଧୀରେନ୍ଦ୍ର କୁମାର ବେହେରା, ଉପସଭାପତି ଆନନ୍ଦ ମୋହନ ପ୍ରସାଦ, ସମ୍ପାଦକ ଅନାମ ଚରଣ ନାୟକ, ସହ ସମ୍ପାଦକ ଲମ୍ବୋଦର ସ୍ୱାଇଁ, କୋଷାଧ୍ୟକ୍ଷ ରଞ୍ଜନ କୁମାର ବେହେରାଙ୍କ ସହିତ ଡ଼ଃ ଅଶୋକ କୁମାର ମହାନ୍ତି,ସରୋଜ କୁମାର ଦଳେଇ, ସଦାଶିବ ବେହେରା, ସଞ୍ଜୟ କୁମାର ସାହୁ, ପ୍ରଦୀପ କୁମାର ସାହୁ, ସନ୍ତୋଷ କୁମାର ଦାସ, ନକୁଳ ଚରଣ ପତି, ଅନୁଜ କୁମାର ଶୁକ୍ଲା, କିରଣ କୁମାର ମହାନ୍ତି ଓ ବିଜୟ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## କୋଲାବ ଜଳ ଭଣ୍ଡାରରୁ ମୃତଦେହ ଉଦ୍ଧାର

କୋରାପୁଟ,୧୮।୮ (ସମିସ): କୋତାବାଲସା- କିରଣ୍ଡୁଲ (କେକେ) ରେଳ ଲାଇନର କୋରାପୁଟ ଶୁକୁ ମଧ୍ୟରେ କୋଲାବ ଜଳ ଭଣ୍ଡାରରେ ଥିବା ବ୍ରିଜ ତଳୁ ଜିଆରପି ପୁଲିସ ସୋମବାର ଜଣକର ମୃତଦେହ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ଜଣାପଡ଼ି ନଥିବା ବେଳେ ମୃତ୍ୟୁର କାରଣ ମଧ୍ୟ ସ୍ୱଷ୍ଟ ହୋଇନାହିଁ। ରେଳ ବ୍ରିଜ ତଳେ କୋଲାବ ଜଳ ଭଣ୍ଡାରରେ ଏକ ମୃତଦେହ ଭାସୁଥିବା କୌଣସି ସୂତ୍ରରୁ ଖବର ପାଇ କୋରାପୁଟ ଜିଆରପି ପୁଲିସ ସେଠାରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ମୃତଦେହ ବର୍ତ୍ତମାନ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସପିଟାଲର ଶବ ବ୍ୟବଚ୍ଛେଦ ଗୃହରେ ରଖା ଯାଇଛି।

## ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ



ଲମତାପୁଟ ୧୮।୮ (ସମିସ): ଆଜି ଲମତାପୁଟ ବ୍ଲକରେ ଜିଲ୍ଲାପାଳ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୋଟ ୪୦ ଗୋଟି ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରୁ ସାମୂହିକ ଭାବରେ ୨୪ଟି ଓ ବ୍ୟକ୍ତିଗତ ଭାବରେ ୧୬ ଗୋଟି ଅଭିଯୋଗ ଶୁଣିଥିଲେ ଜିଲ୍ଲାପାଳ। ମଧୁବାବୁ ପେନସନ ଯୋଜନାରେ ଜୁଣେଶ ଖେମୁଣ୍ଡୁ, ଗୌରୀ ଖେମୁଣ୍ଡୁ, ସହଦେବ ବଡ଼ନାୟକ, ରଘୁ ଖିଲ ନାମକ ୪ ଜଣ ଭିର୍ନକ୍ଷମ ବ୍ୟକ୍ତିଙ୍କୁ ନୂତନ ଭାବରେ ଭତା ପ୍ରଦାନ କରାଯାଇଥିଲା ଏବଂ ମହିଳା ମାନଙ୍କୁ ଡେମୋ ଚେକ ମାଧମରେ ଋଣ ପ୍ରଦାନ କରାଯାଇଥିଲା। ଲମତାପୁଟ ବ୍ଲକ ଅଧ୍ୟକ୍ଷ ତାପସ ଚାଲାଣ, ବିଡ଼ିଓ ଜୟନ୍ତ କୁମାର ମେହର, ଏବିଡ଼ିଓ ନିଲମ ମାନସୀ ଭତ୍ରା, ସହକାରୀ ଯନ୍ତ୍ରୀ ସୃଷ୍ଟି ମଲିକ, ଜିପିଓ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଏପିଇଓ ଶକ୍ତି କୁମାର ନାୟକ, ଯନ୍ତ୍ରୀ ଅକ୍ଷୟ କୁମାର ସାହୁ ଏବଂ ବ୍ଲକର ସମସ୍ତ କର୍ମଚାରୀ, କୋରାପୁଟ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା, ବେଣୁଧର ଶବର, ଉଡଗଙ ରବୀନ୍ଦ୍ର ନାଥ ମିଶ୍ର, ଉପଜିଲ୍ଲାପାଳ, ଜିଲ୍ଲା ବନ ଅଧିକାରୀ, ତହସିଲଦାର ଦିବାକର ବାଘଙ୍କ ସହିତ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଶେଷରେ ନୂତନ ଜିଲ୍ଲାପାଳ ଡୁଡୁମା ଜଳପ୍ରପାତର ବିକାଶ ଏବଂ ସିନ୍ଧିପୁଟ ପୋଲୋ ପରିଭ୍ରମଣ କରି ସ୍ଥିତି ଅନୁଧ୍ୟାନ କରିଥିଲେ।

## ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର

ବୈପାରିଗୁଡା,୧୮।୮(ସମିସ): ବୈପାରୀଗୁଡା ସଦର ମହକୁମା ସ୍ଥିତ ଗୌଡ଼ସାହିରେ ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର। ଗୁରୁତରଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛ। ଗୁରୁତର ବ୍ୟକ୍ତି ଜଣକ ଜୟପୁର ନିକଟସ୍ଥ ଫାମ୍ପୁଣି ଗ୍ରାମର ଚିନ୍ତାମଣି ବେହେରା (୬୫)। ସୂଚନା ଅନୁଯାଇ, ଚିନ୍ତାମଣି ବୈପାରିଗୁଡା ସଦର ମହାକୁମା ସ୍ଥିତ ଗୌଡ଼ ସାହିରେ ରହୁଥିବା ଝିଅ ଘରକୁ ବୁଲିବା ପାଇଁ ଆସିଥିଲେ। କୌଣସି କାମରେ ଝିଅ ଘରୁ ବାଇକ୍ ବାହାର କରୁଥିବା ବେଳେ ରାମଗିରି ପଞ୍ଚାୟତର ଆର୍.ମାଝିଗୁଡା ଗ୍ରାମର ଅର୍ଜୁନ ବଡପାଡିଆ(୨୪) ଏବଂ ତାଙ୍କ ଭଉଣୀଙ୍କୁ ନେଇ ବୈପାରୀଗୁଡା ଅଭିମୁଖେ ଆସିଥିବା ବେଳେ ୨ ବାଇକ ଧକ୍କା ହୋଇଥିଲ। ଫଳରେ ଚିନ୍ତାମଣି ଗୁରୁତର ଆହତ ଅବସ୍ଥାରେ ରାସ୍ତାରେ ଛିଟିକି ପଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ଏକ ଅଟୋ ଯୋଗେ ବୈପାରିଗୁଡା ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସା ସମୟରେ ତାଙ୍କ ଡାହାଣ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ଡାହାଣ ହାତରେ ଗଭୀର କ୍ଷତ ହୋଇଥିବା ଜଣାପଡିଛି। ଧକ୍କା ଦେଇଥିବା ବାଇକ୍ ଚାଳକ ଅର୍ଜୁନର ମଧ୍ୟ ମୁଣ୍ଡ ଫାଟି ଯାଇଥିଲା। ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ଗୁରୁତରଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରିଥିଲେ। ଖବର ପାଇ ବୈପାରିଗୁଡା ପୁଲିସ ଏସଆଇ ଧିରେନ୍ଦ୍ର ବାରିକ ମେଡ଼ିକାଲରେ ପହଞ୍ଚିବା ସହ ବାଇକ୍ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲେ।

## ନବରଙ୍ଗପୁର ବିଧାୟକଙ୍କ ବିଭିନ୍ନ ଅଞ୍ଚଳ ଗସ୍ତ



କୋଷାଗୁମୁଡା,୧୮।୮(ସମିସ): ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝି ନିଜ ବିଧାନସଭା ଅଞ୍ଚଳର କୋଷାଗୁମୁଡ଼ା ବ୍ଲକ୍‌ର ବିଞ୍ଜିଲି ଗ୍ରାମପଞ୍ଚାୟତର ଟିକିରାକୁସୁମି, ଆଲୁପଦର ,ଉକିଆପାଲି ପଞ୍ଚାୟତର ବରଗାଁ,ଉକିଆପାଲି, ମାରାଥାନ ଗସ୍ତ କରି ଅଙ୍ଗନବାଡି କେନ୍ଦ୍ର, ବିଦ୍ୟାଳୟ, ଆରୋଗ୍ୟ ମନ୍ଦିର ପରିଦର୍ଶନ କରି ବିନା ଛୁଟି ଦରଖାସ୍ତରେ ଅନୁପସ୍ଥିତ ଥିବା କର୍ମଚାରୀଙ୍କୁ କୈଫିୟତ ମାଗିବା ନିମନ୍ତେ ଉପରିସ୍ଥ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଇତି ମଧ୍ୟରେ ଲଘୁଚାପ ଜନିତ ବର୍ଷାରେ ଭାଙ୍ଗି ଯାଇଥିବା ଘର ବୁଲି ଦେଖିଲେ। ରେଭେନ୍ୟୁ ଇନ୍ସପେକ୍ଟର ଓ ତହସିଲଦାରଙ୍କୁ ତତକ୍ଷଣାତ୍ ପଦକ୍ଷେପ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତାଗିଦ୍ କରିଥିଲେ। ତତ୍ ପରେ ପଞ୍ଚାୟତ ସମିତି ବୈଠକ ଗୃହରେ ସମସ୍ତ ବିଭାଗର ସମିକ୍ଷା ବୈଠକରେ ଯୋଗ ଦେଇ ବିଭାଗୀୟ କାର୍ଯ୍ୟ ସମିକ୍ଷା କରିବା ସହ ଅଧିକାରୀ ଭାବେ କାର୍ଯ୍ୟ ନ କରି ତୃଣମୂଳ ସ୍ତରରେ ଯାଇ ଜନ ସାଧାରଣଙ୍କ ସମସ୍ୟା ତୁରନ୍ତ ସମାଧାନ କରିବାକୁ କହିଥିଲେ। ସମୀକ୍ଷା।। ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶିଷ କୁମାର ତ୍ରିପାଠୀ, ତହସିଲଦାର ତୁଳା ରାମ ମୁଦୁଲି, ଚିକିତ୍ସାଧିକାରୀ ଆଦିତ୍ୟ ବେହେରା ଓ ପଞ୍ଚାୟତ ସମିତିର ସମସ୍ତ ପଦାଧିକାରୀ ଉପସ୍ଥିତ ଥିଲେ।

## ନଦୀରେ ଭାସିଯାଇ ବିବାହିତା ମୃତ

ନାରାୟଣପାଟଣା ,୧୮।୮(ସମିସ): ଗତ ଦୁଇ ଦିନ ଧରି ପ୍ରବଳ ବର୍ଷା ଯୋଗୁଁ ନାରାୟଣପାଟଣା ବ୍ଲକ ଝଞ୍ଜାବତୀ ନଈରେ ଭାସିଯାଇ ୨୨ବର୍ଷୀୟା ବିବାହିତା ମହିଳା ମୃତ ଘଟିଛି । ମୃତକ ହେଲେ ନାରାୟଣପାଟଣା ବ୍ଲକ ବିଜାଘାଟି ପଞ୍ଚାୟତ ଭାଲୁପଦର ଗ୍ରାମର କୁନି ସିରିକା (୨୨)। ଜମିରେ କାମ କରିବାକୁ ଯାଇ ନଈ ପାର ହୋଇ ଘରକୁ ଫେରୁଥିବା ବେଳେ ଆଜି ସନ୍ଧ୍ୟାରେ ଭାସିଯାଇ ପ୍ରାଣ ହରାଇଛି।

## ହୋଟେଲ ଓ ଲଜ୍‌ରେ ପୁଲିସର ଚଢ଼ଉ



ଜୟପୁର,୧୮।୮(ସମିସ): ଜୟପୁର ସହରର ବିଭିନ୍ନ ହୋଟେଲ ଏବଂ ଲଜ୍ ଉପରେ ଟାଉନ ଏବଂ ସଦର ଥାନା ପୁଲିସ ପକ୍ଷରୁ ମିଳିତ ଚଢ଼ଉ କରାଯାଇଛି। ଜିଲ୍ଲା ପୁଲିସ ଏସ.ପି ରୋହିତ ବର୍ମାଙ୍କ ନିର୍ଦ୍ଦେଶକ୍ରମେ ଜୟପୁର ଏସଡିପିଓ ପାର୍ଥ କାଶ୍ୟପଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଟାଉନଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ଏବଂ ସଦରଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ନେତୃତ୍ୱରେ ଉଭୟ ଥାନାର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ମାନେ ସାମିଲ ହୋଇଥିଲେ। ଦୀର୍ଘ ବର୍ଷ ପରେ ଏହିପରି ଚଢ଼ଉ କରାଯାଇ ବାହାରରୁ ଆସି ବିଭିନ୍ନ ଲଜ୍ ଏବଂ ହୋଟେଲରେ ରହୁଥିବା ବ୍ୟକ୍ତିଙ୍କ ବିଷୟରେ ଲଜ୍ ଓ ହୋଟେଲ ରେଜିଷ୍ଟାର ଯାଞ୍ଚ କରାଯାଇ ସୂଚନା ନିଆଯାଇଥିଲା। ସେହିପରି ସେମାନଙ୍କ ପରଚୟ ପତ୍ର ମଧ୍ୟ କାଉଣ୍ଟରରେ ଯାଞ୍ଚ କରାଯାଇଥିଲା। ଏହା ଅଚାନକ ଚଢ଼ଉ କରାଯାଇଛି। ଆଗାମୀ ଦିନରେ ଚଢ଼ଉ ଜାରି ରଖାଯିବ ଏବଂ ସହରର ଲୋକଙ୍କ ସୁରକ୍ଷା ପାଇଁ ଏହା କରାଯାଉଛି ବୋଲି ଏସଡିପିଓ ଶ୍ରୀ କାଶ୍ୟପ କହିଛନ୍ତି।

## ନାବାଳିକାକୁ ଅପହରଣ ଅଭିଯୋଗରେ ଯୁବକ ଗିରଫ

ଡାବୁଗାଁ, ୧୮।୮(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅଞ୍ଚଳରେ ବିବାହର ପ୍ରଲୋଭନ ଦେଖାଇ ନାବାଳିକାକୁ ଅପହରଣ ଅଭିଯୋଗରେ ଜଣେ ଯୁବକକୁ ସୋମବାର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, ଡାବୁଗାଁ ଥାନା ଅଞ୍ଚଳରେ ୧୬ ବର୍ଷୀୟ ନାବାଳିକା ୨ ବର୍ଷ ତଳେ ତାଙ୍କ ପାଖ ଗ୍ରାମର ଜଣେ ୨୪ ବର୍ଷର ଯୁବକ ସହ ପ୍ରେମ ସମ୍ପର୍କ ରଖିଥିଲେ। ଯୁବକ ଜଣଙ୍କ ବିବାହର ପ୍ରଲୋଭନ ଦେଇ ଶାରିରୀକ ସମ୍ପର୍କରେ ରଖିଥିଲେ। ନାବାଳିକା ଜଣଙ୍କ ଯୁବକଙ୍କୁ ବିବାହ କରିବା ପାଇଁ ଜିଦ ଧରିଥିଲେ। କିନ୍ତୁ ସେ ବିବାହ କରିବାକୁ ମନା କରି ଦେଇଥିଲେ। ଏହାପରେ ନାବାଳିକା ଘଟଣା ବିଷୟରେ ପରିବାର ଲୋକଙ୍କୁ କହିଥିଲା। ଏଥିରେ ପରିବାର ଲୋକେ ରାଜି ହୋଇନଥିଲେ। ପରେ ୧୬/୬/୨୫ ରାତିରେ ଯୁବକ ଜଣଙ୍କ ନାବାଳିକାକୁ ନେଇ କେଉଁ ଆଡେ ଫେରାର ହୋଇଯାଇଥିଲେ। ଏହାପରେ ୧୮/୬/୨୫ ଦିନ ରାତିରେ ନାବାଳିକା ର ବାପା ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନା କେସ ନଂ ୧୩୩/୨୫ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ପୁଲିସ ବିଭିନ୍ନ ସ୍ଥାନରେ ଖୋଜଖୋଜି କରିବା ପରେ ତାମିଲନାଡୁ ରାଜ୍ୟରୁ ଯୁବକଙ୍କୁ ଥାନାକୁ ଆଣି ସୋମବାର ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଥାନା ସବ୍ ଇନ୍ସପେକ୍ଟର ଚନ୍ଦନ ସାହୁ ମାମଲାର ତଦନ୍ତ କରୁଛନ୍ତି।

## ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର



ନବରଙ୍ଗପୁର,୧୮।୮(ସମିସ): ସୋମବାର ନବରଙ୍ଗପୁର ଜିଲ୍ଲା ରାଇଘର ପଞ୍ଚାୟତ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଜନ ଶୁଣାଣି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ , ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ,ତହସିଲଦାର ରିତୁ ସିଂଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଆଜିର ଆୟୋଜିତ ଏହି ଜନ ଶୁଣାଣି ଶିବିରରେ ମୋଟ ୨୫ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିବା ବେଳେ ସେଥିମଧ୍ୟରୁ ୧୯ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୦୬ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ୨ଟି ଅଭିଯୋଗର ସମାଧାନ ତତ୍‌କ୍ଷଣାତ୍ କରାଯାଇଥିଲା।

## ମୀରାବାଲି ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ରାୟଗଡ଼ା,୧୮।୮(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ ମୀରାବାଲି ଗ୍ରାମ ପଞ୍ଚାୟତରେ ସୋମବାର ଗ୍ରାମପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଅଶୋକ କୁମାର ପୁଆଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାୟଗଡା ଉପଜିଲ୍ଲାପାଳ ରମେଶ କୁମାର ଜେନା, ବିଡିଓ ସୁଜିତ କୁମାର ମିଶ୍ର, ସିଡିପିଓ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଶିବିରରେ ୧୬ଗୋଟି ଲିଖିତ ଅଭିଯୋଗର ଶୁଣାଣି ହୋଇଥିଲା। ଅଞ୍ଚଳର ସମସ୍ୟାକୁ ନେଇ ସାମାଜିକ କର୍ମୀ ସତ୍ୟବାନ ମାଣ୍ଡାଙ୍ଗି ବାଇସିଂ, ଡାଙ୍ଗଲୋଡି, କାରୁବାଇ, ପିପଲଗୁଡା,ମୀରାବାଲି, ଦୁର୍ଗାପାଡୁ ଭଳି ଗ୍ରାମପଞ୍ଚାୟତର ହଜାର ହଜାର ଲୋକେ ଶିକ୍ଷା ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ, ବଜାର,ବ୍ୟାଙ୍କ ଆଦି କାମରେ ରାୟଗଡାକୁ ଯାଉଥିବା ବେଳେ ଗମନାଗମନ ଦୃଷ୍ଟିରୁ ରାସ୍ତାଗୁଡିକର ଶୋଚନୀୟ ଅବସ୍ଥା ହୋଇଥିବା ବେଳେ ଏହାର ମରାମତି ତଥା ନିର୍ମାଣ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ୬ଗୋଟି ପଞ୍ଚାୟତବାସିନ୍ଦା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା କହିଥିଲେ। ସେହିପରି ମନ୍ଥର ଗତିରେ ଚାଲିଥିବା ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଉ ନ ଥିବାରୁ ପାନୀୟ ଜଳ ପାଇଁ ପଞ୍ଚାୟତବାସୀ ଭୋଗୁଥିବା ସମସ୍ୟା, ଜାଙ୍ଗିଲି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତି, ଷ୍ଟାଫ କ୍ୱାର୍ଟର ଥାଇ ମଧ୍ୟ ଷ୍ଟାଫ ରହୁ ନ ଥିବା ଆଦି ମୁଖ୍ୟ ସମସ୍ୟାଗୁଡିକ ଦୃଷ୍ଟି ଆର୍କଷଣ କରିଥିଲେ। ପଞ୍ଚାୟତଗୁଡିକରେ ଥିବା ସମସ୍ତ ସମସ୍ୟାର ସମାଧାନ ପାଇଁ ବ୍ଲକ୍ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଉଛି ବୋଲି ଉପଜିଲ୍ଲାପାଳ ଶ୍ରୀ ଜେନା ପ୍ରକାଶ କରିଥିବା ବେଳେ ପେନସନ ପ୍ରଦାନ ବେଳେ ଆଧାର କାର୍ଡ ତ୍ରୁଟି ସମସ୍ୟା ଏକ ମୁଖ୍ୟ ସମସ୍ୟା ରହିଥିବାରୁ ଆଗାମୀ ୨ଦିନ ମଧ୍ୟରେ ପଞ୍ଚାୟତ ସ୍ତରୀୟ ଶିବିର ଆୟୋଜନ କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ବିଡିଓ ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି। ସେହିପରି ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣିକୁ ପଞ୍ଚାୟତବାସିନ୍ଦା ସ୍ୱାଗତ କରିଥିଲେ।

## ଅଭିଯୋଗ ଶୁଣାଣି ଶିବିର

ନନ୍ଦପୁର ,୧୮।୮ (ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ହିକିମପୁଟ ପଞ୍ଚାୟତ କାର୍ଯ୍ୟାଳୟରେ ଆଜି ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସମୁଦାୟ ୫ ଗୋଟି ଅଭିଯୋଗ ପଞ୍ଜୀକୃତ ହୋଇଛି। ପିଇଓ କମଳ ରାଓ ସ୍ମିଥ୍ ଙ୍କ ପରିଚାଳନାରେ ବ୍ଲକ ଉନ୍ନୟନ ଅଧିକାରୀ ଦୁର୍ଗା ପ୍ରସାଦ ଦୋରା ଯୋଗ ଦେଇ ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣିବା ସହ ସମାଧାନ ପାଇଁ ସଂପୃକ୍ତ ବିଭାଗ ମାନଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ସହକାରୀ ଯନ୍ତ୍ରୀ ଯଶକେତନ ବେହେରା, ଚିକିତ୍ସାଧିକାରୀ ଧ୍ରୁବରାଜ ମୁର୍ମୁ, ସହକାରୀ ଶିକ୍ଷା ଅଧିକାରୀ ମମତା ଗୋମାଙ୍ଗୋ, ସିଡିପିଓ ମୀନତି ବାଲା ପଟ୍ଟନାୟକ, ବନପାଳ ଗୋପିନାଥ ପାଙ୍ଗିଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀ ଓ ବ୍ଲକ କର୍ମଚାରୀ, ସରପଞ୍ଚ ଯମୁନା ବଡ ନାୟକ୍, ସମିତି ସଭ୍ୟା ପ୍ରମିଳା ବଡନାୟକ, ନାଏବ ସରପଞ୍ଚ ଲଛମନ ହନ୍ତାଳଙ୍କ ସମେତ ସମସ୍ତ ୱାଡର୍ ସଭ୍ୟ/ସଭ୍ୟା, ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ ଓ ସ୍ଥାନୀୟ ଜନ ସାଧାରଣ ଯୋଗ ଦେଇଥିଲେ।

# 'ଓଡ଼ିଶା ଅମଲା ସଂଘର ବ୍ୟାନରକୁ ନକଲ କରାଯାଇ ବିଭ୍ରାନ୍ତ କରାଯାଉଛି'

## ତଦନ୍ତ ଦାବିକଲେ ଜିଲ୍ଲା ଶାଖା ସମ୍ପାଦକ





ଜୟପୁର,୧୮।୮(ସମିସ): ଓଡିଶା ଅମଲା ସଂଘର ବେଆଇନ ଭାବେ ବ୍ୟାନର ବ୍ୟବହାର କରାଯାଇ ରାଜ୍ୟରେ ଚାଲିଥିବା ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସମର୍ଥନ କରାଯାଇ ଓଡିଶା ଅମଲା ସଂଘ ସମର୍ଥନ କରୁଥିବା ପ୍ରଚାର ପ୍ରସାରକୁ ବିରୋଧ କରାଯାଇ ସଂଘର କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ଆଜି ସ୍ଥାନୀୟ ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇ ଏହାର ଦୃଢ ବିରୋଧ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଶାଖା ସମ୍ପାଦକ ଶଶୀଭୂଷଣ ଦାଶ ସୂଚନା ଦେଇଛନ୍ତି ଯେ, ବିଭିନ୍ନ ଦାବି ନେଇ ରାଜ୍ୟ ରାଜସ୍ୱ ଅମଲା ସଂଘ ପକ୍ଷରୁ ଗତ ଗତ ଅଗଷ୍ଟ ୧୧ ତାରିଖ ଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରୁଛନ୍ତି। କିନ୍ତୁ ଏଥିରେ ଓଡିଶା ଅମଲା ସଂଘ ପକ୍ଷରୁ ସାମିଲ ହୋଇନଥିବା ଏବଂ ବିରୋଧ କରୁଥିବା ନେଇ ପୂର୍ବରୁ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ଦିଆଯାଇଥିଲା। କିନ୍ତୁ ବର୍ତ୍ତମାନ କିଛି କୁଚକ୍ରାନ୍ତକାରୀ ଓଡିଶା ଅମଲା ସଂଘର ବ୍ୟାନରକୁ ବ୍ୟବହାର କରିବା ସହ ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସମର୍ଥନ କରିବା ସହ ସାମିଲ ହୋଇଥିବା ନେଇ ସୂଚନା ଦେଇଛନ୍ତି। ଏଥିନେଇ ଓଡିଶା ଅମଲା ସଂଘର ରାଜ୍ୟ ସମ୍ପାଦକ କୋରାପୁଟ ଜିଲ୍ଲାପାଳଙ୍କୁ ଅବଗତ କରିବା ସହ ଯେଉଁମାନେ ଏଭଳି କୁଚକ୍ରାନ୍ତ ସାମିଲ ହୋଇଛନ୍ତି। ସେମାନଙ୍କ ବିରୁଦ୍ଧରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ ପତ୍ର ଗତକାଲି ପ୍ରଦାନ କରିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶାଖା ସମ୍ପାଦକ ସଞ୍ଜୟ କୁମାର ପଣ୍ଡା, ଉପଦେଷ୍ଟା କୈଳାସ ସାମନ୍ତରାୟ, ବରିଷ୍ଠ ସଦସ୍ୟ ଜଗନ୍ନାଥ ଦାଶ, ୱାଇ ଶ୍ରୀନିବାସ ରାଓଙ୍କ ସମେତ ବହୁ ବରିଷ୍ଠ ସଦସ୍ୟ ଉପସ୍ଥିତ ଥିଲେ।

## ଧର୍ମଦୀକ୍ଷା କାର୍ଯ୍ୟକ୍ରମ





ପୋଡ଼ାଗଡ଼,୧୮।୮(ସମିସ): କୋରାପୁଟ ଜିଲ୍ଲା, ଦଶମନ୍ତପୁର ବ୍ଲକ୍ ପେଡିସିଲ ଗ୍ରାମରେ ଧର୍ମକ୍ରାନ୍ତି ଓଡିଶା, ପରିଚାଳନା ଜାତୀୟ ଏବଂ ଆନ୍ତର୍ଜାତୀୟ ବୁଧିଷ୍ଟ ସମାଜ ଭାରତ ଓଡିଶା ଶାଖା ଏବଂ ଉପ ଶାଖା ତରଫରୁ ଏକ ଧର୍ମଦୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପେଡିସିଲରେ ଧମ୍ମ ଦୀକ୍ଷା କାର୍ଯ୍ୟକ୍ରମରେବହୁ ଲୋକ ଉପସ୍ଥିତ ଥିଲେ। ଧୀମାନ ଲିଭିଙ୍ଗଷ୍ଟନ ଖୋସ୍ଲା ନିଜ ପୂର୍ବ ଧର୍ମ ଓ ବିଶ୍ୱାସକୁ ତ୍ୟାଗ କରି ବୁଦ୍ଧଙ୍କ ବିଚାରରେ ଧର୍ମ ଦୀକ୍ଷା ନେଇ ଥିଲେ। ଧର୍ମ ବିଚାର କୁ ନେଇ ଘରେ ଘରେ ସମ୍ବିଧାନର ବିଚାର ସହିତ ଏକ ଆଦର୍ଶ ସମାଜ ନିର୍ମାଣରେ ସହାୟକ କରିବେ ବୋଲି ଶପଥ ଗ୍ରହଣ କରିଥିଲେ। ଧୀମାନ ୱିଲ୍ ସନ୍ ଖୋସ୍ଲା ବୌଦ୍ଧ ସଂସ୍କରଣ ବିଧିରେ ଧର୍ମ ବିଚାରରେ ବଞ୍ଚିବା ପାଇଁ ଶପଥ ଗ୍ରହଣ କରିଥିଲେ। ବୁଦ୍ଧଚାର୍ଯ୍ୟ ପ୍ରଶାନ୍ତ ବୌଦ୍ଧଙ୍କ ନେତୃତ୍ୱରେ ଧର୍ମ ଦୀକ୍ଷା ଦିଆଯାଇଥିଲା। ଶେଷରେ ଧୀମାନ ସୁବାସ ଭାଇ ଏବଂ ରାଜୁ ବାଘ ଭାଇଙ୍କ ଦ୍ୱାରା ଧନ୍ୟବାଦ ସହିତ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା।

ସକାଳ
THE SAKALA



# ଜିଲ୍ଲାପରିଷଦ ସଦସ୍ୟଙ୍କ ଚାରାରୋପଣ




ନନ୍ଦାହାଣ୍ଡି,୧୮।୮ (ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକର ଦହଣା ଗ୍ରାମ ପଞ୍ଚାୟତରେ ସରକାରୀ, ଅନାବାଦୀ ଜାଗା ଅବସରରେ ଜିଲ୍ଲା ପରିଷଦ ସଦସ୍ୟଙ୍କ ଅନୁକୂଲ୍ୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଚାରାରୋପଣ କାର୍ଯ୍ୟକ୍ରମରେ ନନ୍ଦାହାଣ୍ଡି ଲ୍ୟାମ୍ପ୍ସ ସଭାପତି ଲକ୍ଷ୍ମୀନାରାୟଣ ମାଝୀ, ପୂର୍ବତନ ସରପଞ୍ଚ, ସଦାଶିବ ହାଇସ୍କୁଲ ସଭାପତି ଜୀବନ ତ୍ରିପାଠୀ, ବରିଷ୍ଠ ନେତା ତଥା ସମାଜସେବୀ ପରେଶ ଦାସ, କିରଣ ରଥ, ପ୍ରବୀଣ ଗରଡ଼ା, ଜଳନ୍ଧର ହରିଜନ, ଯୁବନେତା ଜ୍ୟୋତିନ ଭତରା, ଗେଲରାଜ ସୁନା, ମହନ ସୁନା, ଖଗ ଜାନି, ତ୍ରିନାଥ ଜାଣି, ଘନ ହରିଜନ ପ୍ରମୁଖଙ୍କ ସମେତ ଅଞ୍ଚଳର ବହୁ ଯୁବକ ଯୋଗଦାନ କରିଥିଲେ।

# ନାଲକୋ କ୍ଲବ୍ କମିଟି ପକ୍ଷରୁ ଚିତ୍ରକଳା ପ୍ରଦର୍ଶନ



ଦାମନଯୋଡି,୧୮।୮ (ସମିସ): ନାଲକୋ ଟାଉନସିପ ସ୍ଥିତ କ୍ଲବ୍ ପରିସରରେ ନବନିର୍ବାଚିତ ଅଫିସର କମିଟି ପକ୍ଷରୁ ଅପରାହ୍ନରେ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ ନିରଞ୍ଜନ ସାମଲ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନାଲକୋ କର୍ମଚାରୀ ଓ ଛାତ୍ରଛାତ୍ରୀ ଆଦି ମୋଟ୍ ୩୬ ଜଣ ପ୍ରସ୍ତୁତ କରିଥିବା ଚିତ୍ରକଳା ସବୁକୁ ପ୍ରଦର୍ଶନୀରେ ସାମିଲ୍ କରାଯାଇଥିଲା। ଉପ ସଭାପତି ସୁଗତୋ ଆନନ୍ଦ ବସୁ, ବିଭିନ୍ନ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇ ଚିତ୍ରକଳା ଗୁଡ଼ିକୁ ଦେଖି ଭୂୟସୀ ପ୍ରଶଂସା କରିଥିଲେ। କମିଟିର ସାଧାରଣ ସମ୍ପାଦକ ସତ୍ୟରଞ୍ଜନ ସାହୁ ଓ ଯୁଗ୍ମ ସମ୍ପାଦକ ସୌମ୍ୟ ପ୍ରକାଶ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ କମିଟି ସଦସ୍ୟ ସହଯୋଗ କରିଥିଲେ।

# ଅଲଟ୍ରା ସାଉଣ୍ଡ ମେସିନ୍ ଉଦ୍‌ଘାଟିତ



ପଟାଙ୍ଗି,୧୮।୮ (ସମିସ): କୋରାପୁଟ ଜିଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁଦୁଲି ଠାରେ ନୂତନ ଅଲଟ୍ରା ସାଉଣ୍ଡ ମେସିନର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁଦୁଲିର ଅଧିକାରୀ ଡ. ସଞ୍ଜୀବ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଟାଙ୍ଗି ବିଧାୟକ ତଥା ବିରୋଧୀ ଦଳର ସଭାପତି ରାମଚନ୍ଦ୍ର କାଡ଼ାମ୍ ଯୋଗଦେଇ ମେସିନଟିକୁ ଉଦ୍‌ଘାଟନ କରିଥିଲେ। ଅଲଟ୍ରା ସାଉଣ୍ଡ ସ୍ପେଶାଲିଷ୍ଟ ଡ. ଜଗଦୀଶ ଚନ୍ଦ୍ର ବେହେରା ପ୍ରତ୍ୟେକ ଶୁକ୍ରବାର ଦିନ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉପସ୍ଥିତ ରହି ଗର୍ଭବତୀ ମହିଳାଙ୍କୁ ଅଲଟ୍ରା ସାଉଣ୍ଡ ପରୀକ୍ଷଣ କରିବାର ଯୋଜନା ରହିଅଛି। ଅନ୍ୟମାନଙ୍କ ମଧ୍ୟରେ ଡ. ଅମିତ ବେହେରା, ଡ. ଶୁଭ ସଙ୍କେତ ପରିଡ଼ା, ଡ. ସଂଗ୍ରାମ କେଶରି ସ୍ୱାଇଁ, ଡ. ରୋହିତ ମିଶ୍ର, ଡ. ମିଲନ ଗୁପ୍ତା ଏବଂ ସେମିଳିଗୁଡା ବ୍ଲକର ସୁପରଭାଇଜର ଉପସ୍ଥିତ ରହିଥିଲେ। ବିପିଏମ୍ ମଧୂଲିକା ପାଢ଼ୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନେ ତଥା ପିଏଚ୍‌ଇଓ ହରେଶ ଚନ୍ଦ୍ର ପ୍ରଧାନ, ବାମ୍ କୈଳାସ ଚନ୍ଦ୍ର ପରଜା, ବିଡିଏମ୍ ମହେଶ୍ୱେତା ପାଣିଗ୍ରାହୀ, ଭିଭିଡିଟିଏସ୍ ସିମ୍ରନ ପାଣିଗ୍ରାହୀ, ଷ୍ଟାଫନର୍ସ ପ୍ରଣତି ପରିଡ଼ା, ତ୍ରିଲୋଚନ ମହାନ୍ତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ଲଗାଣ ବର୍ଷାରେ ଭାଙ୍ଗିଲା ପୋଲ

# ବନ୍ୟା ପରିସ୍ଥିତି, ଦଉଡ଼ିରେ ନଦୀ ପାର



ବୈପାରୀଗୁଡ଼ା, ୧୮।୮ (ସମିସ): ଲଗାଣ ବର୍ଷାରେ ବେହାଲ ବୈପାରୀଗୁଡା ବ୍ଲକ।ବୈପାରୀଗୁଡା ବ୍ଲକର କଟନୀକୁଣ୍ଡ ଠାରେ ଭାଙ୍ଗିଲା ପୋଲ। ବିଭିନ୍ନ ରାସ୍ତାରେ ଆଣ୍ଠୁଏ ପାଣି। ସୋରିଷ ପଦର ଠାରେ ବନ୍ୟା ପରିସ୍ଥିତି। ଜୀବନକୁ ବାଜି ଲଗାଇ ନଦୀ ପାର ହେଉଛନ୍ତି ବାଲିଗାଁ ପଞ୍ଚାୟତର ୩ ଖଣ୍ଡ ଗାଁ ବାସିନ୍ଦା। ଗତ ୨ ଦିନ ହେବ ଲଗାଣ ବର୍ଷା ଲାଗିରହିଥିବା ବେଳେ ବୈପାରୀଗୁଡ ବ୍ଲକର ବାଲିଗାଁ ପଞ୍ଚାୟତର କାଙ୍ଗୁଗୁଡା ଠାରେ ନଦୀ ଫୁଲିଛି। ଫଳରେ କାଙ୍ଗୁଗୁଡା , ଅଟାଳଗୁଡା ଏବଂ ଝାଲିଆଗୁଡା ତିନୋଟି ଗ୍ରାମର ଲୋକେ ଜୀବନକୁ ବାଜି ଲଗାଇ ଦଉଡ଼ି ସାହାଯ୍ୟରେ ନଦୀ ପାର ହେଉଥିବା ଦେଖିବାକୁ ମିଳିଥିଲା। ହଳଦୀକୁଣ୍ଡ ପଞ୍ଚାୟତର ସୋରିଷ ପଦର ଗାଁରେ ବନ୍ୟା ପରିସ୍ଥିତି ଉପୁଜିଛି। ଗାଁରେ ପ୍ରାୟ ପଚାଶ ପରିବାର ବସବାସ କରୁଛନ୍ତି। ସେଥି ମଧ୍ୟରୁ ଦଶରୁ ଅଧିକ ପରିବାର ପାଣି ଘେରରେ ଅଛନ୍ତି। ସେହି ପଞ୍ଚାୟତର କାଟିନିକୁଣ୍ଡ ଗାଁ ମଝିରେ ଥିବା ପୋଲ ଭାଙ୍ଗିଛି । ଫଳରେ ୩ ଖଣ୍ଡ ଗାଁ ଲୋକଙ୍କ ଯାତାୟାତ ବାଧା ସୃଷ୍ଟି ହୋଇଛି। ହଳଦୀକୁଣ୍ଡ ପଞ୍ଚାୟତର ଭାଟିଗୁଡା, ହାତୀଖାଲ, କାଟିନିକୁଣ୍ଡ ଗା ଲୋକଙ୍କ ଗମନାଗମନ ବନ୍ଦ ହୋଇଯାଇଛି। ପ୍ରାୟ ୩ ଖଣ୍ଡ ଗାଁର ଏକ ଶହରୁ ଅଧିକ ପରିବାର ନାହିଁ ନଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଗୁପ୍ତେଶ୍ୱର ବାଇପାସ ରାସ୍ତା ଏବଂ ମାଝିଗୁଡା ରାସ୍ତା ଉପରେ ଦୁଇ ଫୁଟର ବର୍ଷା ଜଳ ପ୍ରବାହିତ ହେବା ଯୋଗୁଁ ରାମଗିରି, ଦଣ୍ଡାବାଡି ତଥା ଗୁପ୍ତେଶ୍ୱର ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଥିଲା। ଆଜି ଭୋର ସକାଳୁ ବୈପାରୀଗୁଡା ଥାନା କୋଠା ଘର ଉପରେ ବିଶାଳ ଆମ୍ବ ଗଛ ଉପୁଡ଼ି ପଡ଼ିବାରୁ କୋଠା ଘରର କାନ୍ଥ ଫାଟି ଆଁ ହେବା ସହ ବିଦ୍ୟୁତ ତାର ଛିଣ୍ଡି ଯାଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ଗଛ କାଟିବା ସହ ବିଦ୍ୟୁତ ବିଭାଗର କର୍ମଚାରୀ ବିଦ୍ୟୁତ୍ ତାର ମରାମତି କରିଥିଲେ। ସେହିପରି ପ୍ରବଳ ବର୍ଷା ଫଳରେ ଟିପିକୁର ପଞ୍ଚାୟତର ଅଁଳାଯୋଡି ଗ୍ରାମର ଲକ୍ଷ୍ମଣ ପ୍ରଧାନୀଙ୍କ ଘର କାନ୍ଥ ଭାଙ୍ଗି ପଡ଼ିଛି। ଆସନ୍ତାକାଲି ଯଦି ଏଭଳି କ୍ରମାଗତ ବର୍ଷା ହୁଏ ତେବେ ବହୁ ଜନଜୀବନ ପ୍ରଭାବିତ ହେବାର ଆଶଙ୍କା ରହିଛି।

# ଆସ ସ୍କୁଲକୁ ଯିବା କାର୍ଯ୍ୟକ୍ରମ

ଲମତାପୁଟ, ୧୮।୮ (ସମିସ): ବିକଶିତ ଭାରତ ଏବଂ ବିକଶିତ ଓଡ଼ିଶା ଗଠନରେ ଶିକ୍ଷାର ଗୁରୁତ୍ୱ ପୂର୍ଣ୍ଣ ଭୂମିକା ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆସ ଆମେ ସ୍କୁଲ ଯିବା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରରେ ଅଧାରୁ ପାଠ ଛାଡିଥିବା, ବିଦ୍ୟାଳୟରେ ଆଦୌ ନାମ ନଲେଖାଇ ବିଦ୍ୟାଳୟ ବାହାରେ ବୁଲୁଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି। ଏହି କାର୍ଯ୍ୟକ୍ରକୁ ସଫଳ କରିବା ଉଦ୍ଦେଶ୍ୟରେ ଅଭିଭାବକ ମାନଙ୍କୁ ସଚେତନ କରିବା ପାଇଁ ମାଲିପୁଟ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଗତ ଶନିବାର ଦିନ ଲମତାପୁଟ ସାପ୍ତାହିକ ହାଟରେ ଏକ ରାଲି କରିଥିଲେ। ହାତରେ ପ୍ଲାଗ କାଡର୍ ଓ ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନତା କରିଥିଲେ

# ଅବସରପ୍ରାପ୍ତ କର୍ମଚାରୀଙ୍କୁ ପରିଚୟପତ୍ର ପ୍ରଦାନ

ନାରାୟଣପାଟଣା,୧୮।୮ (ସମିସ): ନାରାୟଣପାଟଣା ଥାନା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଆମ ପୋଲିସ ତରଫରୁ ଗତକାଲି ଚୈତ୍ରାଇ କଲ୍ୟାଣ ମଣ୍ଡପରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ସ୍ୱତନ୍ତ୍ର ପରିଚୟପତ୍ର ପୋଲିସ ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଥାନା ଅଧିକାରୀ ପ୍ରମୋଦ କୁମାର ନାୟକ, ଏସ୍‌ଆଇ ପ୍ରଫୁଲ୍ଲ ପାତ୍ର, ଅଧ୍ୟାପକ ଶୁରଥ ଡାକୁଆ ,ଏସ୍‌ଆଇ ନରସିଂହ ପାଢୀ ,ଏଏସ୍ ଆଇ ଆର୍ ଶ୍ରୀନୁ ସମେତ ୨୫ରୁ ଅଧିକ ଅବସର ପ୍ରାପ୍ତ କର୍ମଚାରୀ ଉପସ୍ଥିତ ଥିଲେ। ବ୍ଲକରେ ୬୦ରୁ ଅଧିକ ଅବସରପ୍ରାପ୍ତ କର୍ମଚାରୀ ଚିହ୍ନଟ ହୋଇଥିବା ବେଳେ ପ୍ରାଥମିକ ପର୍ଯ୍ୟାୟରେ ୪୫ରୁ ଅଧିକ କର୍ମଚାରୀଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା।

# ବର୍ଷାରେ ଧସିଲା ପାହାଡ଼ ମାଟି

ନାରାୟଣପାଟଣା,୧୮।୮ (ସମିସ): ଗତକାଲି ଠାରୁ ଲଗାଣ ବର୍ଷା ଯୋଗୁଁ ନାରାୟଣପାଟଣା ବ୍ଲକ ତଳଗୁମାଣ୍ଡି ପଞ୍ଚାୟତରୁ ନାରାୟଣପାଟଣାକୁ ଯୋଗାଯୋଗ କରୁଥିବା ଆର୍‌ଡି ରାସ୍ତା ବୋରିପୁଟଠାରେ ପାହାଡରୁ ମାଟି ଅତଡା ଖସି ସକାଳୁ ଯାତାୟତ ଠପ୍

## ଭାଙ୍ଗିଲା ମାଟି ଘର

ହୋଇଥିଲା। ଖବର ପାଇ ପ୍ରଶାସନ ଘଟଣା ସ୍ଥଳରେ ପହଞ୍ଚି ଜେସିବି ଲଗାଇ ରାସ୍ତା ସଫା ପରେ ଯାତାୟତ ସହଜ ହୋଇଥିଲା। ଗୁମାଣ୍ଡିକୁ ଯିବାକୁ ଥିବା ଲକ୍ଷ୍ମୀବସ ଯାଇ ନ ପାରି ଫେରି ଆସିଛି ଅଧାରୁ ।କେବଳ ଛୋଟ ଛୋଟ ଯାନ ଯା ଆସ କରୁଛି। ସେହି ସମୟରେ କୌଣସି ଗାଡି ଯାତାୟାତ କରି ନ ଥିନାରୁ ଏକ ବଡ଼ ଅଘଟଣରୁ ବର୍ତ୍ତି ଯାଇଥିବା କୁହାଯାଉଛି। ନାରାୟଣପାଟଣାରୁ ତଳଗୁମାଣ୍ଡିକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କରାଯାଉଥିବା ବେଳେ ରାସ୍ତା ସମ୍ପୂର୍ଣ ହୋଇପାରିନି। ଫଳରେ ପାହାଡରୁ ବର୍ଷା ଦିନେ ମାଟି ପଥର ଖସି ଯାତାୟାତ ଠପ୍ ହେଉଛି। ଏଥିସହ ସଦର ଚମ୍ପିକୋଟା ସାହିରେ ବର୍ଷା ଯୋଗୁଁ ଜଣଙ୍କର ମାଟି କାନ୍ଥ ଭୁଷୁଡି ପଡିଛି। ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବାରୁ ପାଖ ସ୍କୁଲର ଏକ ଘରେ ପରିବାର ଆଶ୍ରୟ ନେଉଛନ୍ତି। ପରିବାର ମୁରବୀ ମେସ୍ତ୍ରୀ ଶ୍ରମିକ ଥିବାରୁ ତାଙ୍କର ନିଜସ୍ୱ ବୋଲି କିଛି ନାହିଁ। ବେସାହାରା ହୋଇ ବର୍ତମାନ ସେ ପରିବାର ଓ ଘର ସାମଗ୍ରୀ ସହ ସ୍କୁଲ ଘରେ ଆଶ୍ରୟ ନେଇଛନ୍ତି। ସରକାରୀ ତରଫରୁ ସହାୟତା ପାଇଁ ପରିବାର ବର୍ଗ ଗୁହାରୀ କରିଛନ୍ତି। ଅନ୍ୟପଟେ ନାରାୟଣପାଟଣା ବ୍ଲକ୍ ରେ ୫୮.୨ ମିଲି ମିଟର ବର୍ଷା ହୋଇଥିବା ସରକାର ତରଫରୁ ସୁଚନା ମିଳିଛି।

# କୋରାପୁଟରେ ଜନ୍ମାଷ୍ଟମୀ ପାଳିତ



କୋରାପୁଟ,୧୮।୮ (ସମିସ) :ପବିତ୍ର ଜନ୍ମାଷ୍ଟମୀ ଉପଲକ୍ଷେ କୋରାପୁଟ ସହରରେ ବିଭିନ୍ନ ଧାର୍ମିକ ପୀଠରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବ ପାଳନ କରାଯାଇଥିବା ବେଳେ ବିଭିନ୍ନ ଶିକ୍ଷାନୁଷ୍ଠାନରେ କୁନି କୁନି ଛାତ୍ରଛାତ୍ରୀ ମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଥିଲେ। ପବିତ୍ର ଜନ୍ମାଷ୍ଟମୀ ପାଇଁ ସକାଳୁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଜେଲ ରୋଡସ୍ଥିତ ରାଧାକୃଷ୍ଣ ମନ୍ଦିରରେ ଦେଖାଯାଇଥିଲା।ରାଧାଗୋବିନ୍ଦଙ୍କୁ ଦୋଳିରେ ଝୁଲାଇବାର ଦୃଶ୍ୟ ଦେଖିବା ପାଇଁ ରାଧାକୃଷ୍ଣ ମନ୍ଦିରରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା। ସ୍ଥାନୀୟ ଶାବର ଶ୍ରୀକ୍ଷେତ୍ରରେ ମଧ ରାତ୍ରରେ ନୃସିଂହ ମନ୍ଦିରରେ ଥିବା ବାଲ ଗୋପାଳଙ୍କ ନିକଟରେ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଇଛି। ସେପଟେ କୋରାପୁଟର ଶିଶୁ ମନ୍ଦିର ପରିସରରେ କୁନି କୁନି ଛାତ୍ରଛାତ୍ରୀ ମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଥିବା ବେଳେ ଦୋଳିଖେଳ ମଧ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ବିଭୁଦତ୍ତ ମହାପାତ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟିର ଉପ ସଭାପତି ପ୍ରଭାକର ଦାସ, ଯୁଗ୍ମ ସମ୍ପାଦିକା ସସ୍ମିତା ବେହେରା, କୋଷାଧକ୍ଷ ଏନ.ରମେଶ ଓ ସଦସ୍ୟା ସୁମଲତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅଲେଖ ଚନ୍ଦ୍ର ଦୋରାଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ। ସେହିପରି କୋରାପୁଟ ଟାଉନ ହଲ ଠାରେ ଇସ୍କନ ତରଫରୁ ଆଡମ୍ବରପୂର୍ଣ୍ଣ ଭାବେ ଜନ୍ମାଷ୍ଟମୀ ପାଳନ କରାଯାଇଛି।

# ସଫେଇ କାର୍ଯ୍ୟକ୍ରମ

ପାପଡାହାଣ୍ଡି, ୧୮।୮ (ସମିସ): ନବରଙ୍ଗପୁର ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ପାପଡାହାଣ୍ଡି ବ୍ଲକ ସଦର ମହକୁମାଠାରେ ସଫେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ରାସ୍ତାରେ ଥିବା ଡ୍ରେନ ସଫା କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଗ୍ରାମର ସମସ୍ତ ଗଳି ରାସ୍ତାରେ ଥିବା ଡ୍ରେନ ସଫା କରାଯିବ ବୋଲି ଜିପିଡିଓ ଅକ୍ଷୟ କୁମାର ପଟନାୟକ ସୂଚନା ଦେଇଛନ୍ତି । ସୂଚନା ପ୍ରକାରେ ନବରଙ୍ଗପୁର ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ୧୨ ତାରିଖ ପାପଡାହାଣ୍ଡି ବ୍ଲକ ସଭା ଗୃହରେ ଅନୁଷ୍ଠିତ ହୋଇଥିବା ସହିଦ ଦିବସ ର ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିଲେ। ସେହି ଦିନ ପାପଡାହାଣ୍ଡି ସରପଞ୍ଚ ଏବଂ ଜିପିଡିଓଙ୍କୁ ଗ୍ରାମର ସଫେଇ କରିବାପାଇଁ ଏବଂ ପ୍ଲାଷ୍ଟିକ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।ତଦନୁଯାୟୀ ପାପଡାହାଣ୍ଡି ଉପଦକ୍ଷ ସୁଶାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ପାପଡାହାଣ୍ଡି ବ୍ୟବସାୟୀ ଏବଂ ପ୍ରଶାସନ ଅଧିକାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପାପଡାହାଣ୍ଡି ବ୍ଲକ ଉପାଧକ୍ଷ ସୁଶାନ୍ତ କୁମାର ବେହେରା ଅଧ୍ୟକ୍ଷତା କରି ବ୍ୟବସାୟୀଙ୍କୁ ପ୍ଲାଷ୍ଟିକ ବର୍ଜନ କରିବାକୁ ତାଗିତ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ରାସ୍ତାରେ ଥିବା ଡ୍ରେନକୁ ସଫା କରିବାକୁ କହିଥିଲେ। ଏହାକୁ ଗୁରୁତର ନେଇ ପାପଡାହାଣ୍ଡି ବିଡ଼ିଓ କପିଳଦେବ ସାହୁ ଏବଂ ଜିପିଡଓ ଅକ୍ଷୟ କୁମାର ପଟନାୟକଙ୍କ ତତ୍ତ୍ୱାବଧାନରେ ଏହି ସଫେଇ କାର୍ଯ୍ୟକ୍ରମ ହେଉଛି।

# ବାଜପେୟୀଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ନନ୍ଦପୁର, ୧୮।୮ (ସମିସ): ନନ୍ଦପୁର ପ୍ରେସ କ୍ଲବ୍ ଅନୁକୁଲ୍ୟାରେ ଅଟଳ ବିହାରୀ ବାଜପେୟୀଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ପ୍ରେସ କ୍ଲବ୍ ସଭାପତି ତ୍ରିନାଥ ଖରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁର୍ଗା ପ୍ରସାଦ ଦୋରା, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ମୁନା ଦଳପତି, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଖଣ୍ଡ କାର୍ଯ୍ୟବାହ ଏନ୍ ପ୍ରସାଦ ଦାସ, ପୂର୍ବତନ ବ୍ଲକ ବିଜେପି ସଭାପତି ଦୁର୍ଗା ପ୍ରସାଦ ପଟ୍ଟନାୟକ, ବିଜେପି ଯୁବ କର୍ମୀ ମଧୁସୂଦନ ଦୋରା, ହରି ହର ବେହେରା, ଯୁବନେତା ସୁନିଲ କୁମାର ପଣ୍ଡା, ଡାକ୍ତର ଶ୍ରୀ ତ୍ରିପାଠୀ, ଅରୁଣ ପାଣ୍ଡିଆ, ଜଗନ୍ନାଥ ଗୁଣ୍ଟା, ସାମାଜିକ କର୍ମୀ ଗଣ ମୁଦୁଲି, ବରିଷ୍ଠ ସାମ୍ବାଦିକ ଶିବ ପ୍ରସାଦ ବେବର୍ତ୍ତା, ପ୍ରେସ କ୍ଲବ୍ ଉପଦେଷ୍ଟା ବିପିନ ମହାନ୍ତି, କାର୍ଯ୍ୟ ନିର୍ବାହୀ ଅଧିକାରୀ କୋମଳ ରାଓ ସ୍ମିଥ ପ୍ରମୁଖ ଯୋଗ ଦେଇଥିଲେ। ସାମାଜିକ କର୍ମୀ ମୁନା ଦଳପତି, ମୁଖ୍ୟ ଅତିଥି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁର୍ଗା ପ୍ରସାଦ ଦୋରା ବାଜପେୟୀଙ୍କ ଜୀବନୀ ଉପରେ କହିଥିଲେ। ପ୍ରେସ କ୍ଲବ୍ ଉପ ସଭାପତି ବିମଳ ରାଓ ସ୍ମିଥ, କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଦୋରା, ହିରଣ୍ୟ ବିଶୋଇ, ମୋନଜ ମୁଦୁଲି, ଶଙ୍କର ପାଙ୍ଗି ପ୍ରମୁଖ ବାହୁ ଯୁବ ଗୋଷ୍ଠୀ ଯୋଗ ଦେଇଥିବା ବେଳେ କ୍ଲବ୍‌ର ସମ୍ପାଦକ ରମେଶ ଅଧିକାରୀ ଧନ୍ୟବାଦ୍ ଅର୍ପଣ କରିଥିଲେ

# ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ

ସେମିଳିଗୁଡ଼ା, ୧୮।୮ (ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡା ସ୍ଥିତ ସରସ୍ୱତୀ ବିଦ୍ୟା ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ସେମିଳିଗୁଡା ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଝାନ୍ସୀ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଶିଶୁ ମନ୍ଦିର ସମ୍ପାଦକ ପ୍ରକାଶ ପାତ୍ର ଜନ୍ମାଷ୍ଟମୀ ଉପରେ ବୁଝାଇଲେ। ଶିଶୁ ମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀପ୍ରିୟା ବେହେରା ସଭାପତିତ୍ୱ କରିଥିଲେ। ବିଭିନ୍ନ ପ୍ରତିଯୋଗିତା ବିଜେତା ମାନଙ୍କୁ ଅତିଥି ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। କୁନି କୁନି ପିଲା ମାନଙ୍କ କୃଷ୍ଣ ବେଶଧାରଣ ଲୋକଙ୍କୁ ଖୁବ୍ ଆକର୍ଷିତ କରିଥିଲା।

# ରକ୍ତଦାନ ଶିବିର ଆୟୋଜିତ




ସେମିଳିଗୁଡା/ ଦାମନଯୋଡି (ସମିସ): କୋରାପୁଟ ଜିଲ୍ଲାର ଦାମନଯୋଡି ସେକ୍ଟର୍- ୨ ସ୍ଥିତ ନାଲକୋ କମ୍ୟୁନିଟି ସେଣ୍ଟର୍ ଠାରେ ସୁଶାନ୍ତ କୁମାର ଦାସ ଓ ସରୋଜିନୀ ତ୍ରିପାଠୀଙ୍କ ୨୦ତମ ବିବାହ ବାର୍ଷିକୀ ଅବସରରେ ରବିବାର ନାଲ୍‌କୋ କମ୍ୟୁନିଟ୍ ସେଣ୍ଟର୍ ଠାରେ ଓଡ଼ିଶା ରକ୍ତଦାତା ମହାସଂଘ କୋରାପୁଟ ଶାଖା ଆନୁକୂଲ୍ୟରେ ସୁଶାନ୍ତ ଦାସଙ୍କ ଉଦ୍ୟମରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ନାଲକୋ ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ କୁମାର ପଟ୍ଟନାୟକ ସସ୍ତ୍ରିକ ମୂଖ୍ୟ ଅତିଥି ଭାବେ ଯୋଗଦେଇ ଫିତା କାଟି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଲ୍‌କୋ ପୂର୍ବତନ ଉପ ମହାପ୍ରବନ୍ଧକ ରମେଶ ଚନ୍ଦ୍ର ଦାସ, କୈଳାସ ସେନାପତି, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଅଶୋକ କୁମାର ମହାନ୍ତି, ନଳିନୀ ସେନାପତି, ଏମ ଆର୍ ରଥ,ଦାମନଯୋଡିରେ ସେଣ୍ଟୁରିଆନ ରକ୍ତଦାତା ପବିତ୍ର ସାହୁ ଓ ଅନାମ ଚରଣ ନାୟକ ପ୍ରମୁଖ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ନିଜେ ଶୁଶାନ୍ତ ଦାସ ଓ ତାଙ୍କ ସହଧର୍ମିଣୀ ସରୋଜିନୀ ତ୍ରୀପାଠୀ ପ୍ରଥମେ ରକ୍ତଦାନ କରି ଉଦ୍‌ଘାଟନ କରିଥିଲେ। ଓଡ଼ିଶା ରକ୍ତଦାତା ମହାସଂଘର କାର୍ଯ୍ୟକାରୀ ସଭାପତି ଡ. ନରେଶ ଚନ୍ଦ୍ର ସାହୁ ଉଭୟ ଦମ୍ପତିଙ୍କୁ ଆଶୀର୍ବାଦ କରିବା ସହ ନୂତନ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ତାଙ୍କର ୯୮ତମ ରକ୍ତଦାନ କରିଥିବାବେଳେ ଡ଼ାଃ ଅଶୋକ କୁମାର ମହାନ୍ତି ତାଙ୍କର ୬୭ତମ ରକ୍ତଦାନ କରିଥଲେ। ଓଡିଶା ରକ୍ତଦାତା ମହାସଂଘର ସଭାପତି ଡଃ ନରେଶ ଚନ୍ଦ୍ର ସାହୁ ଓ ଶୁଶାନ୍ତ କୁମାର ଦାସ ଶିବିର ପରିଚାଳନା କରିଥଲେ। ଓଡିଶା ବ୍ଲଡ ସେଣ୍ଟର ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ କୋରାପୁଟର ରକ୍ତଭଣ୍ଡାର କର୍ମଚାରୀ ରଞ୍ଜିତ କୁମାର ସାହୁ ଓ ଡ. ଏସ ସାଇଲଜା ରକ୍ତ ସଂଗ୍ରହ କରିଥିଲେ।

# ମଝିଧନୁଆ ସ୍କୁଲ୍ ଶିକ୍ଷକ ସମ୍ମାନିତ



କୋଷାଗୁମୁଡା,୧୮।୮ (ସମିସ): ନବରଙ୍ଗପୁର ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ସ୍ଥାନୀୟ ନବରଙ୍ଗପୁର ଷ୍ଟାଡିଅମ ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ନବରଙ୍ଗପୁର ଜିଲ୍ଲା ତଥା କୋଷଗୁମୁଡା ବ୍ଲକ ସ୍ଥିତ ମଝିଧନୁଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ବଦ୍ରିନାରାୟଣ ବିଶ୍ୱାଳଙ୍କୁ ନବରଙ୍ଗପୁର ଜିଲ୍ଲାକୁ ବିଜ୍ଞାନ କ୍ଷେତ୍ରରେ ଜିଲ୍ଲା ତଥା ଜାତୀୟସ୍ତରରେ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ସଫଳତାର ସହ ଅଂଶ ଗ୍ରହଣ କରିଥିବାରୁ ଜିଲ୍ଲା ପ୍ରଶାସନ ସମ୍ମାନିତ କରିଛନ୍ତି। ଏହି ଅବସରରେ ଉପସ୍ଥିତି ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ଏବଂ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ନବରଙ୍ଗପୁର ଜିଲ୍ଲାପାଳ ମହେଶ୍ୱର ସ୍ୱାଇଁ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏମ ସନ୍ଦୀପ ସମ୍ପତଙ୍କ ଉପସ୍ଥିତିରେ ମାନପତ୍ର ପ୍ରଦାନ କରାଯାଇଛି। ନବରଙ୍ଗପୁର ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ନବରଙ୍ଗପୁର ଏବଂ ନନ୍ଦାହାଣ୍ଡି ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନି, ନବରଙ୍ଗପୁର ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଚିତ୍ତରଞ୍ଜନ ପଟ୍ଟନାୟକ ଏବଂ ପ୍ରଭାତ ପଟ୍ଟନାୟକ ଉପସ୍ଥିତ ରହିଥିଲେ। ମଝିଧନୁଆ ସରପଞ୍ଚ ଦୟାରାମ ପୂଜାରୀ ଏବଂ ମୋ ବିଦ୍ୟାଳୟ ସଭାପତି ଦୀନେଶ ପନକା ତାଙ୍କୁ ଶୁଭେଚ୍ଛା ପ୍ରଦାନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ।

# ଲଗାଣ ବର୍ଷାରେ ଭୁଶୁଡ଼ିଲା ଅନେକ ଘର

ନବରଙ୍ଗପୁର/ ନନ୍ଦାହାଣ୍ଡି/ପାପଡାହାଣ୍ଡି,୧୮।୮ (ସମିସ):



ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। କେଉଁଠି ଘର ଭିତରେ ଆଣ୍ଠୁଏ ପାଣି ତ କେଉଁଠି ଘରଦ୍ୱାର ଭାଙ୍ଗି ଯାଇଛି। ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍ ସଦର ପଞ୍ଚାୟତ ଅନ୍ତର୍ଗତ ଏକମ୍ବା ଗ୍ରାମରେ ସାତ ଜଣଙ୍କ ଘର ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ସୁକ୍ରୁ ଜାନୀ, ହାଣ୍ଡି ଜାନୀ, ନାରାୟଣ ମିଶ୍ର, ପୂର୍ଣ୍ଣି ଅମନାତ୍ୟ , ଘାସି ପୂଜାରୀ, ପୁରସ୍ତମ ସାନ୍ତା ଓ ଡମ୍ବରୁ ଭତରାଙ୍କ ଘର ଭୁଶୁଡ଼ି ପଡିଥିବା ଜଣାପଡ଼ିଛି। ଏହି ଘଟଣା ସୂଚନା ମିଳିବା ପରେ ନନ୍ଦାହାଣ୍ଡି ତହସିଲଦାର ଚନ୍ଦ୍ରଦାସ ମହାନନ୍ଦିଆ ଓ ରାଜସ୍ୱ ନିରୀକ୍ଷକ ଖେମରାଜ୍ ପୂଜାରୀ ଉପସ୍ଥିତ ରହି ପ୍ରାଥମିକ ସହାୟତା ରୂପେ ପଲିଥିନ ବର୍ଣ୍ଟନ କରିଥିଲେ। ଆଗକୁ ଆଉ ଦୁଇ ଦିନ ଧରି ଭୀଷଣ ବର୍ଷାର ସମ୍ଭାବନା ଥିବା ଶୁଣିବା ପରେ ଚିନ୍ତାରେ ଅଞ୍ଚଳ ବାସୀ। ପାପଡାହାଣ୍ଡି ବ୍ଲକ ସଦର ଲହରା ସାହିରେ ସୋମବାର ସନ୍ଧ୍ୟାରେ କାନ୍ଥ ପଡି ଲହରା ସାହିର କୁସୁମ ବିନ୍ଧାଣି ଆହତ ହୋଇଛି। ତାଙ୍କର ପରିବାର ବୋଲି କେହି ନାହାନ୍ତି ।ଦଦରା ଘର ଉପରେ ପଲିଥିନ ଘୋଡ଼ାଇ ସେ ଏକାକୀ ରହୁଥିଲେ। ପଡୋଶୀ ଲୋକ କୁସୁମଙ୍କୁ ଉଦ୍ଧାର କରିଥିଲେ।

# ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳିତ

ଲମତାପୁଟ,୧୮।୮ (ସମିସ): କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକ ସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବିଡିଓ ଜୟନ୍ତ କୁମାର ମେହର ଓ ବ୍ଲକର ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ବ୍ଲକ ଅଧକ୍ଷ ତାପସ କୁମାର ଚାଲାଣ ଲମତାପୁଟ ବ୍ଲକ କାର୍ଯ୍ୟାଳୟ ଠାରେ ଜାତୀୟ ପତକା ଉତ୍ତୋଳନ କରିଥିଲେ। ଲମତାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। ବିଡ଼ିଓ ଜୟନ୍ତ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ବ୍ଲକ ଅଧକ୍ଷ ତାପସ କୁମାର ଚାଲାଣ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଲମତାପୁଟ କେଜିବିଭି ଏ ଓ ବି ବିଦ୍ୟାଳୟ, ଆନନ୍ଦ ନିକେତନ, ଏସଏସଡ଼ି ବିଦ୍ୟାଳୟ, ଆମ୍ବେଦକର କଲେଜ, ଡିଗ୍ରୀ କଲେଜ, ମେସିଂପୁଟ ଓଡିଶା ଆଦର୍ଶ ବିଦ୍ୟାଳୟ, ମାଳିପୁଟ ୟୁପି ସ୍କୁଲର ଛାତ୍ରଛାତ୍ରୀ ମାନେ ପ୍ୟାରେଡରେ ଅଂଶ ଗ୍ରହଣ କରିଥିଲେ। ଏସଏସଡ଼ି ପ୍ରଥମ, ଆନନ୍ଦ ନିକେତନ ଦ୍ୱିତୀୟ ଏବଂ କେଜିବିଭି ଏ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶ୍ରେଷ୍ଠ ଆଶା କର୍ମୀ ବାସନ୍ତୀ ବାଘ, ଶ୍ରେଷ୍ଠ ଅଙ୍ଗନବାଡି କର୍ମୀ ପାର୍ବତୀ ପାତ୍ର ଓ ଶ୍ରେଷ୍ଠ ଶିକ୍ଷକ ଭାବରେ ମାଛକୁଣ୍ଡ ସରକାରୀ ଉଚ୍ଚ ବିଦ୍ୟାଳୟର ସମେଶ୍ୱର ରାଓଙ୍କୁ ବ୍ଲକ ପ୍ରଶାସନ ତରଫରୁ ସମ୍ମାନିତ କରାଯାଇଛି। ଏହି ଜାତୀୟ ପତକା ଉତ୍ତୋଳନ ସମୟରେ ସମ୍ମାନିତ ଅତିଥି ଲମତାପୁଟ ବ୍ଲକ ଏବିଡ଼ିଓ ନିଲମ ମାନସୀ ଭତ୍ରା, ତହସିଲଦାର ଦିବାକର ବାଘ, ଅତିରିକ୍ତ ତହସିଲଦାର ଉର୍ଦ୍ଧବ ଶବର, ଜିଲ୍ଲା ପରିଷଦ ପୂର୍ଣ୍ଣଚନ୍ଦ୍ର ପାଙ୍ଗି, ସହକାରୀ ଯନ୍ତ୍ରୀ ଶ୍ରୁତି ସୁହାଶିନୀ ମଲ୍ଲିକ, ମାଛକୁଣ୍ଡ ଥାନା ଅଧିକାରୀ ମଧୁ ସୁଦନ ଭୋଇ ରହିଥିବା ବେଳେ ଲମତାପୁଟ ଫାଣ୍ଡି ଅଧିକାରୀ ଶିଶିର କାନ୍ତ ଘୋଷ , ଅଗ୍ନିଶମ ବିଭାଗ ଓଆଇସି ଉମେଶ ଚନ୍ଦ୍ର ବାଘ, ବ୍ଲକ ଶିକ୍ଷାଧିକାରୀ ସୁବ୍ରତ କିସ୍କୁଙ୍କ ସହ ବ୍ଲକର ସମସ୍ତ ସର୍ବଦଳୀୟ ରାଜ ନେତା ଓ ସରକାରୀ କର୍ମଚାରୀ ଓ ସ୍ଥାନୀୟ ଜନ ସାଧାରଣ ଉପସ୍ଥିତ ରହି ଥିଲେ ।

# ସମ୍ପାଦକୀୟ



ପିଲାମାନଙ୍କୁ ଅର୍ଥ ନୁହେଁ, ବରଂ ଖୁସି ସାଉଁଟିବାର ଶିକ୍ଷା ଦିଅନ୍ତୁ। ତା' ହେଲେ ସେମାନେ ଯେକୌଣସି ବିଷୟକୁ ଅର୍ଥ ସହିତ ତୁଳନା ନ କରି ତା'ର ମୂଲ୍ୟ ବୁଝିପାରିବେ।
-ଷ୍ଟିଭ୍ ଜବ୍ସ

ସକାଳ THE SAKALA

## ଆଶାର ଆଲୋକ ଆଲାସ୍କା

ସବୁ ଆଶା ଓ ନିରାଶା ମଧ୍ୟରେ ଅନୁଷ୍ଠିତ ଆଲାସ୍କା ଶିଖର ବୈଠକ ଶୁକ୍ରବାର ଶେଷ ହୋଇଛି। ଆମେରିକା ଓ ରୁଷିଆର ଦୁଇ ଶୀର୍ଷ ନେତୃତ୍ୱ ଟ୍ରମ୍ପ ଓ ପୁଟିନଙ୍କ ମଧ୍ୟରେ ତିନିଘଣ୍ଟାର ଆଲୋଚନାରୁ ଠୋସ୍ କିଛି ନିର୍ଯାସ କି ବାର୍ତ୍ତା ବିଶ୍ୱବାସୀଙ୍କୁ ମିଳିନଥିଲେ ମଧ୍ୟ ଏହା ଯେ ସକାରାତ୍ମକ, ତାହା ଦୁଇ ନେତାଙ୍କ ପ୍ରତିକ୍ରିୟାରୁ ସ୍ପଷ୍ଟ ହୋଇଛି। କୂଟନୈତିକ ଗୋଟିଚାଳନାରେ ସିଦ୍ଧହସ୍ତ ପୁଟିନ ରୁଷର ସ୍ୱାର୍ଥକୁ ସୁରକ୍ଷିତ ରଖି ଟ୍ରମ୍ପଙ୍କୁ ମନେଇବାକୁ ସମର୍ଥ ହୋଇଛନ୍ତି। 'ଟ୍ରମ୍ପ ଯଦି ୨୦୨୨ରେ ଆମେରିକାର ରାଷ୍ଟ୍ରପତି ପଦରେ ଅବସ୍ଥାନ କରୁଥା'ନ୍ତେ ହୁଏତ ରୁଷ –ୟୁକ୍ରେନ ଯୁଦ୍ଧ ସଂଘଟିତ ହୋଇ ନ ଥା'ନ୍ତା।' ଅନନମୀୟ ଟ୍ରମ୍ପଙ୍କୁ ମନେଇବାରେ ପୁଟିନଙ୍କ ଏହି ବକ୍ତବ୍ୟ ଯଥେଷ୍ଟ ଥିଲା। କାରଣ ଏହି ଶିଖର ବୈଠକ ପୂର୍ବରୁ ୟୁରୋପୀୟ ନେତା ଓ ୟୁକ୍ରେନ ରାଷ୍ଟ୍ରପତି ଜେଲେନ୍ସ୍କିଙ୍କ ସହ ଆଲୋଚନା ବେଳେ ତୁରନ୍ତ ଯୁଦ୍ଧ ବିରାମ ପ୍ରସ୍ତାବରେ ପୁଟିନ ରାଜି ନହେଲେ ପରିସ୍ଥିତି ଭୟାନକ ହେବ ବୋଲି ଟ୍ରମ୍ପ ଧମକ ଦେଇଥିଲେ। କିନ୍ତୁ ଆଲାସ୍କାର ଶିଖର ବୈଠକରେ ଆଲୋଚନାର ଗତି ଏଭଳି ମୋଡ଼ ନେଇଥିଲା ଯେ ଟ୍ରମ୍ପ କହିଥିଲେ, ଯୁଦ୍ଧ ବିରତି କାହିଁକି ଆମେରିକା ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଚାହେଁ। ଯେଉଁ ପ୍ରସଙ୍ଗ ନେଇ ଏହି ଯୁଦ୍ଧର ସୂତ୍ରପାତ ଘଟିଥିଲା ତାହାକୁ ପରୋକ୍ଷରେ ଗ୍ରହଣ କରି ପୁଟିନଙ୍କୁ ମନେଇଛନ୍ତି ଟ୍ରମ୍ପ। ସେ ଇଙ୍ଗିତ. କରିଥିବା ମନ୍ତବ୍ୟଟି ହେଲା ୟୁକ୍ରେନ ନାଟୋର ସଦସ୍ୟ ନ ରହିଲେ ମଧ୍ୟ ତାହାର ସୁରକ୍ଷା ପ୍ରତି ଆମେରିକା ଅଙ୍ଗୀକାରବଦ୍ଧ। ପୁଟିନ ଶିଖର ବୈଠକର ଅଗ୍ରଗତିକୁ ସକାରାତ୍ମକ କହିଥିବା ବେଳେ ଟ୍ରମ୍ପ ୧୦ ରୁ ୧୦ ନମ୍ବର ଦେଇଛନ୍ତି। ସୋମବାର ହ୍ୱାଇଟ ହାଉସରେ ଟ୍ରମ୍ପ ଓ ଜେଲେନ୍ସ୍କିଙ୍କ ମଧ୍ୟରେ ଅନୁଷ୍ଠିତ ବୈଠକରେ ସଫଳତା ଉପରେ ନିର୍ଭର କରେ ଶାନ୍ତି ପ୍ରତିଷ୍ଠାର ସମ୍ଭାବନା।

ଆଲାସ୍କା ଶିଖର ସମ୍ମିଳନୀକୁ ଭାରତ ସ୍ୱାଗତ କରି କହିଛି ଯେ କୂଟନୈତିକ ସ୍ତରରେ ଉଦ୍ୟମ ଓ ଆପୋସ ଆଲୋଚନା ହିଁ ସବୁ ସମସ୍ୟାର ସମାଧାନ କରିପାରିବ। ରୁଷ-ୟୁକ୍ରେନ ଯୁଦ୍ଧର ଶାନ୍ତିପୂର୍ଣ୍ଣ ଅବସାନକୁ ଭାରତ ସମେତ ସମଗ୍ର ବିଶ୍ୱ ଅପେକ୍ଷା କରିଛି। ଶିଖର ବୈଠକ ପରିବର୍ତ୍ତୀ ପ୍ରତିକ୍ରିୟା ମଧ୍ୟ ଭାରତ ସକାଶେ ଆଶା ସଂଚାର କରିଛି। ଚୀନ ପଛକୁ ଭାରତ ହିଁ ରୁଷରୁ ସର୍ବାଧିକ ତୈଳ ସଂଗ୍ରହ କରୁଛି। ଏଥିସକାଶେ ଭାରତ ବିରୋଧରେ ୨୫ ପ୍ରତିଶତ ଅତିରିକ୍ତ ଶୁଳ୍କ ଲାଗୁ କରିଛନ୍ତି ଟ୍ରମ୍ପ, ଯାହାକି ଅଗଷ୍ଟ ୨୭ରୁ ଭାରତୀୟ ରପ୍ତାନି ସାମଗ୍ରୀ ଉପରେ ଲାଗୁ ହେବାର ଥିଲା। ତେବେ ଟ୍ରମ୍ପ ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ଦୁଇ ତିନି ସପ୍ତାହ ସମୟ ନେଇଛନ୍ତି। ତେଣୁ ଆଗାମୀ ଦିନରେ ଏହି ବିବାଦୀୟ ଅତିରିକ୍ତ ଶୁଳ୍କ ପ୍ରସଙ୍ଗ ସମାଧାନର ନିକଟବର୍ତ୍ତୀ ହେବ ବୋଲି ଭାରତ ଆଶା କରେ। ଟ୍ରମ୍ପଙ୍କ ସମୟ ନେବା ପଛରେ ଆଉ ଯେଉଁ ଦିଗଟି ଅସ୍ପଷ୍ଟ ଅଛି, ତାହା ହେଲା ସାଂଘାଇ ସହଯୋଗ ସଂଗଠନ ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ମୋଦୀଙ୍କ ଯୋଗଦାନ। ତାହାର ନିଷ୍କର୍ଷ ଉପରେ ଟ୍ରମ୍ପଙ୍କ ଅତିରିକ୍ତ ଶୁଳ୍କ ନିଷ୍ପତ୍ତି ଅନେକଟା ନିର୍ଭର କରେ ବୋଲି ପର୍ଯ୍ୟବେକ୍ଷକ ମହଲ ମନେ କରନ୍ତି।

ଶିଖର ବୈଠକ ପାଇଁ ଆଲାସ୍କାକୁ ନିରୂପଣ କରିବାର ମଧ୍ୟ କିଛି ଐତିହାସିକ ପୃଷ୍ଠଭୂମି ଅଛି। ୧୭୨୫ରୁ ଆଲାସ୍କା ଥିଲା ସୋଭିଏତ ରୁଷ ଅଧୀନରେ। ଖଣିଜ ସମ୍ପଦ ଠାରୁ ଆରମ୍ଭ କରି ବିପୁଳ ତୈଳସମ୍ପଦ ସେଠାରେ ଗଚ୍ଛିତ ଥିବା ସଂପର୍କରେ ଅବଗତ ହେବା ପୂର୍ବରୁ ଆର୍ଥିକ ଆବଶ୍ୟକତା ପୂରଣ ପାଇଁ ତାହାକୁ ବିକି ଦେବାକୁ ସ୍ଥିର କରିଥିବା ରୁଷ। କ୍ରିମିଆ ଯୁଦ୍ଧରେ ସମ୍ମୁଖୀନ ହୋଇଥିବା ବିପର୍ଯ୍ୟୟର ବାଧ୍ୟବାଧକତାରୁ ରୁଷ ଏହି ନିଷ୍ପତ୍ତି ନେଇଥିଲା। ଆମେରିକା ମଧ୍ୟ ଗୃହଯୁଦ୍ଧ ଅବସାନ ପରେ ଆଲାସ୍କା କ୍ରୟ ପାଇଁ ଯୋଗାଯୋଗ କରିଥିଲା। ୫ ଲକ୍ଷ ୮୦ ହଜାର ୪୧୨ ବର୍ଗ ମାଇଲ୍ ଅଞ୍ଚଳକୁ ୭.୨ ନିୟୁତ ଡଲାର ବିନିମୟରେ ୧୮ ୬ ୯ ମାର୍ଚ୍ଚ ୩୦ ତାରିଖରେ ଆମେରିକା କିଣିଥିଲା ସୋଭିଏତ୍ ରୁଷ୍‌ଠାରୁ। ଆଲାସ୍କା ସମ୍ପ୍ରତି ଆମେରିକାର ଉତ୍ତର ଭାଗରେ ଅନ୍ୟତମ ସମୃଦ୍ଧ ରାଜ୍ୟର ମାନ୍ୟତା ଲାଭ କରିଛି। ଏହି ଐତିହାସିକ ଶିଖର ବୈଠକ ପାଇଁ ନିର୍ଦ୍ଧାରିତ ସ୍ଥାନ ପଛରେ ଆମେରିକା ଅହଂକାର ଓ ରୁଷର ପାରମ୍ପରିକ ସଂପର୍କ ଯେ ନିହିତ ଅଛି ତାହାକୁ ଅସ୍ୱୀକାର କରି ହେବ ନାହିଁ।

ୟୁକ୍ରେନକୁ ନାଟୋ ସଦସ୍ୟତା. ପ୍ରଦାନକୁ ବିରୋଧ କରି ରୁଷ ପକ୍ଷରୁ ହୋଇଥିବା ଆକ୍ରମଣ ଏଥିମଧ୍ୟରେ ତିନିବର୍ଷ ଅତିକ୍ରମ କରିଥିଲେ ମଧ୍ୟ ଟ୍ରମ୍ପଙ୍କ ପକ୍ଷରୁ ଆଗତ ଏକାଧିକବାର ଯୁଦ୍ଧ ବିରତି ପ୍ରସ୍ତାବ ଫଳପ୍ରଦ ହୋଇ ନ ଥିଲା। ପ୍ରଥମ ଥର ସକାଶେ ଆମେରିକା ଓ ରୁଷର ଶୀର୍ଷ ନେତୃତ୍ୱ ଆଲାସ୍କାରେ ଏକତ୍ରିତ ହେବା କୂଟନୈତିକ ଓ ଭୂରାଜନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ। ୟୁକ୍ରେନ ଓ ୟୁରୋପୀୟ ସହଯୋଗୀ ତୁରନ୍ତ ଯୁଦ୍ଧ ବିରାମ ଚାହୁଁଥିଲେ ମଧ୍ୟ ଟ୍ରମ୍ପ କିଭ୍ ଓ ମସ୍କୋ ମଧ୍ୟରେ ପ୍ରତ୍ୟକ୍ଷ ଶାନ୍ତି ରାଜିନାମାକୁ ଗୁରୁତ୍ୱ ଦେଇଥିଲେ। ସେ ସ୍ପଷ୍ଟ କରିଥିଲେ ଯେ ୟୁକ୍ରେନ ତୁଳନାରେ ରୁଷର ଶକ୍ତି ଓ ସାମର୍ଥ୍ୟ ଯଥେଷ୍ଟ ଅଧିକ। କିଭ୍ ପକ୍ଷରୁ ପ୍ରତିରୋଧ ଜାରି ରଖିବା ଅର୍ଥହୀନ। ତେଣୁ ମସ୍କୋ ସହ ରାଜିନାମାରେ ଉପନୀତ ହେବା ଜରୁରୀ। ପୁଟିନ ଓ ଟ୍ରମ୍ପଙ୍କ ମଧ୍ୟରେ ଆଲୋଚନା ବେଳେ ଆଗତ ପ୍ରସ୍ତାବ ଓ ସର୍ତ୍ତ ସଂପର୍କରେ ସେ ଜେଲେନସ୍କିଙ୍କ ସହ ମତ ବିନିମୟ କରିଛନ୍ତି। ଏହାର ସଫଳତା ଉପରେ ପୁଟିନ ଓ ଜେଲେନସ୍କିଙ୍କ ଦ୍ୱିପାକ୍ଷିକ କଥାବାର୍ତ୍ତା ସକାଶେ ପଥ ପରିଷ୍କାର ହେବ। ଲକ୍ଷ ଲକ୍ଷ ନିରୀହ ଲୋକଙ୍କ ଜୀବନ ରକ୍ଷା ପ୍ରସଙ୍ଗରେ ଉଭୟ ପକ୍ଷ କୋହଳ ମନୋଭାବ ପୋଷଣ କରିବା ଉଚିତ। ଫକ୍ସ ନ୍ୟୁଜ୍‌କୁ ଏକ ସାକ୍ଷାତକାରରେ ଦଖଲ ଅଞ୍ଚଳ ବିନିମୟ ଓ ନିରାପତ୍ତା ପ୍ରସଙ୍ଗରେ ପ୍ରତିଶ୍ରୁତିବଦ୍ଧତା ନେଇ ଅଣାନୁଷ୍ଠାନିକ ଆଲୋଚନା ବେଳେ ଗୁରୁତ୍ୱ ଦିଆଯାଇଥିବାର ସୂଚନା ଦେଇଛନ୍ତି ଟ୍ରମ୍ପ। ଦୁଇପକ୍ଷ ସହମତିର ନିକଟବର୍ତ୍ତୀ ହୋଇଛନ୍ତି। ୟୁକ୍ରେନ ପାଇଁ ଏହା କେତେଦୂର ଗ୍ରହଣଯୋଗ୍ୟ ହେବ ତାହା ଜେଲେନସ୍କିଙ୍କ ଉପରେ ନିର୍ଭର କରେ। ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ସକାଶେ ଆଲାସ୍କାରେ କଥାବାର୍ତ୍ତା ଚାଲିଥିବା ବେଳେ ୟୁକ୍ରେନ ବିରୋଧରେ ରୁଷ ଆକ୍ରମଣ ଜାରି ରଖିଥିଲା। ଦୁଇ ପରସ୍ପର ବିରୋଧୀ ମାନସିକତା ମଧ୍ୟରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ସମ୍ଭାବନା କେତେଦୂର ଗ୍ରହଣୀୟ ତାହା ମଧ୍ୟ ବିଚାର୍ଯ୍ୟ। ୟୁକ୍ରେନକୁ ନାଟୋ ସଦସ୍ୟତାରୁ ଦୂରେଇ ରଖିବାର ବାଧ୍ୟବାଧକତା ନେଇ ଟ୍ରମ୍ପ ଯେଉଁ ପରୋକ୍ଷ ଇଙ୍ଗିତ ଦେଇଛନ୍ତି ତାହା ଶାନ୍ତି ପ୍ରତିଷ୍ଠାରେ ସହାୟକ ହେବ।

ଭାରତ ତାହାର ସାର୍ବଭୌମ ଅଧିକାରକୁ ତୈଳ ଆଦଦାନୀ ପ୍ରସଙ୍ଗରେ ସାଲିସ କରିନାହିଁ କି ଏ ସଂପର୍କରେ ଆମେରିକାର ଚାପ ସତ୍ତ୍ୱେ ନିଷ୍ପତ୍ତି ବଦଳାଇନାହିଁ। ଆଲାସ୍କା ଶିଖର ବୈଠକ ପରେ ଟ୍ରମ୍ପ ନିଜ ଆଡୁ କହିଥିଲେ ଯେ ରୁଷରୁ ତୈଳ ଆମଦାନୀ ବନ୍ଦ କରିଛି ଭାରତ, ଯାହାକି ଅସତ୍ୟ ଓ ନିରାଧାର। ଏହି ପ୍ରସଙ୍ଗରେ ସେ ଯେଉଁ ୨୫% ଅତିରିକ୍ତ ଶୁଳ୍କ ଆଦାୟ ନିର୍ଦ୍ଦେଶ ଦେଇଥିଲେ ତାହାର ପୁନଃବିଚାର କରୁଥିବା ସୂଚନା ଦେଇଛନ୍ତି। ଭାରତ ଭଳି ଚୀନ ମଧ୍ୟ ରୁଷରୁ ତୈଳ ଆମଦାନୀ କରୁଛି। ଉଭୟଙ୍କ କ୍ଷେତ୍ରରେ ସେ ସାନି ନିଷ୍ପତ୍ତି ନେବା ପାଇଁ ଦୁଇ ତିନି ସପ୍ତାହ ନେଇଛନ୍ତି। ତେଣୁ କିଛି ନୂଆ ସମ୍ଭାବନା ନେଇ ଆଶା କରିବାର ଯଥାର୍ଥତା ଅଛି।

## ଅସିମ ମୁନିର ଓ ଅବୋଲକରା ଜିଭ

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ବିଶ୍ୱବିଖ୍ୟାତ ମନୋବୈଜ୍ଞାନିକ ତଥା ମନୋଚିକିତ୍ସକ 'ସିଗ୍‌ମଣ୍ଡ ଫ୍ରଏଡ୍' ଯଦି ଏବେ ଜୀବିତ ଥା'ନ୍ତେ, ସେ ପାକିସ୍ତାନର ସାମରିକ ବାହିନୀର ଫିଲ୍ଡ ମାର୍ଶାଲ୍ ପଦକୁ ସଦ୍ୟ ଉନ୍ନୀତ 'ଅସିମ ମୁନିର'ଙ୍କୁ କେତେ ଯେ ଧନ୍ୟବାଦ ଦେଇଥା'ନ୍ତେ କିଏ ଜାଣେ? କାରଣ ଅସୀମ ଅବିମୃଶ୍ୟକାରିତାର ଲଜ୍ଜାଜନକ ଉଦାହରଣମାନ ଆମକୁ ଭେଟି ଦେଇ ଚାଲିଥିବା ଏ ଅସିମ ମୁନିର ନିକଟରେ ଆମେରିକାର ଫ୍ଲୋରିଡ଼ା ସହରରେ ପାକିସ୍ତାନୀ-ଆମେରିକୀୟମାନଙ୍କୁ ଉଦ୍‌ବୋଧନ ଦେଉଥିବା ବେଳେ ତାଙ୍କ ଅମାନିଆ ତୁଣ୍ଡରୁ ଯେଉଁଟି ଉତୁରି ପଡ଼ିଥିଲା, ସେଇଟି ନିଶ୍ଚୟ 'ଫ୍ରଏଡିଆନ୍ ସ୍ଲିପ୍' ପରି ଅକସ୍ମାତ୍ ଜିହ୍ୱାଗ୍ର-ପତିତ ବାକ୍ୟଟିଏ। 'ଫ୍ରଏଡିଆନ୍ ସ୍ଲିପ୍' ହେଉଛି ଅବଚେତନ ମନର କୌଣସି ଏକ ଅବଦମିତ ଭାବନାର ଭାଷିକ ପରିପ୍ରକାଶ। ଘୋର ଭାରତ ବିଦ୍ୱେଷୀ ତଥା ହିନ୍ଦୁ-ବିଦ୍ୱେଷୀ ବିଷଜ୍ୱାଳାରେ ମୁନିରଙ୍କ ଅବଚେତନ ମନ ନୁହେଁ, ଚେତନ ମନଟି ବି ପୂରାପୂରି ନେଳି ପଡ଼ିଯାଇସାରିଛି 'ଅପରେସନ୍ ସିନ୍ଦୂର'ରେ ପାକିସ୍ତାନର ଦୟନୀୟ ପରାଭବ ପରେ। ତେଣୁ ସେ ବିଚରା କିପରି ବା ନିଜର ବିଷଭରା ଜିଭଟିକୁ ଆୟତ୍ତରେ ରଖିପାରିଥା'ନ୍ତେ?

ଆମେରିକାରେ ଆପଣାର ଶୂନ୍ୟଗର୍ଭ ଡମ୍ଫଣିଆର ଉଦାହରଣଟିଏ ଉପସ୍ଥାପନ କରିବାର ଦାୟରେ ଶତ୍ରୁଦେଶ ଭାରତକୁ କଡ଼ା ଧମକଟିଏ ଦେବା ପାଇଁ ଠିକଣା ବାକ୍ୟ-ବିନ୍ୟାସଟିଏ କରିବାକୁ ମୁନିର ତାଙ୍କ ମଗଜଟି ନିଶ୍ଚୟ ଖଟାଇଥିବେ। କିନ୍ତୁ କ'ଣ ବା କରିବେ ସେ? ତାଙ୍କର ସେ ମଗଜଟି ତ ଆଉ ଆମତୁମମାନଙ୍କ ପରି ନୁହେଁ। ସେଥିରେ ତ ଘୃଣା ଓ ଅସୂୟାର ଓ ତକ୍ଷକ-ଅହନ୍ତାର ପ୍ରାବଲ୍ୟ। ସେଥିରୁ ଯାହା ଉଦ୍‌ଗିରିତ ହେବ, ତାହା କିପରି ବା ଭଦ୍ର, ସଂଯତ ବା ପ୍ରୀତିପ୍ରଦ ହେବ? ମୁନିର-ଜାତୀୟ ମଣିଷମାନଙ୍କ ପ୍ରତିଟି ବକ୍ତବ୍ୟ, ପ୍ରତିଟି ଉଚ୍ଚାରଣରେ ବାରମ୍ବାର 'ଫ୍ରଏଡିଆନ୍ ସ୍ଲିପ୍'ମାନ ଘଟିବା ତେଣୁ ଖୁବ୍ ସ୍ୱାଭାବିକ ନିଶ୍ଚୟ। ତେବେ ସେଦିନ ଫ୍ଲୋରିଡ଼ାର ସେ ସଂଗତରେ ଅସିମ ମୁନିରଙ୍କ ତୁଣ୍ଡରୁ ବାହାରିଯାଇଥିବା ବାକ୍ୟଟି ତାଙ୍କର କଟ୍ଟର ଅନୁଗତ ମଣିଷମାନଙ୍କୁ ବି ସ୍ୱୀକାର କରିବାକୁ ବାଧ୍ୟ କରିଥିବ ଯେ ସେମାନଙ୍କ ଏ ଫିଲଡ୍ ମାର୍ଶାଲ୍ ଶୀର୍ଷସ୍ତରୀୟ ହୁଙ୍କାପିଟା ନିର୍ବୋଧ ଜଣେ। ନହେଲେ କ'ଣ କେବେ ସେ କହିଥା'ନ୍ତେ- 'ଭାରତ ଏକ 'ମର୍ସିଡିଜ୍' ହେଲେ ପାକିସ୍ତାନ ଏକ 'ଡଂପ୍ ଟ୍ରକ୍'। ଅର୍ଥାତ, ଶତ୍ରୁ ଦେଶ ଭାରତ ହେଉଛି ସମ୍ଭ୍ରାନ୍ତ-ଦର୍ଶନ 'ମର୍ସିଡିଜ୍'କାର୍‌ଟିଏ ପରି ଦ୍ରୁତ ବେଗଗାମୀ ଏବଂ ପାକିସ୍ତାନ ଏକ ଅଳିଆ ଆବର୍ଜନାଭରା, ଅସୁନ୍ଦର ଗଢ଼ଣର ମାନ୍ଦା, ଓଜନିଆ ଟ୍ରକ୍‌ଟିଏ।

ଅହଂସ୍ଫୀତ ମୁନିରଙ୍କ ଏ ରୂପକ ଦୁଇଟିର ବ୍ୟଞ୍ଜନାର୍ଥ ଖୋଦ୍ ପାକିସ୍ତାନୀମାନଙ୍କୁ ହତଭମ୍ବ କରିଦେଇଥିବ, ଲଜ୍ଜାବନତ କରି ଦେଇଥିବ। କାରଣ ବିଶ୍ୱସମ୍ମୁଖରେ ତାଙ୍କରି ଫିଲ୍ଡ ମାର୍ଶାଲ୍ ପୂରାପୂରି ଅନାବରଣ କରି ଥୋଇଦେଲେ ପାକିସ୍ତାନକୁ। କହିଦେଲେ ନିର୍ଘାତ ସତଟିଏ, ଯେଉଁଟିକୁ ଲୁଚାଇବାକୁ ଯାଇ କେତେକେତେ ଛଳବଳ କୌଶଳର ଆଶ୍ରୟ ନେଇ ଚାଲିଛି ପାକିସ୍ତାନ ତା'ର ଜନ୍ମ ଅବଧିରୁ ଏ ପର୍ଯ୍ୟନ୍ତ। କିନ୍ତୁ ଆମେ ଭାରତୀୟମାନେ ମୁନିରଙ୍କୁ ଅଶେଷ ଧନ୍ୟବାଦ ଦେବା। ତାଙ୍କର ସେ ଘୃଣାରଞ୍ଜିତ ଅବଚେତନ ମନର ପୃଷ୍ଠାରେ ଅଲିଭା କାଳିରେ ଲେଖି ହୋଇରହିଥିବା ଭାରତ ସଂପର୍କିତ ବ୍ୟାଖ୍ୟାନଗୁଡ଼ିକରୁ ଗୋଟିଏ ନିଛକ ସତ ଉତୁରି ଆସିଛି ସମ୍ଭବତଃ ତାଙ୍କ ଅଜାଣତରେ। ସେ ଯାହା ହେଉ, ମୁନିରଙ୍କ ଏ 'ଫ୍ରଏଡିଆନ୍ ସ୍ଲିପ୍'ଏଇ କେତୋଟି ଦିନ ଧରି ଭାରତୀୟଙ୍କୁ (ବିଶ୍ୱବାସୀଙ୍କୁ ବି) ଦେଇ ଚାଲିଛି ଅସରନ୍ତି ହାସ୍ୟବିନୋଦନର ମୁହୂର୍ତ୍ତ। ସେଥିପାଇଁ ଆମମାନଙ୍କ ଦୃଷ୍ଟିରେ ଏ ମଣିଷ ଜଣକର ଏ ନିରୋଳା ନିର୍ବୋଧତା ଅବଶ୍ୟ ପ୍ରଶଂସନୀୟ।

ମୁନିର ମହୋଦୟଙ୍କ ଏ 'ଫ୍ରଏଡିଆନ୍ ସ୍ଲିପ୍' (ଅବଲୋକରା ଜିହ୍ୱାସ୍ଖଳନ) ପାଇଁ ସେ ଇତିହାସ ପ୍ରସିଦ୍ଧ ଏମିତି କେତେଜଣ ଖାତ ବା ଅଳ୍ପଖ୍ୟାତ ବ୍ୟକ୍ତିମାନଙ୍କ ଗହଣରେ ଏବେ। ଆକ୍ଷରିକ ଅର୍ଥରେ ଫ୍ରଏଡିଆନ୍ ସ୍ଲିପ୍ ନ ହେଲେ ମଧ୍ୟ ଅନେକଙ୍କ ତୁଣ୍ଡରୁ ଆମେ ଶୁଣିଛେ ଏମିତି କେତେ ଜିହ୍ୱାଗ୍ର-ପତିତ ଆମୋଦଦାୟକ, ହାସ୍ୟୋଦ୍ଦୀପକ ବାକ୍ୟ ବା ଖଣ୍ଡବାକ୍ୟମାନ। ଆମେରିକୀୟ ଅଭିନେତ୍ରୀ 'ମେରିଲ୍ ଷ୍ଟ୍ରିପ୍' ଥରେ ତାଙ୍କ ପ୍ରଶଂସକମାନଙ୍କୁ ଧନ୍ୟବାଦ ଦେବାକୁ ଯାଇ କହିଦେଲେ, 'ଆଇ ଉଡ୍ ଲାଇକ୍ ଟୁ ସ୍ୱାଙ୍କ୍ -ନୋ, ନୋ, ଟୁ ଥ୍ୟାଙ୍କ୍ ୟୁ ଅଲ୍'। ଇଂରାଜୀ 'ଥ୍ୟାଙ୍କ୍' ଶବ୍ଦଟି ସହିତ 'ସ୍ୱାଙ୍କ୍' ଶବ୍ଦଟିର ଉଚ୍ଚାରଣଗତ ସାମ୍ୟଟି ଯୋଗୁଁ ଏମିତି ଏକ ଅପ୍ରତିଭ ମୁହୂର୍ତ୍ତର ସାମ୍ନା କରିବାକୁ ହେଇଥିଲା ତାଙ୍କୁ। ଅପ୍ରତିଭ କେମିତି ବା ନ ହେବେ ସେ, କାରଣ 'ଥ୍ୟାଙ୍କ୍'ର ଅର୍ଥଟି ଧନ୍ୟବାଦ ହେଲେ, 'ସ୍ୱାଙ୍କ୍'ର ଅର୍ଥ ହେଉଛି ପିଟିବା ବା ମାଡ଼ଦେବା -ପୂରାପୂରି ଓଲଟା। ମେରିଲ୍ ଷ୍ଟ୍ରିପ୍‌ଙ୍କ ଏ ଉଚ୍ଚାରଣଗତ ତ୍ରୁଟି ଏକପ୍ରକାର 'ମାଲାପ୍ରପିଜିମ୍'। ଉଲ୍ଲେଖ୍ୟ ଯେ ଇଂରାଜୀ ନାଟ୍ୟକାର 'ସେରିଡାନ୍'ଙ୍କ ନାଟକ 'ଦି ରାଇଭାଲସ୍'ର ଚରିତ୍ର 'ଶ୍ରୀମତୀ ମାଲାପ୍ରପ୍'ଙ୍କ ସଂଳାପମାନଙ୍କରେ ମିଳିଥାଏ ଏମିତି ଅନେକ ଉଚ୍ଚାରଣଗତ ତ୍ରୁଟି। ଏଇ ଯେମିତି- 'ହି ଇଜ୍ ଦି ଭେରି ପାଇନ୍‌ଆପ୍ଲ ଅଫ୍ ପୋଲାଇଟ୍‌ନେସ୍'। ମାଲାପ୍ରପ୍ 'ପାଇନ୍‌ଆପ୍ଲ' (ସପୁରୀ) କହିଦେଲେ 'ପିନାକିଲ୍' (ଶୀର୍ଷ ବା ଶିଖର) କହିବା ପରିବର୍ତ୍ତେ। ତେବେ ସବୁଠୁ ପ୍ରସିଦ୍ଧ ମାଲ୍‌ପ୍ରପିଜିମ୍‌ଟି ହେଉଛି- 'ସି ଇଜ୍ ଆଜ୍ ହେଡ୍‌ଷ୍ଟ୍ରଂଗ ଆଜ୍ ଏନ୍ ଏଲିଗୋରୀ ଅନ୍ ଦି ବ୍ୟାଙ୍କସ୍ ଅଫ୍ ନାଇଲ୍'- ଏଲିଗୋରୀ (ରୂପକାତ୍ମକ କଥା) ସହିତ ଏଲିଗେଟ୍‌ର (କିମ୍ଭୀର) ର ଉଚ୍ଚାରଣଗତ ସାମାନ୍ୟ ସମାନତା ଯୋଗୁଁ। ମହାନ୍ ନାଟ୍ୟକାର ସେକ୍ସପିୟର ବି ତାଙ୍କ ନାଟକ 'ମଚ୍ ଏଡୋ ଏବାଉଟ୍ ନଥିଙ୍ଗ'ରେ ଆମକୁ ଦେଇଥିଲେ ଶ୍ରୀମତୀ ମାଲାପ୍ରପ୍‌ଙ୍କ ପରି ଚରିତ୍ରଟିଏ। ନାମ ଥିଲା ତାଙ୍କର 'ଡଗ୍‌ବେରି'। ବେଳଅବେଳରେ କାହା କାହା ତୁଣ୍ଡରୁ ଅଜାଣତରେ ବାହାରିଯାଉଥିବା ଏମିତି ହାସ୍ୟୋଦ୍ଦୀପକ ବାକ୍ୟ ସବୁକୁ କେତେକ ବି କହିଥା'ନ୍ତି 'ଡଗ୍‌ବେରିଜିମ୍'।

ଆଉ କେତୋଟିର ଉଦାହରଣ ଦେବା। ଖାସ୍ ମୁନିରଙ୍କୁ କିଛିଟା ଅଧିକ ଆଶ୍ୱସ୍ତି ଦେବା ଉଦ୍ଦେଶ୍ୟରେ। ୧୯୮୮ ମସିହାରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜର୍ଜ ବୁଶ୍ ତାଙ୍କର ପୂର୍ବସୂରୀ ରେଗାନଙ୍କୁ ପ୍ରଶଂସା କରିବାର ମହତ୍ ଉଦ୍ଦେଶ୍ୟ ରଖି କିଛି ପ୍ରଶସ୍ତିମୂଳକ ବାକ୍ୟ ଢାଳି ଦେଇ ଚାଲିଥିବା ବେଳେ ଶେଷଆଡ଼କୁ କହିଦେଲେ -'ଉଇ ହାର୍ଡ୍ ସମ୍ ସେଟ୍‌ବ୍ୟାକ୍‌ସ' (ପ୍ରତିବନ୍ଧକମାନ)। ତେବେ ଗୁରୁତର ତ୍ରୁଟିଟିଏ କରିଦେଲେ ସେ। କାରଣ 'ସେଟ୍' ନ କହି କହିଦେଲେ ତିନୋଟି ଇଂରାଜୀ ଅକ୍ଷରର ବିପଦଜ୍ଜନକ ଶବ୍ଦଟିଏ, ଯାହା ସେହି 'ସେ' ଉଚ୍ଚାରଣରୁ ଆରମ୍ଭ ହୋଇଥାଏ। ଜର୍ଜ ବୁଶ୍‌ଙ୍କ ପାଇଁ ଏଇଟି ଥିଲା ଅତି ଅପମାନଜନକ ମୁହୂର୍ତ୍ତ। ସେମିତି ଅପମାନଜନକ ମୁହୂର୍ତ୍ତଟିଏ ଭୋଗିଥିଲେ 'ଟେଡ୍ କେନେଡି' ୧୯୧୧ମସିହାରେ। ଆମେରିକାର ଦୂରଦର୍ଶନରେ 'ଦି ବେଷ୍ଟ ଏଣ୍ଡ ଦି ବ୍ରାଇଟେଷ୍ଟ'ମାନଙ୍କ ସଂପର୍କରେ ଛୋଟ ପରାମର୍ଶମୂଳକ ବାର୍ତ୍ତାଟିଏ ଦେଉଥିବା ବେଳେ 'ବେଷ୍ଟ' ଶବ୍ଦଟି ନ କହି କହିଦେଲେ ଅନ୍ୟ ଶବ୍ଦଟି - 'ବେ' ଅକ୍ଷରରେ 'ର' ଫଳାଟିଏ ଯୁକ୍ତ କରି। କିଏ ଜାଣେ ଚର୍ଚ୍ଚିତ ଏଇ କେତେଜଣ 'ଫ୍ରଏଡିଆନ୍ ସ୍ଲିପ୍' ଯେଉଁ ସନ୍ଦର୍ଭରେ ବ୍ୟବହାର କରାଯାଏ, ସେମିତି କରିଛନ୍ତି କି ନାହିଁ? ତେବେ ଗୋଟିଏ କଥା ଏଥିରୁ ନିଶ୍ଚୟ ସ୍ପଷ୍ଟ ଯେ ଯିଏ ଯେଉଁଠି ଯାହା କହୁଥିବେ, ସେତେବେଳେ ପୂରାପୂରି ସଜାଗ ରହିବା ସେମାନଙ୍କର ସବୁଠାରୁ ଗୁରୁଦାୟିତ୍ୱ। କାରଣ ଏ ଜିଭ ଖଣ୍ଡିକ ଅନେକ ଧାର ଥିବା ଛୁରୀକା କିମ୍ବା କରତଟିଏ। କିନ୍ତୁ କିଏ ବା ନ ଜାଣେ ଏ ଫିଲ୍ଡ ମାର୍ଶାଲ୍ ମୁନିର ଜଣକ ତାଳମେଳ କେବେ ହେଲେ ଠିକ୍ ରଖିପାରୁ ନ ଥିବା ଅସଂଯତ ମଣିଷ ଜଣେ ବୋଲି? ମସ୍ତବଡ଼ ଅହଂସ୍ଫୀତ ଅଥଚ ନିରୋଳ ନିର୍ବୋଧ ନ ହୋଇଥିଲେ ସେ କ'ଣ ଆମେରିକାର ମାଟିରେ ବାହୁସ୍ଫୋଟ ମାରି କହିଥା'ନ୍ତେ- 'ପାକିସ୍ତାନ ଉପରେ ବିପଦ ଘନେଇ ଆସିଲେ ସେ ଅଧା ପୃଥିବୀକୁ ଭସ୍ମୀଭୂତ କରିଦେବେ ପରମାଣୁ ବୋମାମାଡ଼ରେ'?

ଏ ଧରଣର ମାଲାପ୍ରପିଜିମ୍ ଓ ଡଗ୍‌ବେରିଜିମ୍ ପରି ଅନ୍ୟ ଏକ କୌତୁହଳପ୍ରଦ ଭାଷିକ ତ୍ରୁଟିଟି ହେଉଛି 'ସ୍ପୁନରିଜିମ୍'। ଊନବିଂଶ ଶତାବ୍ଦୀର ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ପ୍ରଫେସର 'ଉଇଲିୟମ୍ ଆର୍ଚ୍ଚିବାଲ୍ଡ ସ୍ପୁନର' ଅଭ୍ୟାସଗତ ଭାବରେ ଗୋଟିଏ ବାକ୍ୟର ଶବ୍ଦସବୁର ଅକ୍ଷରଗୁଡ଼ିକୁ ଠିକଣା ଶବ୍ଦମାନଙ୍କରୁ କାଢ଼ିନେଇ ଅନ୍ୟ ଶବ୍ଦ ସହିତ ଯୋଡ଼ି ଦେଉଥିଲେ। ଏ ପ୍ରକାର ଉଚ୍ଚାରଣଗତ ତ୍ରୁଟିଟି ଅବଶ୍ୟ କୌଣସି ଦୃଷ୍ଟିରୁ ଫ୍ରଏଡିଆନ୍ ସ୍ଲିପ୍ ପରି ଅର୍ଥବହ ନୁହେଁ। ଏହା କେବଳ ନିର୍ମଳ ହାସ୍ୟକଲ୍ଲୋଳ ସୃଷ୍ଟି କରିଥାଏ। ସ୍ୱୟଂ ସ୍ପୁନର ଥରେ କୌଣସି କାରଣରୁ ଉତ୍ୟକ୍ତ ହୋଇ ହାତମୁଠା କରି ଜଣେ ବ୍ୟକ୍ତି ଆଡ଼କୁ ଆଗେଇଯାଇ କହି ପକାଇଲେ, 'ବ୍ଲଡି ଫୁଲ୍ ! ଆଇ ଉଇଲ୍ ଗିଭ୍ ୟୁ ଏ ବ୍ଲସିଂ କ୍ରୋ'। ଅର୍ଥାତ୍ 'କ୍ରସିଂ ବ୍ଲୋ' (ଶକ୍ତ ମୁଥ) ନ କହି କହିଦେଲେ 'ବ୍ଲସିଂ କ୍ରୋ' (ଲାଜୁଆ କୁଆ)। ଆମେ ଓଡ଼ିଆମାନେ ବି ଏଇ ଧରଣର ସ୍ପୁନରିଜିମ୍ ଘଟାଇଥାଉ ଆମ ଉଚ୍ଚାରିତ ବାକ୍ୟମାନଙ୍କରେ। ଏଇ ଯେମିତି: 'ଶୀତ ବୋଲିଲେ ଗୀତ ଛାଡ଼ିଯିବ', 'ଖଜୁରୀ ଗୁଣର କି ଗଛ ଗାଇବି' କି 'ଗୁଣ ଧୋଉଥାଅ, ଅଖା ଗାଉଥାଅ'। ଆମ ପାଟିରେ 'କମଳ' ହୋଇଯାଏ 'କଲମ' କିମ୍ବା 'ତୁମେ ମୋ ପ୍ରିୟ ବନ୍ଧୁଙ୍କ ପତ୍ନୀ' ହେଇଯାଇଥାଏ 'ତୁମେ ମୋ ପତ୍ନୀଙ୍କ ପ୍ରିୟ ବନ୍ଧୁ'।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଠିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

## ସେମାନେ ମଧ୍ୟ ମଣିଷ

ଅକ୍ଷୟ କୁମାର ମିଶ୍ର

ସଭ୍ୟତା ଆଗକୁ ବଢୁଛି। ମଣିଷ ଶିକ୍ଷିତ ହେଉଛି। ମାତ୍ର ଏବେ ବି ଛୁଆଁଅଛୁଆଁର ଭେଦ ଭାବ ଭିତରେ କିଛି ଲୋକ ପେଶି ହୋଇଯାଉଛନ୍ତି। କିଛି ସୁବିଧାଜନକ ସ୍ଥିତିରେ ଥିବା ଲୋକମାନେ ସେମାନଙ୍କର କାମ ସହିତ ଭାଗ୍ୟକୁ ଯୋଡ଼ି ଦେଇ କୁହୁଛନ୍ତି, 'ତା'ର ଜାତି ଯାହା ତା'ର କାମ ସେଇଆ। ଏହା ସେମାନଙ୍କର କୌଳିକ ବୃତ୍ତି। ସେମାନେ ନକଲେ କରିବ କିଏ?' ସେମାନଙ୍କ ମଧ୍ୟରୁ କିଛି ପରମ୍ପରାକୁ ସମ୍ମାନ ଜଣାଇ ବାପା ଦାଦାଙ୍କୁ ଅନୁସରଣ କରି ସେହି କାମ କରନ୍ତି। କିଛି ଲୋକ ବାଧ୍ୟବାଧକତାରେ ସେହି କାମ କରନ୍ତି। ଅଳ୍ପ କିଛି ଲୋକ ଆଗ୍ରହର ସହିତ ସେହି କାମରେ ନିଜକୁ ସମର୍ପି ଦିଅନ୍ତି। ଅନ୍ୟର ଟାହି ଟାପରା ସହନ୍ତି। ଗାଳିଗୁଲଜକୁ ହଜମ କରନ୍ତି। ଆକ୍ଷେପ ପ୍ରତ୍ୟାକ୍ଷେପ ଶୁଣି ଚୁପ୍ ରୁହନ୍ତି।

ସେହିସବୁ ଲୋକମାନଙ୍କ ପାଇଁ ଆମ ରାସ୍ତା, ଘାଟ, ଘର, ଦପ୍ତର ପରିଷ୍କାର ପରିଚ୍ଛନ୍ନ ରହେ। ପରିବେଶକୁ ପ୍ରଦୂଷଣରୁ ମୁକ୍ତ ରଖିବାରେ ଏମାନେ ଯେଉଁ ଭୂମିକା ନିର୍ବାହ କରନ୍ତି ତାହା ବାସ୍ତବିକ ପ୍ରଶଂସନୀୟ। କିନ୍ତୁ ସେମାନେ କେଉଁଠି କେମିତି ବାସ କରନ୍ତି, ସେମାନଙ୍କର ଜୀବନ ଶୈଳୀ କେମିତି, ସେମାନଙ୍କର ଶିକ୍ଷା ଦୀକ୍ଷା ସମ୍ପର୍କରେ ଆମ ସମାଜ କେବେ ଚିନ୍ତା କରେ ନାହିଁ। ନିଜ ଜୀବନକୁ ବାଜି ଲଗାଇ କୀଟ ଦୁର୍ଗନ୍ଧମୟ ପରିବେଶ ଭିତରେ ନିଜ କର୍ମକୁ କର୍ତ୍ତବ୍ୟ ଭାବି ସମ୍ପାଦନ କରିଚାଲନ୍ତି ଏବଂ ଆମ ପାଇଁ ଏକ ସୁସ୍ଥ ପରିବେଶ ଉପହାର ଦିଅନ୍ତି। ବାସୋପଯୋଗୀ ଘରଟିଏ ଏମାନଙ୍କର ପ୍ରାୟ ନଥାଏ। ସବୁଠାରୁ ତଳ ପାହାଚର ମଣିଷ ବୋଲି ଏମାନଙ୍କୁ ବିଚାର କରାଯାଏ।

ଆମେ ଯେଉଁ ଅଳିଆ, ଆବର୍ଜନା, ଅଇଁଠା ପତର, ପରିତ୍ୟକ୍ତ ଖାଦ୍ୟ ପଦାର୍ଥକୁ ରାସ୍ତା କଡ଼ରେ ଢାଳି ଦେଉ ଏମାନେ ତାକୁ ଗୋଟାଇ ବୋହି ନିଅନ୍ତି। ନାଳ ନର୍ଦ୍ଦମା ସଫା କରନ୍ତି। ରାସ୍ତା ଘାଟରେ ପଡୁଥିବା ମଳ, ବିଲେଇ କୁକୁରର ପଚା ଶବ ଉଠାଇବା ଦାୟିତ୍ୱ ଏମାନଙ୍କ ଉପରେ। ପାଇଖାନା ଟାଙ୍କି ସଫା କରିବାଠାରୁ ଆରମ୍ଭ କରି ସମସ୍ତ ମଇଳା ସଫା କରିବା ଦାୟିତ୍ୱ ଏମାନଙ୍କ ଉପରେ। କେହି କେବେ ଭାବିଛନ୍ତି ଏମାନେ ଯଦି ଏହି କାମ କରି ନ ଥା'ନ୍ତେ ତେବେ କୁଢ଼ କୁଢ଼ ମଇଳା ଆବର୍ଜନା ଭିତରେ ଆମେ କେତେ କାଳ ବଞ୍ଚିଥା'ନ୍ତେ? ଅଥଚ ଏମାନଙ୍କୁ ଛୁଇଁଦେଲେ ଆମ ପବିତ୍ର ଶରୀରଟା କୁଆଡ଼େ ଅପବିତ୍ର ହୋଇଯାଏ। ଏଇ କଥାକୁ ନେଇ ଆଜିବି ବହୁ ଅମାନବୀୟ ଘଟଣା ଘଟୁଛି।

କେତେବେଳେ ହାତରେ ଗ୍ଲୋବ୍‌ସ ଥାଏ, କେତେବେଳେ ଖାଲି ହାତରେ, କେତେବେଳେ ବିନା ମାସ୍କରେ ଏମାନେ ଏହି ସବୁ ସଫେଇ କାମ କରି ଚାଲନ୍ତି। ଶରୀର ଭିତରକୁ ନାନାଦି ଜୀବାଣୁ ଅବାଧରେ ପ୍ରବେଶ କରେ। ବିଭିନ୍ନ ମାରାତ୍ମକ ରୋଗରେ ଆକ୍ରାନ୍ତ ହୋଇ ଅକାଳରେ ଜୀବନ ହାରନ୍ତି। ପାଇଖାନା ଟାଙ୍କି ସଫା କରିବାକୁ ଯାଇ ବେଳେ ବେଳେ ସେହି ଟାଙ୍କି ଭିତରେ ଏମାନଙ୍କର ଜୀବନ ମଧ୍ୟ ଚାଲିଯାଏ। ସମସ୍ତ ସମ୍ଭାବ୍ୟ ବିପଦକୁ ଖାତିରି ନକରି ଏମାନେ ସିନା ଏହିସବୁ କାର୍ଯ୍ୟରେ ନିଜକୁ ହଜେଇ ଦିଅନ୍ତି, କିନ୍ତୁ ଏମାନଙ୍କ ଦୁଃଖ, ଦୁର୍ଦ୍ଦଶା ପ୍ରତି ସମବେଦନା ଦେଖାଇବାକୁ ନା ଅଛି ସମାଜ ନା ସରକାର। ନା ପାଆନ୍ତି ସାମାଜିକ ମର୍ଯ୍ୟାଦା ନା ଅଛି ଯଥାଯଥ ଆର୍ଥିକ ପ୍ରୋତ୍ସାହନ। ଅଧିକାଂଶ ସଫେଇ କର୍ମଚାରୀ ଶୋଷଣର ଶିକାର ହୁଅନ୍ତି। ଖୁବ୍ କମ୍ ପାରିଶ୍ରମିକ ନେଇ କାମ କରିବାକୁ ବାଧ୍ୟ ହୁଅନ୍ତି। କାମର ସ୍ଥାୟିତ୍ୱ ନଥାଏ କି ଜୀବନର ନିରାପତ୍ତା ନଥାଏ। ନିର୍ଯାତନା ଓ ଶୋଷଣର ଅନ୍ତ ନ ଥାଏ।

ଏଭଳି ସ୍ଥିତିରେ ଏମାନଙ୍କର ଜୀବନ ଧାରଣର ମାନ କେତେ ଉନ୍ନତ ହୋଇଥିବ ତାହା ସହଜରେ ଅନୁମେୟ। ଏପରିକି ଅନ୍ୟର ପାଇଖାନା ସଫା କରୁଥିବା ଲୋକଟିର ନିଜର ଗୋଟିଏ ପାଇଖାନା ନଥାଏ। ରାସ୍ତା କଡ଼ରୁ କିମ୍ବା ଡଷ୍ଟବିନ୍‌ରୁ ଯେଉଁ ସବୁ ଖାଦ୍ୟ ପଦାର୍ଥ ଗୋଟାଇ ନେଇ ଏମାନେ ଫିଙ୍ଗନ୍ତି ସେସବୁ ଏମାନଙ୍କ ପାଇଁ ସପନ। ରୋଗ ଶଯ୍ୟାରେ ପଡ଼ିଲେ ଉଚିତ ଚିକିତ୍ସା ପାଇବା ଏମାନଙ୍କ ଭାଗରେ ଜୁଟେ ନାହିଁ। ମାତ୍ର ଡାକ୍ତରଖାନାକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ଏମାନେ ବିନା ଦ୍ୱିଧାରେ ରୋଗୀର ମଳ, ପରିସ୍ରା ସଫା କରନ୍ତି। ଅଭାବ ଅନଟନ ଭିତରେ ନିଜ ପିଲାଙ୍କୁ ମୁଠାଏ ଭଲ ଖାଦ୍ୟ, ଉତ୍ତମ ଶିକ୍ଷା ଦେବାକୁ ଏମାନେ ବ୍ୟର୍ଥ ହୁଅନ୍ତି। ଫଳରେ କୌଳିକ ବୃତ୍ତି ଭାବରେ ଏମାନଙ୍କର ପିଲାମାନେ ଆପଣେଇ ନେବାକୁ ବାଧ୍ୟ ହୁଅନ୍ତି ବାପା ଦାଦା କରୁଥିବା କାମଟି।

ଏହିସବୁ ପରିବାର ପାଇଁ ଆଉ ଏକ ସମସ୍ୟା ନିଶା। ନିଶାସକ୍ତ ହେବା ଏମାନଙ୍କ ପାଇଁ ସ୍ୱାଭାବିକ ଘଟଣା। ସେମାନେ କୁହନ୍ତି, 'ଏମିତି କିଛି କାମ ଅଛି ନିଶା ସେବନ ନକଲେ ତାହା କରିବା ଅସମ୍ଭବ।' ବିଶେଷ କରି ପାଇଖାନା ଟାଙ୍କି ଭିତରକୁ ଯେଉଁମାନେ ପ୍ରବେଶ କରନ୍ତି ଅସହ୍ୟ ଦୁର୍ଗନ୍ଧରୁ ମୁକ୍ତି ପାଇବା ପାଇଁ ସେମାନେ ମଦ୍ୟପାନ କରନ୍ତି। ଯେତିକି ମଜୁରୀ ପାଆନ୍ତି ତା'ର ଏକ ବଡ଼ ଅଂଶ ନିଶା ସେବନରେ ଖର୍ଚ୍ଚ ହୋଇଯାଏ। ଅଭାବ ସାଙ୍ଗକୁ ପାରିବାରିକ ଅଶାନ୍ତି ଓ ସାମାଜିକ ଉତ୍ପୀଡ଼ନର ପ୍ରଭାବ ପରିବାରର ପିଲାମାନଙ୍କ ଉପରେ ପଡ଼େ। ଫଳରେ ମାନସିକ ଭାରସାମ୍ୟ ହରାଇ ପିଲାଟି ଦିନରୁ ଅନେକେ ଅସାମାଜିକ କାର୍ଯ୍ୟରେ ଲିପ୍ତ ହୋଇଯା'ନ୍ତି।

ପ୍ରଥମେ ସମାଜ ସେମାନଙ୍କୁ ସମ୍ମାନ ଦେବା ଦରକାର। ଜାତି ଯାହା କାମ ତାହା - ଏହି ମାନସିକତା ବଦଳିବା ଦରକାର। ଅସ୍ପୃଶ୍ୟତାକୁ କଠୋର ହାତରେ ଦମନ କରିବା ଆବଶ୍ୟକ। ସେମାନଙ୍କ ଆର୍ଥିକ ମାନଦଣ୍ଡର ଅଭିବୃଦ୍ଧି ନିମନ୍ତେ ଉଚ୍ଚ ଦରମା ସହିତ ସ୍ଥାୟୀ ନିଯୁକ୍ତିର ବ୍ୟବସ୍ଥା ହେବା ଲୋଡ଼ା। ସେମାନଙ୍କର ସୁରକ୍ଷା ପ୍ରତି ଯତ୍ନବାନ ହେବା ଉଚିତ। ମାଗଣା ଚିକିତ୍ସାର ସୁବନ୍ଦୋବସ୍ତ ହେବା ଜରୁରୀ। ରୋଗରେ ପଡ଼ି ହେଉ କିମ୍ବା କାମ କରୁଥିବା ସମୟରେ ମୃତ୍ୟୁବରଣ କଲେ ଅନ୍ୟୂନ କୋଡ଼ିଏ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ରାଶି ମିଳିବାର ନିୟମ ହେବା ଆବଶ୍ୟକ। ମନେରଖିବା ଉଚିତ ସୁସ୍ଥ ସୁରକ୍ଷିତ ପରିମଳ ପରିବେଶ ପାଇଁ ଯେଉଁମାନେ କାମ କରୁଛନ୍ତି ସେମାନେ ମଧ୍ୟ ସୁସ୍ଥ ଓ ସମ୍ମାନର ସହିତ ବଞ୍ଚିବା ଆବଶ୍ୟକ। ଘୃଣା, ହତାଦାର, ଟାହିଟାପରା ବଦଳରେ ଟିକିଏ ସ୍ନେହ, ଆଦର, ଭଲପାଇବା ସେମାନଙ୍କର ଜୀବନଧାରାକୁ ବଦଳାଇ ଦେବ। ସେମାନେ ବି ମଣିଷ।

କଟକ, ମୋ: ୯୯୩୮ ୭୬୩୨୩୭

## ମଙ୍ଗଳ ଗ୍ରହରେ ବସତି ସ୍ଥାପନ

**ବିଜ୍ଞାନ ବାର୍ତ୍ତା**

ଶ୍ରୀନନ

ଆଗାମୀ ଦିନରେ ମଙ୍ଗଳ ଗ୍ରହରେ ବସତି ସ୍ଥାପନର ସ୍ୱପ୍ନ ଦେଖୁଛନ୍ତି ବୈଜ୍ଞାନିକମାନେ। ଅନେକଙ୍କ ମତରେ ଚନ୍ଦ୍ର ଅପେକ୍ଷା ଏ ଗ୍ରହ ମାନବ ବସତି ପାଇଁ ଅଧିକ ଉପଯୋଗୀ। କାରଣ ଏହାର ଗଠନ ଓ ପରିବେଶ କିଛିମାତ୍ରାରେ ପୃଥିବୀ ସଦୃଶ। ତେଣୁ ଏବେ ଏହାର ଅନ୍ୟାନ୍ୟ ଭୌତିକ ରୂପରେଖ ସହିତ ରାସାୟନିକ ସଂରଚନାର ଅଧ୍ୟୟନ ଚାଲିଛି। ତହିଁରୁ ଜଣାପଡ଼ିଛି ଯେ ମଙ୍ଗଳ ଗ୍ରହର ବାୟୁମଣ୍ଡଳରେ ଥିବା ମୁଖ୍ୟ ଉପାଦନଗୁଡ଼ିକ ହେଲା ଅଙ୍ଗାରକାମ୍ଳ (୯୫.୩%), ଯବକ୍ଷାରଜାନ (୨.୭%) ଆର୍ଗନ(୧.୬%), ଅମ୍ଳଜାନ (୦.୧୩%) ଏବଂ ସ୍ୱଳ୍ପ ପରିମାଣରେ ଅନ୍ୟାନ୍ୟ ବାଷ୍ପ। ପୃଥିବୀ ବାୟୁମଣ୍ଡଳରେ ଏଗୁଡ଼ିକର ମାତ୍ରା ଯଥାକ୍ରମେ ୦.୦୩%, ୭୮.୦୮%, ୦.୯୩%, ୨୦.୯%। ପୁନଶ୍ଚ ମଙ୍ଗଳର ବାୟୁମଣ୍ଡଳ ପୃଥିବୀଠାରୁ ୧୮୦ ଗୁଣ ପତଳା ଏବଂ ଏହାର ମାଧ୍ୟକର୍ଷଣ ଶକ୍ତି ମଧ୍ୟ ପୃଥିବୀର ୩୮%।

ଅନ୍ୟପକ୍ଷରେ, ମଙ୍ଗଳର ପୃଷ୍ଠଦେଶ ଗଠିତ ହୋଇଛି ସିଲିକନ୍(୨୧.୨%), ଅମ୍ଳଜାନ(୪୨.୪%), ଲୌହ (୧୫.୨%), ମାଗ୍ନେସିୟମ (୪.୧%), ଆଲୁମିନିୟମ୍ (୫.୨%), କାଲସିୟମ (୪.୭%) ଏବଂ ପୋଟାସିୟମ୍ (୦.୬୧%) ରେ। ପୃଥିବୀ ପୃଷ୍ଠର ମୁଖ୍ୟଉପାଦାନଗୁଡ଼ିକ ହେଲା ଅମ୍ଳଜାନ (୪୬.୬%), ସିଲିକନ୍(୨୭.୭୨%), ଆଲୁମିନିୟମ୍ (୮.୧୩%), ଲୌହ (୫.୦%), କାଲ୍‌ସିୟମ୍ (୩.୬୩%), ସୋଡିୟମ୍ (୨.୮୩%), ପୋଟାସିୟମ (୨.୫୯%) ଏବଂ ମାଗ୍ନେସିୟମ (୨.୦୯%)। ମଙ୍ଗଳରେ ଥିବା ଲୌହଗୁଣ୍ଡର ଜାରଣ ଫଳରେ ତହିଁରୁ ସୃଷ୍ଟି ଅକ୍ସାଇଡ୍‌ର ରଙ୍ଗ ଏହାକୁ ଲୋହିତ ଗ୍ରହର ପରିଚୟ ପ୍ରଦାନ କରିଛି।

ସାଧାରଣ ଭାବେ ଏ ଗ୍ରହର ପୃଷ୍ଠଭୂମିର ସଂରଚନା ମଧ୍ୟରେ ରହିଛି ଅନ୍ଧକାରମୟ ଗଡ଼ାଣିଆ ସ୍ଥାନ, କିଛି ଚଟକା ସ୍ଥାନ, ଧୂଳି କଣା ଭରା ରାସ୍ତା, ବାଲୁକା ସ୍ତୂପ, ହିମବାହ, ସମ୍ଭବତଃ ପୁରାକାଳର ନଦନଦୀ, ବିଭିନ୍ନ ପ୍ରକାର ଗହ୍ୱର ଇତ୍ୟାଦି। ସିଲିକନ ଓ ଲୌହଗୁଣ୍ଡରେ ସମୃଦ୍ଧ ଏ ପ୍ରକାର ପୃଷ୍ଠଭୂମି ପୃଥିବୀର ଗଛଲତାଙ୍କ ପାଇଁ ଉପଯୋଗୀ ନୁହେଁ। ତେବେ ବୈଜ୍ଞାନିକମାନେ ଏହାର ମୃତ୍ତିକାରେ 'ପାଇଓନିୟର' ନାମକ ଏକ କଠୋର ପରିବେଶ ସହକାରୀ ଚାରା ବଢ଼ାଇବାକୁ ସମର୍ଥ ହୋଇଛନ୍ତି। ପୁନଶ୍ଚ ଏବେ ନାସା ସେଠାକାର ପରିବେଶରେ ବଢ଼ିପାରିଲା ଭଳି ଗଛଲତା ଜୈବ ପ୍ରଯୁକ୍ତ ବିଦ୍ୟା ମାଧ୍ୟମରେ ତିଆରି କରିବା ଲାଗି ପ୍ରକଳ୍ପମାନ ଆରମ୍ଭ କରିଛି। ସେଠାରେ ଅଧିକ ସମୟ ଧରି ରହିବାକୁ ହେଲେ ବ୍ୟୋମଚାରୀମାନଙ୍କୁ ଏହା ଅମ୍ଳଜାନ, ଖାଦ୍ୟ ଓ ଔଷଧ ଯୋଗାଇବାକୁ ସମର୍ଥ ହୋଇପାରିବ। ଅନ୍ୟପକ୍ଷରେ ମଙ୍ଗଳପୃଷ୍ଠରେ ବିଶାଳକାୟ 'ଗ୍ରୀନ୍‌ହାଉସ'ମାନ ସ୍ଥାପନ କରି ତନ୍ମଧ୍ୟରେ ଗଛଲତା ବଢ଼ିବା ପାଇଁ ଉପଯୋଗୀ କୃତ୍ରିମ ବାୟୁମଣ୍ଡଳ ସୃଷ୍ଟି କରିବା ଲାଗି ଉଦ୍ୟମ ଚାଲିଛି।

ସୁଦୂର ଅତୀତରେ ମଙ୍ଗଳ ଗ୍ରହରେ ଜଳଥିବାର ମନେକରାଯାଏ। ଏହା ସେଠାରେ ନଦନଦୀ ରୂପେ ପ୍ରବାହିତ ହେଉଥିଲା। ଏବେ ବି ସେଠାରେ କିଛି ତାହା ଥିବାର ଜଣାପଡୁଛି। ତେବେ ତାହା ମଣିଷର ବ୍ୟବହାର ପାଇଁ ଉପଯୋଗୀ ହେବ ବୋଲି ମନେ ହେଉନାହିଁ। କାରଣ ଏଥିରେ ଭରି ରହିଛି ପରକ୍ଲୋରେଟ୍ସ ଭଳି ନାନାଦି ଲବଣ, ଯାହା ବିଷାକ୍ତ। ଏଥିରେ ଗଛଲତା ବଢ଼ିବା ସମ୍ଭବ ହୋଇ ନପାରେ। ଏଣୁ ଏହାକୁ କିପରି ବିଶୋଧନ କରି ବ୍ୟବହାର ଉପଯୋଗୀ କରାଯାଇ ପାରିବ ସେ ବିଷୟରେ ଚିନ୍ତା କରାଯାଉଛି। ପୁନଶ୍ଚ ସେଠାରେ ବିଶୁଦ୍ଧ ମଧୁର ଜଳ ଉତ୍ପନ୍ନ ଲାଗି କାର୍ଯ୍ୟକ୍ରମ ଆରମ୍ଭ ହେଲାଣି। ମଙ୍ଗଳର ବାୟୁରେ ଥିବା ଅଙ୍ଗାରକାମ୍ଳକୁ ଭାଙ୍ଗି ତହିଁରୁ ଅମ୍ଳଜାନ ପ୍ରସ୍ତୁତ କରିବା ଏବଂ ରକେଟ୍ ଇନ୍ଧନରେ ଥିବା ହାଇଡ୍ରାଜିନ୍‌ରୁ ଉଦ୍‌ଜାନ ପ୍ରସ୍ତୁତ କରି ରାସାୟନିକ ପ୍ରତିକ୍ରିୟା ମାଧ୍ୟମରେ ସେ ଦୁଇଟିର ମିଳନ ଘଟାଇବା ଏହାର ଲକ୍ଷ୍ୟ।

ଶେଷରେ ମଙ୍ଗଳ ଗ୍ରହରେ ବସବାସ କିମ୍ବା ଦୀର୍ଘଦିନ ରହିବାକୁ ହେଲେ ସେଠାରେ ବଡ଼ ବଡ଼ କୃତ୍ରିମ ବାସସ୍ଥଳୀମାନ ନିର୍ମାଣ କରି ସେଥିମଧ୍ୟରେ ପୃଥିବୀ ଅନୁରୂପ ବାୟୁମଣ୍ଡଳ ଏବଂ ମାଧ୍ୟାକର୍ଷଣ ସୃଷ୍ଟି କରିବା ଦରକାର। ଏସବୁ କାର୍ଯ୍ୟ ପାଇଁ ଲାଗିଯିବ ଅନେକ ବର୍ଷ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ସନୱର ଅଲ୍ଲୀ ହତ୍ୟା ମାମଲା
# ହତ୍ୟାକାରୀକୁ ଆଜୀବନ ଜେଲ୍

ଜଗତସିଂହପୁର,୧୮।୮(ସମିସ):ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ସିରିଆ ଛକରେ ୨୦୧୧ରେ ସଂଘଟିତ ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ଶେଖ୍ ଆଶିଷକୁ ଆଜୀବନ କାରାଦଣ୍ଡ ସହ ୧୦ହଜାର ଟଙ୍କାର ଜରିମାନାରେ ଦଣ୍ଡିତ କରିଛନ୍ତି ଜଗତସିଂହପୁର ଜିଲ୍ଲା ଦୌରାଜଜ୍ ଶ୍ରୀନିବାସ ପ୍ରତିହାରୀ। ଜରିମାନା ଅନାଦେୟ ହେଲେ, ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି।

ସୂଚନା ମୁତାବକ, ୨୦୧୧ ଅକ୍ଟୋବର ୩୦ରେ ତିର୍ତ୍ତୋଲ ଥାନା ଅନ୍ତର୍ଗତ କ୍ରିଷ୍ଣାନନ୍ଦପୁର ଫାଣ୍ଡି ଅଞ୍ଚଳର ସିରିଆ ଛକରେ ଇଟାଟିକିରି ଗ୍ରାମର ସନୱର ଅଲ୍ଲୀ ଓରଫ୍ ମୁନା ଠିଆ ହୋଇଥିବା ବେଳେ ୩ଜଣ ଯୁବକ ବାଇକ୍‌ରେ ଆସି ସେଠାରେ ପହଞ୍ଚିଥିଲେ। ବାଇକ୍ ପଛରେ ବସିଥିବା ମୀରମହଲା ଗ୍ରାମର ସେଖ୍ ଆଶିସ ଗାଡ଼ିରୁ ଓହ୍ଲାଇ ସନୱରଙ୍କ ଉପରକୁ ଗୁଳି ଚଳାଇଥିଲା। ଗୁଳିମାଡ଼ରେ ସନୱର ଗୁରୁତର ଅବସ୍ଥାରେ ତଳେ ପଡ଼ିଯାଇଥିଲେ। କ୍ରିଷ୍ଣାନନ୍ଦପୁର ଫାଣ୍ଡି ଏଏସ୍‌ଆଇ ସହିଦ ଖାଁ ଘଟଣାସ୍ଥଳରୁ ସନୱରଙ୍କୁ ଉଦ୍ଧାର କରି କଟକ ବଡ଼ ମେଡିକାଲକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣା ସମ୍ପର୍କରେ ଏଏସ୍‌ଆଇ ସହିଦ ଖାଁ ତିର୍ତ୍ତୋଲ ଥାନାରେ ଏତଲା ଦେବା ପରେ ପୁଲିସ ଏକ ହତ୍ୟାକାଣ୍ଡ ମାମଲା ରୁଜୁ କରିଥିଲା। ପରେ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା ତିର୍ତ୍ତୋଲ ପୁଲିସ। ଏହି ଘଟଣାରେ ଅନ୍ୟ ଦୁଇ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଶେଖ ଆଶିଷକୁ ଜିଲ୍ଲା ଦୌରାଜଜ୍ ଶ୍ରୀନିବାସ ପ୍ରତିହାରୀ ଆଜୀବନ କାରାଦଣ୍ଡ ଆଦେଶ ଦେଇଛନ୍ତି। ୧୨ଜଣଙ୍କ ସାକ୍ଷ୍ୟପ୍ରମାଣ ଗ୍ରହଣ କରିବା ପରେ ଏହି ଆଦେଶ ଦେଇଛନ୍ତି ଜିଲ୍ଲା ଦୌରାଜଜ୍। ସରକାରଙ୍କ ପକ୍ଷରୁ ଏହି ମାମଲାକୁ କ୍ୟାଡର ପିପି ତପନ ପାଲ ଓ ସରକାରୀ ଓକିଲ ଭଜହରି କର ପରିଚାଳନା କରୁଥିଲେ।

# ହୀରାକୁଦ ଜଳସ୍ତର ୬୧୩.୭୭ ଫୁଟ୍

ସମ୍ବଲପୁର, ୧୮।୮ (ସମିସ): ଆଜି ସୋମବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୩.୭୭ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୫୯,୮୪୩ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୫,୭୬୮ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସନ ହେଉନାହିଁ। ପାୱାର ଚ୍ୟାନେଲ ଦେଇ ୩୧,୧୨୯ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୪,୪୨୫ ଘନଫୁଟ ଜଳ ନିଷ୍କାସିତ ହେଉଛି। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୬.୬୪ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୧୦.୪୮ ମିମି ବର୍ଷା ହୋଇନଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୭.୦୪ ଫୁଟ୍ ରହିଥିଲା।

# ଏମ୍‌କେସିଜି ଆରଡିସିରେ ଅଗ୍ନିକାଣ୍ଡ



ବ୍ରହ୍ମପୁର,୧୮।୮(ସମିସ): ଏମ୍‌କେସିଜି ମେଡିକାଲ ପରିସରସ୍ଥିତ ଆଞ୍ଚଳିକ ରୋଗ ନିଦାନ କେନ୍ଦ୍ର(ଆରଡିସି)ରେ ରବିବାର ମଧ୍ୟରାତ୍ରିରେ ଅଗ୍ନିକାଣ୍ଡ ଘଟିଛି। କୋଠାର ତଳ ମହଲାରେ ଥିବା ବାୟୋକେମେଷ୍ଟ୍ରି ବିଭାଗରେ ଏସି ସର୍ଟସର୍କିଟ୍‌ରୁ ଏଭଳି ଅଗ୍ନିକାଣ୍ଡ ହୋଇଥିବା ଜଣାପଡ଼ିଛି। ଖବର ପାଇ ଏମ୍‌କେସିଜି ମେଡ଼ିକାଲ କ୍ୟାମ୍ପସରେ

■ ୧୩ ଘଣ୍ଟା ବିଦ୍ୟୁତ ସରବରାହ ବ୍ୟାହତ, ନିଦାନ ବାଧାପ୍ରାପ୍ତ
■ ୧୫ଦିନ ମଧ୍ୟରେ 'ଷ୍ଟାଟସ୍ ରିପୋର୍ଟ' ଦେବାକୁ ନିର୍ଦ୍ଦେଶ

ଥିବା ଅଗ୍ନିଶମ କେନ୍ଦ୍ରର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡ ଯୋଗୁଁ ବିଭାଗରେ ଥିବା ବିଭିନ୍ନ ଇଲେକ୍ଟ୍ରିକାଲ ଉପକରଣ ସହ ରସାୟନ ପଦାର୍ଥ ଜଳି ନଷ୍ଟ ହୋଇଯାଇଛି।

ସୋମବାର ସକାଳୁ ଆରଡିସିରେ ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲ ଡିନ୍ ପ୍ରଫେସର ଡା. ସୁଚିତ୍ରା ଦାଶ, ଅଧୀକ୍ଷକ ପ୍ରଫେସର୍ ଡା. ଦୁର୍ଗାମାଧବ ଶତପଥୀ ଓ ବାୟୋକେମେଷ୍ଟ୍ରି ବିଭାଗର ମୁଖ୍ୟ ପ୍ରଫେସର ଡ଼ା. ନିରୁପମା ଦେବୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ରୋଗୀଙ୍କ ରକ୍ତ ନମୁନା ସଂଗ୍ରହରେ କିଭଳି ବାଧା ସୃଷ୍ଟି ନହେବ, ସେଥିପାଇଁ ବିକଳ୍ପ ବ୍ୟବସ୍ଥା କରିଥିଲେ। ପରେ ବିଭାଗ ପକ୍ଷରୁ ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଥିଲେ ହେଁ ବିଦ୍ୟୁତ ସଂଯୋଗ ନଥିବାରୁ ଅନ୍ୟ କିଛି ପରୀକ୍ଷା ହୋଇପାରିନଥିଲା। ଆରଡିସିରେ ଅଗ୍ନିକାଣ୍ଡ ଘଟିବାରୁ ଦୀର୍ଘ ୧୩ ଘଣ୍ଟା ଧରି ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହୋଇଥିଲା।

ମେଡ଼ିକାଲର ବିଭିନ୍ନ ବିଭାଗରେ ଲାଗିଥିବା ଏସିର ସଠିକ ସଦୁପଯୋଗ ଓ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ନିୟମିତ ବ୍ୟବଧାନରେ ଏଭଳି ଘଟଣା ନଜରକୁ ଆସୁଛି। ସେହିପରି ମେଡ଼ିକାଲ ବିଦ୍ୟୁତ ସମ୍ପର୍କିତ ବିଭିନ୍ନ ସମସ୍ୟାକୁ ସାଧାରଣ ବିଦ୍ୟୁତ(ଜିଇଡି) ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ସମେତ ବିଭିନ୍ନ ଅଧିକାରୀମାନେ ଗୁରୁତ୍ୱ ଦେଉନଥିବା ସହ ମେଡ଼ିକାଲରେ ଲାଗିଥିବା ବିଭିନ୍ନ ଇଲେକ୍ଟ୍ରିକାଲ ଉପକରଣର ନିୟମିତ ସ୍ଥିତି ଯାଞ୍ଚ କରୁନଥିବା ଅଭିଯୋଗ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଏମକେସିଜି ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ଡା. ଦୁର୍ଗାମାଧବ ଶତପଥୀ ୧୫ଦିନ ମଧ୍ୟରେ ବିଭିନ୍ନ ବିଭାଗରେ ଲାଗିଥିବା ଇଲେକ୍ଟ୍ରିକାଲ ଉପକରଣ ସମେତ ଅନ୍ୟାନ୍ୟ ଯନ୍ତ୍ରାଂଶଗୁଡ଼ିକର ଷ୍ଟାଟସ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଇଡ଼ି, ପୂର୍ତ୍ତ ବିଭାଗ କର୍ମଚାରୀ ଏବଂ ଅଧିକାରୀଙ୍କ ସମେତ ହସ୍ପିଟାଲ ମ୍ୟାନେଜରଙ୍କୁ ନେଇ ଟିମ ଗଠନ କରିବା ସହ ଉକ୍ତ ଟିମ ମେଡ଼ିକାଲର ବିଭିନ୍ନ ବିଭାଗ ପରିଦର୍ଶନ କରି ସ୍ଥିତି ଯାଞ୍ଚ ରିପୋର୍ଟ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

# ଖଇନି ନ ଦେବାରୁ ବୃଦ୍ଧଙ୍କୁ ହାଣି ହତ୍ୟା

ରାଉରକେଲା,୧୮।୮(ସମିସ): ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଥାନା ଅଧୀନ କଣ୍ଟିଆମୁରା ଗାଁର ଜଣେ ୫୮ବର୍ଷୀୟ ବୃଦ୍ଧଙ୍କୁ କଟୁରୀରେ ହାଣି ହତ୍ୟା କରାଯାଇଛି। ରାଜଗାଙ୍ଗପୁର ଥାନା ପୁଲିସ ହତ୍ୟାକାରୀକୁ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ କଟୁରୀକୁ ଜବତ କରିଛି। ଗିରଫ ଯୁବକ ହେଲେ, ଝାଡ଼ଖଣ୍ଡ ରାଜ୍ୟ ଲୋହରଡେଗା ଜିଲ୍ଲା ଚନ୍ଦ୍ରା ଥାନା ଅଧୀନ ତୋଟ ଗାଁର ଶୁଖରାମ ଓରାମ (୩୩)।

ସୂଚନାନୁସାରେ, ବଡ଼ଗାଁ ଥାନା ଅଧୀନ କଣ୍ଟିଆମୁରା ଗାଁର ମଙ୍ଗଲୁ କିଷାନ (୫୮) ରାଜଗାଙ୍ଗପୁର ପିଡବ୍ଲୁଡି ଡାକବଙ୍ଗଳାରେ ପିଅନ ଭାବେ କାମ କରୁଥିଲେ। ଆଜି ଶୁଖରାମ ଓରାମ (୩୩) ସେଠାକୁ ଯାଇ ମଙ୍ଗଲୁ କିଷାନଙ୍କୁ ଖଇନି ମାଗିଥିଲା। ମାତ୍ର ମଙ୍ଗଲୁ କିଷାନ ଖଇନି ଦେବାକୁ ମନା କରିଦେବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। କ୍ରମେ ପରିସ୍ଥିତି ଉଗ୍ରରୂପ ଧାରଣ କରିଥିଲା। ଶୁଖରାମ ରାଗିଯାଇ ନିକଟରେ ପଡିଥିବା ଏକ କଟୁରୀରେ ମଙ୍ଗଲୁ କିଷାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ମଙ୍ଗଲୁଙ୍କୁ ରାଜଗାଙ୍ଗପୁର ହସ୍‌ପିଟାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ କୁମାର ଦାସ ଏକ ହତ୍ୟାକାଣ୍ଡ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି। ଅଭିଯୁକ୍ତ ଶୁଖରାମ ଓରାମକୁ କୋର୍ଟ ଚାଲାଣ କରାଯିବା ସହ ମଙ୍ଗଲୁ କିଷାନର ଶବ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

# ବ୍ରଜରାଜନଗର ଷ୍ଟେସନ୍‌ରୁ ୨୦ ପର୍ସିଆନ୍ ବିଲେଇ ଉଦ୍ଧାର

ଝାରସୁଗୁଡ଼ା, ୧୮।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଷ୍ଟେସନ୍‌ରୁ ଆର୍‌ପିଏଫ୍ ଆଜି ୨୦ଟି ବିଦେଶୀ ପର୍ସିଆନ୍ ବିଲେଇ ଉଦ୍ଧାର କରିଛି। ମୁମ୍ବାଇ ସାଲିମାର୍ ଏକ୍ସପ୍ରେସ୍ ଟ୍ରେନ୍‌ରେ ଛୋଟବଡ଼ ମିଶାଇ ୨୦ଟି ପାର୍ସିଆନ ଓ ବେଙ୍ଗଲ କ୍ୟାଟ୍‌କୁ ଏକ ଦମ୍ପତି ମୁମ୍ବାଇରୁ କୋଲକାତାରୁ ସାନ୍ତ୍ରାଗାଛିକୁ ନେଇ ଯାଉଥିଲେ। ସାନ୍ତ୍ରାଗାଛିର ଏକ ଫାର୍ମରେ ବିକ୍ରି କରିବାର ଉଦ୍ଦେଶ୍ୟରେ ଏହି ବିଦେଶୀ ବିଲେଇ ଟ୍ରେନ୍ ଯୋଗେ ଚାଲାଣ କରାଯାଉଥିଲା। ମୁମ୍ବାଇର ଅମିନ ସୈୟଦ ନିଜ ସ୍ତ୍ରୀ ଏବଂ ଚାରିମାସର ଶିଶୁଙ୍କ ସହ ଏହି ବିଲେଇମାନଙ୍କୁ ଟ୍ରେନରେ ନେଇ ଯାଉଥିଲେ। ଚଳନ୍ତା ଟ୍ରେନ୍‌ରେ ଅମିନ ସିଗାରେଟ୍ ଟାଣୁଥିଲେ। ସାଥୀ ଯାତ୍ରୀ ଏନେଇ ମନା କରିବାରୁ ତାଙ୍କ ସହ କଳହ କରିଥିଲେ। ଏନେଇ ଜଣେ ଯାତ୍ରୀ ରେଳ ଅଭିଯୋଗରେ ଅଭିଯୋଗ କରିଥିଲେ। ଟ୍ରେନ୍‌ଟି ରବିବାର ରାତି ପ୍ରାୟ ସାଢ଼େ ୨ଟାରେ ବ୍ରଜରାଜନଗର ଷ୍ଟେସନରେ ପହଞ୍ଚିବା ପରେ ଆର୍‌ପିଏଫ୍ ଉକ୍ତ ଦମ୍ପତିଙ୍କୁ ଅଟକ ରଖିଥିଲା। ଯାଞ୍ଚ କରିବାରୁ ତାଙ୍କ ପାଖରୁ ଏହି ପର୍ସିଆନ ବିଲେଇ ଉଦ୍ଧାର କରାଯାଇଥିଲା। କାହିଁକି ଏବଂ କେଉଁ ଉଦ୍ଦେଶ୍ୟରେ ଅମିନ ବିଲେଇମାନଙ୍କୁ ଟ୍ରେନ୍‌ରେ ନେଇ ଯାଉଥିଲେ, ସେନେଇ ଆର୍‌ପିଏଫ୍ ପକ୍ଷରୁ ତଦନ୍ତ କରାଯିବା ସହ ସିଗାରେଟ୍ ପିଇବା ଅଭିଯୋଗରେ ଅମିନକୁ ରେଳବାଇ କୋର୍ଟରେ ହାଜର କରାଯାଇ ୧୫୦୦ଟଙ୍କାର ଜରିମାନା କରାଯାଇଛି। ସେହିପରି



ରେଳବାଇ ବାଣିଜ୍ୟ ବିଭାଗକୁ ଯୋଗାଯୋଗ କରିବା ପରେ ପ୍ରାୟ ୩୫ ହଜାର ଟଙ୍କା ଜରିମାନା କରାଯାଇଛି। ସମସ୍ତ ତଦନ୍ତ ପ୍ରକ୍ରିୟା ଶେଷ ହେବା ପରେ ଅମିନ ଏବଂ ତାଙ୍କ ପରିବାରକୁ ବିଲେଇ ସହ ଛଡ଼ାଯିବ ବୋଲି ଜଣେ ଆର୍‌ପିଏଫ୍ ଅଧିକାରୀ ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସିଇସିଙ୍କ ବିରୋଧରେ...

କରିଛନ୍ତି। ସରକାରୀ ଦଳ ଇସାରାରେ ସେ କାମ କରୁଛନ୍ତି ବୋଲି କଂଗ୍ରେସ, ସମାଜବାଦୀ ପାର୍ଟି, ଡିଏମ୍‌କେ, ଟିଏମ୍‌ସି, ଶିବସେନା (ଉଦ୍ଧବ), ଏନ୍‌ସିପି (ପାୱାର), ସିପିଏମ୍, ଆପ୍, ଆରଜେଡି, ଜେଏମଏମ୍ ଏବଂ ଅନ୍ୟ ବିରୋଧୀ ଦଳର ନେତାମାନେ ଅଭିଯୋଗ କରିଛନ୍ତି। କଂଗ୍ରେସ ନେତା ଗୌରବ ଗୋଗୋଇ କହିଲେ ଯେ ଅଭିଯୋଗର ଉତ୍ତର ଦେବା କିମ୍ବା ଏହାର ଯାଞ୍ଚ କରିବା ବଦଳରେ କମିସନ ଓଲଟା ଅଭିଯୋଗକର୍ତ୍ତାଙ୍କୁ ସମାଲୋଚନା କରୁଛନ୍ତି। ଟିଏମ୍‌ସି ନେତ୍ରୀ ମହୁଆ ମଇତ୍ର କହିଲେ ଯେ ପଶ୍ଚିମ ବଙ୍ଗରେ ଡୁପ୍ଲିକେଟ ଭୋଟର ପରିଚୟ ପତ୍ର ନେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ ଆଣିଥିଲେ। କିନ୍ତୁ ଏହାର ସମାଧାନ ହୋଇନାହିଁ। ପୂର୍ବତନ ନିର୍ବାଚନ କମିସରନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହିତ ଚଳିତ ଲୋକସଭାକୁ ଭଙ୍ଗ କରିବାକୁ ସେ ଦାବି କରିଛନ୍ତି। ସମାଜବାଦୀ ପାର୍ଟି ନେତା ରାମ ଗୋପାଳ ଯାଦବ କହିଲେ ଯେ ୨୦୨୨ ଭୋଟର ତାଲିକାରେ ୧୮ ହଜାର ଭୋଟରଙ୍କ ନାମ କାଟି ଦିଆଯାଇଛି। ଏସଂପର୍କରେ ତାଙ୍କ ଦଳ ସତ୍ୟପାଠ ଦାଖଲ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ଆରଜେଡି ନେତା ମନୋଜ ଝା କହିଲେ ଯେ ଗତକାଲି ଆମେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଖୋଜୁଥିବା ବେଳେ ବିଜେପି ମୁଖପାତ୍ରଙ୍କୁ ପାଇଲୁ। ଡିଏମ୍‌କେ ଏବଂ ସିପିଏମ୍ ନେତା ଅଭିଯୋଗ କରିଛନ୍ତି ଯେ ନିର୍ବାଚନ କମିସନ କେନ୍ଦ୍ର ସରକାରଙ୍କର ବି-ଟିମ୍ ଭାବେ କାମ କରୁଛି। ଗତକାଲି ମୁଖ୍ୟ ନିର୍ବାଚନ କମିସନର ଯେଉଁ ସାମ୍ବାଦିକ ସମ୍ମିଳନୀ କରିଥିଲେ ସେଥିରେ ପ୍ରଶ୍ନର ଉତ୍ତର ଦେବା ଅପେକ୍ଷା ରାହୁଲଙ୍କୁ ଟାର୍ଗେଟ କରି ସତ୍ୟପାଠ ଦାଖଲ ପାଇଁ ଚାଲେଞ୍ଜ କରିଥିଲେ। ମୁଖ୍ୟ ନିର୍ବାଚନ କମିସନରଙ୍କ ଏଭଳି ଆଚରଣ ଆଦୌ ଗ୍ରହଣୀୟ ନୁହେଁ ବୋଲି ସେମାନେ କହିଥିଲେ।

### ୬୫ ଲକ୍ଷ ନାମ...

ଜାରି କରିଛନ୍ତି। ବିହାରର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ତଥ୍ୟ ଜାରି କରାଯାଇଛି। ଏହି ତାଲିକା ରାଜ୍ୟର କେତେକ ଜିଲ୍ଲାରେ ବୁଥ୍ ସାମନାରେ ଲଗାଯାଇଛି। ଏଥିରେ ଭୋଟରଙ୍କ ନାମ ସହିତ ସେମାନଙ୍କର ନାମ କାହିଁକି କଟାଯାଇଛି, ତାହା ଦର୍ଶାଯାଇଛି। କେଉଁମାନେ ମୃତ, ଅନ୍ୟ ରାଜ୍ୟକୁ ପଳାଇଛନ୍ତି କିମ୍ବା ଅନ୍ୟ ନିର୍ବାଚନମଣ୍ଡଳୀରେ ସେମାନଙ୍କର ନାମ ରହିଛି, ତାହା ଏହି ତାଲିକାରେ ଦର୍ଶାଯାଇଛି। ଏସଂକ୍ରାନ୍ତ ନୋଟିସ ସମ୍ବାଦପତ୍ର ଓ ଟିଭିରେ ପ୍ରକାଶ ଓ ପ୍ରସାର କରିବାକୁ ସୁପ୍ରିମ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

### ଓଡ଼ିଶାରେ ଏସ୍‌ଆଇଆର୍...

କରିବାକୁ ନେଇ ବିଜେଡି ଗୁରୁତର ଅଭିଯୋଗ କରିଥିଲା। ଏ ସମ୍ପର୍କରେ ଜାତୀୟ ନିର୍ବାଚନ କମିଶନ ଏଯାବତ୍ କୌଣସି ଉତ୍ତର ଦେଇ ନ ଥିବା ବିଜେଡି ଅଭିଯୋଗ କରି ଆସିଥିବାବେଳେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏହାକୁ ଖଣ୍ଡନ କରିଛନ୍ତି। ଏପିକ ନମ୍ବରକୁ ନେଇ ଅଣଯାଇଥିବା ଅଭିଯୋଗ ଉପରେ ରାଜ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ଓଡ଼ିଶାର ୭ ହଜାର ଏପିକ ନମ୍ବର ଥିବା ଭୋଟର କାର୍ଡ ପରିବର୍ତ୍ତନ କରି ନୂଆ ଭୋଟର କାର୍ଡ ଦିଆଯାଇଛି। ଏଥିରୁ କେବଳ ୫ ହଜାର ଏପିକ ନମ୍ବର ବାଙ୍କୀରେ ଥିଲା। ଏହା ଗୁଜରାଟର ଭୋଟରଙ୍କ ସହିତ ମିଶୁଥିଲା। ତେଣୁ ଏହାକୁ ବଦଳାଯାଇ ଆଉଥରେ କାର୍ଡ ବଣ୍ଟନ କରାଯାଇଛି। ବାକି ୨ହଜାର ଏପିକ ନମ୍ବର କର୍ଣ୍ଣାଟକ, ଝାଡ଼ଖଣ୍ଡ ପଶ୍ଚିମବଙ୍ଗ ସହିତ ମିଶୁଥିଲା। ଏହି ଏପିକ ନମ୍ବର କେବଳ ଭୋଟ ପରିଚୟ ପତ୍ର ଚିହ୍ନଟ ପାଇଁ ଦିଆଯାଇଛି। ଏହି ଏପିକ ନମ୍ବରରେ କେହି ଭୋଟ ଦେଇପାରିବେ ନାହିଁ। ବର୍ତ୍ତମାନ ସ୍ୱତନ୍ତ୍ର ଏପିକ ନମ୍ବର ନିର୍ବଚନ କମିଶନଙ୍କ ପକ୍ଷରୁ ପ୍ରଦାନ କରାଯିବ । ସେହିପରି ବିଭିନ୍ନ ଅଞ୍ଚଳରେ ଭୋଟର ବିଧାନସଭା ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ ହେଁ ଲୋକସଭା ପ୍ରାର୍ଥୀଙ୍କୁ ଭୋଟଦେଇନାହାନ୍ତି। ଯେଉଁଥିପାଇଁ ଲୋକସଭା ଏବଂ ବିଧାନସଭା ଭୋଟିଂରେ ତାରତମ୍ୟ ଦେଖିବାକୁ ମିଳିଛି। ବିଳମ୍ବିତ ରାତିରେ ଦିଆଯାଉଥିବା ଭୋଟ ହାର ଏବଂ ଭୋଟ ଗ୍ରହଣ ପରଦିନ ଦିଆଯାଉଥିବା ଭୋଟ ହାର ଥିବା ତଫାତ ଏକ ସ୍ୱାଭାବିକ ପ୍ରସଙ୍ଗ ଓ ଭୋଟ ଗ୍ରହଣ ଦିନ ଘଣ୍ଟାକୁ ଘଣ୍ଟା ଯେଉଁ ଭୋଟ ହାର ପ୍ରଦାନ କରାଯାଏ ତାହା ସମ୍ଭାବ୍ୟ ଭୋଟ ହାର ଦିଆଯାଏ। ତାହା ଫୋନ ମାଧ୍ୟମରେ ସଂଗ୍ରହ କରାଯାଇ ଦିଆଯାଇଥାଏ। ଭୋଟ ଗ୍ରହଣ ପର ଦିନ ଯେଉଁ ଭୋଟ ହାର ପ୍ରଦାନ କରାଯାଏ, ତାହା ସଠିକ ଭୋଟ ହାର । ଭୋଟ ଗ୍ରହଣ ସରିବା ପରେ ରାଜନୈତିକ ଦଳର ଏଜେଣ୍ଟଙ୍କୁ ୧୭-ସି ଫର୍ମ ଦିଆଯାଇଥାଏ। ତେଣୁ ରାଜନୈତିକ ଦଳମାନେ ସେମାନଙ୍କ ଏଜେଣ୍ଟଙ୍କ ଠାରୁ ୧୭-ସି ଫର୍ମ ସଂଗ୍ରହ କରନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି।

### ଦାଗୀ ସଂସ୍ଥାକୁ...

କେଟିପିଏଲର ଚୁକ୍ତିକୁ ସ୍ଥଗିତ ରଖିଛନ୍ତି। ଏପରିସ୍ଥଳେ ଓଏସ୍‌ଏମ୍‌ସିଏଲ୍‌ର ଚୁକ୍ତି ଅବଧିକୁ କେଉଁ ଆଧାରରେ ବୃଦ୍ଧି କରାଗଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ସୂଚନା ଅନୁଯାୟୀ କେଟିପିଏଲ୍ ୫ବର୍ଷ ତଳେ ଟେଣ୍ଡର ହାତେଇଥିବା ବେଳେ ତାହାର ଅବଧି ଗଲା ଡିସେମ୍ବରରେ ସରିଥିଲା। ଜାନୁଆରୀରେ ନୂଆ ଟେଣ୍ଡର ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କିନ୍ତୁ ନୂଆ ଟେଣ୍ଡର ପ୍ରକ୍ରିୟା ଆଗକୁ ନବଢ଼ାଇ କେଟିପିଏଲ୍‌ର କାର୍ଯ୍ୟ ଅବଧିକୁ ଓଏସ୍‌ଏମ୍‌ସିଏଲ୍ କର୍ତ୍ତୃପକ୍ଷ ବୃଦ୍ଧି କରିଥିବା ଜଣାପଡ଼ିଛି। କେଟିପିଏଲ୍ ବିରୋଧରେ ପୂର୍ବରୁ ଏନ୍‌ଏଚ୍‌ଆରସି ନିୟମ ଖିଲାପ ଅଭିଯୋଗ ରହି ଆସିଛି। ନିୟମ ଅନୁଯାୟୀ ସଂସ୍ଥା ୨ଶହରୁ ଅଧିକ ବାୟୋମେଡିକାଲ ଓ ୧ଶହ ସର୍ଭିସ ଇଞ୍ଜିନିୟର ନିୟୋଜିତ ନ କରି କମ୍ ଇଞ୍ଜିନିୟର କାମ ଚଳାଇ ଆସୁଛି। ଯାହା ଫଳରେ ଠିକ୍‌ରେ ଉପକରଣ ମରାମତି କାର୍ଯ୍ୟ ହୋଇପାରୁନି। ଏପଟେ ରାଜ୍ୟରେ ପ୍ରାୟ ୮୦ ହଜାର ବାୟୋମେଡିକାଲ ଉପକରଣ ଥିବାବେଳେ ସେଥିରୁ ଶତକଡା ୨୦ ପ୍ରତିଶତ କାମ କରୁନଥିବା ଅଭିଯୋଗ ହେଉଛି। ଏପରିକି ଏସ୍‌ସିବିରେ ଅନେକ ଉପକରଣ ଦିନ ଦିନ ଧରି ଅଚଳ ହେବା ସହ ଭେଣ୍ଟିଲେଟର ଓ ଆଇ ଆଇସିୟୁ ବି ଅଚଳ ହୋଇ ରହୁଛି। କିନ୍ତୁ ଏଭଳି ସ୍ଥିତିରେ କେଟିପିଏଲର କାର୍ଯ୍ୟ ଅବଧି ସରିବା ପରେ ବି ତାହାକୁ ବୃଦ୍ଧି କରାଗଲା, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ରାଜରାସ୍ତାରେ ଚାଷୀଙ୍କ...

ଭାଗଚାଷୀ ଓ ଭୂମିହୀନ କୃଷି ଶ୍ରମିକଙ୍କୁ ସିଏମ କିଷାନ ଯୋଜନାରେ ସାମିଲ, ସ୍ୱାମୀନାଥନ କମିଟି ଆଧାରରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି, ବିହନ ଓ ସାରର ଅଭାବୀ ବିକ୍ରି ବନ୍ଦ କରିବା, ଆନୁଷଙ୍ଗିକ କୃଷି ଓ ଅର୍ଥକାରୀ ଫସଲ ଉପରେ ଗୁରୁତ୍ୱ ପ୍ରଦାନ ପାଇଁ ଦାବି କରାଯାଇଥିଲା। ଶୀଘ୍ର ଏହି ସମସ୍ୟାର ସମାଧାନ କରାନଗଲେ, ଆଗାମୀ ଦିନରେ ଏହି ଆନ୍ଦୋଳନ ଆହୁରି ଉଗ୍ରରୂପ ନେବ ବୋଲି ବିଜେଡି ପକ୍ଷରୁ ଚେତାଇ ଦିଆଯାଇଥିଲା। ଆଜିର ଏହି ସମାବେଶ ଯୋଗୁଁ ବରଗଡ଼ ସହରରେ ଅଦିନିଆ ଧନୁଯାତ୍ରା ପରି ଭିଡ଼ ପରିଲକ୍ଷିତ ହୋଇଥିଲା। ବିଜେଡିର ଚାଷୀ ସମାବେଶ ଡାକରାକୁ ଚାଷୀଙ୍କ ପକ୍ଷରୁ ଅଭୂତପୂର୍ବ ସମର୍ଥନ ଦେଖିବାକୁ ମିଳିଥିଲା। ଚାଷୀଙ୍କ ପୁଞ୍ଜିଭୂତ ଅସନ୍ତୋଷର ପ୍ରତିଫଳନ ଏହି ସମାବେଶରେ ବେଶ୍ ପ୍ରତିଫଳିତ ହୋଇଥିଲା। ମାତ୍ର ସମାବେଶକୁ ଭଣ୍ଡୁର କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ଉଦ୍ୟମ କରାଯାଇଥିଲା। ସମାବେଶରେ ଯୋଗ ଦେବାକୁ ଆସୁଥିବା ଚାଷୀଙ୍କ ଗାଡ଼ିଗୁଡିକୁ ବିଭିନ୍ନ ସ୍ଥାନରେ ପୁଲିସ୍ ଅଟକାଇଥିଲା। ଏହି ଘଟଣାକୁ ବିଜେଡି ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ବିଜେଡି ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବିକ୍ଷୋଭ ସଭାରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ସମେତ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ରୀତା ସାହୁ, ପ୍ରତାପ ଜେନା, ଟୁକୁନି ସାହୁ, ବିଧାୟକ ନଳିନୀ ପ୍ରଧାନ, ନିରଞ୍ଜନ ପୂଜାରୀ, ସୁଦର୍ଶନ ହରିପାଲ, ଦିବ୍ୟଶଙ୍କର ମିଶ୍ର, ବର୍ଷା ସିଂ ବରିହା, ଅଧିରାଜ ପାଣିଗ୍ରାହୀ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ରୋହିତ ଯୋଶେଫ ତିର୍କୀ, ଯୋଗେଶ ସିଂ, ପ୍ରଦୀପ ଦିସାରୀ ଏବଂ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ଆୟୁବ ଖାନ୍, କିଶୋର ନାଏକ, ରାଜେନ୍ଦ୍ର ଛତ୍ରିଆ, ସରୋଜ ମେହେର, ଦୁଷ୍ମନ୍ତ ନାଏକ, ରୋହିତ ପୂଜାରୀ, ନୀହାର ବେହେରା, ଆକାଶ ମିଶ୍ର, ଗିରିରାଜ ସିଂ, ନାରାୟଣ ଲୁହା, ପୌର ଅଧ୍ୟକ୍ଷା କଳ୍ପନା ମାଝୀ, ମାନିନୀ ଭୋଇ, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ପ୍ରଦ୍ୟୁମ୍ନ ତ୍ରିପାଠୀ, କରନ ସିକନ୍ଦର, ମୀନାକ୍ଷୀ ମିଶ୍ର, ପ୍ରଫୁଲ୍ଲ ନାଏକ, ଉମେଶ ପଣ୍ଡା, ଗୌରହରି ମିଶ୍ର, ବିକ୍ରମ ସିଂ ଦେଓ, ଦେବାନନ୍ଦ ଗଡତିଆ, ନାରଦ ବରିହା, ଲମ୍ବୋଦର ନିଆଲ, ସିଦ୍ଧାର୍ଥ ଦାଶ, ମନୋଜ ମହାପାତ୍ର, ହୀରାଲାଲ ବେହେରା, କୁମୁଦିନୀ ନାଏକ କିଶୋର ମିଶ୍ର, ସୁନିଲ କିଶାନ, ଦୁର୍ଗା ବାରିକ, ପ୍ରମୁଖ ଉପସ୍ଥିତ ଥିଲେ।


**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, Dated- 12.08.2025, **DINABANDHU JENA**, permanent resident of At-Janar, Po.-Gobardhanpur, Ps- Tamka, Via-JK Road, Dist.- Jajpur, Odisha-755019 currently residing at Plot No.- 714/878/3407, Bijipur, Tamando, Bhubaneswar, Khordha, Odisha- 751028, declare that I have changed my Son's name from **NAVNEET KISHORE** (old name) to **NAVNEET KISHORE JENA** (new name), Henceforth, he shall be known as **NAVNEET KISHORE JENA** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated 10/07/2025, CF No.- 69/10 July 2025. I, Bhuli Sahu W/O Sanjay Kumar Sahu, At- Tarini Nagar, Salia Sahi, Jayadev Vihar, Odisha, Pin- 751013, declare that I have changed the name of my daughter from Thubul Sahu to Tanmayee Sahu. Henceforth, she shall be known as new name Tanmayee Sahu for all purposes.
**Bhuli Sahu**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar dated 30/07/2025, C.F No. 93/30 July 2025. I, Sonali Sahu, W/O Laxmidhara Sahoo, At- Patapur, Patna, Po- Satapatna, Ps-Dasapalla, Nayagarh, Odisha, Pin- 752091, declare that I have changed my owned name Suneli Sahoo to Sonali Sahu. Henceforth, I shall be known as new name Sonali Sahu for all purposes.
**Sonali Sahu**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, Dtd:18/08/2025 I, KM REETA VERMA, Resident of Village- Patulisahi, P.O.- Kesharpur, P.S.- Sarankul, Dist: Nayagarh, Odisha, Pin:752079, declare that I have changed my name from Reeta Verma to KM Reeta Verma. Henceforth, I shall be known as **KM Reeta Verma** for all purposes.
**KM Reeta Verma**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated 12/08/2025, C.F No. 28/12.08.2025 I, Samali Das, At- Bajpayee Nagar, Po- RRL, Ps- Maitri Vihar, Bhubaneswar-751013, Odisha, declare that I have changed my name from Shamoli Das to Samali Das. Henceforth, I shall be known as Samali Das for all purposes.
**Samali Das**

**AFFIDAVIT**

By Virtue of an Affidavit swom Before Executive Magistrate Cuttack Date - 23.06.2025 I Bikramaditya sahoo S/O Laxman Charan Sahu. At- Niladri Vihar New Colony Po-Nayabazar Ps - Chauliaganj Dt - cuttack, Odisha - 753004. Declare that Now onwords My father's Name is Laxman Charan Sahoo For all Purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, Dated- 12.08.2025, **DINABANDHU JENA**, permanent resident of At-Janar, Po.- Gobardhanpur, Ps- Tamka, Via- JK Road, Dist.- Jajpur, Odisha- 755019 currently residing at Plot No.- 714/878/3407, Bijipur, Tamando, Bhubaneswar, Khordha, Odisha- 751028, declare that I have changed my Son's name from **DHEERANAND SAGAR (old name)** to **DHEERANAND SAGAR JENA (new name)**, Henceforth, he shall be known as **DHEERANAND SAGAR JENA** for all purposes.

**AFFIDAVIT**

I Shaik Sammiulla H/o Rizwana Perween, Resident of Mundideuli, PO/PS-Kamakshyanagar, Dist-Dhenkanal, Odisha, PIN-759018, declare by this affidavit No.996 dtd 18.07.2025 that now onwards I shall be known as **SHEIKH SAMMI ULLA** for all future purposes.

**AFFIDAVIT**

By virtue of an affidavit (CF No. 03) sworn before The Executive Magistrate, Padampur, on dated-18/08/2025. I, **Beauty Queen Tandi,** W/o- Kunal Nanda, permanent & current resident of At/Po- Ulba, Ps- Patnagarh, Dist-Balangir, PIN- 767041, Odisha declare that I have changed my name from **Beauty Queen Nanda** (old name) to **Beauty Queen Tandi** (new name). Henceforth, I shall be known as **Beauty Queen Tandi** (new name) for all future purposes.
**Beauty Queen Tandi**

**AFFIDAVIT**

I Snehala Mallick, W / o Abhimanyu Nayak, Resident of Vill-Bankasahi, PO/ PS / DIST-Bhadrak, Odisha, PIN - 756100, declare by this affidavit No. 1567 dtd 12.08.2025 that now onwards I shall be known as **SNEHALATA MALLICK** for all future purposes.

**AFFIDAVIT**

I, Santosh Swain, S/o-Raghunath Swain, resident of Kalamitota Sahi, Lalsing, Bhanjanagar, Dist-Ganjam, PIN- 761125, Odisha declared by this affidavit No. 661, dtd-16/08/2025 that now onwards I shall be known as **SANTOSH KUMAR SWAIN** for all future purposes.

**AFFIDAVIT**

By virtue of an affidavit sworn before the Notary public Bhubaneswar vide No.1558 dated 18.08.2025, I Vivek Varansi S/o Varanasi Sitaram Sharma, presently residing at P 19/3, Coast Guard Officers Residential Area, Pokhariput, Bhubaneswar, Dist-Khordha, Odisha PIN-751020, declare that I have changed my name from Vivek Varansi to Vivek Sitaram Varansi. Henceforth, I shall be known as **VIVEK SITARAM VARANSI** for all future purposes.

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. ELOP-T-09-2025

**କାର୍ଯ୍ୟର ନାମ :** 02 ବର୍ଷ ଅବଧି ନିମନ୍ତେ ଦିନରାତି ଖୋର୍ଦ୍ଧା ରୋଡ଼ ମଣ୍ଡଳର ସମସ୍ତ କ୍ରୁ ଲବି (ଭୁବନେଶ୍ୱର ଓ ପୁରୀ ଭଳି କୋଚିଙ୍ଗ ଲବି ବ୍ୟତୀତ) ଠାରେ କ୍ରୁ ଏବଂ ଗାର୍ଡସ୍‌ଙ୍କୁ ୱାକି-ଟକି ସେଟ୍, ନିରାପତ୍ତା ସାମଗ୍ରୀ ଏବଂ କୁହୁଡ଼ି ସୁରକ୍ଷା ଉପକରଣ ଜାରି କରିବା

**ବିଜ୍ଞାପିତ ମୂଲ୍ୟ :** ₹ 1,87,65,292.40, EMD : ₹ 2,43,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 5,900/-, ଶେଷ ହେବା ଅବଧି : 730 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.20.08.2025ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.03.09.2025ରିଖ 1600 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP), ଖୋର୍ଦ୍ଧା ରୋଡ଼

PR-488/Q/25-26

**RAISUAN HIGHER SECONDARY SCHOOL**
**AT/PO-RAISUAN, DIST-KEONJHAR**
**WALK IN INTERVIEW**

A walk-in-interview will be held in the college premises for engagement of **Guest Faculty in Sanskrit on 25.08.2025 (Monday).** The interested candidates having more than 55% in the Master Degree may attend the same with all relevant testimonials. Preference will be given to M. Phil., Ph.D. & teaching experience holders.

**Sd/- Principal**
**Raisuan Higher Secondary School, Raisuan**

**ବ୍ୟାଙ୍କ ଅଫ୍ ଇଣ୍ଡିଆ** Bank of India **BOI**

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧-ଡ଼ି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୧୫

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ କଥିତ ନୋଟିସ୍ ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କଥିତ ଆଇନର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟ ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତି **ସାଙ୍କେତିକ ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ତମାଣ୍ଡୋ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। ସରଫେଶୀ ଆକ୍ଟ ଅଧୀନରେ ଡିମାଣ୍ଡ ନୋଟିସ୍ ଜାରି ହେବା ପରେ ପଇଠ ହୋଇଥିବା ରାଶି (ଯଦି କିଛି ଥାଏ) ଆଦାୟ / ସେଟେଲମେଣ୍ଟ ସମୟରେ ଦେୟ ରାଶି ନିର୍ଦ୍ଧାରଣ ପାଇଁ ଗଣନା କରାଯିବ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ତମାଣ୍ଡୋ ଶାଖା / ଋଣଗ୍ରହୀତା / ବନ୍ଧକଦାତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ /ଦଖଲ (ସାଙ୍କେତିକ) ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀମତୀ ସୁଲୋଚନା ବିଶ୍ୱାଳ, ସ୍ୱାମୀ: ସନ୍ତୋଷ ବିଶ୍ୱାଳ, ମାର୍ଫତ: କେ. ଜ୍ୟୋତିବାଳା ପାତ୍ର, ପ୍ଲଟ୍ ନଂ. ୩୮/୪୦, ଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର, ପିନ୍-୭୫୧୦୦୩ | ଟ.୪୨,୦୮,୨୫୬.୦୦ + ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୦୪.୦୬.୨୦୨୫ / ୧୮.୦୮.୨୦୨୫ | ଶ୍ରୀମତୀ ସୁଲୋଚନା ବିଶ୍ୱାଳଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୨୮୮/୨୬୮, ପ୍ଲଟ୍ ନଂ.: ୧୪୭୦/୨୯୭୧/୫୪୦୩, କ୍ଷେତ୍ର: |

ଏକର୦.୦୨୧ଡିସିମିଲି, କିସମ: ଘରବାରି, ମୌଜା: ନୟାପଲ୍ଲୀ, ଥାନା: ନିଉ କ୍ୟାପିଟାଲ, ତହସିଲ/ଏସ୍‌ଆରଓ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଏହାର ଚଉହଦି/ପାର୍ଶ୍ୱରେ- ଉତ୍ତର: ମନୋଜ କୁମାର ଷଡ଼ଙ୍ଗୀ, ଦକ୍ଷିଣ: ରାସ୍ତା, ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ. ୨୨୦୧, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍ ନଂ. ୩୬୧୬

ତାରିଖ: ୧୮.୦୮.୨୦୨୫
ସ୍ଥାନ : ଭୁବନେଶ୍ୱର

କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

**OFFICE OF THE PRINCIPAL**
**SIDDHARTHA HIGHER SECONDARY SCHOOL, BINKA**
**DIST- SUBARNAPUR, PIN-767019**
email: siddharthacollegebinka@gmail.com

**WALK-IN-INTERVIEW**

A walk-in interview will be held on **Dt.26.08.2025 (Tuesday)** at **11.00 AM** in the College premises for the post of **Lecturer in Physics (Management Post).** Candidates must possess a Master's degree having at least 55% marks in the concerned subject and may attend the interview with their complete Bio-Data and all testimonials (Original & Xerox copies).

The undersigned reserves the right to cancel the Walk-in interview without assigning any reason thereof.

**Sd/- Principal-cum-secretary**
**Siddhartha Higher Secondary School, Binka**

ଲ୍ୟାମ୍ପସରେ ମିଳୁନି ଚାଷୀଙ୍କୁ ସାର

# ସାର ପାଇଁ ଚାଷୀ ହଟହଟା

କଲ୍ୟାଣସିଂହପୁର,୧୮।୮ (ସମିସ):



ଆରମ୍ଭରୁ ସାର କଳାବଜାରୀ ହେଉଥିବା ଖବର ବିଭିନ୍ନ ଗଣ ମାଧ୍ୟମରେ ପ୍ରଚାର ଓ ପ୍ରକାଶ ପାଇବା ପରେ ମଧ୍ୟ ଚେତିଲେନି କୃଷି ବିଭାଗ। ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକର ଲ୍ୟାମ୍ପ୍ସରେ ସାର କଳାବଜାରୀ ହେଉଥିବାରୁ ଚାଷୀ ମୁଣ୍ଡରେ ହାତଦେଇ ଚିନ୍ତାରେ ବସିଛି। ଅନ୍ୟପଟେ ବେପାରୀଙ୍କ ଠାରୁ ଚଢ଼ାଦରରେ ଚାଷୀ କିଣିବା ପାଇଁ ବାଧ ହେଉଛି। ଏହି ବ୍ଲକର ଚାଷୀଙ୍କ ହିତରେ ଆସୁଥିବା ଲ୍ୟାମ୍ପ୍ସରେ ଦୁଇଟି ଗୋଦାମରେ ସାର ଭର୍ତ୍ତି ହୋଇ ଥିବା ସତ୍ତ୍ୱେ ମିଳୁ ନଥିବାରୁ ଚାଷୀ ବାଧ ହୋଇ ହଟାପାଟି ହୋଇ ଲ୍ୟାମ୍ପ୍ସରେ ତାଲାପକାଇଥିବା ଦେଖିବାକୁ ମିଳିଛି। ଲ୍ୟାମ୍ପ୍ସରେ ୟୁରିଆ, ପୋଟାସ, ଡିଏପି,୨୦-୨୦, ଚାଷୀଙ୍କୁ ସୁଲଭ ମୂଲ୍ୟରେ ଦେବା କଥା। କିନ୍ତୁ ପ୍ରାଥମିକତା ଦୃଷ୍ଟିରୁ ଲୋନ ଚାଷୀମାନଙ୍କୁ ପ୍ରଦାନ କରୁଥିବାରୁ ଅନ୍ୟ ଚାଷୀମାନଙ୍କୁ ଲ୍ୟାମ୍ପ୍ସ ବିକ୍ରି କରୁନଥିବାରୁ କଳାବଜାରୀ ବଢ଼ି ଚାଲିଛି। କୃଷି ବିଭାଗର

## ବଜାରରେ ମିଳୁଛି ଚଢ଼ାମୂଲ୍ୟରେ

ଜାଣତରେ ଚାଲୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବିଭିନ୍ନ ସ୍ୱୀକୃତି ପ୍ରାପ୍ତ ଦୋକାନ ଓ ଅଣ ସ୍ୱୀକୃତି ପ୍ରାପ୍ତ ଦୋକାନରେ ୟୁରିଆ ବସ୍ତା ପିଛା ତିଶହ ଟଙ୍କା ଅଧିକା ନେଉଥିବା ବେଳେ ଡିଏପି ଓ ୨୦-୨୦ ଚାରିଶହ ଟଙ୍କା ଅଧିକା ନେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଲ୍ୟାମ୍ପ ଚାଷୀଙ୍କ ପ୍ରତି ବର୍ଷ ଆକଳନ କରି ସାର ଆଣିବା କଥା କିନ୍ତୁ କେଜାଣି ଚଳିତ ବର୍ଷ ଅତି କମ ସାର ଆଣି ସରି ଯାଇଥିବାରୁ ଲୋନ ଚାଷୀଙ୍କୁ ମଧ୍ୟ ସାର ମିଳୁନି କି ଅନ୍ୟ ଚାଷୀଙ୍କୁ ସାର ପ୍ରଦାନ କରୁନଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି ଓ ବଜାରରୁ ଅଧିକା ମୂଲ୍ୟରେ କିଣିବାକୁ ପଡୁଛି ଚାଷୀଙ୍କୁ। ବେପାରୀ ଓ ବିଭଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ରହିଥିବା ଏଠାରୁ ସ୍ପଷ୍ଟ ହୋଇଛି ବୋଲି ଚାଷୀ ଅଭିଯୋଗ କରିଛି। କଲ୍ୟାଣସିଂହପୁର ବ୍ଲକଗୋଟିଏ କୃଷି ପ୍ରବଣ ଅଞ୍ଚଳ ଯେ ହେତୁ ଚାଷୀକୁ ପ୍ରଧାନ୍ୟ ଦେଇଥିବା ବେଳେ ଲ୍ୟାମ୍ପର ଅଣ ଦେଖା ହେତୁ ଠିକ ସମୟରେ ବିହନ ଠୁ ସାର ପର୍ଯ୍ୟନ୍ତ ଚାଷୀ ପାଇ ପାରୁନନାହାଁନ୍ତି ବାଧ ହୋଇ ଚଡା ଦରରେ କିଣୁଛନ୍ତି। ଏମଡି ତାରିଣୀ ପ୍ରସାଦ ତ୍ରିପାଠୀ ଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି।ଆଜକୁ ଚାରି ଦିନ ହେବ ସକାଳ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଜଗି ସାର ନପାଇ ଫେରି ଯାଉଥିବାରୁ ଆଜି ବାଧ ହୋଇ ଲ୍ୟାମ୍ପ୍ସରେ ତାଲାପକାଇ ଥିଲେ। ଏଣୁ ଏହି ଏମଡଙ୍କୁ ପରିବର୍ତ୍ତନ କରିବା ପାଇଁ ଚାଷୀ ଦାବି କରିଛନ୍ତି।

# କୋଷାଗୁମୁଡ଼ାରେ ସ୍ୱାଧୀନତା ଦିବସ




କୋଷାଗୁମୁଡ଼ା, ୧୮।୮(ସମିସ): ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡ଼ା ବ୍ଲକ୍ ଏବଂ ସଦର ମହକୁମାରେ ଥିବା ଗାନ୍ଧୀ ଉଦ୍ୟାନ, ପୁରୁଣା ବ୍ଲକ, ଗ୍ରାମ୍ୟ ଜଳ ବିଭାଗ, ଶିକ୍ଷା, ସ୍ୱାସ୍ଥ୍ୟ, ଥାନା, ବ୍ୟାଙ୍କ, ରାଜସ୍ୱ, ଡ୍ରାଇଭର ୟୁନିୟନ, ଲ୍ୟାମ୍ପସ, ଲକ୍ଷ୍ମଣ ନାୟକ ସ୍ୱେଚ୍ଛାସେବୀ ସଂଗଠନ, ବିନାୟକ ଯୁବକ କ୍ଲବ, ପ୍ରାଇଭେଟ ବସ ୟୁନିୟନ,ବଣିକ ସଂଘ ଏବଂ କୋଷାଗୁମୁଡ଼ର ସହିଦ ବୀର ପିଙ୍କୁ ପାତ୍ରଙ୍କ ପ୍ରତିମୂର୍ତ୍ତି ଠାରେ ପୁଷ୍ପମାଲ୍ୟ ଅର୍ପଣ ସହ ଦୀପ, ଧୂପ, କ୍ୟାଣ୍ଡେଲ ପ୍ରଜ୍ୱଳନ କରାଯାଇଛି। ସେହିଭଳି ବ୍ଲକ ଅଧିନସ୍ଥ ୨୬ ଗ୍ରାମପଞ୍ଚାୟତ, ସରକାରୀ, ବେସରକାରୀ ଅନୁଷ୍ଠାନ ଗୁଡିକରେ ମଧ୍ୟ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ବ୍ଲକ୍ ଚେୟାରମ୍ୟାନ-ସର୍ବେଶ୍ୱରୀ ମାଝୀ,ବ୍ଲକ ଉପାଧ୍ୟକ୍ଷ- ଯୋଗେନ୍ଦ୍ର ସ୍ୱାଇଁ, ବିଡିଓ-ଆଶିଷ ତ୍ରିପାଠୀ, ସାଂସଦ ପ୍ରତିନିଧି ସୁରେଶ କୁମାର ପାତ୍ର, ସ୍ଥାନୀୟ ସରପଞ୍ଚ- ଡାଲିମ୍ବ ମାଝୀ,ଜିପିଓ-ଅଜିତ କୁମାର ନନ୍ଦ,ବି, ଏସ,ଏସ,ଓ- ବିଭାଗ ର ବାଳକୃଷ୍ଣ ସାହୁ, ସୌମ୍ୟରଂଜନ ନାୟକ, ୟୁଧିଷ୍ଠିର ଗୌଡ଼, ରଶ୍ମିରଞ୍ଜନ ପ୍ରଧାନ, ଅନନ୍ତ କୁମାର,ଲିପୁ,ଗ୍ରାମ୍ୟ ଜଳ ଯୋଗାଣ ଏଇ-ଅମରେଶ ନାୟକ, କେଏନ ରାଜୁ, ଭୁବନେଶ୍ୱର ନାୟକ,ନେତ୍ରୁ ପୂଜାରୀ, ସନ୍ତୋଷ ଅଗ୍ରୱାଲ,ମୋହିତ ଜୈନ, ଚନ୍ଦନ ସାହୁ, ସନ୍ତୋଷ କୁମାର, ନରେନ୍ଦ୍ର ପାତ୍ର, ହିମାଂଶୁ ବାଘ, ପଙ୍କଜ ନାୟକ, ଚନ୍ଦନ ନାୟକ ପ୍ରମୁଖଙ୍କ ସହ ବ୍ଲକ କର୍ମଚାରୀ, ପଞ୍ଚାୟତ ଓ ସ୍ଥାନୀୟ ଭଦ୍ରବ୍ୟକ୍ତିଙ୍କ ସହ ବିଦ୍ୟା ମନ୍ଦିର, ନୋଡାଲ ହାଇସ୍କୁଲ, ଡ୍ରିମ ଇଣ୍ଡିଆ ପବ୍ଲିକ ସ୍କୁଲ, ଶିଶୁ ମନ୍ଦିର ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ବୃନ୍ଦ ଉପସ୍ଥିତ ଥିଲେ। "ହରଘର ତ୍ରିରଙ୍ଗା" ୨୬ ଗୋଟି ପଞ୍ଚାୟତରେ କୋଷାଗୁମୁଡ଼ା ବିଡିଓ ଓ ଜିପିଓ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା।

# ନିଷ୍ଠା ପକ୍ଷରୁ ରକ୍ତଦାନ ଶିବିର

ସେମିଳିଗୁଡ଼ା,୧୮।୮ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ସହର ର ନିଷ୍ଠା , ଏକ ସାମାଜିକ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ପ୍ରେସ କ୍ଲବର ସାଂସ୍କୃତିକ ଭବନରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସୁନାବେଡ଼ା ପୌର ପରିଷଦ ଅଧକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ର ,ନିଷ୍ଠା ଅଧକ୍ଷା ସୁଶ୍ରୀ ମମତା ରାୟ, ପୀତାମ୍ବର କିଶାନି ଦ୍ୱୀପ ପ୍ରଜ୍ୱଳନ କରି ଶିବିରର ଶୁଭାରମ୍ଭ କରିଥିଲେ। ୫୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। କାର୍ଯ୍ୟକ୍ରମରେ ପାଙ୍କଜିନି ଦାସ, ସିଦ୍ଧାର୍ଥ କୁମାର ତ୍ରିପାଠୀ, ମମତା ପ୍ରଧାନ, ପ୍ରତିଭା, ସିଦ୍ଧାର୍ଥ ମିଶ୍ର, ମୋନାଲିସା ରାୟ, ପ୍ରଣତି ନାୟକ, ଉର୍ମିଳା ଦାସ, ବେବି ସୁଭୁଦି, ଚନ୍ଦନ ବଡବୁଡା, ବାଲେଶ୍ୱର ଯାଦବ, ବିଶ୍ୱଜିତ୍, ଗଣେଶ ପ୍ରମୁଖ ସହଯୋଗ କରି ଥିଲେ।

# ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମ

ନବରଙ୍ଗପୁର,୧୮।୮ (ସମିସ): ଉଚ୍ଚ ଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ନବରଙ୍ଗପୁର ମହିଳା ସ୍ନାତକ ମହା ବିଦ୍ୟାଳୟରେ ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମ ୧୫ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ଦିନରେ ଜିଲ୍ଲା ପ୍ରଶାସନ ତରଫରୁ ସାଇକେଲ ରାଲିରେ ମହା ବିଦ୍ୟାଳୟରୋ ଛାତ୍ରୀ ଏବଂ ଅଧ୍ୟାପକ ଲକ୍ଷ୍ମୀକାନ୍ତ ସୌରା ଉପସ୍ଥିତ ହୋଇ କାର୍ଯ୍ୟକ୍ରମଟିକୁ ସଫଳ କରିଥିଲେ। ମହା ବିଦ୍ୟାଳୟ ରେ ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତା କରାଯାଇଥିଲା। ଦିତୀୟ ଦିନରେ ମହା ବିଦ୍ୟାଳୟ ରୁ ଏକ ବିରାଟ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ବସଷ୍ଟାଣ୍ଡ, ପୋଷ୍ଟ ଅଫିସ ଓ ତହସିଲ କାର୍ଯ୍ୟାଳୟ ଇତ୍ୟାଦି ମୁଖ୍ୟ ସଡ଼କ ମଧ୍ୟ ଦେଇ ସହର ର ମୁଖ୍ୟ ସ୍ଥାନ ଗୁଡିକରେ ମାଲ୍ୟାର୍ପଣ କରାଯାଇଥିଲା। ମହା ବିଦ୍ୟାଳୟ କୁ ପ୍ରତ୍ୟାବର୍ତ୍ତନ କରିବା ପରେ କୁଇଜ୍, ଦେଶାତ୍ମବୋଧ ଏବଂ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ଶେଷ ଦିନରେ ମହା ବିଦ୍ୟାଳୟରେ ଅଧକ୍ଷା ଶ୍ରୀମତୀ ମାଲେଶ୍ୱରି ସାହୁଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା। ଇତି ଅବସରରେ ଶ୍ରୀ ଅରବିନ୍ଦଙ୍କ ୧୫୩ ତମ ଜନ୍ମଜୟନ୍ତୀ ଅବସରରେ ଶ୍ରୀ ଅରବିନ୍ଦଙ୍କ ଶିକ୍ଷା ଦର୍ଶନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ପୂର୍ବ ଦିନରେ ହୋଇଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟିକୁ ଇଂରାଜୀ ବିଭାଗର ବିଭାଗୀୟ ମୁଖ୍ୟ ବିନୋଦ ବିହାରୀ ପ୍ରଧାନ ପରିଚାଳନା କରିଥିବା ବେଳେ ଡଃ ସଂଯୁକ୍ତା ପଣ୍ଡା, ନୃପେନ୍ଦ୍ରନାଥ ଖୋସଲା, ରଞ୍ଜୁସା କୁମାରୀ ପ୍ରହରାଜ, ତାଇରା ବେଗମ୍, ଡଃ ଏମ୍ ରୋହିଣୀ ରାଣୀ, ତରନୁମ୍ ଆରା, ସୁନୀତା ପାତ୍ର, ଲକ୍ଷ୍ମୀକାନ୍ତ ସୌରା ପ୍ରମୁଖ ଅଧ୍ୟାପକ ଅଧ୍ୟାପିକାଙ୍କ ସମେତ ମହାବିଦ୍ୟାଳୟର କର୍ମଚାରୀ ଭୁବନ ହରିଜନ, ଅକ୍ଷୟ କୁମାର ନାୟକ, ପଙ୍କଜ କୁମାର ଗରଡ଼ା, ଭୁବନୋ ହରିଜନ ପ୍ରମୁଖ ଉପସ୍ଥିତ ରହି ସମସ୍ତ ପ୍ରକାର ସହଯୋଗ କରିଥିଲେ ଏବଂ ବହୁ ସଂଖ୍ୟକ ଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ଆସ ସ୍କୁଲ ଯିବା ସ୍ୱତନ୍ତ୍ର ବୈଠକ

କଲ୍ୟାଣସିଂହପୁର,୧୮।୮ (ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର ନାରାୟଣପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଅଭିଭାବକ ଶିକ୍ଷକଙ୍କ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସରକାର ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ବିଦ୍ୟାଳୟରେ ଅଧାରୁ ପାଠ ଛାଡିଥିବା, ଆଦୌ ନାମ ଲେଖାଇ ନ ଥିବା, ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ରାଜ୍ୟବ୍ୟାପୀ ଅଭିଯାନ ଚାଲିଛି। ଏଣୁ ପ୍ରତ୍ୟେକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ତଥା ବିଦ୍ୟାଳୟ ପରିଚାଳନା କମିଟିର ସ୍ୱତନ୍ତ୍ର ବୈଠକ ହେଉଛି। ଏହି ବୈଠକରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତୁମୁକି ପାଣି ଅଧାରୁ ପାଠ ଛାଡିଥିବା ଛାତ୍ରଛାତ୍ରୀଙ୍କ ପିତା ମାତାଙ୍କୁ ଡାକି ପୁନର୍ବାର ବିଦ୍ୟାଳୟରେ ଯୋଗଦେବାକୁ ବୁଝାଇଥିଲେ। ସିଆରସିସି ଦେବେନ୍ଦ୍ର ରାଉତ କହିଛନ୍ତି ଯେ ଅଧାରୁ ରହିଯାଇଥବା ପିଲାଙ୍କ ଘରକୁ ଯାଇ ପୁଣି ପ୍ରବେଶ କରାଇବା ବୋଲି ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ବୈଠକରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅଭିଭାବକ ଉପସ୍ଥିତ ରହିଥିଲେ।

# ଦୋକାନରୁ ଚୋରି ଉଦ୍ୟମ

ନନ୍ଦପୁର,୧୮।୮ (ସମିସ) ଏକ ଦୋକାନୀ ଭାଡ଼ିରୁ ଗତ ୧୫ ତଳେ ଦୁର୍ବୃତ୍ତ ମାନେ କଳା କନା ବୁଲାଇବାରେ ସଫଳ ହୋଇଥିଲେ। ହେଲେ ଗତ ଶୁକ୍ରବାର ରାତିରେ ଦୋକାନରୁ ଚୋରି ଉଦ୍ୟମ ପଣ୍ଡ ହୋଇଛି। ଶନିବାର ଥାନାରେ ଦ୍ୱାରସ୍ଥ ହୋଇଛନ୍ତି ଦୋକାନୀ ସୁଜାତା ପାଢି। ସୂଚିତ ଯେ ନନ୍ଦପୁର ହାଟ ହାଟପଦା ସ୍ଥିତ ଛୋଟିଆ ଦୋକାନରୁ ପୂର୍ବରୁ ଥରେ ଦୋକାନରୁ ଖାଦ୍ୟସାମଗ୍ରୀ ଯଥା ବିସ୍କୁଟ, ଚକ୍ଲେଟ, ଓ ସିଗାରେଟ ଚୋରି ହୋଇଥିଲା। ଏହି ଅଞ୍ଚଳରେ ଚୋରି ନେଇ ଗଞ୍ଜେଇ ଟୁଙ୍ଗି ଉପରେ ସମସ୍ତଙ୍କ ନଜର ରହିଛି ।ଗଞ୍ଜେଇ ଟୁଙ୍ଗିର ସଦସ୍ୟ ମାନେ ଏପରି କାଣ୍ଡ ଘଟାଇ ଥିବା କୁହାଯାଉଛି। ପୁଲିସର ପଦକ୍ଷେପ ଉପରେ ସମସ୍ତଙ୍କ ନଜର ରହିଛି।

## ଦୁର୍ଗାପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

ପାପଡାହାଣ୍ଡି, ୧୮।୮(ସମିସ): ପାପଡାହାଣ୍ଡି ମା' ସାର୍ବଜନୀନ ଦୁର୍ଗାପୂଜା କମିଟି ବସଷ୍ଟାଣ୍ଡ ତରଫରୁ ଦୁର୍ଗାପୂଜା ପାଇଁ ପବିତ୍ର ଜନ୍ମାଷ୍ଟମୀରେ ଭୂମିପୂଜନ ଏବଂ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ପୁରୋହିତ ପୂର୍ଣଚନ୍ଦ୍ର ନାୟକ ସକାଳୁ ପବିତ୍ର ବେଳାରେ ପୂଜାକାର୍ଯ୍ୟ ସମ୍ପାଦନା କରିଥିଲେ। କାର୍ଯ୍ୟକ୍ରମରେ ସାର୍ବଜନୀନ ଦୁର୍ଗାପୂଜା କମିଟି ସଭାପତି ବି. ଜଗନମୋହନ ରାଓଙ୍କ ନେତୃତ୍ୱରେ କମିଟିର ସମସ୍ତ ସଭ୍ୟ ଉପସ୍ଥିତ ରହିଥିଲେ। ଏହି ପୂଜାରେ ଶଙ୍କର ବିଶୋଇ, ସ୍ୱାଧିନ ପଟ୍ଟନାୟକ, ଦିଲୀପ ସାମନ୍ତ, ଟିଂକୁ ଜୈନ, ଏନ. ସନ୍ତୋଷ ରାଓ, ଗଙ୍ଗାଧର ନାୟକ, ବି. ସୀମାଦ୍ରୀ ରାଓ, ବି. ସନ୍ତୋଷ ରାଓ, ଭି. ଶ୍ରୀନିବାସ ରାଓ, ରାଜକିଶୋର ରାଓ, ତ୍ରିନାଥ ବିଶୋଇ, ତରିଣୀ କାଶ୍ୟପ, ମନୋଜ ମୁଦୁଲି, ରିଣ୍ଟୁ ନାୟକ, ଚାନ୍ଦୁ, ଭୁବନି, ସିଲୁ, ରିଙ୍କୁ, ପୀତବାସ, ରାଜୁ, ମନମୋହନ, ଦେବେନ୍ଦ୍ର, ଶିବ, ଅଲେଖ, ମନ, ସିଲୁ ଲେଙ୍କା, ସୋନୁ, ଶଙ୍କର, ସୁନ୍ଦରଲାଲ, ଦୟାନିଧି, ସାନ ବିଶୋଇଙ୍କ ସହ କମିଟିର ଅନେକ ସଭ୍ୟ ଉପସ୍ଥିତ ଥିଲେ।

## ରାଜରାସ୍ତାରେ ମାଳ ମାଳ ବୁଲା ଗୋରୁ

କୋଟପାଡ,୧୮।୮ (ସମିସ): ବିଜ୍ଞାପିତ ପରିଷଦ ଅଞ୍ଚଳ ରାସ୍ତାରେ ଯେଉଁଠି ଦେଖିବ ସେଠି ଗୋରୁ ମାଳ ମାଳ । ରାଜ ାସ୍ତା ପାଲିଟିଛି ଗୋରୁଗାଈଙ୍କ ଆଶ୍ରୟ ସ୍ଥଳୀ। କେନ୍ଦୁଗୁଡା ଠାରୁ ଆରମ୍ଭ କରି ଗାନ୍ଧୀ ଛକ ଯାଇଁ କୁସୁମୀ ଛକ ଦୁଲପୁର ସାହି ଛକ ଠାରୁ ହିରୋ ସୋ'ରୁମ ଛକ ଯାଇଁ ସବୁଠି ଗୋରୁଗାଈଙ୍କ ଦୌରାତ୍ମ୍ୟ । ଏହି ସବୁ ରାସ୍ତାରେ ସବୁ ଦିନ ଶହ ଶହ ଗାଡି ଯାତାୟାତ କରୁଛି । ହେଲେ ଏହି ସବୁ ଯାତାୟାତରେ ବୁ। ଗୋରୁ ବାଧକ ସାଜିଛନ୍ତି। ମାଲିକମାନେ ଗୁହାଳ ନ କରି ଗାଈଗୋରୁଙ୍କୁ ରାସ୍ତାକୁ ଛାଡ଼ି ଦେଉଛନ୍ତି। ଫଳରେ ପ୍ରତିଦିନ ଦୁର୍ଘଟଣା ଘଟୁଛି। ଏହାର ପ୍ରତିକାର ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

# ଅପରେସନ୍ ଦୁର୍ଗା ନାରୀ ସଚେତନତା ଶିବିର



ସେମିଳିଗୁଡ଼ା,୧୮।୮ (ସମିସ):: କୋରାପୁଟ ଜିଲ୍ଲାର ସେମିଳିଗୁଡା ମହାବିଦ୍ୟାଳୟରେ 'ଅପରେସନ ଦୁର୍ଗା' : ନାରୀ ସୁରକ୍ଷା ସଚେତନ ଶିବିର ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡ. ଖାନ୍ ସୀ ସିଂହଙ୍କ ଅଧକ୍ଷତାରେ ଏହି ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ଟିମ ଲିଡର ନିରଞ୍ଜନ ପୋଡ଼ଙ୍କ ନେତୃତ୍ୱରେ ରେଞ୍ଜର, ରୋଭରଙ୍କ ଦ୍ୱାରା ଅତିଥି ଗଣଙ୍କୁ ସ୍ୱାଗତ କରାଯାଇଥିଲା।ଅଧ୍ୟାପିକା ରୋନାଲି ନାୟକଙ୍କ ଦ୍ୱାରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେବାପରେ ବିନୋଦ ଲେଙ୍କାଙ୍କ ଦ୍ୱାରାରା ମାତୃବନ୍ଦନା ଗାନ କରାଯାଇ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା କୋରାପୁଟର ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମନୋବ୍ରତା ଶତପଥୀ , ଅନ୍ୟତମ ଅତିଥିଭାବରେ କୋରାପୁଟ ଜିଲ୍ଲାର ଆରକ୍ଷୀ ଅଧିକ୍ଷକ କାର୍ଯ୍ୟାଳୟର କାଉନ୍ସିଲର ଋତୁପର୍ଣ୍ଣା ପଟ୍ଟନାୟକ ଯୋଗ ଦେଇଥିଲେ। ସୁନାବେଡ଼ା ଥାନା ଅଧିକାରିଣୀ ସୁଷମା କହଁର, ଆଇଆଇସି ଜ୍ୟୋସ୍ନାରାଣୀ ମିଶ୍ର ମଧ୍ୟ ଉପସ୍ଥିତ ଥିଲେ। ବରିଷ୍ଠ ଅଧ୍ୟାପକ ଦେବରାଜ ନାୟକ, ହରପ୍ରସାଦ ପତି, ସୁରେଶ ପାଇକରାୟ, ପ୍ରେମାନନ୍ଦ ରାଉତ, ଅଲେଖ ପ୍ରସାଦ ପଣ୍ଡା, ଡ. ପ୍ରୀତିସ ବେହେରା, ଅସିତ୍ କୁମାର ମିଶ୍ର, ଅମିତ ଦାସ, ଜୋସ୍ନା ଦାସ, ରିଶବିତା ଖୋସଲା, ଦିଗେଶ୍ୱରୀ ଶିଖା, ବବିତା ମିଶ୍ର, ସୁମିତ୍ରା ଗିରି, ପୂର୍ଣ୍ଣିମା ଗିରି, ସଂଗୀତା ଦାସ, ହରେକୃଷ୍ଣ ସାହୁ ବିନୋଦ ଲେଙ୍କା, ବିନୟ ପଣ୍ଡା, ମଧୁସ୍ମିତା ମହାରଣା, ମନିଷା ବେହେରା, ପିଙ୍କୀ ଜୈନ, ଆରତୀ ପ୍ରଧାନ, ରଶ୍ମିତା ସାହୁ ରୋନାଲି ନାୟକ, ଅମିଶା ପାଢ଼ୀ ପ୍ରମୁଖ ସଚେତନ ଶିବିରରେ ଉପସ୍ଥିତି ଥିଲେ। ଅଧ୍ୟାପିକା ଦେବଲିନା ସାହା ଧନ୍ୟବାଦ ଦେଇ ସଭାକାର୍ଯ୍ୟକୁ ସମାପ୍ତ କରିଥିଲେ।

# ସ୍ୱତନ୍ତ୍ର ପିତାମାତା, ଅଭିଭାବକ ଓ ଶିକ୍ଷକ ସମ୍ମିଳନୀ

ଡ଼ାବୁଗାଁ ,୧୮।୮ (ସମିସ): ବିଦ୍ୟାଳୟର ବାହାରେ ଥିବା ଓ ଆଦୌ ବିଦ୍ୟାଳୟର ରେ ନାମ ଲେଖାଇ ନଥିବା ୫ ରୁ ୧୮ ବର୍ଷ ବୟସର ପ୍ରତ୍ୟେକ ପିଲାଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଶନିବାର ନବରଙ୍ଗପୁର ଜିଲା ଡ଼ାବୁଗାଁ ବ୍ଲକର ସମସ୍ତ ବିଦ୍ୟାଳୟରେ ସ୍ୱତନ୍ତ୍ର ପିଟିଏମ ବା ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ଡାବୁଗାଁ ବିଡ଼ିଓ ଶରତ ମାଝୀ, ଡ଼ାବୁଗାଁ ବ୍ଲକ ଶିକ୍ଷାଧିକାରୀ ରଶ୍ମିତା ନେତମ, ପିରାମଲ ଫାଉଣ୍ଡେସନ ର ବିକ୍ରମ କେଶରୀ ରାଣା, ସହକାରୀ ବ୍ଲକ ଶିକ୍ଷାଧିକାରୀ ଭଗବାନ ମାଝୀ, ସି ଆରସିସି ପ୍ରସନ୍ନ କୁମାର ଦଣ୍ଡସେନା, ହେମନ୍ତ କୁମାର ପଣ୍ଡା , ସରକାରୀ ଉନ୍ନତି ପ୍ରାଥମିକ ବିଦ୍ୟାଳୟ ଚିକିଲି ଓ ସରକାରୀ ଉନ୍ନତି ଉଚ୍ଚ ବିଦ୍ୟାଳୟ ଘୋଡ଼ାଖୁଣ୍ଟା ପରିଦର୍ଶନରେ ଯାଇ ପିଟିଏମ ବୈଠକରେ ଯୋଗଦେଇଥିଲେ। ଡ଼ାବୁଗାଁ ବ୍ଲକ ର ମୋଟ ୧୦୮୨ ଜଣ ଡ୍ରପ୍ ଆଉଟ୍ ପିଲାଙ୍କ ମଧ୍ୟରୁ ଆଜିସୁଦ୍ଧା ୩୫ ଜଣ ପିଲା ବିଦ୍ୟାଳୟରେ ନାମ ଲେଖାଇ ସାରିଛନ୍ତି। ଚିକିଲି ଓ ଘୋଡକୁଣ୍ଟା ପିଟିଏମ ବୈଠକରେ ଅଭିଭାବକ ମାନେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ୪୦ ଜଣ ପିଲା ରାଜ୍ୟ ମୁକ୍ତ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହା ସହ ଅଧିକାରୀ ମାନେ ଘୋଡ଼ାଖୁଣ୍ଟା ଉନ୍ନତି ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ କରିଥିଲେ। ସେହିପରି ଡ଼ାବୁଗାଁ ବ୍ଲକ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସନ୍ତୋଷ କୁମାର ସାହୁ , ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଉମୁରାହାଣ୍ଡି ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାଇଗାଁରେ ଅନୁଷ୍ଠିତ ପିଟିଏମ ରେ ଯୋଗ ଦେଇଥିଲେ।

## ଭାଜପାର ତ୍ରିରଙ୍ଗା ଶୋଭାଯାତ୍ରା

ରାୟଗଡ଼ା,୧୮।୮ (ସମିସ): ରାୟଗଡ଼ା ନଗର ଭାଜପାର ସଭାପତି ରାଜେଶ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଶତାଧିକ କାର୍ଯ୍ୟକର୍ତ୍ତାଙ୍କୁ ନେଇ ମୋଟର ସାଇକେଲ ଯୋଗେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରାର ଅୟୋଜନ କରାଯାଇଥିଲା।ଶୋଭାଯାତ୍ରା ରାୟଗଡ଼ାର ମା ମଝିଘରିଆଣୀଙ୍କ ମନ୍ଦୀର ପ୍ରାଙ୍ଗଣ ଠାରୁ ବାହାରି ରାୟଗଡ଼ା ର ମୂଖ୍ୟ ରାସ୍ତା ଦେଇ ଏସବିଆଇ ବ୍ୟାଙ୍କ, କପିଳାସ ଛକ, ରିଲାଇନ୍ସ ମାର୍ଟ ଏବଂ ପରେ ଜିଲ୍ଲା ଭାଜପା କାର୍ଯ୍ୟାଳୟ ଠାରେ ସମାପ୍ତ ହେଇଥିଲା। କାର୍ଯ୍ୟକ୍ରମରେ ରାୟଗଡ଼ା ଭାଜପାର ବରିଷ୍ଠ ନେତା ୟାଲା ଭେଙ୍କେଟେଶ୍ୱର ରାଓ (କେଣ୍ଡା ବାବୁ), ରାୟଗଡ଼ା ବିଧାନସଭା ପ୍ରାର୍ଥୀ ବସନ୍ତ ଉଲ୍ଲାକା, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଉମେଶ ଖୋସଲା, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ବି ଲକ୍ଷ୍ମୀ, ପୂର୍ବତନ ଜିଲ୍ଲା ସଭାପତି ରଜତ ମାଦଲା, ଶିବ ଶଙ୍କର ଉଲ୍ଲାକା, ଚକ୍ର ବିଡ଼ିକା, କେ ଶ୍ରିନୁ, ଆଦି ନାରାୟାଣା, ପୂର୍ବତନ ନଗର ସଭାନେତ୍ରୀ ମଞ୍ଜୁଳା ମିଣିଆକା ସମେତ ନଗର ଭାଜପାର ଅଜୟ ଚୁଲେଟ, ରାମ କୃଷ୍ଣ ପାଣିଗ୍ରାହୀ, ରାଜେଶ ନାଇଡୁ , ରିଙ୍କି ସାହୁ, ଦୁର୍ଗା ପ୍ରାସାଦ ଚୌଧୁରୀ ଏବଂ ଅନେକ ବୁଥ୍ ସଭାପତି ଯୋଗ ଦେଇଥିଲେ। ପରିଶେଷରେ ନଗର ସଭାପତି କାର୍ଯ୍ୟକ୍ରମର ସଫଳତାର ଶ୍ରେୟ କର୍ମୀ ମାନଙ୍କୁ ଦେବା ସହ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ

ସୁନାବେଡ଼ା ,୧୮।୮ (ସମିସ): କୋରାପୁଟ ଜିଲ୍ଲା ସୁନାବେଡ଼ା ଠାରେ ସ୍ୱାଧୀନତା ଦିବସ ଉପଲକ୍ଷେ ବିଶାଳ ୫୦୦ ମିଟର ତ୍ରିରଙ୍ଗା ଶୋଭାଯାତ୍ରା କାର୍ଯ୍ୟକ୍ରମ ମହା ସମାରୋହରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ସୁନାବେଡ଼ା -୧ ଶାନ୍ତି ନଗର ଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଏଇଏଫ୍ ମୁଖ୍ୟ ରାସ୍ତାଦେଇ ହନୁମାନ ବଜାର , ପୋଲିସ କ୍ୟାମ୍ପ, ଗୋପବନ୍ଧୁ ବଜାର ହେଇ ୨୬ ନଂ ଜାତୀୟ ରାଜପଥ ଦେଇ ଜଗନ୍ନାଥ ମନ୍ଦିରରେ ପହଞ୍ଚି ଥିଲେ। ଆୟୋଜକ ଚିରଂଜୀବୀ ପରିଛା ,ମନୋଜ ସାହାଣୀ , ଓମ୍ ପ୍ରକାଶ ସିଂହ,ସୁଧୀର ପଟ୍ଟନାୟକ ଓ ସମସ୍ତ ଜନ ସାଧାରଣ ସହିତ କୋବ୍ରା ବାଟାଲିୟନ ମଧ ଯୋଗ ଦେଇଥିଲେ।

# ଇନୋଭେସନ୍ ଓ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ

ନବରଙ୍ଗପୁର,୧୮।୮ (ସମିସ): ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶରେ ନବରଙ୍ଗପୁର ସ୍ନାତକ ମହାବିଦ୍ୟାଳୟରେ ଇନୋଭେସନ ଷ୍ଟାଟଅପ୍ କାର୍ଯ୍ୟକ୍ରମ ଅଧକ୍ଷା ମାଲେଶ୍ୱରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଯୁବ ମହିଳା ଉଦ୍ୟୋଗୀ ଉଷାରାଣୀ ପଟ୍ଟନାୟକ ଏବଂ ମହାବିଦ୍ୟାଳୟର ପୂର୍ବତନ ଛାତ୍ରୀ ଏସ୍ ମାଧବୀ ପାତ୍ର ଯୋଗଦେଇ ଆତ୍ମନିର୍ଭର ହେବା ପାଇଁ ଛାତ୍ରୀ ମାନଙ୍କୁ ଏବେଠାରୁ ଚେଷ୍ଟିତ ହେବାକୁ କହିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା ରଞ୍ଜୁଷା କୁମାରୀ ପ୍ରହରାଜ ଯୋଗଦେଇ ଷ୍ଟାଟଅପ୍ ବିଷୟରେ କହିଥିଲେ ଏବଂ ପରିଚାଳନା କରିଥିଲେ। ଅଧ୍ୟାପିକା ତାଇରା ବେଗମ ଏବଂ ଏମ୍ ରୋହିଣୀ ରାଣୀଙ୍କ ସମେତ ସମସ୍ତ ଅଧ୍ୟାପକ ଏବଂ ଅଧ୍ୟାପିକା ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ

ପୋଡ଼ାଗଡ଼,୧୮।୮ (ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ସଦରରେ ରାଜ୍ୟ ସରକାରଙ୍କ ବିକଶିତ ଭାରତ ଏବଂ ବିକଶିତ ଓଡିଶା ପକ୍ଷରୁ ସରକାରୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟରେ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ଖସଲାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଶିକ୍ଷୟିତ୍ରୀ ରଶ୍ମି କୁମାରୀ ମାଣ୍ଡି, ଅଜିତ କୁମାର ଖସଲା, ବଶିଷ୍ଠ ନାୟକ, ସୂର୍ଯ୍ୟ ନାରାୟଣ ବେହେରା, ମଧୁସ୍ମିତା ମାଣ୍ଡିଙ୍ଗ, ପ୍ରଦ୍ୟୁମ୍ନ କୁମାର ଦାଶ, ରାଜେନ୍ଦ୍ର କୁମାର ରଥଙ୍କ ସମେତ ପ୍ରଥମରୁ ୧୦ମ ଶ୍ରେଣୀର ମୋଟ ୪୮୫ ଛାତ୍ର/ଛାତ୍ରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଜଣାପଡିଛି।

# ଦାମ ପାତ୍ର ମେମୋରିଆଲ ଭଲିବଲ ଟୁର୍ଣ୍ଣାମେଣ୍ଟ



ରାୟଗଡ଼ା,୧୮।୮ (ସମିସ): ସ୍ଥାନୀୟ ରେଳବାଇ ଷ୍ଟେସନ ନିକଟ ପଡ଼ିଆରେ ବିଶିଷ୍ଟ ଭଲିବଲ ଖେଳାଳୀ ସ୍ୱର୍ଗତ ଦାମ ପାତ୍ରଙ୍କ ମେମୋରିଆଲ ଭଲିବଲ ଟୁର୍ଣ୍ଣାମେଣ୍ଟ ଉପଦେଷ୍ଟା ଜଳନ୍ଧର ପୁସ୍ତିକାଙ୍କ ତତ୍ତ୍ୱାବଧାନରେ ସ୍ୱାଧୀନତା ଦିବସରେ ଅନୁଷ୍ଠିତ ହୋଇଯାଇଛି। ପ୍ରାୟୋଜିତ ସମାଜସେବୀ ଲାଲବିହାରୀ ଲେଙ୍କା ଓ ଶାଞ୍ଚାନା ଦିଲିପଙ୍କ ଉପସ୍ଥିତରେ ପ୍ରତିଯୋଗିତା ହୋଇଥିଲା। ଅତିଥି ମାନେ ବିଜେତା ପ୍ରଦୀପ ମିଶାଲଙ୍କ ଦଳ ଓ ଉପ ବିଜେତା ରାମକୃଷ୍ଣ ଓରଫ କାଲିଆଙ୍କ ଦଳକୁ ଅର୍ଥ ରାଶି ପୁରସ୍କାର ପ୍ରଦାନ କରିଥିଲେ। ଶ୍ରେଷ୍ଠ ନେଟର ଜିତୁ ଓ ଶ୍ରେଷ୍ଠ ହିଟର ଭାବରେ ଖେଳାଳି ସନାତନଙ୍କୁ ପୁରସ୍କୃତ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟକୁ ଆୟୋଜକ ମଣ୍ଡଳୀର ରାଙ୍ଗା, ଛୋଟୁ, ଶ୍ରୀକାନ୍ତ,ବି ଗୌଡ, ଉମେଶ, ରମେଶ, ଶତ୍ରୁଘନ, ରାମ, ଆଶିତ ଜେନା ପାର୍ଶା,ଦିଲୀପ, ଲିଲୁ, ଭୁବନାନନ୍ଦ ନାୟକ,ହରି, ରୋହିତ,ମନୋଜ, ନରେନ୍ଦ୍ର, ବନମାଳୀ ଓ ପ୍ରଭୁପ୍ରମୁଖ ପରିଚାଳନା କରିଥିଲେ।

# ଗୀରିଲିପୁଟ ଗ୍ରାମ ଦଳ ଚାମ୍ପିଅନ୍

ପୋଡ଼ାଗଡ,୧୮।୮ (ସମିସ): ପୋଡ଼ାଗଡ଼ ନିକଟ ଭିତରଗଡ଼ ପଞ୍ଚାୟତର ଗୀରିଲିପୁଟ ଗ୍ରାମ ଦଳ ଚାମ୍ପିଅନ୍ ହୋଇଛି। ସ୍ୱାଧୀନତା ଦିବସ ଉପଲକ୍ଷେ ଏକ ଦିନିଆ ଫୁଡବଲ ଖେଳର ଆୟୋଜନ କରାଯାଇଥିଲା। ଏଥିରେ ପାଖାପାଖି ୨୨ଟି ଦଳ ଅଂଶ ଗ୍ରହଣ କରିଥିଲେ। ଏଥିମଧ୍ୟରୁ ଶେଷ ରାଉଣ୍ଡ ଖେଳରେ ପହଞ୍ଚି ଥିଲେ ଲକ୍ଷ୍ମୀପୁର ଓ ଗିର୍ଲିପୁଟ ଦଳ। ଏହି ଦୁଇ ଦଳ ମଧ୍ୟରେ ଶେଷ ରାଉଣ୍ଡ ଖେଳ ହୋଇଥିଲା। ଏହି ଖେଳରେ ଲକ୍ଷ୍ମୀପୁର ଦଳକୁ ଦୁଇ ଗୋଲରେ ହରାଇଲା ଗିର୍ଲି ପୁଟ ଦୋଳ। ବିଜୟ ପରେ ସ୍ଥାନୀୟ ସରପଞ୍ଚ ଲଳିତା ଜାନି ଓ ପୂର୍ବ ତନ ସରପଞ୍ଚ ଉଭୟ ଖେଳାଳିଙ୍କୁ ଧନ୍ୟବାଦ ଜଣାଇ ଥିଲେ।

# ଇଣ୍ଡିପେଣ୍ଡେନ୍ସ କପ୍ ଫୁଟବଲ; ଗୌଡ଼ଗୁଡ଼ା ଚାମ୍ପିଅନ୍




ଦାମନଯୋଡ଼ି,୧୮।୮ (ସମିସ): ନାଲକୋ ଇଣ୍ଡିପେଣ୍ଡେନ୍ସ କପ ଫୁଟବଲ ପ୍ରତିଯୋଗିତା ଅଗଷ୍ଟ ୧୫ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ନାଲ୍‌କୋ ସ୍ପୋର୍ଟସ ସେଲ୍ ଓ ନାଲ୍‌କୋ କମ୍ୟୁନିଟି ସେଣ୍ଟର ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ଅବିଭକ୍ତ କୋରାପୁଟ ଜିଲ୍ଲାରୁ ମୋଟ ୧୫୪ଟି ଦଳ ଭାଗ ନେଇଥିଲେ। ନାଲ୍‌କୋ ଟାଉନ୍‌ସିପ ସେକ୍ଟର ୨ ସ୍ଥିତ ଡ.ବି.ଆର.ଆମ୍ବେଦକର ଷ୍ଟାଡିୟମ ଓ ଚମ୍ପାପଦର ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ଷ୍ଟାଡିୟମ ଏବଂ ସେକ୍ଟର ୩ ସ୍ଥିତ ନେତାଜୀ ଷ୍ଟାଡିୟମରେ ଖେଳ ଅନୁଷ୍ଠିତ ହୋଇଥିଲା। ୧୫ତାରିଖ ଦିନ ଅପରାହ୍ନରେ ସେକ୍ଟର ୩ ନେତାଜୀ ଷ୍ଟାଡିୟମରେ ସେମି ଫାଇନାଲ, ଫାଇନାଲ ମ୍ୟାଚ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚରେ ପାୱାର କ୍ଲବ,ଗୌଡ଼ଗୁଡା ଦଳ କେଦାରନାଥ ୟୁଥ କ୍ଲବ,ଗାଦୀପାବଲିକୁ ଟାଇବ୍ରେକରରେ ହରାଇ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଥିଲେ। ପାୱାର କ୍ଲବ, ଗୌଡ଼ଗୁଡାକୁ ଚାମ୍ପିଅନ୍ ଟ୍ରଫି ସହ ୨୨ହଜାର ଟଙ୍କାର ଅର୍ଥରାଶି ପୁରସ୍କାର ଏବଂ କେଦାରନାଥ ୟୁଥ କ୍ଲବ, ଗାଦୀପାବଲିକୁ ରନର୍ସ ଅପ୍ ଟ୍ରଫି ସହ ୧୭ ହଜାର ଟଙ୍କା ଅର୍ଥରାଶି ପୁରସ୍କାର,୩ୟ ସ୍ଥାନରେ ଥିବା ଦଳ ଏମ.ବି.ଏଫ.ସି, ଲୁଙ୍ଗୁରିକୁ ଟ୍ରଫି ଏବଂ ୯ହଜାର ଟଙ୍କା ଅର୍ଥରାଶି ପୁରସ୍କାର, ଚତୁର୍ଥ ସ୍ଥାନରେ ଥିବା ଦଳ ଏମ.ବି. ୱାଇ.ସି, ବେହେରାଗୁଡ଼ାକୁ ଟ୍ରଫି ଏବଂ ୬ ହଜାର ଟଙ୍କା ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ସ୍କୋରର ଭାବେ କେଦାରନାଥ ୟୁଥ କ୍ଲବ,ଗାଦୀପାବଲିର ମୂରଲୀ,ଶ୍ରେଷ୍ଠ ଗୋଲ କିପର ଭାବେ ପାୱାର କ୍ଲବ,ଗୌଡ଼ଗୁଡାର ନଳ ଗୌଡ଼ ଏବଂ ଶ୍ରେଷ୍ଠ ଖେଳାଳୀ ଭାବେ ପାୱାର କ୍ଲବ, ଗୌଡ଼ଗୁଡାର କମଲୁ ଗୌଡ଼ଙ୍କୁ ଟ୍ରଫି ଏବଂ ୨ହଜାର ଟଙ୍କା ଲେଖାଏଁ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ନାଲକୋ ଦାମନଯୋଡ଼ିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ ନିରଞ୍ଜନ ସାମଲ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସ୍ୱତନ୍ତ୍ର ଅତିଥି ରୂପେ ପଟାଙ୍ଗୀ ବିଧାନସଭା କ୍ଷେତ୍ରର ପୂର୍ବତନ ବିଧାୟକ ପୀତମ ପାଢ଼ୀ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ନାଲ୍‌କୋର ଇପିଓ ଇଡି ପ୍ରୋଜେକ୍ଟ ଭି.ଏସ.ଏସ ଆନନ୍ଦ, ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୀୟ ଗୁପ୍ତା, ଆଶୀଷ ସେନାପତି,ସଞ୍ଜୀୟ କୁମାର ପଟ୍ଟନାୟକ,ସୁଗାତୋ ଆନନ୍ଦୋ ବସୁ ସମ୍ମାନିତ ଅତିଥି ରୂପେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ମୁଖ୍ୟ ରେଫରୀ ଡ.ରମେଶ ଚନ୍ଦ୍ର ସ୍ୱାଇଁଙ୍କ ସହିତ ରେଫରୀ ଚଞ୍ଚଳ ମାଝୀ, ଛବି କୁମାର ନାୟକ, ସଂଜୁ ନାୟକ,ଉଦ୍ଧବ ବାଗ,ମନୋରଞ୍ଜନ ମାଝୀ, ସାହିଲ ଦୀପ, ବିଶେଶ୍ୱର ପ୍ରଧାନ, ପ୍ରଦୀପ ହାଁସଦା, ଅବିନାଶ କୁଲଦୀପ, ଦୈତାରି କୁଲଦୀପ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ନିର୍ମଳ କୁମାର ରାଉତ ପୁରସ୍କାର ବିତରଣ ଉତ୍ସବକୁ ସଂଯୋଜନା କରିଥିବା ବେଳେ ନାଲକୋ ସ୍ପୋର୍ଟସ ସେଲ ଅଧିକାରୀ ଅରୁଣ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଦୀପ୍ତି ପ୍ରକାଶ ପଣ୍ଡା,ବାଟଲା ରାଓ, ପ୍ରଭାତ କୁମାର ସାହୁ ପ୍ରମୁଖ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ।

# ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବାର ପୁନଃ ଆରମ୍ଭ

ମାଲକାନଗିରି,୧୮ ।୮ (ସମିସ):




ମାଲକାନଗିରି ଜିଲ୍ଲାର ଗୁରୁତର ରୋଗୀଙ୍କ ପାଇଁ ବରଦାନ ପାଲଟି ଥିବା ବାୟୁ ସ୍ୱାସ୍ଥ୍ୟସେବା ମାସ ମାସ ଧରି ବନ୍ଦ ହୋଇ ରହିଥିବା ବେଳେ ଆଜି ଜିଲ୍ଲାରେ ଏହି ସେବାର ପୁନଃ ଆରମ୍ଭ ହୋଇଛି । ପୂର୍ବ ସରକାର ତଥା ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାୟୁ ସ୍ୱାସ୍ଥ୍ୟ ସେବାର ଶୁଭାରମ୍ଭ କରି ଜିଲ୍ଲା ବାସୀଙ୍କ ପାଇଁ ଏକ ଅମୂଲ୍ୟ ଉପହାର ଦେଇଥିଲେ । କିନ୍ତୁ ଏହି ସେବା ବିଗତ କିଛି ମାସ ଧରି ବନ୍ଦ ହୋଇ ରହିଥିବା ବେଳେ ଗୁରୁତର ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ମିଳିବା କଷ୍ଟକର ହୋଇ ପଡିଥିଲା । ଫଳରେ ଏହି ସେବାକୁ ପୁନଃ ଆରମ୍ଭ ଲାଗି ଜିଲ୍ଲାରେ ଦାବି ଜୋର ଧରିଥିଲା । ଯାହା ପରେ ବର୍ତ୍ତମାନ ସରକାର ଏହି ସେବାର ପୁନଃ ଆରମ୍ଭ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ସ୍ୱତନ୍ତ୍ର ବିମାନରେ କଟକ, ଭୁବନେଶ୍ୱରରୁ ୬ ଜଣ ବିଶେଷଜ୍ଞ ଡାକ୍ତରୀ ଦଳ ମାଲକାନଗିରି ଜିଲ୍ଲା ହସ୍ପିଟାଲରେ ପହଞ୍ଚି ଆରମ୍ଭ କରିଛନ୍ତି ଚିକିତ୍ସା । ପ୍ରଥମ ଦିନରେ ଅନେକ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଚିକିତ୍ସିତ ହୋଇଛନ୍ତି । ଆସନ୍ତା କାଲି ଆଉ ୬ଜଣ ବିଶେଷଜ୍ଞ ଡାକ୍ତରୀ ଦଳ ପହଞ୍ଚି ଗୁରୁତର ରୋଗୀଙ୍କ ଚିକିତ୍ସା ଓ ଅପରେସନ କରିବେ ବୋଲି ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବ୍ରଜବନ୍ଧୁ ଦାଶ ସୂଚନା ଦେଇଛନ୍ତି । ଏହି ଡାକ୍ତରୀ ଟିମ ମଧ୍ୟରେ ବରିଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ଅବିନାଶ ଟଙ୍କ, ବରିଷ୍ଠ ନିୟୁରୋଲୋଜି ବିଶେଷଜ୍ଞ ଡାକ୍ତର ସଂଘମିତ୍ରା ସାହୁ, ବରିଷ୍ଠ ବିଶେଷଜ୍ଞ ଗ୍ୟାଷ୍ଟ୍ରୋଲୋଜି ଡାକ୍ତର ରାକେଶ କୁମାର ମହାନ୍ତି, ଏଣ୍ଡୋକ୍ରୋଜ ବିଶେଜ୍ଞ ଡାକ୍ତର ସୀତାକାନ୍ତ ପଣ୍ଡା, ବରିଷ୍ଠ ନେଫରୋଲୋଜି ବିଶେଷଜ୍ଞ ଡାକ୍ତର ଧୀରେଜ କୁମାର ଲେଙ୍କା, ଆନେଥେସିଆ ଡାକ୍ତର ରାଜକୁମାର ମହାପାତ୍ର, ନେଫ୍ରୋଲୋଜି ସର୍ଜରି ବିଶେଷଜ୍ଞ ଡାକ୍ତର ଜ୍ୟୋର୍ତିମୟ ନାୟକ ପହଞ୍ଚି ଆଜି ଦିନ ୧୨ ଟା ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଗୁରୁତର ରୋଗୀଙ୍କ ପରୀକ୍ଷା ଓ ଚିକିତ୍ସା କରିଛନ୍ତି । ଏହି ଡାକ୍ତରୀ ଦଳଙ୍କୁ ମାଲକାନଗିରି ଜିଲ୍ଲା ହସ୍ପିଟାଲର ଡାକ୍ତର ଓ ନର୍ସ ମାନେ ସହଯୋଗ କରିଥିଲେ । ଏହି ବାୟୁ ସ୍ୱାସ୍ଥ୍ୟସେବା ୧୮ ତାରିଖ ଠାରୁ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ଲିମାମେଡାରେ ପାନୀୟ ଜଳର ଉତ୍କଟ ସମସ୍ୟା

# ସଚିବଙ୍କୁ ଫେରାଦ ହେଲେ ଗ୍ରାମବାସୀ

ଗୁଣୁପୁର,୧୮ ।୮ (ସମିସ):



ଓଡ଼ିଶା ସରକାରଙ୍କ ପଞ୍ଚାୟତରାଜ ଓ ପାନୀୟ ଜଳ ଯୋଗାଣ ବିଭାଗର କମିଶନର ତଥା ସଚିବ ଗିରିଶ ଏସ୍ ଏନ ଆଜି ଦିନିକିଆ ଗୁଣୁପୁର ଗସ୍ତରେ ଆସି ପୁଟାସିଂ, ଲିମାମେଡା, ପଦ୍ମପୁର ପ୍ରଭୃତି ଅଞ୍ଚଳ ଗସ୍ତ କରି ମେଗାପାନୀୟ ଜଳ ପ୍ରକଳ୍ପ ଗୁଡିକର କାର୍ଯ୍ୟ ତଦାରଖ କରିଥିଲେ । ଗୁଣୁପୁର ବ୍ଲକ୍ ଲିମାମେଡା ଗ୍ରାମଠାରେ ଏକ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଚାଲିଥିବା ବେଳେ ଏହାର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ତେବେ ଏହି ପ୍ରକଳ୍ପରୁ ଲିମାମେଡା ଗ୍ରାମକୁ ପାନୀୟ ଜଳ ଯୋଗାଣ ହେବ ନାହିଁ ବୋଲି ଜଣାପଡିଥିଲା । ଭବିଷ୍ୟତରେ ଏହି ଗ୍ରାମ ପୌରପରିଷଦ ଅଧୀନକୁ ଚାଲିଯିବ କହି ଏହି ଗ୍ରାମକୁ ସାମିଲ କରାଯାଇ ନ ଥିବାରୁ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଗ୍ରାମରେ ଉତ୍କଟ ପାନୀୟ ଜଳ ସମସ୍ୟା ସମ୍ପର୍କରେ ଗ୍ରାମବାସୀ ବାରମ୍ବାର ପଞ୍ଚାୟତ ଓ ବ୍ଲକ୍‌ରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସମାଧାନ ହେଉ ନ ଥିଲା । ଆଜି ସଚିବଙ୍କ ଗସ୍ତ ସମୟରେ ଗ୍ରାମବାସୀ ସଚିବଙ୍କୁ ତମାମ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ । ତୁରନ୍ତ ଏହି ଗ୍ରାମକୁ ଏହି ପ୍ରକଳ୍ପରୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ପଞ୍ଚାୟତିରାଜ, ପାନୀୟ ଜଳଯୋଗାଣ କମିସନରଙ୍କ ଗୁଣପୁର ଗସ୍ତ

ଗୁଣୁପୁର, ୧୮ ।୮ (ସମିସ): ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ କମିଶନର ଗିରୀଶ ଏସ୍ ଏନଙ୍କ ରାୟଗଡା ଜିଲ୍ଲା ଗୁଣପୁର ଗସ୍ତ କରିଛନ୍ତି । କମିଶନର ପ୍ରଥମେ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟ ର ବିଭିନ୍ନ ୱାର୍ଡ ବୁଲି ଅନୁଧ୍ୟାନ କରିଥିଲେ । ପରେ ନୂଆ କୋଠା ଦେଖିବା ପରେ ନିର୍ମାଣ କାମ ବିଳମ୍ବ ହେଉଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ । ପରେ ପୁଟାସିଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶେଣୀ କୋଠା ଓ ପରିଚିତି କେନ୍ଦ୍ର ବୁଲି ଅନୁଧ୍ୟାନ କରିଥିଲେ । ଯିବା ସମୟ ରେ ସ୍ଥାନୀୟ ଲୋକ ଲାଞ୍ଜିଆ ସଉରା ଅଞ୍ଚଳକୁ ବ୍ଲକ ମାନ୍ୟତା ପାଇଁ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ରିଜିଙ୍ଗତାଲ୍ ରେ ଥିବା ଅଙ୍ଗନବାଡି କେନ୍ଦ୍ର ଦେଖିଥିଲେ । ଗୁଣପୁର ଉପ ଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲୀପ, ରାୟଗଡା ଜିଲ୍ଲା ପରିଷଦ ର ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ବିଡିଓ ସ୍ୱସ୍ତିକ ଜମାଦାର ପ୍ରମୁଖ ଉପସ୍ଥିତ ଥିଲେ ।

# ଚନ୍ଦ୍ରପୁର ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି

ଚନ୍ଦ୍ରପୁର,୧୮ ।୮ (ସମିସ): ଆଜି ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ଚନ୍ଦ୍ରପୁର ବ୍ଲକ ସଦର ମହକୁମା ସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି । ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଏସ ସ୍ୱାତୀ କୁମାର, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଡି. ସରୋଜିନୀ ଦେବୀ, ଚନ୍ଦ୍ରପୁର ସମିତି ଅଧ୍ୟକ୍ଷ କୟାନ କିମ୍ବକା, ଚନ୍ଦ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ,ସୌମ୍ୟ କାନ୍ତ ବାଙ୍ଗଳା, ତହସିଲଦାର ସୁନୀଲ କୁମାର ପ୍ରଧାନ ଉପସ୍ଥିତ ରହି ଜନସାଧାରଣଙ୍କର ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ଆଜି ମୋଟ ୩୯ଟି ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରିଥିଲେ । ସେଥି ମଧ୍ୟରୁ୨୧ଟି ବ୍ୟକ୍ତିଗତ ଓ ୧୮ଗୋଟି ଗ୍ରାମବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା । ଏହି ଅଭିଯୋଗ ଶିବିରରେ ୫ଜଣଙ୍କୁ ୫୧ ହଜାର ଟଙ୍କା ରେଡ଼କ୍ରସ ପାଣ୍ଠିରୁ ଜିଲ୍ଲାପାଳ ସହାୟତା ପ୍ରଦାନ କରିଥିଲେ । ଏହି ଶିବିରରେ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ । ଜିଲ୍ଲାପାଳ ଆଜିର ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ମିଶନ ଶକ୍ତି ମହିଳା ମାନଙ୍କ ନିମନ୍ତେ ମୁଢି ମିଲ ଉଦ୍‌ଘାଟନ କରିଥିବା ବେଳେ ଉଦ୍ୟାନ ବିଭାଗ ତରଫରୁ ଚାରାବଣ୍ଟନ କରିଥିଲେ ।



# ଜାଗୃତି ସାଂସ୍କୃତିକ ସଂଗଠନର କର୍ମକର୍ତ୍ତା ଚୟନ

ଗୁଣପୁର,୧୮ ।୮ (ସମିସ):



ରାୟଗଡ଼ା ଜିଲ୍ଲା ଗୁଣପୁର ବ୍ଲକ୍ ଅଫିସ ସମ୍ମୁଖରେରେ ଜାଗୃତି ସାଂସ୍କୃତିକ ସଂଗଠନ ପକ୍ଷରୁ ହେଉଥିବା ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ପ୍ରସ୍ତୁତି ବୈଠକ ରବିବାର ସନ୍ଧ୍ୟାରେ ପୂଜା ମଣ୍ଡପ ଠାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ମା'ଙ୍କ ପୂଜା ବିଷୟ କିପରି ସୁଚାରୁ ରୂପେ ପରିଚାଳନା କରାଯିବ ସେ ନେଇ ଆଲୋଚନା ହୋଇଥିଲା । ଅକ୍ଟୋବର ୬ ତାରିଖରେ ପାଳିତ ହେବାକୁ ଥିବା ମା' ଗଜଲକ୍ଷ୍ମୀଙ୍କ ପୂଜାର ପ୍ରଥମ ପ୍ରସ୍ତୁତି ବୈଠକ ସମଲେଶ୍ୱର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ନୂତନ କମିଟି ସହ ପୂଜା ପରିଚାଳନା ବିଷୟରେ ଆଲୋଚନା ହୋଇଥିଲା । ସଭାପତି ରାଜେନ୍ଦ୍ର କୁମାର ସାହୁକାର, ଉପ ସଭାପତି- ସୋମେଶ୍ୱର ସାମଲ, କାର୍ଯ୍ୟକାରୀ ସଭାପତି ମିନକେତନ ପଣ୍ଡା, ସମ୍ପାଦକ ଶିବ ପ୍ରସାଦ ମହାପାତ୍ର, ଯୁଗ୍ମ ସମ୍ପାଦକ କମଳା କାନ୍ତ ଖୁଣ୍ଟିଆ, କୋଷାଧ୍ୟକ୍ଷ ଭାବେ ବଳରାମ ପାଣିଗ୍ରାହୀଙ୍କୁ ମନୋନୀତ ହୋଇଥିଲେ । ଉପଦେଷ୍ଟା ମଣ୍ଡଳୀରେ ମନୋରଞ୍ଜନ ରଥ, ସୂର୍ଯ୍ୟ ନାରାୟଣ ରଥ, ଗୋପାଳକୃଷ୍ଣ ପାଣିଗ୍ରାହୀ, ଭଗବାନ ନିଶଙ୍କ, ରବି ନାରାୟଣ ଶତପଥୀ, ଅଜିତ ପଣ୍ଡା, ରବୀନ୍ଦ୍ର କୁମାର ସାହୁ, ମୁନା ପାଢ଼ୀ , ସୁରେଶ ଚୌଧୁରୀ, ପ୍ରସାଦ ପାଇଟାଳଙ୍କୁ ଚୟନ ହୋଇଥିଲା । ନବ ନିର୍ବାଚିତ ସଦସ୍ୟଙ୍କୁ ସୂର୍ଯ୍ୟ ନାରାୟଣ ରଥ ଶପଥ ପାଠ କରାଇଥିଲେ । ୬ ଅକ୍ଟୋବରରୁ ୯ ଦିନ ପାଇଁ ହେବାକୁ ଥିବା ପୂଜାର ଶୁଭ ଖୁଣ୍ଟି ସ୍ଥାପନ ଅଗଷ୍ଟ ୨୯ ତାରିଖର କରାଯିବାକୁ ଧାର୍ଯ୍ୟ କରାଯାଇଥିଲା । ପୂଜାର କର୍ତ୍ତା ଭାବେ ରାଧାକୃଷ୍ଣ ପଣ୍ଡା ଚୟନ କରାଯାଇଥିଲା । ପୂଜା ପରିଚାଳନା ପାଇଁ ମୂର୍ତ୍ତି ନିର୍ମାଣ କମିଟି, ପେଣ୍ଡାଲ ସାଜସଜ୍ଜା , ଆଲୋକ ଓ ସାଉଣ୍ଡ,ପୂଜା ନିମନ୍ତେ ପ୍ରସାଦ, ନିତିକାନ୍ତି ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସୂଚାରୁ ରୂପେ ପାଳନ କରିବା ନିମନ୍ତେ କମିଟି ଗଠନ ହେଉଥିଲା ।

# ସମ୍ଭାବ୍ୟ ବିପତ୍ତିର ମୁକାବିଲା ପାଇଁ ଲିଙ୍ଗଗତ ଅନ୍ତର୍ଭୁକ୍ତୀକରଣ ତାଲିମ

ରାୟଗଡ଼ା,୧୮ ।୮ (ସମିସ): ରାୟଗଡା ଜିଲ୍ଲା ସଦର ବ୍ଲକ ଶେଷଖାଲ ଠାରେ ସୋମବାର ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଆନୁକୁଲ୍ୟରେ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବିପର୍ଯ୍ୟୟ କ୍ଷେତ୍ରରେ ମହିଳାଙ୍କ ଅନ୍ତର୍ଭୁକ୍ତିକରଣ ସଂପର୍କିତ ଆଲୋଚନା ହୋଇଥିଲା । ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓସଡମାର ଜିଲ୍ଲା ପ୍ରକଳ୍ପ ଅଧିକାରୀ ପ୍ରଦୋଶ ରଞ୍ଜନ ଜେନା, ଓସଡମାର ତାଲିମ ପ୍ରଦାନକାରୀ ଦଳ, ପି ଏ ଗୋପାଳ ପଣ୍ଡା, ସମ୍ବଳ ଶିକ୍ଷକ ନୀଳାଞ୍ଚଳ ମିଶ୍ର ପ୍ରମୁଖ ତାଲିମ ପ୍ରଦାନ କରିଥିଲେ । ମହିଳା ଓ ଶିଶୁ ବିକାଶ ବିଭାଗର ସୁପରଭାଇଜର ଏମ୍ ମାଙ୍ଗାମା ଶିଶୁ, ମାତୃ ଓ କିଶୋରୀ ବାଳିକାଙ୍କ ନିମନ୍ତେ ଉଦ୍ଦିଷ୍ଟ ଯୋଜନା ଗଡ଼ିକ ବିଷୟରେ କହିଥିଲେ । ଆଗାମୀ ଦିନରେ କିଶୋରୀବାଳିକାଙ୍କୁ ନେଇ ଦୁଇ ଦିନିଆ ତାଲିମ ଅନୁଷ୍ଠିତ ହେବ । ଏଥିପାଇଁ ଆଲୋଚନା କରାଯାଇଥିଲା ଶେଷଖାଲ ପଞ୍ଚାୟତର ସମସ୍ତ ଅଙ୍ଗନବାଡି କର୍ମୀ, ଆଶାକର୍ମୀ, ୱାର୍ଡ ସଦସ୍ୟ, ଜୀବିକା ମିଶନର ସିଆରପି, ଏମବିକେ ଆଦି ଅଂଶଗ୍ରହଣ କରିଥିଲେ । ଉଦ୍‌ଘାଟନ ଉତ୍ସବରେ ସମିତି ସଭ୍ୟ କ୍ରୀଷ୍ଣା କଲାକା, ଶେଷଖାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ପଣ୍ଡା, ନିର୍ବାହୀ ଅଧିକାରୀ ମନୋଜ ଜିଲାକାରା ଉପସ୍ଥିତ ଥିବାବେଳେ କର୍ମଶାଳାର ଆୟୋଜନରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ପଞ୍ଚାୟତ କାର୍ଯ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ ।

# ସାର ଚିନ୍ତାରେ ଚାଷୀ; ନିଦରେ ଡାଙ୍ଗସରଡ଼ା ସମବାୟ ବିଭାଗ

ଚନ୍ଦ୍ରପୁର,୧୮ ।୮ (ସମିସ): ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକର ଚାଷୀମାନେ ଚାରି ବର୍ଷ ହେବ ସାର ପାଇଁ ହନ୍ତସନ୍ତ ହେଉଛନ୍ତି । ସମବାୟ ବିଭାଗର କୋଣସି ନିଘା ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଚାଷୀମାନଙ୍କର ଉତ୍ପାଦନ ଏବଂ ଆୟ ଦ୍ୱିଗୁଣିତ କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ଡିଣ୍ଡିମ ପିଟା ଯାଉଥିବା ବେଳେ ଜିଲ୍ଲାର ସବୁଠାରୁ ଅନଗ୍ରସର ଅନୁସୂଚିତ ଜାତି ଜନ ଜାତି ଏବଂ ପଛୁଆ ବର୍ଗ ବହୁଳ ଚନ୍ଦ୍ରପୁର ବ୍ଲକର ଗରିବ ନିରୀହ ଚାଷୀମାନଙ୍କୁ ଜାଣିଶୁଣି ହଇରାଣ କରାଯାଉ ଥିବା ଚାଷୀନେତା, ଲ୍ୟାମ୍ପ୍‌ସ ନିର୍ଦ୍ଦେଶକ ଓ ପଟ୍ଟନାୟକ କୁଟୁକା, ମହେଶ୍ୱର ରେଟା ଦୟା ପାତ୍ର ଚାଷୀ ବିଜୟ କାଦାମ୍ବାଲୁ , ଆଦିକନ୍ଦ ଜେନା, ଲକ୍ଷ୍ମଣ ପାଡାଲୁ, ରାମଚନ୍ଦ୍ର କାଣ୍ଡାମାକା ଓ ଦାମଦର ପ୍ରସ୍କା ପ୍ରମୁଖ ଅଭିଯୋଗ କରିଛନ୍ତି । ସେମାନେ କହିବା ଅନୁସାରେ ଡାଙ୍ଗସରଡ଼ା ଠାରେ ଅବସ୍ଥିତ ଲ୍ୟାମ୍ପ୍‌ସ ସିଏସ୍‌ର ପରିଚାଳନା ନିର୍ଦ୍ଦେଶକ ଜୀତେନ୍ଦ୍ର ମିଶାଲ ଚାରିବର୍ଷ ପୂର୍ବରୁ ସାର କାରବାରରେ ଲକ୍ଷାଧିକ ଟଙ୍କାର ସାର ଟଙ୍କା ହେରଫେର କରି ଧରା ପଡିବା ସହିତ ଚାକିରୀରୁ ନିଲମ୍ବିତ ହୋଇ ପରବର୍ତ୍ତୀ ସମୟରେ ଅଫିସରଙ୍କୁ ସଲାସୁତୁରା କରି ପୁନଃ ନିଯୁକ୍ତି ହେବା ଏବଂ ତାଙ୍କ ଦରମାରୁ ଆତ୍ମସାତ କରିଥିବା ଅର୍ଥ କିଛି କିଛି ଭରଣା ହେଉଥିବାରୁ ମାର୍କଫେଡ ଆଉ ସାର ଯୋଗାଣ କରୁନାହିଁ । ଅନ୍ୟ ପକ୍ଷରେ ମାର୍କଫେଡ ଅଧିକାରୀ ମୁନିଗୁଡା କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ଏ ଦିଗରେ ସହଯୋଗ କରୁ ନଥିବା ଏବଂ ଚାଷୀମାନେ ବିହନ ଋଣ ପାଉଥିଲେ ସୁଦ୍ଧା ଟୁରାଗୁଡା ପିସ୍କାପଙ୍ଗା ହନୁମନ୍ତପୁର ଏବଂ ଚନ୍ଦ୍ରପୁର ଲ୍ୟାମ୍ପ୍‌ସ ସିଏସ୍‌ର ହଜାର ହଜାର ଚାଷୀ ମାନେ ଡାଙ୍ଗସରଡା ଉପରେ ନିର୍ଭରଶୀଳହୋଇ ସାର ପାଉନଥିବା ଯୋଗୁଁ ଚାଷୀ ହତାଶ ହେବା ଛଡ଼ା ଆଉ ଅନ୍ୟ କିଛି ନାହିଁ ବୋଲି ପ୍ରକାଶ କରିଛନ୍ତି । ଗୁଣୁପୁର ଏ ଆରସିଏସ୍ ରାୟଗଡା ଡିଆରସିଏସ୍ ଏବଂ ମୁନିଗୁଡା କେସିସି ଶାଖା ପାରିଚାଳକଙ୍କୁ ବାରମ୍ବାର ଅନୁରୋଧ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିପାରୁନାହିଁ । ଚାଷୀମାନଙ୍କର ଏହି ମୌଳିକ ସମସ୍ୟାର ତୁରନ୍ତ ସମାଧାନ କରାନଗଲେ ବାଧ୍ୟ ହୋଇ ରାଜ ରାସ୍ତାକୁ ଆସିବେ, ନଚେତ ଲ୍ୟାମ୍ପ୍‌ସରେ ତାଲା ପକାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ଜୁଆ ଆଡ୍ଡାରେ ଚଢ଼ଉ


ଗୁଣୁପୁର,୧୮ ।୮ (ସମିସ): ରାୟଗଡା ଏସ୍‌ପି ଙ୍କ ନିର୍ଦ୍ଦେଶ କ୍ରମେ ଗୁଣୁପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ବାବୁଲି ନାୟକଙ୍କ ନେତୃତ୍ୱରେ ଗୁଣୁପୁର ଥାନା ଅଧିକାରୀ କେ କେ ବି କେ କହଁର, ଏସ୍ ଆଇ ରଞ୍ଜିତ କୁମାର ତ୍ରିପାଠୀଙ୍କ ସହ ଏକ ଟିମ୍ ଅତର୍କିତ ଭାବେ ଏକ ଜୁଆ ଆଡ୍ଡା ଉପରେ ଚଢ଼ଉ କରିଥିଲେ । ଗୁଣୁପୁର ବ୍ଲକ ଅନ୍ତର୍ଗତ କାଲାମ ନିକଟସ୍ଥ ଗୋପାଳପୁର ଗ୍ରାମରେ ଏକ ଘରେ ଏହି ଚଢ଼ଉ କରାଯାଇଥିଲା । ଚଢ଼ଉ ସମୟରେ ୯ ଜଣ ଜୁଆଡିଙ୍କୁ ଗିରଫ କାଟିବା ସହ ୯୦ ହଜାର ୨୦୦ ଟଙ୍କା ଓ ଦୁଇଟି ମଟର ସାଇକେଲ ଜବତ କରାଯାଇଛି । ଗୁଣୁପୁର ଥାନା କେସ୍ ନଂ ୧୮୨/୨୦୨୫ ରେ ମାମଲା ରୁଜୁ କରି ଥାନା ବେଲରେ ଜୁଆଡି ମାନଙ୍କୁ ଛାଡି ଦିଆଯାଇଥିବା ଜଣାପଡିଛି । ପୁଲିସ ପକ୍ଷରୁ ବଡ଼ ଧରଣର ଚଢ଼ଉ କରାଯାଇଥିଲା । ଗିରଫ ଜୁଆଡିଙ୍କ ମଧ୍ୟରେ ବଡ଼ବଡ଼ିଆ ଲୋକ ଥିବା ବେଶେଷ ସୂତ୍ରରୁ ଜଣାଇଥିଲେ ମଧ୍ୟ ପୁଲିସ ପକ୍ଷରୁ ନାମ ପ୍ରକାଶ କରାଯାଇନାହିଁ ।

# ସମ୍ମାନିତ ହେଲେ ବାଳଗୋବିନ୍ଦ



ତେନ୍ତୁଳିଖୁଣ୍ଟି, ୧୮ ।୮ (ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ କୃଷି ବିଭାଗ ଅଧିନସ୍ଥ ଏଟିଏମ ବାଳଗୋବିନ୍ଦ ସାହୁ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ସମ୍ମାନିତ ହୋଇଛନ୍ତି । ବିଚ୍ଛିନାଞ୍ଚଳରେ କୃଷି ସେବା ଯୋଗାଇ ବିଭିନ୍ନ ଯୋଜନାକୁ ତୃଣମୂଳସ୍ତରରେ ପହଞ୍ଚାଇ ଯୋଜନାର ସଫଳ ରୂପାୟନରେ ସହଯୋଗ କରିଥିବା କାରଣରୁ ସେ ସମ୍ମାନିତ ହୋଇଛନ୍ତି । କୃଷକ ପଞ୍ଜିକରଣ ସାଙ୍ଗକୁ ତେନ୍ତୁଳିଖୁଣ୍ଟି ବ୍ଲକ ଅଞ୍ଚଳରେ କୃଷି ବୈଷୟିକ ସମ୍ପ୍ରସାରଣର ସଫଳ ରୂପାୟନରେ ତାଙ୍କର କାର୍ଯ୍ୟ ଦକ୍ଷତା ବେଶ ସହାୟକ ହୋଇଛି । ତାଙ୍କୁ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା କୃଷି ବିଭାଗ ତରଫରୁ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଯୋଗଦେଇଥିଲେ । ମୁଖ୍ୟ ଅତିଥି ଏବଂ ଜିଲ୍ଲାପାଳ ତାଙ୍କୁ ଏହି ମାନପତ୍ର ଏବଂ ଟ୍ରଫି ପ୍ରଦାନ କରିଥିଲେ ।

# ବର୍ଷାକୁ ଖାତିରି ନକରି ଅଭିଯୋଗ ଶୁଣିଲେ ଜିଲ୍ଲାପାଳ



ମାଥିଲି, ୧୮ ।୮ (ସମିସ): ପ୍ରଥମ ଥର ଆଜି ଉପାନ୍ତ ଛତିଶଗଡ ସୀମାନ୍ତ ମାଲକାନଗିରି ଜିଲ୍ଲାର ମାଥିଲି ବ୍ଲକ ମହୂପଦର ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଅଭିଯୋଗ ଶୁଣାଣି କଲେ ଜିଲ୍ଲାପାଳ । ଏଥିରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଓ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ । ଆଜି ମୋଟ ୧୩୯ ଗୋଟି ଅଭିଯୋଗର ଶୁଣାଣି ହୋଇଥିଲା । ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ବନଖଣ୍ଡ ଅଧିକାରୀ ବାସୁଦେବ ନାୟକ ଉପସ୍ଥିତ ଥିଲେ । ମାଥିଲି ବିଡିଓ ପ୍ରମୋଦ ବେହେରା , ଉପଖଣ୍ଡ ଚିକିତ୍ସା ଅଧିକାରି ,ଜିପିଓ ରତନ ରାଏ ସମେତ ଜିଲ୍ଲାର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ । ଏହି ଶୁଣାଣିରେ ରାସନ୍ କାର୍ଡ, ପେନସନ୍ ଓ ଆବାସ ସମ୍ବନ୍ଧୀୟ ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ଆଦେଶ ଦେଲେ ତତ୍ ସହିତ ଆଜି ଜନଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମହାଶୟଙ୍କୁ ସାଲିମି ଉଚ୍ଚ ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀକକ୍ଷ ନିର୍ମାଣ, କାଳିଆଗୁଡା ସେତୁର କାର୍ଯ୍ୟାରମ୍ଭ ଏବଂ ତୁଳସୀବାସୀଙ୍କ ମୌଳିକ ସୁବିଧା ସମ୍ବନ୍ଧରେ ଅବଗତ କଲେ ଜିଲ୍ଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ ।

# ବିଧାୟକଙ୍କ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ



ପୋଟେରୁ/କାଲିମେଳା,୧୮ ।୮ (ସମିସ): ମାଲକାନଗିରି ଜିଲ୍ଲାରେ ଗତ ଦୁଇ ଦିନ ଧରି ଲଗାଣ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ଏବଂ ବିଭିନ୍ନ ସ୍ଥାନରେ ଜଳମଗ୍ନ ଅବସ୍ଥା ଦେଖାଦେଇଛି । ଏହି ପରିସ୍ଥିତିରେ ବିଧାୟକ ନରସିଂହ ମାଡ଼କାମି ସ୍ଥାନୀୟ ଅଞ୍ଚଳ ପରିଦର୍ଶନ କରି ସ୍ଥିତିର ମୂଲ୍ୟାୟନ କରିଛନ୍ତି । ଲଗାଣ ବର୍ଷା ଫଳରେ ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇଛି । ଯାହା ଫଳରେ ଅନେକ ପୋଲ ଉପରେ ଜଳ ପ୍ରବାହିତ ହେଉଛି । ବିଧାୟକ ଶ୍ରୀ ମାଡ଼କାମି ଏକ ପ୍ରତିନିଧି ଦଳ ସହିତ ପୋଟେରୁ, କନ୍ୟାଶ୍ରମ ଏବଂ କାଙ୍ଗୁରୁକୋଣ୍ଡା ପୋଲ ପରିଦର୍ଶନ କରି ସ୍ଥିତିର ଅନୁଧ୍ୟାନ କରିଛନ୍ତି । ଏହି ପରିଦର୍ଶନରେ କଲିମେଳା ବିଡିଓ ପ୍ରଦୀପ କୁମାର କରଙ୍କ ସମେତ ବିଧାୟକଙ୍କ ପ୍ରତିନିଧି ନିହାର ରାୟ, ମାଣିକ ଲାଲ ଚକ୍ରବର୍ତି, ରତନ ବଣିକ, ନବଘନ ଲୋକେଇ, ପରିମଳ ବିଶ୍ୱାସ, ଦୀପକ ସାହା ଙ୍କ ସହ ଅନ୍ୟ ମାନେ ଉପସ୍ଥିତ ଥିଲେ । ତେବେ କେବଳ କନ୍ୟାଶ୍ରମ ପୋଲ ଉପରେ ଜଳ ପ୍ରବାହିତ ହେଉଛି । ଅନ୍ୟ ପୋଲ ଗୁଡ଼ିକରେ ସ୍ଥିତି ସୁଧୁରିଛି ଏବଂ ଯାତାୟାତ ହୋଇ ପାରିଥିବା ଦେଖି ବିଧାୟକ ଅଧିକାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଜଳ ସ୍ତର ବୃଦ୍ଧି ସମୟରେ ଅଟକି ରହିଥିବା ଲୋକଙ୍କୁ ଶୁଖା ଖାଦ୍ୟ ପ୍ରଦାନ ସହ ୪୦୦ରୁ ଅଧିକ ବନ୍ୟା ପ୍ରଭାବିତ ଲୋକଙ୍କୁ ଖାଦ୍ୟ ଏବଂ ଅନ୍ୟାନ୍ୟ ସହାୟତା ଯୋଗାଇ ଦିଆଯାଇଥିବା ବିଧାୟକ ପ୍ରକାଶ କରିଛନ୍ତି । ଏହା ସହ ବିଧାୟକ ଶ୍ରୀ ମାଡ଼କାମି କହିଛନ୍ତି ଯେ ବନ୍ୟା ପ୍ରଭାବିତ ପୋଲ ଗୁଡ଼ିକ ବଦଳରେ ଉଚ୍ଚତା ବିଶିଷ୍ଟ ପୋଲ ନିର୍ମାଣ କାର୍ଯ୍ୟ ଜାରି ରହିଛି, ଖୁବ ଶୀଘ୍ର ଏହାର କାର୍ଯ୍ୟ ଶେଷ ହେବା ଦିଗରେ ସେ ଦୃଷ୍ଟି ଦେବେ ଓ ସମୀକ୍ଷା କରି ଆବଶ୍ୟକ ସ୍ଥଳେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି ।

# ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ସେମିଲିଗୁଡା, ୧୮ ।୮ (ସମିସ): କୋରାପୁଟ ଜିଲ୍ଲାର ସେମିଲିଗୁଡ଼ା ତହସିଲ କାର୍ଯ୍ୟାଳୟରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିର ଆୟୋଜନ କରାଯାଉଛି । କାର୍ଯ୍ୟାଳୟ ପରିସରରେ ମହାତ୍ମା ଗାନ୍ଧୀ, ଡ. ଆମ୍ବେଦକର, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିଙ୍କୁ ବିଧାୟକ ରାମଚନ୍ଦ୍ର କାଡ଼ାମ ଉନ୍ମୋଚନ କରିଥିଲେ। ଏହା ପରେ ବିଧାୟକ ଦଶ ପରିବାରଙ୍କୁ ଘରଡ଼ିହ ପଟ୍ଟା ବଣ୍ଟନ କରିଥିଲେ। ଏହି କାର୍ଯକ୍ରମକୁ ସେମିଲିଗୁଡ଼ା ତହସିଲଦାର ଦେବବ୍ରତ କରାତି ଅଧ୍ୟକ୍ଷତା କରିଥିବା ବେଳେ ସେମିଲିଗୁଡା ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯଶ୍ମିନ କୁମାର ପ୍ରଧାନ, ଅତିରିକ୍ତ ତହସିଲଦାର ଦେବି ପ୍ରସାଦ ନାୟକ, ଅବସରପ୍ରାପ୍ତ ତହସିଲଦାର ବିକାଶ ବାଇନୀ, ରାଜସ୍ୱ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖ କାର୍ଯ ପାଇଁ କରିଥିବା ପ୍ରତିଭାବାନ୍ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା ।

## ମ୍ୟାଲେରିଆ ପ୍ରବଣ ରାୟଗଡ଼ା ଜିଲ୍ଲା

# ୭ ମାସ ମଧ୍ୟରେ ୮୩୯୭ ପଜିଟିଭ୍ ଚିହ୍ନଟ



ରାୟଗଡ଼ା,୧୮ ।୮ (ସମିସ): ଓଡ଼ିଶାର ଛଅଟି ଜିଲ୍ଲାରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ପ୍ରାୟ ୯୦ପ୍ରତିଶତ ରହିଥିବା ଥିବା ବେଳେ ଏଥି ମଧ୍ୟରୁ ମ୍ୟାଲେରିଆ ପ୍ରବଣ ରାୟଗଡ଼ା ଜିଲ୍ଲାରେ ଚଳିତ ବର୍ଷ ଜାନୁଆରୀ ମାସରୁ ଜୁଲାଇ ୭ମାସ ମଧ୍ୟରେ ୩,୪୪,୮୩୮ଜଣଙ୍କ ରକ୍ତ ନମୂନା ପରୀକ୍ଷା କରାଯାଇଥିବା ବେଳେ ସେଥିମଧ୍ୟରୁ ୮୩୯୭ଜଣ ମ୍ୟାଲେରିଆ ପଜିଟିଭ୍ ରୋଗୀ ଚିହ୍ନଟ ହୋଇଛନ୍ତି । ଜିଲ୍ଲାରେ ଗତ ୩ ବର୍ଷରେ ଭେକ୍ଟର ବାହିତ ରୋଗର କ୍ରମାଗତ ଭାବରେ ଉଦବେଗଜନକ ଭାବେ ବୃଦ୍ଧି ପାଇଛି । ଜାନୁଆରୀରୁ ଜୁନ ମାସ ମଧ୍ୟରେ ୨,୮୨,୩୨୩ଜଣଙ୍କ ରକ୍ତ ନମୂନା ପରୀକ୍ଷା କରାଯାଇଥିବା ବେଳେ ଜୁନ ସୁଦ୍ଧା ୭୦୮୧ଜଣଙ୍କ ନମୂନାରେ ମ୍ୟାଲେରିଆ ପଜିଟିଭ୍ ରୋଗୀ ଚିହ୍ନଟ ହୋଇଥିଲେ । ଜୁନ ମାସରେ ୫୭୪୪୮ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷାରୁ ୧୬୧୮ଜଣ ରୋଗୀ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଜୁଲାଇମାସରେ ୬୨୫୧୫ଜଣଙ୍କ ରକ୍ତନମୂନା ପରୀକ୍ଷାରୁ ୧୩୧୬ଜଣ ଆକ୍ରାନ୍ତଙ୍କ ଚିହ୍ନଟ ହୋଇଥିଲା । ଯାହାକି ଜୁନ ଓ ଜୁଲାଇ ମାସରେ ଗତ ୫ବର୍ଷର ରିପୋର୍ଟ ଅନୁଯାୟୀ ଜୁଲାଇ ମାସରେ ସଂଖ୍ୟାରେ ହ୍ରାସ ଦେଖିବାକୁ ମିଳିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣାପଡିଛି । ତେବେ ଜିଲ୍ଲାରେ ଥିବା ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ କଲ୍ୟାଣ ବିଭାଗର ଅନେକ ବିଦ୍ୟାଳୟର ହଷ୍ଟେଲରେ ଅନ୍ତେବାସୀ ଭାବେ ରହୁଥିବା ଛାତ୍ରଛାତ୍ରୀମାନଙ୍କ ଠାରେ ମ୍ୟାଲେରିଆ ପଜିଟିଭ୍ ଚିହ୍ନଟ ହେବା ପ୍ରଶାସନକୁ ଚିନ୍ତାରେ ପକାଇଥିବା ବେଳେ ମ୍ୟାଲେରିଆରେ ଚଳିତ ବର୍ଷ ଦୁଇଜଣଙ୍କ ମୃତ୍ୟୁ ବିଭାଗର ପିଲାମାନଙ୍କ ପ୍ରତି ଯତ୍ନସେବା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଆସୁଛି । ପିଲାଙ୍କୁ ନିମ ତେଲ ଦେହରେ ପ୍ରୟୋଗ କରିବା ଠାରୁ ମଶାରୀର ବ୍ୟବହାର ପର୍ଯ୍ୟନ୍ତ କରାଯାଉଥିବା ପ୍ରଣାଳୀ ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ପାରୁ ନ ଥିବାରୁ ମ୍ୟାଲେରିଆରେ ନିରୀହ ଜୀବନ ଯାଉଥିବା ଅଭିଭାବକମାନେ କହୁଛନ୍ତି । ପ୍ରଶାସନ ପକ୍ଷରୁ ଜିଲ୍ଲାରେ ଔଷଧୀୟ ଯୁକ୍ତ ମଶାରୀ ବଣ୍ଟନ କରାଯାଉଥିବା, ପରିବେଶ ସଫା ସୁତୁରା ରଖିବା,ନାଳନର୍ଦ୍ଦମା ସଫା ରଖିବା ଆଦି ସଚେତନା ମୂଳକ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଉଥିବା କୁହାଯାଉଥିଲେ ମଧ୍ୟ ଜିଲ୍ଲାରେ ୭ମାସ ମଧ୍ୟରେ ୮୩୯୭ଜଣ ଆକ୍ରାନ୍ତ ହେବା ପରିସଂଖ୍ୟାନ ଉଦ୍‌ବେଗଜନକ ରହିଥିବା ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ହେଉଛି ।






## ଜୟଶଙ୍କରଙ୍କୁ ଭେଟିଲେ ଚୀନ୍ ବିଦେଶ ମନ୍ତ୍ରୀ



ନୂଆଦିଲ୍ଲୀ, ୧୮।୮(ଏଜେନ୍ସି): ଆମେରିକାର ଶୁଳ୍କ ଧମକ ମଧ୍ୟରେ ଚୀନ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ସୋମବାର ଭାରତ ଗସ୍ତରେ ଆସିଛନ୍ତି। ସେ ନୂଆଦିଲ୍ଲୀରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କୁ ଭେଟିଛନ୍ତି। ଉଭୟେ ସୀମା ବିବାଦ, ଦ୍ୱିପାକ୍ଷିକ ସମ୍ପର୍କରେ ଉନ୍ନତି ନେଇ ଚର୍ଚ୍ଚା କରିଥିଲେ। ଜୟଶଙ୍କର କହିଥିଲେ ଯେ ଦୁଇ ଦେଶର ସମ୍ବନ୍ଧ ପାରସ୍ପରିକ ସମ୍ମାନ, ସ୍ୱାର୍ଥ ଏବଂ ସମ୍ବେଦନଶୀଳତା ଉପରେ ଆଧାରିତ ହେବା ଉଚିତ। ରାଷ୍ଟ୍ର ମଧ୍ୟରେ ଥିବା ମତପାର୍ଥକ୍ୟକୁ ବିବାଦର ରୂପ ଦିଆଯିବା ଉଚିତ ନୁହେଁ। । ଦୁଇଦେଶର ସମ୍ପର୍କ ଖରାପ ସମୟ ଦେଇ ଗତି କରିଥିଲା। ଏବେ ଆଗକୁ ବଢ଼ିବାର ସମୟ ଆସିଯାଇଛି। ଏଥିପାଇଁ ଉଭୟ ପକ୍ଷରୁ ସ୍ପଷ୍ଟ ଏବଂ ଗଠନମୂଳକ ଆଭିମୁଖ୍ୟର ଆବଶ୍ୟକତା ରହିଛି। ଆତଙ୍କବାଦକୁ ନେଇ ମଧ୍ୟ ଜୟଶଙ୍କର ଚିନ୍ତା ପ୍ରକଟ କରିଥିଲେ। ସମସ୍ତ ପ୍ରକାର ଆତଙ୍କବାଦ ବିରୋଧରେ ଲଢେଇକୁ ପ୍ରାଧାନ୍ୟ ଦିଆଯିବା ଉଚିତ। ବୈଶ୍ୱିକ ସ୍ଥିତି ଏବଂ ପାରସ୍ପରିକ ସ୍ୱାର୍ଥ ଉପରା ଆଲୋଚନା କରି ଦ୍ୱିପାକ୍ଷିକ ସମ୍ବନ୍ଧର ସମୀକ୍ଷା ପାଇଁ ଏହି ବୈଠକ ଏକ ସୁଯୋଗ ଆଣିଛି ବୋଲି ଜୟଶଙ୍କର କହିଥିଲେ। ସେହିପରି ସୀମାବର୍ତ୍ତୀ ଅଞ୍ଚଳରେ ଆମେ ଶାନ୍ତି ଓ ସୌହାର୍ଦ୍ଦ ବଜାୟ ରଖିବାକୁ ଚାହୁଁଛୁ ବୋଲି ୱାଙ୍ଗ କହିଥିଲେ। ସହଯୋଗ ବୃଦ୍ଧିକୁ ଗୁରୁତ୍ୱ ଦିଆଯିବ। କୈଳାସ ମାନସରୋବର ଯାତ୍ରା ପୁଣି ଆରମ୍ଭ ହୋଇଛି ବୋଲି ୱାଙ୍ଗ କହିଥିଲେ। ଚୀନ୍‌ରେ ଆୟୋଜନ ହେବାକୁ ଯାଉଥିବା ଏସ୍‌ସିଓ ସମ୍ମିଳନୀ ପୂର୍ବରୁ ଏହି ବୈଠକକୁ ବେଶ୍ ଗୁରୁତ୍ୱ ଦିଆଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) କୁ ମଧ୍ୟ ୱାଙ୍ଗ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି।

## ସୁରତରେ ୨୫ କୋଟିର ହୀରା ଚୋରି

ସୁରତ, ୧୮।୮(ଏଜେନ୍ସି): ଗୁଜରାଟ ସୁରତର କାପୋଦରା ଅଞ୍ଚଳରେ ଡିକେ ଆଣ୍ଡ ସନ୍ସ ଡାଇମଣ୍ଡ କମ୍ପାନୀରୁ ପାଖାପାଖି ୨୫ କୋଟି ଟଙ୍କାର ହୀରା ଚୋରି ହୋଇଛି। ସୂଚନା ପାଇ ସ୍ଥାନୀୟ ପୁଲିସ ଓ କ୍ରାଇମ ବ୍ରାଞ୍ଚ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। କଟରରେ ଲକର୍ କାଟି ଲୁଟେରାମାନେ ହୀରା ଓ ନଗଦ ଟଙ୍କା ଲୁଟି ଏବଂ ପ୍ରମାଣ ନଷ୍ଟ କରି ପଳାଇ ଥିଲେ। ସିସିଟିଭି କ୍ୟାମେରା ଭାଙ୍ଗିବା ସହ ଡିଭିଆର ମଧ୍ୟ ନେଇ ଯାଇଥିଲେ। ପୁଲିସ ଅନ୍ୟ ସିସିଟିଭି ଫୁଟେଜକୁ ନେଇ ଯାଞ୍ଚ କରୁଛି। ଅଗଷ୍ଟ ୧୫, ଜନ୍ମାଷ୍ଟମୀ ଓ ରବିବାର ବଜାର ବନ୍ଦ ଥିବାର ସୁଯୋଗ ନେଇ ଲୁଟେରା ଏହି କାଣ୍ଡ ଘଟାଇ ଥିଲେ। ଲକ୍‌ରରେ ପ୍ରାୟ ୩୦ କୋଟି ଟଙ୍କାର ଜିନିଷ ଥିଲା ବୋଲି ମାଲିକ ଦେବେନ୍ଦ୍ର ଚୌଧୁରୀ କହିଛନ୍ତି।

## ଦିଲ୍ଲୀରେ ୩ ସ୍କୁଲକୁ ବୋମା ଧମକ

ନୂଆଦିଲ୍ଲୀ, ୧୮।୮(ଏଜେନ୍ସି): ଦିଲ୍ଲୀର ୩ଟି ସ୍କୁଲକୁ ସୋମବାର ବୋମା ଧମକ ମିଳିଛି। ସତର୍କତା ଦୃଷ୍ଟିରୁ ଦିଲ୍ଲୀ ପବ୍ଲିକ ସ୍କୁଲ ଦ୍ୱାରକା, ମର୍ଡନ କନଭେଣ୍ଟ ଓ ଶ୍ରୀରାମ ସ୍କୁଲ୍‌କୁ ଖାଲି କରାଯାଇ ଯାଞ୍ଚ କରାଯାଇଛି। ସକାଳେ ୭ଟାରେ ସ୍କୁଲରେ ବିସ୍ଫୋରକ ଥିବାର ସୂଚନା ମିଳିଥିଲା ବୋଲି ଦମକଳ ବିଭାଗ ଅଧିକାରୀମାନେ କହିଛନ୍ତି। ଏହାପରେ ଦିଲ୍ଲୀ ପୁଲିସ, ବୋମା ନିଷ୍କ୍ରିୟକାରୀ ଦଳ ଓ ଡଗ୍ ସ୍କ୍ୱାଡ ପହଞ୍ଚି ଖୋଜାଖୋଜି କରିଥିଲେ ବି କୌଣସି ବିସ୍ଫୋରକ ସାମଗ୍ରୀ ପାଇ ନ ଥିଲେ।

## ମାସକରେ ଆସାମରେ ସପ୍ତମ ଭୂକମ୍ପ

ଗୌହାଟୀ, ୧୮।୮(ଏଜେନ୍ସି): ଆସାମର ନାଗାଓଁରେ ସୋମବାର ଭୂକମ୍ପ ଅନୁଭୂତ ହୋଇଛି। ଏହାକୁ ମିସାଇ ଆସାମରେ ମାସକେ ସପ୍ତମ ଓ ନାଗାଓଁ ଜିଲ୍ଲାରେ ତୃତୀୟ ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ କୌଣସି କ୍ଷୟକ୍ଷତିର ସୂଚନା ମିଳିନାହିଁ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ରିଚର ସ୍କେଲ୍‌ରେ ଏହି ଭୂକମ୍ପର ତୀବ୍ରତା ୪.୩ ଥିଲା ବୋଲି ନ୍ୟାସନାଲ ସେଣ୍ଟର ଫର ସିସମୋଲୋଜି ପକ୍ଷରୁ କୁହାଯାଇଛି। ଅପରାହ୍ଣ ୧୨.୦୯ରେ ୩୫ କିମି ଗଭୀରରେ ଏହା ରେକର୍ଡ ହୋଇଥିଲା। ଏହି ଜିଲ୍ଲାରେ ପୂର୍ବରୁ ଗତ ୭ରେ ୩.୮ ଓ ୮ ତାରିଖରେ ୨.୮ ତୀବ୍ରତାର ଭୂକମ୍ପ ହୋଇଥିଲା। ଚଳିତ ମାସ ଆସାମରେ ଅନୁଭୂତ ହୋଇଥିବା ୭ଟି ଯାକ ଭୂକମ୍ପର ତୀବ୍ରତା ୨.୮ ରୁ ୪.୩ ଥିଲା।

## ଟୋଲ୍ ପ୍ଲାଜାରେ ସେନା ଯବାନଙ୍କୁ ମାଡ଼

ମିରଟ, ୧୮।୮(ଏଜେନ୍ସି): ଉତ୍ତରପ୍ରଦେଶର ମିରଟ୍‌ରେ କର୍ଣ୍ଣାଲ ରାଜପଥରେ ଥିବା ଭୁନି ଟୋଲ ପ୍ଲାଜାରେ ରବିବାର ରାତିରେ ସେନା ଯବା କପିଲ କଭଦଙ୍କୁ ମାଡ ମରାଯାଇଛି। ଏହାକୁ ନେଇ ସ୍ଥାନୀୟ ଗାଁ ଲୋକେ ସେଠାରେ ଭଙ୍ଗାରୁଜା କରିଛନ୍ତି। ଯବାନ ଜମ୍ମୁ- କଶ୍ମୀରରେ ନିୟୋଜିତ ଅଛନ୍ତି। ସେ ନିଜ ସମ୍ପର୍କୀୟ ଭାଇଙ୍କ ସହ ଦିଲ୍ଲୀ ବିମାନ ବନ୍ଦର ଯାଉଥିବାବେଳେ ଟୋଲ ଫି ଓ ସେଠାରେ ହେଉଥିବା ଜାମ୍ ନେଇ ଟୋଲ କର୍ମଚାରୀଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ଫଳରେ ଟୋଲ କର୍ମଚାରୀମାନେ ତାଙ୍କୁ ଗୋଇଠା, ବିଧା, ଚାପୁଡା ମାରିବା ସହ ଗାଳିଗୁଲଜ କରିଥିଲେ। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଏହି ମାମଲାରେ ୬ ଜଣଙ୍କୁ ପୁଲିସ ଗିରଫ କରିଛି।

## ତେଜପ୍ରତାପଙ୍କ ନୂଆ 'ଜନଶକ୍ତି ଜନତା ଦଳ'

ପାଟନା, ୧୮।୮(ଏଜେନ୍ସି): ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବଙ୍କ ବଡ଼ ପୁଅ ତେଜପ୍ରତାପ ନୂଆ ପାର୍ଟି 'ଜନଶକ୍ତି ଜନତା ଦଳ' ଗଢ଼ିଛନ୍ତି। ତେଜପ୍ରତାପଙ୍କ ଅନୁଗତ ବାଲେନ୍ଦ୍ର ଦାସ ୨୦୨୪ରେ ଏହି ଦଳରୁ ଲୋକସଭା ନିର୍ବାଚନ ଲଢିଥିଲେ। ସେତେବେଳେ ଦଳର ନିର୍ବାଚନ୍ଦ୍ର ଚିହ୍ନ ବଂଶୀ ଥିଲା। ଏବେ ଏହି ପାର୍ଟିକୁ ତେଜପ୍ରତାପ ନିଜ ନାମରେ କରାଇଛନ୍ତି ବୋଲି ନିର୍ବାଚନ କମିସନର ଜଣେ ଅଧିକାରୀ କହିଛନ୍ତି।

## ଏନ୍‌ଏଚ୍‌ଏଆଇକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ: ୧୨ ଘଣ୍ଟା ରାସ୍ତା ଜାମ୍ ହେଲେ ଟୋଲ୍ କାହିଁକି



ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି): ସୁପ୍ରିମକୋର୍ଟ ଆଜି ନ୍ୟାସନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ (ଏନ୍‌ଏଚ୍‌ଏଆଇ)କୁ ତୀବ୍ର ସମାଲୋଚନା କରିଛନ୍ତି। ଜାତୀୟ ରାଜପଥରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଲାଗି ରହୁଥିବା ଜାମ୍‌କୁ ନେଇ ପ୍ରଶ୍ନ କରିଛନ୍ତି। ଘଣ୍ଟାଏ ବାଟ ଯିବା ପାଇଁ ୧୨ ଘଣ୍ଟା ଲାଗିଲେ ଲୋକେ କାହିଁକି ଟୋଲ୍ ଦେବେ ବୋଲି ପ୍ରଧାନ ବିଚାରପତି (ସିଜେଆଇ) ବିଆର ଗଭାଇଙ୍କ ନେତୃତ୍ୱାଧୀନ ଜଷ୍ଟିସ ବିନୋଦ ଚନ୍ଦ୍ରନ ଏବଂ ଏନ ଭି ଅଞ୍ଜାରିଆଙ୍କ ଖଣ୍ଡପୀଠ ଏନ୍‌ଏଚଆଇକୁ ପ୍ରଶ୍ନ କରିଛନ୍ତି। କେରଳ ହାଇକୋର୍ଟଙ୍କ ରାୟ ବିରୋଧରେ ଦାଏର ମାମଲାର ଶୁଣାଣି କରି କୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି। ତ୍ରିଶୁର ଜିଲ୍ଲା ପାଲିୟେକାରାରେ ଥିବା ଟୋଲ୍ ଗେଟ୍‌ରୁ ଦେୟ ଆଦାୟ ନ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। କାରଣ ଏନ୍‌ଏଚ୍-୫୪୪ରେ ପଡୁଥିବା ଏହି ମାନୁଥି-ଏଡାପଲ୍ଲି ରାସ୍ତା ଅତି ଖରାପ ଥିଲା ଏବଂ ଗହଳି ଲାଗି ରହୁଥିଲା।

ଶୁଣାଣି ସମୟରେ ସୁପ୍ରିମକୋର୍ଟ କହିଥିଲେ ଯେ ଯଦି ଟ୍ରାଫିକ ନ ଥିବ ତେବେ ୬୫ କିମିର ଏହି ରାସ୍ତା ଅତିକ୍ରମ କରିବା ପାଇଁ ଅତିବେଶିରେ ଘଣ୍ଟାଏ ଲାଗିଥାଏ। ଯଦି ଟ୍ରାଫିକରେ ଭିଡ଼ ରହେ ତେବେ ଅତିବେଶିରେ ତିନି ଘଣ୍ଟା ଲାଗିବ। କିନ୍ତୁ ସହରର ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଯିବା ପାଇଁ ଯଦି ୧୨ ଘଣ୍ଟା ଲାଗିବ ତେବେ ଟୋଲ ବାବଦକୁ ୧୫୦ ଟଙ୍କା କାହିଁକି ଦିଆଯିବ? ଜାମ୍ ପାଇଁ ଘଣ୍ଟାଏ ବଦଳରେ ଲୋକଙ୍କୁ



୧୧ ଘଣ୍ଟା ଅଧିକ ଲାଗୁଛି ଏବଂ ଏଥିପାଇଁ ତାଙ୍କୁ ଟୋଲ୍ ମଧ୍ୟ ଦେବାକୁ ପଡୁଛି। ଏ ବିଷୟରେ ଜଷ୍ଟିସ ଚନ୍ଦ୍ରନ ପ୍ରଶ୍ନ କରିବାରୁ ଏନ୍‌ଏଚଏଆଇ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ ରାସ୍ତାରେ ଟ୍ରକ୍ ଖସି ପଡ଼ିବା ଈଶ୍ୱର କୃତ। ଏହାଉପରେ ଜଷ୍ଟିସ ଚନ୍ଦ୍ରନ କହିଥିଲେ ଯେ ଆପେ ଆପେ ଟ୍ରକ୍ ଖସିପଡ଼ି ନାହିଁ। ଖାଲରେ ପଡ଼ିଯିବାରୁ ଏହା ଦୁର୍ଘଟଣାର ଶିକାର ହୋଇଥିଲା। ଜବାବରେ ଏସ୍‌ଜି କହିଥିଲେ ଯେ ମୌସୁମୀ ବର୍ଷା ଯୋଗୁଁ ଅଣ୍ଡର ପାସ୍ ନିର୍ମାଣ କାର୍ଯ୍ୟ ଉପରେ ପ୍ରଭାବ ପଡ଼ିଛି। ଟୋଲ ହଟାଇବା ପରିବର୍ତ୍ତେ ହ୍ରାସ କରିବାକୁ ପରାମର୍ଶ ଦେଇଛନ୍ତି।

# ହ୍ୱାଇଟ୍ ହାଉସ ଉପରେ ବିଶ୍ୱର ନଜର

## ଟ୍ରମ୍ପଙ୍କୁ ଭେଟିବେ ଜେଲେନ୍ସ୍କି, ୟୁରୋପୀୟ ନେତା

ୱାସିଂଟନ , ୧୮।୮(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କୁ ଭେଟିବା ପରେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡାମିର ଜେଲେନ୍ସ୍କିଙ୍କୁ ଆଜି ଭେଟିବାର କାର୍ଯ୍ୟକ୍ରମ ରହିଛି। ରୁଷ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧକୁ ରୋକିବା ହିଁ ଏହି ବୈଠକର ମୂଳ ଲକ୍ଷ୍ୟ ବୋଲି କୁହାଯାଉଛି। ବୈଠକରେ ଜେଲେନ୍ସ୍କିଙ୍କୁ ବାଦ୍ ଦେଲେ ୟୁରୋପୀୟ ରାଷ୍ଟ୍ର ସଂଘର ଅଧ୍ୟକ୍ଷ ଉର୍ସୁଲା ଭୋନ୍ ଡେର ଲେୟେନ, ନାଟୋ ମହାସଚିବ ମାର୍କ ରୁଟ୍, ବ୍ରିଟେନ ପ୍ରଧାନମନ୍ତ୍ରୀ କିର ଷ୍ଟାରମର, ଜର୍ମାନୀ ଚାନ୍ସଲର ଫ୍ରେଡେରିକ ମର୍ଜ, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ ଓ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନଙ୍କ ଭଳି ୟୁରୋପୀୟ ନେତା ମଧ୍ୟ ଉପସ୍ଥିତ ରହିବେ। ହ୍ୱାଇଟ ହାଉସରେ ହେବାକୁ ଥିବାଏହି ବୈଠକ ଉପରେ ସାରା ବିଶ୍ୱର ନଜର ରହିଛି।

ଗତ ୭ ମାସ ମଧ୍ୟରେ ଟ୍ରମ୍ପ ଓ ଜେଲେନ୍ସ୍କି ତୃତୀୟଥର ପାଇଁ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଗତ ବୈଠକରେ ଟ୍ରମ୍ପ ଓ ଜେଲେନ୍ସ୍କିଙ୍କ ମଧ୍ୟରେ ଜୋରଦାର୍ ଯୁକ୍ତିତର୍କ ହୋଇଥିଲା। ଆମେରିକାଠାରୁ ସାହାଯ୍ୟ ପାଇଥିଲେ ମଧ୍ୟ ଜେଲେନ୍ସ୍କି କୃତଜ୍ଞ ନୁହଁ ବୋଲି ଟ୍ରମ୍ପ କହିଥିଲେ। ଖାସ ଏହି କାରଣରୁ ଦୁଇ ଦେଶ ମଧ୍ୟରେ ଖଣିଜ ପଦାର୍ଥକୁ ନେଇ କୌଣସି ଚୁକ୍ତି ହୋଇପାରି ନଥିଲା। ଏହାପରେ ଦୁହେଁ ଗତ ଏପ୍ରିଲ ୨୬ରେ ରୋମ୍‌ରେ ପୋପ୍‌ଙ୍କ ଅନ୍ତିମ ସଂସ୍କାରରେ ପରସ୍ପରକୁ ଭେଟିଥିଲେ। ଏଥର ବୈଠକରେ ଏଭଳି ସ୍ଥିତି ସୃଷ୍ଟି ହେବ ନାହିଁ ବୋଲି ଆଶା କରାଯାଉଛି। ବୈଠକରେ ଯୋଗ ଦେବାକୁ ଜେଲେନ୍ସ୍କି ଇତିମଧ୍ୟରେ ୱାସିଂଟନରେ ପହଞ୍ଚି ସାରିଛନ୍ତି। ଉଲ୍ଲେଖଥାଉ କି, ୩ ଦିନ ତଳେ ୟୁକ୍ରେନ ଯୁଦ୍ଧକୁ ନେଇ ପୁତିନ

### ନାଟୋରେ ସାମିଲ ହେବନି ୟୁକ୍ରେନ, କ୍ରିମିଆ ବି ମିଳିବ ନାହିଁ: ଟ୍ରମ୍ପ

ଓ ଟ୍ରମ୍ପ ଆଲସ୍କାରେ ଏକ ହାଇପ୍ରୋଫାଇଲ ବୈଠକରେ ମିଳିତ ହୋଇଥିଲେ। ୩ ଘଣ୍ଟାର ଏହି ବୈଠକରେ କୌଣସି ନିଷ୍କର୍ଷ ବାହାରି ପାରି ନ ଥିଲା। ଯୁଦ୍ଧ ଅବସରରେ ରୁଷିଆ ୟୁକ୍ରେନର ୨୦ ପ୍ରତିଶତ ଅଞ୍ଚଳ ଅର୍ଥାତ ପାଖାପାଖି ୧ ଲକ୍ଷ ୪୦ ହଜାର ୫୦୦ ବର୍ଗ କିମି ଅଞ୍ଚଳ ଦଖଲକୁ ଆଣିଛି ଓ ଏହାକୁ ଛାଡିବାକୁ ମନା କରିଛି। ବିନା କୌଣସି ସର୍ତ୍ତରେ ଅସ୍ତ୍ରବିରତି ହେଉ ବୋଲି ଜେଲେନ୍ସ୍କି କହିଛନ୍ତି। ଏବେ ଏହି ବୈଠକ ଉପରେ ସାରା ବିଶ୍ୱର ନଜର ରହିଛି।

ୟୁକ୍ରେନ୍‌କୁ ସାମରିକ ସଂଗଠନ ନାଟୋରେ ସାମିଲ କରାଯିବ ନାହିଁ ବୋଲି ରାଷ୍ଟ୍ରପତି ଟ୍ରମ୍ପ ବୈଠକ ପୂର୍ବରୁ ସ୍ପଷ୍ଟ କରିଛନ୍ତି। କେବଳ ସେତିକି ନୁହଁ, ୨୦୧୪ରୁ ରୁଷିଆ ଅକ୍ତିଆର କରିଥିବା କ୍ରିମିଆ ଅଞ୍ଚଳ ମଧ୍ୟ ୟୁକ୍ରେନ୍‌କୁ ମିଳିବନି ବୋଲି କହିଛନ୍ତି। ଏବେ ୟୁକ୍ରେନ ରାଷ୍ଟ୍ରପତି ଜେଲେନ୍ସ୍କିଙ୍କ



ଉପରେ ସବୁକିଛି ନିର୍ଭର କରୁଛି। ସେ ଚାହିଁଲେ ରୁଷିଆ ବିପକ୍ଷରେ ଯୁଦ୍ଧକୁ ରୋକି ପାରିବେ। ସେ ଯୁଦ୍ଧ ଜାରି ରଖିବେ ନା ଶାନ୍ତି ପାଇଁ ରାସ୍ତା ଖୋଜିବେ ସବୁକିଛି ଜେଲେନ୍ସ୍କିଙ୍କ ଉପରେ ନିର୍ଭର କରୁଛି ବୋଲି ଟ୍ରମ୍ପ କହିଛନ୍ତି। ୧୨ ବର୍ଷ ପୂର୍ବେ ସେତେବେଳର ଆମେରିକା ରାଷ୍ଟ୍ରପତି ବାରାକା ଓବାମାଙ୍କ ଗସ୍ତ ବେଳେ ବିନା ଗୁଳି ଚାଳନାରେ ରୁଷିଆକୁ କ୍ରିମିଆ ଦିଆଯାଇଥିଲା ଓ ୟୁକ୍ରେନ ବି ନାଟୋରେ ସାମିଲ ହୋଇ ନ ଥିଲା। ତେଣୁ କିଛି ଜିନିଷ କେବେବି ବଦଳିବ ନାହିଁ ବୋଲି ଟ୍ରମ୍ପ କହିଛନ୍ତି।

ଅନ୍ୟପଟେ ରୁଷିଆ ରାଷ୍ଟ୍ରପତି ପୁତିନ ୟୁକ୍ରେନକୁ ସୁରକ୍ଷା ପ୍ରତିଶ୍ରୁତି ଦେବେ ବୋଲି ଟ୍ରମ୍ପଙ୍କର ଜଣେ ବିଶେଷ ଦୂତ ଷ୍ଟିଭ ୱିଟ୍‌କଫ କହିଛନ୍ତି। ରୁଷିଆ ୟୁକ୍ରେନକୁ ନାଟୋ ଭଳି ସୁରକ୍ଷା ଦେବାକୁ ରାଜି। ଏ ନେଇ ଟ୍ରମ୍ପ ଓ ପୁତିନ ଆଲାସ୍କା ବୈଠକରେ ସହମତି ପ୍ରକାଶ କରିଥିଲେ। ତେବେ ୟୁକ୍ରେନ୍‌କୁ ନାଟୋର ସଦସ୍ୟତା ଦେବା ନେଇ ରୁଷିଆ କେବେ ରାଜି ହେବ ନାହିଁ ବୋଲି ପୁତିନ ସ୍ପଷ୍ଟ କରିଥିଲେ। ଆମେରିକା ଓ ୟୁରୋପୀୟ ରାଷ୍ଟ୍ରଗୁଡିକ ୟୁକ୍ରେନ୍‌କୁ ନାଟୋର ଧାରା-୫ ଭଳି ସୁରକ୍ଷା ବ୍ୟବସ୍ଥା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ଓ ପ୍ରସ୍ତାବିତ ଚୁକ୍ତିରେ ଏହା ଉଲ୍ଲେଖ କରାଯାଇଛି। ଉଲ୍ଲେଖଥାଉ କି, ନାଟୋର ଧାରା- ୫ ଅନୁସାରେ କୌଣସି ଗୋଟିଏ ରାଷ୍ଟ୍ର ଉପରେ ଆକ୍ରମଣ ହେଲେ ତାହା ସମସ୍ତଙ୍କ ଉପରେ ଆକ୍ରମଣ ବୋଲି ଧରି ନିଆଯିବ। ସେହିପରି ଆମେରିକା ୟୁକ୍ରେନ୍‌କୁ ସୁରକ୍ଷା ଗ୍ୟାରେଣ୍ଟି ଦେଇଥିବାରୁ ଜେଲେନ୍ସ୍କି କୃତଜ୍ଞତା ଜଣାଇଛନ୍ତି। ଏହା ଏକ ଐତିହାସିକ ନିଷ୍ପତ୍ତି ସେ କହିଛନ୍ତି। ତେବେ ଏହା କେବଳ କାଗଜ କଲମରେ ନୁହେଁ ବାସ୍ତବରେ ହେବା ଉଚିତ ଓ ଏଥିରେ ୟୁରୋପୀୟ ରାଷ୍ଟ୍ରଗୁଡିକର ସକ୍ରିୟ ଭୂମିକା ରହିବା ନିହାତି ଜରୁରୀ ବୋଲି ଜେଲେନ୍ସ୍କି ସ୍ପଷ୍ଟ କରିଛନ୍ତି।



## ମୋଦୀଙ୍କୁ ଫୋନ୍ କଲେ ପୁତିନ, ଆଲାସ୍କା କଥା କହିଲେ

ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି): ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ସୋମବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଫୋନ୍ କରିଛନ୍ତି। ଗତ ସପ୍ତାହରେ ଆଲାସ୍କାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ହୋଇଥିବା ଚର୍ଚ୍ଚା ବିଷୟରେ ମୋଦୀଙ୍କୁ ସୂଚନା ଦେଇଛନ୍ତି। ଆଲୋଚନା ମାଧ୍ୟମରେ ୟୁକ୍ରେନ ଯୁଦ୍ଧର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ମୋଦୀ କହିଛନ୍ତି। ଭାରତ ଏ ସମ୍ବନ୍ଧରେ ସମସ୍ତ ପ୍ରୟାସକୁ ସମର୍ଥନ କରୁଛି ବୋଲି ସେ ଉଲ୍ଲେଖ କରିଛନ୍ତି। ଆଲାସ୍କାରେ ଟ୍ରମ୍ପଙ୍କ ସହ ବୈଠକ ବିଷୟରେ ସୂଚନା ଦେଇଥିବାରୁ ପୁତିନଙ୍କୁ ମୋଦୀ ଧନ୍ୟବାଦ ଦେଇଛନ୍ତି। ଉଭୟ ନେତା ଦୁଇ ରାଷ୍ଟ୍ର ମଧ୍ୟରେ ରଣନୈତିକ ସହଯୋଗକୁ ଅଧିକ ମଜବୁତ କରିବା ପାଇଁ ମଧ୍ୟ ଚର୍ଚ୍ଚା କରିଛନ୍ତି। ସୂଚନାଯୋଗ୍ୟ ଯେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଏବଂ ଟ୍ରମ୍ପ ଗତ ୧୫ ତାରିଖରେ ଆଲାସ୍କାରେ ସାକ୍ଷାତ ଆଲୋଚନା କରିଥିଲେ। ଉଭୟେ ତିନି ଘଣ୍ଟା ପର୍ଯ୍ୟନ୍ତ ଚର୍ଚ୍ଚାକରିଥିଲେ। ତେବେ ଏହା ଫଳାଫଳଶୂନ୍ ରହିଥିଲା। ୟୁକ୍ରେନ ରାଷ୍ଟ୍ରପତି ଭୋଲ୍‌ଡାମିର ଜେଲେନ୍ସ୍କିଙ୍କ ଉପରେ ଶାନ୍ତି ପ୍ରକ୍ରିୟା ନିର୍ଭର କରୁଛି ବୋଲି ଟ୍ରମ୍ପ କହିଥିଲେ। ସେ ଏହି ବୈଠକ ସଫଳ ରହିଥିବା ଉଲ୍ଲେଖ କରିଥିଲେ। ସେହିପରି ଦେଶର ସୁରକ୍ଷା ସବୁଠୁ ଜରୁରୀ ବୋଲି ପୁତିନ କହିଥିଲେ। ସେ ପରବର୍ତ୍ତୀ ବୈଠକ ମସ୍କୋରେ କରାଇବାକୁ ପ୍ରସ୍ତାବ ଦେଇଥିଲେ।

ସୂଚନାଯୋଗ୍ୟ ଯେ ରୁଷ୍‌ଠାରୁ ତୈଳ କ୍ରୟକୁ ନେଇ ଆମେରିକା ଭାରତ ଉପରେ ଅତିରିକ୍ତ ୫୦ ପ୍ରତିଶତ ଶୁଳ୍କ ଲଗାଇଛି। ଭାରତ ଏହାକୁ ବେଆଇନ ବୋଲି କହିଛି।

## ମୁମ୍ବାଇରେ ପ୍ରବଳ ବର୍ଷା, ସ୍କୁଲ-କଲେଜ ଛୁଟି

ମୁମ୍ବଇ, ୧୮।୮(ଏଜେନ୍ସି): ମୁମ୍ବଇ ଓ ଆଖପାଖ ଅଞ୍ଚଳରେ ସୋମବାର ସକାଳୁ ପ୍ରବଳ ବର୍ଷା ଜାରି ରହିଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି। କେତେକ ଅଞ୍ଚଳରେ ପାଣି ଭରି ରହିଛି। ଏଥିପାଇଁ ସଡକରେ ଟ୍ରାଫିକ ଜାମ୍ ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ମୁମ୍ବାଇରେ ୫୪ ମିଲିମିଟର ବର୍ଷା ହୋଇଛି ବୋଲି ସ୍ଥାନୀୟ ପାଣିପାଗ ବିଭାଗ ସୂଚନା ଦେଇଛି। ବ୍ରୁହନ ମୁମ୍ବଇ ମ୍ୟୁନିସିପାଲ କର୍ପୋରେସନ (ବିଏମ୍‌ସି) ମୁମ୍ବଇର ସବୁ ସ୍କୁଲ ଓ କଲେଜ ଛୁଟି ଘୋଷଣା କରିଛନ୍ତି। ଅତିଆବଶ୍ୟକ ନ ହେଲେ ଲୋକଙ୍କୁ ଘରୁ ବାହାରକୁ ଯିବାକୁ ମନା କରାଯାଇଛି। ଆଗାମୀ କିଛି ଘଣ୍ଟାରେ ମୁମ୍ବାଇରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କାର୍ଯ୍ୟାଳୟ ତରଫରୁ ସତର୍କତା ଜାରି କରାଯାଇଛି। ମୁମ୍ବଇ ଭଳି ଥାନେ, ପାଲଘର ଓ ରାଇଘରରେ ମଧ୍ୟ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବର୍ଷା କାରଣରୁ ମୁମ୍ବଇ ବିମାନ ବନ୍ଦରରେ କେତୋଟି ବିମାନ ଉଡାଣ

### ଲୋକାଲ ଟ୍ରେନ୍ ଓ ବିମାନ ବିଳମ୍ବିତ

ବିଳମ୍ବିତ ହୋଇଛି। ତେବେ କେତେ ସଂଖ୍ୟାରେ ବିମାନ ଉଡାଣ ବିଳମ୍ବିତ ହୋଇଛି ସେ ନେଇ ବିମାନ ବନ୍ଦର କର୍ତ୍ତୃପକ୍ଷ କୌଣସି ସୂଚନା ଦେଇ ନାହାନ୍ତି। ବିମାନର ଉଡାଣ ହାରାହାରି ୫୪ ମିନିଟ୍ ବିଳମ୍ବିତ ହୋଇଛି ବୋଲି କୁହାଯାଇଛି। ସେହିପରି ଲୋକାଲ ଟ୍ରେନ୍‌ଗୁଡିକ ୧୫ରୁ ୨୦ ମିନିଟ୍ ବିଳମ୍ବରେ ଚାଲୁଛି। ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଓ



ଜମ୍ମୁ-କଶ୍ମୀରରେ ଗତ କେତେଦିନ ହେବ ପ୍ରବଳ ବର୍ଷା ଜାରି ରହିଛି। ଗତ ୩ ଦିନ ହେବ ହିମାଚଳରେ ବର୍ଷା ଜାରି ରହିଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଚଣ୍ଡିଗଡ଼-ମନାଲୀ ଚାରି ଲେନ ସମେତ ୩ଟି ଜାତୀୟ ରାଜପଥ ଓ ହିମାଚଳରେ ୪୦୦ ସଡ଼କ ବନ୍ଦ ରହିଛି। ଉତ୍ତରାଖଣ୍ଡରେ ଗଙ୍ଗୋତ୍ରୀ ଓ ଯମୁନୋତ୍ରୀ ରାଜପଥ ବର୍ଷା ଯୋଗୁଁ ଭାଙ୍ଗି ଯାଇଛି।

### କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

## ପ୍ରଶିକ୍ଷଣ ସମୟରେ ଶାରୀରିକ ଅକ୍ଷମ ଯବାନଙ୍କ ଯତ୍ନ ନିଅ

ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି): ସୁପ୍ରିମକୋର୍ଟ ସୋମବାର ସେନା ପ୍ରଶିକ୍ଷଣ ସମୟରେ ଶାରୀରିକ ଅକ୍ଷମ ହୋଇଥିବା ଯବାନଙ୍କ ଯତ୍ନ ନେବାକୁ କହିଛନ୍ତି। ଗୁରୁତର ଆହତ କିମ୍ବା ଦିବ୍ୟାଙ୍ଗ ହୋଇଯିବା କାରଣରୁ ମେଡିକାଲ ଆଧାରରେ ବାହାର କରିଦିଆଯାଇଥିବା କ୍ୟାଡେଟ (ଯବାନ)ଙ୍କ ତଥ୍ୟ ଦେବାକୁ ମଧ୍ୟ କେନ୍ଦ୍ର ସରକାର ଏବଂ ସେନାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଯୁବ କ୍ୟାଡେଟଙ୍କ ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ। ଏଭଳି ଯବାନଙ୍କୁ ବୀମା କରାଇବାକୁ କେନ୍ଦ୍ର ସରକାରଙ୍କୁ ଜଷ୍ଟିସ ବିଭି ନାଗରତ୍ନା ଏବଂ ଆର ମହାଦେବନଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ଏହି ସାହସୀ ଯୁବକ ସେନାରେ ରୁହନ୍ତୁ ବୋଲି ଆମେ ଚାହୁଁଛୁ। ଆହତ କିମ୍ବା ଦିବ୍ୟାଙ୍ଗତା ବାହାର କରିବାର କୌଣସି କାରଣ ହୋଇ ନ ପାରେ। ଅନେକ ପ୍ରତିଯୋଗିତାମୂଳକ ପରୀକ୍ଷା ଦେଇ ସେମାନେ ସେନାରେ ସାମିଲ ହୋଇଥିଲେ। ବୀମା ହେବା ଦ୍ୱାରା ସେମାନଙ୍କୁ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ପ୍ରତ୍ୟେକ ପ୍ରଶିକ୍ଷଣ ନେଉଥିବା ଯବାନଙ୍କ ବୀମା ରହିବା ଉଚିତ। ଟ୍ରେନିଂ ସମୟରେ ଆହତ ଯବାନଙ୍କୁ ମିଳୁଥିବା ୪୦ ହଜାର ଟଙ୍କାର ରାଶିକୁ ବୃଦ୍ଧି କରିବାକୁ ମଧ୍ୟ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ଏସ୍‌ଆଇଆର୍‌କୁ ନେଇ ସଂସଦରେ ବିରୋଧୀଙ୍କ ହଙ୍ଗାମା ଜାରି

ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି): ସଂସଦର ଉଭୟ ଗୃହରେ ଅଚଳାବସ୍ଥା ଜାରି ରହିଛି। ବିରୋଧୀ ଦଳଗୁଡିକ ବିହାରର ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ (ଏସ୍‌ଆଇଆର) କୁ ବିରୋଧ କରି ଆଜି ମଧ୍ୟ ହଙ୍ଗାମା ଜାରି ରଖିଛନ୍ତି। ନିର୍ବାଚନ କମିସନଙ୍କ ବିରୋଧରେ ସ୍ଲୋଗାନ ଦେଇଛନ୍ତି। ଏସଆଇଆର ପ୍ରକ୍ରିୟା ରଦ୍ଦ ଏବଂ ଏହା ଉପରେ ଚର୍ଚ୍ଚା ଦାବି କରୁଛନ୍ତି। କିନ୍ତୁ ସରକାର ବିରୋଧୀଙ୍କ ଦାବି ଶୁଣୁ ନାହାନ୍ତି। ବିରୋଧୀଙ୍କ ହୋହାଲ୍ଲା ଯୋଗୁଁ ଗୃହକୁ ବାରମ୍ବାର ମୁଲତବୀ ରଖିବାକୁ ପଡ଼ିଥିଲା। ବାଚସ୍ପତି ଓମ୍ ବିର୍ଲାଙ୍କ ଚେତାବନୀ ସତ୍ତ୍ୱେ ଲୋକସଭାରେ ବିରୋଧୀ ଶାନ୍ତ ପଡ଼ି ନ ଥିଲେ। ଗୃହର ମଧ୍ୟଭାଗରେ ଏକାଠି ହୋଇ ପ୍ଲାକାର୍ଡ ଧରି ବିରୋଧ ପ୍ରଦର୍ଶନ କରିଥିଲେ। ସରକାର ଏବଂ ନିର୍ବାଚନ କମିସନ ଭୋଟ ଚୋରି କରୁଥିବା ଅଭିଯୋଗ ଲଗାଇଥିଲେ। ଏହାକୁ ନେଇ ବାଚସ୍ପତି କହିଥିଲେ ଯେ ସରକାରୀ ସମ୍ପତ୍ତି ନଷ୍ଟ ପାଇଁ ସାଂସଦଙ୍କୁ ଲୋକେ ନିର୍ବାଚିତ କରିନାହାନ୍ତି। ଯଦି ନିୟମ ପାଳନ ନ କରିବେ

### କାର୍ଯ୍ୟାନୁଷ୍ଠାନ ପାଇଁ ଲୋକସଭାରେ ବାଚସ୍ପତିଙ୍କ ଚେତାବନୀ

ତେବେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କଠୋର ନିଷ୍ପତ୍ତି ନେବାକୁ ପଡ଼ିବ। ଦେଶବାସୀ ମଧ୍ୟ ଆପଣଙ୍କୁ ଦେଖୁଛନ୍ତି। ତେଣୁ ସରକାରୀ ସମ୍ପତ୍ତି ନଷ୍ଟ ନ କରିବାକୁ ପୁଣିଥରେ ଚେତାବନୀ ସହିତ ଅନୁରୋଧ କରି ସଂସଦକୁ କିଛି ସମୟ ପାଇଁ ସେ ମୁଲତବୀ କରିଦେଇଥିଲେ।

ଲୋକସଭା କାର୍ଯ୍ୟ ପୁଣି ଆରମ୍ଭ ହେବା ପରେ ଅପରାହ୍ଣ ୨ଟାରେ ଭାରତୀୟ ବାୟୁସେନାର ଗ୍ରୁପ୍ କ୍ୟାପଟେନ ଶୁଭାଂଶୁ ଶୁକ୍ଲାଙ୍କ ସଫଳ ମହାକାଶ ଯାତ୍ରା ଉପରେ ଚର୍ଚ୍ଚା ଆରମ୍ଭ ହୋଇଥିଲା। ଏହି ସମୟରେ ବିରୋଧୀ କକ୍ଷତ୍ୟାଗ କରିଥିଲେ। ଏହାକୁ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଦୁର୍ଭାଗ୍ୟ ଏବଂ ନିରାଶଜନକ କହିଥିଲେ। ମହାକାଶ ଭଳି କ୍ଷେତ୍ରକୁ ରାଜନୀତିଠାରୁ ଊର୍ଦ୍ଧ୍ୱରେ ରଖିବା ଉଚିତ ବୋଲି କହିଥିଲେ। ଏହି ଚର୍ଚ୍ଚାରେ ସାମିଲ ହୋଇ ବିରୋଧୀ ଗଠନମୂଳକ ପ୍ରସ୍ତାବ ଦେବାର ଥିଲା।

ଅନ୍ୟପକ୍ଷରେ ରାଜ୍ୟସଭାରେ ମଧ୍ୟ ବିରୋଧୀ ସଭ୍ୟ ହଙ୍ଗାମା ଜାରି ରଖିଥିଲେ। ଏଥିଯୋଗୁଁ ପ୍ରଥମେ ଗୃହକୁ ୨ଟା ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା। କାର୍ଯ୍ୟାରମ୍ଭ ହେବା ପରେ ଏସ୍‌ଆଇଆର ଉପରେ ଚର୍ଚ୍ଚା ଦାବି କରି ବିରୋଧୀ କକ୍ଷତ୍ୟାଗ କରିଥିଲେ। ବିରୋଧୀ ସଦସ୍ୟଙ୍କ ଅନୁପସ୍ଥିତିରେ ଚର୍ଚ୍ଚା କରି ଭାରତୀୟ ବନ୍ଦର ବିଲ୍ ପାରିତ କରାଯାଇଥିଲା। ଏହା ପରେ ଗୃହକୁ ମୁଲତବୀ କରାଯାଇଥିଲା। ତେବେ ବଙ୍ଗଳା ଭାଷା ବିବାଦକୁ ନେଇ ଟିଏମ୍‌ସି ସାଂସଦ କଲ୍ୟାଣ ବାନାର୍ଜୀ ଏବଂ ମହୁଆ ମୋଇତ୍ର ସଂସଦ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ସକାଳ
THE SAKALA
www.sakalaepaper.com






# ଡାଲିଜାତୀୟ ଫସଲରେ ରୋଗ ନିୟନ୍ତ୍ରଣ

**ଆମେ ଖାଉଥିବା ଖାଦ୍ୟର ଏକ ମୁଖ୍ୟ ଅଂଶ ହେଉଛି ଡାଲି। ଡାଲିରେ ବହୁତ ପରିମାଣର ପୁଷ୍ଟିସାର ରହିଛି। ଓଡ଼ିଶାରେ ଡାଲିଜାତୀୟ ଫସଲ ମଧ୍ୟରେ ହରଡ଼, ମୁଗ ଓ ବିରି ଆଦି ଚାଷ କରାଯାଏ। ତେବେ ବର୍ଷାଯୋଗୁଁ ଜମିରେ ପାଣି ଜମି ବିଭିନ୍ନ ରୋଗ ସୃଷ୍ଟି ହୋଇଥାଏ। ତନ୍ମଧ୍ୟରୁ ଚେରପଚା ଓ କାଣ୍ଡପଚା, ପତ୍ରଚିତ୍ରା ଓ ପତ୍ରପୋଡ଼ା ରୋଗ, ବୀଜାଣୁ ଜନିତ ପତ୍ରପୋଡ଼ା, ଝାଉଁଳା ଆଦି ପ୍ରମୁଖ ରୋଗ ଦେଖାଯାଇଥାଏ। ତେଣୁ ଏହି ରୋଗର ପ୍ରାଥମିକ ଲକ୍ଷଣକୁ ଦେଖି ନିୟନ୍ତ୍ରଣ କରିବା ଆବଶ୍ୟକ।**

ଅଧିକ ପାଣି ଜମି ହରଡ଼ରେ ପତ୍ର ଝାଉଁଳା ସମସ୍ୟା ଦେଖାଯାଏ। ଫଳରେ ଅମଳ ବାଧାପ୍ରାପ୍ତ ହୋଇଥାଏ। ଏଥିପାଇଁ କୃଷି ବିଶେଷଜ୍ଞଙ୍କ ପରାମର୍ଶ ନେଇ ଫସଲରେ କୀଟନାଶକ ସିଞ୍ଚିବା ଜରୁରି।

**ପତ୍ରଚିତା ଓ ପତ୍ରପୋଡ଼ା ରୋଗ:** ମୁଗ ଓ ବିରିରେ ଏହି ରୋଗ ଦେଖାଯାଇଥାଏ। ଗୋଲାକାରରୁ ଅଣ୍ଡାକୃତି ଏବଂ ଅନିୟମିତ କଳାବାଇଗଣି ରଙ୍ଗର ଚିହ୍ନ ପତ୍ରର ଉଭୟ ପାଶ୍ୱର୍ରେ ଦେଖାଯାଇଥାଏ। ଏହା କ୍ରମଶଃ ହଳଦିଆ ପଡ଼ି ଶୁଖି ଶେଷକୁ ଖସିପଡ଼େ। ତେଣୁ ଏହାର ପରିଚାଳନା ପାଇଁ କାର୍ବୋକ୍ସିନ ୩୭.୫% + ଥିରାମ ୩୭.୫% ଡିଏସ ପ୍ରତି କିଗ୍ରା ବିହନରେ ୨ ଗ୍ରାମ୍ ହିସାବରେ ମିଶାଇ ବିହନ ବିଶୋଧନ କରାଯିବା ଆବଶ୍ୟକ। ମାନକୋଜେବ ୭୫% ଡବ୍ଲ୍ୟୁପି ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ଲେଖାଏଁ ମିଶାଇ ୫୦୦ ଲିଟର ଘୋଳ ହେକ୍ଟର ପ୍ରତି ପ୍ରୟୋଗ କରାଯାଏ।

**ଚେରପଚା ଓ କାଣ୍ଡ ପଚା ରୋଗ:** ମାଟି ଯଥେଷ୍ଟ ଓଦାଥିଲେ ଗଛର ଚେର ଅଗ୍ରଭାଗରୁ ପଚିଯାଇ ଏହି ରୋଗ ହୋଇଥାଏ। ମାଟିର ଠିକ୍ ଉପରକୁ ମୂଳ ପାଖରେ ପଚିଯାଏ, ସଢ଼ା ମୂଳଟି କଳା ଦେଖାଯାଏ। ଶେଷରେ ଗଛଟି ମରିଯାଏ। ଏଥିପାଇଁ ଜମିରେ ଜଳ ନିଷ୍କାସନ ବ୍ୟବସ୍ଥା କରିବା ଆବଶ୍ୟକ। ଏହାର ପରିଚାଳନା ପାଇଁ କୃଷି ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ଫିମ୍ପିନାଶକ ଔଷଧ ଏକର ପିଛା ୪୦୦ ଗ୍ରାମ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିପାରିବେ। ସେହିପରି ମୂଳଭାଗକୁ ପ୍ରତି ଲିଟର ପାଣିରେ ୨.୫ ଗ୍ରାମ ମେଟାଲାକ୍ସିଲ (୮%)+ ମାନକୋଜେବ (୬୪%) ଡବ୍ଲୁପି କିମ୍ବା ୨ ଗ୍ରାମ କାର୍ବେଣ୍ଡାଜିମ୍ (୮%) + ମାନକୋଜେବ (୬୩%) ଏକ ଲିଟର ପାଣିରେ ୫୦୦ ଲିଟର ଘୋଳ ହେକ୍ଟର ପ୍ରତି ପ୍ରୟୋଗ କରିବା ଆବଶ୍ୟକ।

ହେକ୍ଟର ପିଛା ୨୫୦ କିଗ୍ରା ନିମ୍ବ ପିଡ଼ିଆ ଶେଷ ଓଡ଼ ଚାଷ ପୂର୍ବରୁ ମାଟିରେ ପକାଇ ଚାଷ କରି ମାଟିରେ ମିଶାଇ ଦେଲେ ଏହି ରୋଗରୁ ରକ୍ଷା ମିଳିଥାଏ। ଏକ ହେକ୍ଟରକୁ ୫୦ କିଗ୍ରା ଖତସାର ସହିତ ୫ କିଗ୍ରା ଟ୍ରାଇକୋଡର୍ମା ଭିରିଡ଼ି କିମ୍ବା ଟ୍ରାଇକୋଡର୍ମା ହାର୍ଜିଆନମ୍ ମୁଖ୍ୟ ଚାଷ ଜମିରେ ପ୍ରୟୋଗ କରନ୍ତୁ।

**ବୀଜାଣୁ ଜନିତ ପତ୍ରପୋଡା ରୋଗ:** ଏହି ରୋଗରେ ପତ୍ରରେ ହଳଦିଆ ବଳୟ ମଝିରେ ମାଟିର ଦାଗ ସହିତ ଫଳ ଓ କାଣ୍ଡରେ ନାଲି ଯାଦୁଆ ରଙ୍ଗ ଦେଖାଯାଏ। ଏହାର ପରିଚାଳନା ପାଇଁ ନିରୋଗ ବିହନ ସଂଗ୍ରହ କରି ପ୍ରତି ୧୦ ଲିଟର ପାଣିରେ ୧ ଗ୍ରାମ ଷ୍ଟ୍ରେପ୍ଟୋସାଇକ୍ଲିନ୍ କିମ୍ବା ୧୨୦ ଗ୍ରାମ୍ ପ୍ଲାଣ୍ଟୋମାଇସିନ୍ ମିଶାଇ ଦ୍ରବଣ ପ୍ରସ୍ତୁତ କରି ସେଥିରେ ଲଗାଇବା ପୂର୍ବରୁ ମଞ୍ଜିକୁ ୪ ଘଣ୍ଟା ବତୁରାଇ ବିଶୋଧନ କରାଯାଏ।

**ସାହେବୀ ରୋଗ:** ମୁଖ୍ୟତଃ ଏହି ରୋଗ ହେଲେ, ପତ୍ରରେ ହଳଦିଆ ସବୁଜ ଛାପା ଛାପା ଦାଗ ଦେଖାଯାଇଥାଏ। ଏହା ଏକ ଭୂତାଣୁ ଜନିତ ରୋଗ। ଧଳାମାଛି ହେଉଛି ଏହି ରୋଗର ବାହକ। ଏହି ରୋଗ ହେଲେ, ଫଳଗୁଡିକ ଛୋଟ ଓ ନଷ୍ଟ ହୋଇଥାଏ। ତେଣୁ ଆକ୍ରାନ୍ତ ଗଛକୁ ଜମିରୁ ଉପାଡ଼ି ଜମିଠୁ ଦୂରକୁ ଫିଙ୍ଗି ଦେବା ଭଲ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କାର୍ବେଣ୍ଡାଜିମ୍ ତଥା ଜୈବିକ ଉପାୟରେ ବିହନ ବିଶୋଧନ କରିବା ସହିତ ଫସଲ ଚକ୍ର ଉପରେ ଧ୍ୟାନ ଦେବା ଦ୍ୱାରା ରୋଗ ନିୟନ୍ତ୍ରଣ ହୋଇଥାଏ।



# ବାଲ୍‌କୋନି ବଗିଚା ପାଇଁ ସ୍ମାର୍ଟ ଟିପ୍‌ସ

**ଅଧିକାଂଶ ଲୋକଙ୍କର ବଗିଚା କରିବାର ସଉକ ଥାଏ। ହେଲେ ଦ୍ରୁତ ସହରୀକରଣ ଯୋଗୁଁ ଗଛ ଲଗାଇବା ପାଇଁ ସ୍ଥାନାଭାବ ଦେଖାଯାଏ। ଏହାର ସମାଧାନ ସ୍ୱରୂପ ଲୋକେ ଏବେ ବାଲ୍‌କୋନି ବଗିଚା ଟ୍ରେଣ୍ଡକୁ ଆପଣାଇଛନ୍ତି। ଏଥିପାଇଁ କିଛି ସ୍ମାର୍ଟ ଟିପ୍ସ ଆପଣାଇ ପାରିବେ।**

ବାଲ୍‌କୋନିରେ ଗୋଲାପ, ଗେଣ୍ଡୁ, ରଙ୍ଗଣୀ, ଜରବେରା, ମନ୍ଦାର, ମଲ୍ଲୀ ଆଦି ଫୁଲ ଗଛ, ପତ୍ରଯୁକ୍ତ ଗଛ, ପନିପରିବା ଲଗାଇପାରିବେ। ସପ୍ତାହକୁ ଥରେ ଗଛ ମୂଳରେ ଜୈବିକ ଖତ ପ୍ରୟୋଗ ଦ୍ୱାରା ଗଛ ବୃଦ୍ଧି ହୋଇ ଫୁଲ ଶୀଘ୍ର ଆସିଥାଏ। ସେହିପରି ସମସ୍ତ କୁଣ୍ଡକୁ କିପରି ସୂର୍ଯ୍ୟକିରଣ ପଡ଼ିପାରିବ ସେନେଇ ଧ୍ୟାନ ଦେବା ଆବଶ୍ୟକ। କୁଣ୍ଡରେ କେବେ ବି ଅଧିକ ପାଣି ଦିଅନ୍ତୁନି, ଏହା ଦ୍ୱାରା ମୂଳ ପଚିଯାଇପାରେ। ବାଲ୍‌କୋନିର ରଙ୍ଗବେରଙ୍ଗ ଫୁଲ ବଗିଚାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରେ।

**ତୁଳସୀ ମନିପ୍ଲାଣ୍ଟ୍ :** କାନ୍ଥ ପାଖେ ଛାଇ ତଥା କମ୍ ସୂର୍ଯ୍ୟକିରଣ ଆବଶ୍ୟକ କରୁଥିବା ଗଛ ଲଗାନ୍ତୁ। ଫର୍ଣ୍ଣ, ସ୍ପାଇଡର ପ୍ଲାଣ୍ଟ, ସ୍ନେକ ପ୍ଲାଣ୍ଟ, ହାର୍ଡି ଜେରେନିୟମ ପରି ଗଛ ଲଗାଇବା ଉପଯୁକ୍ତ। ଏହାର ଦେଖାଶୁଣା କରିବା ସହଜ ହୋଇଥାଏ। ବାଲକୋନିରେ ତୁଳସୀ, ମନିପ୍ଲାଣ୍ଟ, ଜେଡ ଜେନ୍, ଟେବୁଲ ଗୋଲାପ, ଏରେକା ପାମ ଗଛ ଲଗାଇପାରିବେ। ଲେମ୍ବୁଗଛ ଲଗାଇବା ଦ୍ୱାରା ସୁଗନ୍ଧ ପରିବେଶରେ ସକାରାତ୍ମକ ଶକ୍ତି ପ୍ରଦାନ କରେ।

**ଓହଳା ବାସ୍କେଟ:** ବାଲ୍‌କୋନିରେ କମ୍ ସ୍ଥାନ ଥିଲେ, କାନ୍ଥରେ ଭର୍ଟିକାଲ ପ୍ଲାଣ୍ଟରରେ ଗଛ ଲଗାଇପାରିବେ। ରେଲିଂରେ ଓହଳା ବାସ୍କେଟ୍ ଟାଙ୍ଗି ସେଥିରେ ଚେରି ଟମାଟୋ, ପୁଦିନା, ଧଣିଆ ଆଦି ଗଛ ଲଗାଇବା ଭଲ। ଭାରି କୁଣ୍ଡ ବଦଳରେ ହାଲୁକା ପ୍ଲାଷ୍ଟିକ କୁଣ୍ଡ ବ୍ୟବହାର ଜରୁରି। ଟେରାକୋଟା କୁଣ୍ଡ ବା କଣ୍ଟେନର ବ୍ୟବହାର କରିପାରିବେ। ଖତ ମିଶା ମାଟିରେ ଅଳ୍ପ କୋକୋପିଟ୍ ଓ ବାଲି ମିଶାଇ ଗଛ ଲଗାଇବା ଦ୍ୱାରା ଗଛର ବିକାଶ ଭଲ ହୁଏ।



**ଟେବୁଲରେ ସଜାନ୍ତୁ:** ବାଲ୍‌କୋନିର ଆକାର ଛୋଟ ଥିଲେ ର୍ୟାକ୍ ବନାଇ ସେଥିରେ ଗଛ ଲଗାଇ ପାରିବେ। ନତୁବା ବାଲକୋନି ମଝିରେ ଗୋଟିଏ ଛୋଟ କଫି ଟେବୁଲ ରଖି ସେଥିରେ ଛୋଟ କୁଣ୍ଡରେ ଅଳଙ୍କାରିକ ଗଛ ଲଗାଇପାରିବେ। ଏହା ବାଲ୍‌କୋନିର ସୌନ୍ଦର୍ଯ୍ୟ ବୃଦ୍ଧି କରାଏ।

**ବୋତଲ ଓ ପାଇପ୍‌ର ଉପଯୋଗ:** ବଡ଼ ପାଇପ୍‌ର ଦୁଇ ପାର୍ଶ୍ୱରେ ରସି ବାନ୍ଧି କାନ୍ଥ କିମ୍ବା ବାଲକୋନିରେ ଓହଳାଇ ପାରିବେ। ପାଇପ୍ ମଝି ଅଂଶକୁ କାଟି ଶୁଖିଲା ଖତ ଓ ମାଟି ଦେଇ ସେଥିରେ ବିଭିନ୍ନ ପ୍ରକାର ଫୁଲ ଓ ଫଳ ଗଛ ଧାଡି ଧାଡି କରି ଲଗାଇପାରିବେ।

**ପ୍ଲାଣ୍ଟ ସ୍କ୍ରିନ୍‌ର ସାହାଯ୍ୟ ନିଅନ୍ତୁ:** ବାଲ୍‌କୋନିକୁ ଅଧିକ ଆକର୍ଷଣୀୟ କରିବାକୁ ବାଉଁଶ ନିର୍ମିତ ସ୍କ୍ରିନ୍ କିମ୍ବା ସବୁଜ ସ୍କ୍ରିନ୍‌କୁ ବାଲକୋନିର ଏକ କୋଣକୁ ଢ଼ାଙ୍କି ପାରିବେ। ବାଲକୋନି ବଗିଚା ପାଇଁ ପରିବାଚୋପା, ଛଡ଼ାଫୁଲ, ତୁଳସୀ, ବେଲପତ୍ର ଆଦିକୁ ସଢ଼ାଇ ସେଥିରେ ଗୋବର, ଗୋମୂତ୍ର ସୋରିଷପିଡିଆ ଆଦି ମିଶାଇ ଖତ କରିପାରିବେ।

# ଚାଷୀଙ୍କ ଶ୍ରମ ଲାଘବ କରିବ କୃଷିବଟ୍

**ଫସଲରେ ରୋଗ ପୋକ ନିୟନ୍ତ୍ରଣ କରିବାକୁ ଚାଷୀ ବିଭିନ୍ନ ଉପାୟ ଆପଣାନ୍ତି। କୀଟନାଶକ ସିଞ୍ଚନ କରିବାକୁ ଚାଷୀ କୀଟନାଶକ ଯନ୍ତ୍ରକୁ ବୋହି ବୋହି ଅଧିକ ଯନ୍ତ୍ରଣା ସହିଥାନ୍ତି। ଏଥିପାଇଁ ସମୟ ଓ ଖର୍ଚ୍ଚ ମଧ୍ୟ ବଢ଼ିଯାଏ। ତେଣୁ ନିଜ ଦାଦାଙ୍କୁ ଅଙ୍ଗୁର ଚାଷରେ ଏପରି କାମ କରି ଥକି ପଡୁଥିବା ଦେଖି ମହାରାଷ୍ଟ୍ର, ନାସିକ ଜିଲ୍ଲା, ୱାନ୍‌ଖେଡେର ୧୭ ବର୍ଷୀୟ ଆଦିତ୍ୟ ପିଙ୍ଗଲେ କୃଷିବଟ୍ ନାମକ ଏକ ମୋବାଇଲ ନିୟନ୍ତ୍ରିତ ରୋବଟ୍ ବିକଶିତ କରିଛନ୍ତି।**

କୀଟନାଶକ ସିଞ୍ଚନରୁ ହେଉଥିବା ଚାଷୀଙ୍କ ଶାରୀରିକ ଶ୍ରମ କମ୍ କରିବା ଏହି ରୋବଟ୍‌ର ମୁଖ୍ୟ ଉଦ୍ଦେଶ୍ୟ। ବେକାର ତଥା ବର୍ଜ୍ୟ ସାମଗ୍ରୀ ଯଥା- ପୁରୁଣା ଟାୟାର, ୧୨ ଭୋଲ୍ଟ ଖେଳନା ଗାଡିରୁ ବାହାରିଥିବା ବ୍ୟାଟେରୀରୁ କୃଷିବଟ୍ ତିଆରି କରାଯାଇଛି। ଏହି ରୋବଟ୍‌ଟି ମୋବାଇଲ୍ - ନିୟନ୍ତ୍ରିତ ତଥା ୧୨ ଭୋଲ୍ଟ ରିଚାର୍ଜେବୁଲ ବ୍ୟାଟେରୀ ଚାଳିତ। ୱାଇ-ଫାଇ ସକ୍ଷମ ମାଇକ୍ରୋକଣ୍ଟ୍ରୋଲର ଥିବାରୁ ଏହା ମୋବାଇଲ୍ ଫୋନ୍ ସହିତ ଜଡିତ ହୋଇଥାଏ। ଯାହାକୁ ସହଜରେ ନିୟନ୍ତ୍ରଣ କରାଯାଇଥାଏ। ତେଣୁ ଚାଷୀଙ୍କୁ ଆଉ ଭାରି ଉପକରଣ ନେଇ କ୍ଷେତକୁ ଯିବାକୁ ପଡ଼େନାହିଁ। ଏଥିପାଇଁ ଆଦିତ୍ୟ ନବମ ଶ୍ରେଣୀରେ ପଢ଼ିବା ବେଳେ ମୋବାଇଲ ମରାମତି କାର୍ଯ୍ୟର ଏକ କୋର୍ସ ଶେଷ କରିଥିଲେ। ଏଥିପାଇଁ ତାଙ୍କୁ ସଲାମ ବମ୍ବେର ସହଯୋଗ ମିଳିଥିଲା। ବନ୍ଧୁ ପରାଶରାମ ପିଙ୍ଗଲ ଏବଂ ଅଭିଜିତ ପାୱାରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ଏହି କୃଷିବଟକୁ ଫୋନ୍ ଜରିଆରେ ଯେକୌଣସି ଦିଗକୁ ବୁଲାଇ ହୁଏ। ସ୍ପ୍ରେୟରକୁ ନିୟନ୍ତ୍ରିତ କରାଯାଇପାରେ। ଗୋଟିଏ ସ୍ଥାନରେ ବସି ବସି କମ୍ ସମୟରେ ଜମିରେ କୀଟନାଶକ ସିଞ୍ଚନ କରିବାରେ ସାହାଯ୍ୟ କରିଥାଏ। ଏହି ରୋବଟ୍‌ରେ ୩୬୦ ଡିଗ୍ରୀର ଏକ କ୍ୟାମେରା ମଧ୍ୟ ଲଗାଯାଇଛି। ଯାହାଦ୍ୱାରା ଚାଷୀଙ୍କୁ ଚାଷ ଜମିର ବାସ୍ତବ ଦୃଶ୍ୟ ଦେଖିବାକୁ ସୁଯୋଗ ମିଳିପାରିବ। ଏହି ଉପକରଣରେ ନଟ୍ ଭୋଲ୍ଟ ଯନ୍ତ୍ର ଲଗାଇଥିବାରୁ ଫସଲର ଉଚ୍ଚତା ଆଧାରରେ ଏହି ସିଞ୍ଚନକୁ ଉପର ତଳ କରାଯାଇପାରିବ। ଏଥିପାଇଁ ସେ ପ୍ରଥମେ ଅଙ୍ଗୁର ଏବଂ ପୁଦିନା ଜମିରେ ଏହି ଉପକରଣର ପରୀକ୍ଷଣ କରିଥିଲେ। ଏଥିରେ ସଫଳ ହୋଇଥିଲେ। ଏହି ଉପକରଣରେ ସିଞ୍ଚନ କରିବାରେ ଅଧିକ ସମୟ ଲାଗି ନ ଥାଏ। ଶାରୀରିକ ପରିଶ୍ରମ କମ୍ କରିବା ସହ ଖର୍ଚ୍ଚ ମଧ୍ୟ କମ୍ କରିଥାଏ। ଏହା ହାଲୁକା, କମ୍ପାକ୍ଟ ହୋଇଥିବାରୁ ଯେକୌଣସି ସ୍ଥାନକୁ ଅତି ସହଜରେ ନେଇ ହୁଏ। ଆଗାମୀ ଦିନରେ ଆଦିତ୍ୟ ଏପରି ଏକ ରୋବଟ ବନାଇବାକୁ ଚାହୁଁଛନ୍ତି ଯାହା ଫସଲରେ କୀଟ ନିୟନ୍ତ୍ରଣ କରିବା ସହ ଘାସ କାଟିବା ସହିତ ପୁରା ଜମିର ଦେଖାଶୁଣା କରିପାରିବ।



# ବର୍ଷାଦିନେ କୁକୁଡ଼ାଙ୍କ ଯତ୍ନ

**ବାଡ଼ି ଅଗଣାରେ କୁକୁଡ଼ା ଚାଷ କରି ଆମ ରାଜ୍ୟର ଚାଷୀଭାଇମାନେ ସ୍ୱାବଲମ୍ବୀ ହୋଇପାରୁଛନ୍ତି। ତେବେ ବର୍ଷାଦିନରେ ଅଗଣା, ବାଡ଼ି ଓଦା ଓ କାଦୁଅ ହୋଇଥାଏ। ଓଦା ପରିବେଶରେ ପୋକ, ମାଛି, ଝିଙ୍ଗି ବୃଦ୍ଧି ପାଉଥିବାବେଳେ ସେଠାରେ କୁକୁଡ଼ା ଚରିବା ଦ୍ୱାରା ସେମାନଙ୍କଠାରେ ଅନେକ ରୋଗ ସୃଷ୍ଟି ହୋଇଥାଏ। ତନ୍ମଧ୍ୟରୁ ବସନ୍ତ, ପତଳାଝାଡ଼ା, କୃମିଜନିତ ସମସ୍ୟା, ଘୁମା ରୋଗ ଦେଖାଦେଇଥାଏ। ତେଣୁ ଏହି ଦିନେ କିପରି କୁକୁଡ଼ାଙ୍କ ଯତ୍ନ ନେବେ ଜାଣି ରଖନ୍ତୁ।**

ଏହି ଦିନେ ସେମାନଙ୍କ ରହିବା ସ୍ଥାନକୁ ସଫା ଓ ଶୁଖିଲା ରଖିବା ଜରୁରି। ପାଣି ଜମିବାକୁ ଦିଅନ୍ତୁନି। ବର୍ଷାଦିନେ ସେମାନଙ୍କ ଶରୀରର ଶକ୍ତି ବୃଦ୍ଧି ପାଇଁ ପୌଷ୍ଟିକ ଖାଦ୍ୟ ଦେବା ଆବଶ୍ୟକ। ସଫା ପାଣି ପିଇବାକୁ ବନ୍ଦୋବସ୍ତ କରିବା ସହ ଶୁଖିଲା ଦାନା ଖାଇବାକୁ ଦେବା ଆବଶ୍ୟକ। ସାଧାରଣତଃ ବର୍ଷାଦିନେ ବସନ୍ତ ରୋଗ ହେବା ଦ୍ୱାରା କୁକୁଡ଼ାଙ୍କ ଆଖି ମୁହଁରେ ଫୋଟକା ସୃଷ୍ଟି ହୋଇଥାଏ। ଏଥିଯୋଗୁଁ କୁକୁଡା ଭଲ ଭାବେ ଦେଖିପାରନ୍ତିନି। ତେଣୁ ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ଫାଉଲପକ୍ସ ନାମକ ବସନ୍ତ ଟିକା କୁକୁଡ଼ାକୁ ଦେବା ଜରୁରି। ମଛାମାଶିରୁ ସୁରକ୍ଷା ଦେବାକୁ ଫାର୍ମରେ ଜାଲି ଲଗାଇପାରିବେ। ଆଖପାଖରେ ପାଣି ଜମିବାକୁ ଦିଅନ୍ତୁନି। ନିମ୍ବ ଧୂଆଁ କିମ୍ବା ହର୍ବାଲ ସିଞ୍ଚନ କରିପାରିବେ। ଫାର୍ମରେ ଲାଇଟ୍ ଲଗାଇବା ଭଲ ବିକଳ୍ପ। ସେହିପରି ଓଦା ଦାନା, କାଠିକୁଟା, କୀଟ ଖାଇବା ଦ୍ୱାରା କୁକୁଡ଼ାଙ୍କୁ ପତଳାଝାଡ଼ା ହୋଇପାରେ। ଏହି ଲକ୍ଷଣ ଦେଖିଲେ ଆଲବେଣ୍ଡାଜଲ ସିରାପ୍‌କୁ ଗୋଟିଏ ଠିପା ଆଖିରେ ପକାଇପାରିବେ। କୁକୁଡ଼ାଙ୍କ ମୁଣ୍ଡବୁଲାଇବା ସମସ୍ୟା ତଥା ଘୁମାରୋଗ ଯୋଗୁଁ କୁକୁଡ଼ା ମୃତ୍ୟୁମୁଖରେ ପଡ଼ିଥାନ୍ତି। ଏନେଇ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ କରନ୍ତୁ। ସେହିପରି କୁକୁଡ଼ାଙ୍କ କୃମିଜନିତ ସମସ୍ୟା ଲାଗି ବର୍ଷକୁ ୪ଥର କୃମିନାଶକ ବଟିକା ଦିଅନ୍ତୁ।



# ଆଖୁ ପତ୍ର କଳା ପଡୁଥିଲେ

ଆଖୁ ଏକ ଅର୍ଥକାରୀ ଫସଲ। ଚିନି ଗୁଡ଼ ପ୍ରସ୍ତୁତି ପାଇଁ ଆଖୁର ବ୍ୟବହାର କରାଯାଏ। ଆଖୁ ଚାଷୀଙ୍କ ପାଇଁ ଅଗଷ୍ଟ ମାସ ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏହି ସମୟଟି ଗଛ ବଢ଼ିବାର ସମୟ। ତା ସହିତ ଆଖୁରେ ଇଣ୍ଟରନୋଡ ତଥା ପବ ଛାଡ଼ିବା ପ୍ରକ୍ରିୟା ଆରମ୍ଭ ହୋଇଯାଇଥାଏ। ସାଧାରଣତଃ ବର୍ଷାଦିନେ ଆଖୁ ଫସଲରେ ବିଭିନ୍ନ ପୋକ ଲାଗିବାର ଆଶଙ୍କା ବୃଦ୍ଧି ପାଇଥାଏ। ତନ୍ମଧ୍ୟରୁ ପତ୍ରଖିଆ ପୋକ, ଜଉପୋକ ଫସଲକୁ ଅଧିକ ପ୍ରଭାବିତ କରିଥାନ୍ତି। ପତ୍ରରୁ ରସ ଶୋଷି ନେଇଥାନ୍ତି। ଆଖୁ ପତ୍ରଗୁଡ଼ିକ ଧୀରେ ଧୀରେ କଳା ରଙ୍ଗ ହୋଇଯାଇଥାଏ। ଏହା ଗଛ ବୃଦ୍ଧିରେ ସମସ୍ୟା ସୃଷ୍ଟି କରିଥାଏ। ତେଣୁ କୃଷି ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ପତ୍ରରୁ ରସ ଶୋଷିନେଉଥିବା ଶୋଷକ କୀଟର ନିୟନ୍ତ୍ରଣ ପାଇଁ ୫ ଲିଟର କ୍ଲୋରୋପାଇରିଫସ୍ ୨୦% ଇସି ଘୋଳ କରି ଏକ ହେକ୍ଟରରେ ସିଞ୍ଚନ କରିପାରିବେ। ବର୍ଷା ବଦଳରେ ଲଗାତାର ଖରାଟିଆ ପାଗ ରହିଲେ ଆଖୁ ଫସଲରେ ଦହିଆ ପୋକ ଲାଗିବାର ଆଶଙ୍କା ଅଧିକ ଦେଖାଯାଏ। ଏହି ପୋକ ଲାଗିଲେ ଗଛରେ ମେଞ୍ଚା ମେଞ୍ଚା ଦହି ଛିଞ୍ଚିହେବା ପରି ଲାଗିଥାଏ। ତେଣୁ ଏହାର ନିୟନ୍ତ୍ରଣ ପାଇଁ ଅନୁମୋଦିତ ହାରରେ ଇମିଡାକ୍ଲୋପ୍ରିଡ କୀଟନାଶକ ସିଞ୍ଚନ କରିବା ଆବଶ୍ୟକ। ଯଦି ଚାହିଁବେ ଫସଲରେ ଜୈବିକ ଖତ ତଥା କୀଟନାଶକ ଅନୁମୋଦିତ ହାରରେ ପ୍ରୟୋଗ କରିପାରିବେ। ବର୍ଷା ସମୟରେ କୀଟନାଶକ ପ୍ରୟୋଗ କରିବା ଅନୁଚିତ। ଔଷଧ ସିଞ୍ଚନ ପରେ ଯଦି ବର୍ଷା ହୋଇଯାଏ କିମ୍ବା ପୋକ ଫସଲରେ ପୁଣି ଦୃଶ୍ୟମାନ ହୁଅନ୍ତି, ୨୦ରୁ ୨୫ ଦିନ ଅନ୍ତରରେ ଉପରୋକ୍ତ କୌଣସି ଏକ କୀଟନାଶକ ସିଞ୍ଚନ କରିପାରିବେ।



# ଚାକିରି ଛାଡ଼ି ପାଣିରେ ଚାଷ

**ଅଧୁନା ଲୋକମାନେ ଆଧୁନିକ କୌଶଳରେ ଚାଷ କରୁଛନ୍ତି। ଏଥିରେ ହାଇଡ୍ରୋପୋନିକ ଚାଷ ଅନ୍ତର୍ଭୁକ୍ତ। ଏହି କୌଶଳରେ ଚାଷୀମାନେ ଭଲ ଟଙ୍କା ରୋଜଗାର କରୁଛନ୍ତି। ତେଣୁ ଚାଷର ଚାହିଦା ଦେଖି ବିହାର, କଙ୍କଡବାଗ ଅଞ୍ଚଳର ମହମ୍ମଦ ଜାଭେଦ ସରକାରି ଚାକିରି ଛାଡି ହାଇଡ୍ରୋପୋନିକ କୌଶଳରେ ନର୍ସରୀ ଚଳାଉଛନ୍ତି। ଏହାସହିତ ବିଦ୍ୟାର୍ଥୀଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି।**

୧୯୯୩ ମସିହାରେ ପାଟଣା କୃଷି ବିଜ୍ଞାନ କେନ୍ଦ୍ରରେ ସେ କାର୍ଯ୍ୟରତ ଥିଲେ। ପରବର୍ତ୍ତୀ ସମୟରେ ହାଇଡ୍ରୋପୋନିକ କୌଶଳ ସହିତ ଜଡିତ ଜ୍ଞାନ ତାଙ୍କୁ ପ୍ରଭାବିତ କରିଥିଲା। ତେଣୁ ସେ ବିନା ମାଟିରେ ପନିପରିବା ସହିତ ଘରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଇନଡୋର ଏବଂ ଆଉଟଡୋର ଗଛକୁ ପାଣିରେ ଲଗାଇଲେ। ୨୦୨୦ ମସିହାରେ ସେ ଘରେ ହାଇଡ୍ରୋପୋନିକ କୌଶଳରେ ଇନଡୋର ଏବଂ ଆଉଟଡୋର ଗଛର ଏକ ଦୋକାନ ମଧ୍ୟ ଖୋଲିଥିଲେ। ଏଠାରେ ୧୦୦ଟଙ୍କାରୁ ନେଇ ୧୦୦୦ଟଙ୍କାର ଗଛ ଉପଲବ୍ଧ ଥିଲା। ଅବଶ୍ୟ ଏହି କାମ ପାଇଁ ସେ ଚାରିଜଣଙ୍କୁ ରୋଜଗାର ଦେଇଥିଲେ। ହାଇଡ୍ରୋପୋନିକ କୌଶଳରେ ବ୍ୟବସାୟ ସହିତ ଘର, ଛାତ, ବାଲ୍‌କୋନି ସବୁଠି ଫଳ ପନିପରିବା ଫଳାଇଛନ୍ତି। ସମନ୍ୱିତ କୃଷି ପ୍ରଣାଳୀରେ ସେ ଘର ଛାତରେ କୁକୁଡ଼ା, ସ୍ୱତନ୍ତ୍ର ପକ୍ଷୀ, ମାଛ ପାଳନ କରୁଛନ୍ତି। ବର୍ତ୍ତମାନ ତାଙ୍କ ପାଖେ ୩୦୦ରୁ ଅଧିକ ଗଛ ରହିଛି। ତନ୍ମଧ୍ୟରୁ ବାଇଗଣ, ଜହ୍ନି, ଟମାଟୋ, ଲଙ୍କା, ଲାଉ ସହିତ ଅନେକ ପନିପରିବା, ଫଳ, ଅଳଙ୍କାରିକ ଗଛ ଆଦି ସାମିଲ ରହିଛି। ସବୁଠୁ ବଡ଼ କଥା ହେଉଛି, ବର୍ଷା ଜଳ ସଂରକ୍ଷଣ ପ୍ରଣାଳୀରେ ସେ ଭୂଜଳସ୍ତର ସମନ୍ୱୟ ରଖିବାରେ ଯୋଗଦାନ ଦେଉଛନ୍ତି।

ବିଦ୍ୟାର୍ଥୀଙ୍କୁ ସେ ଏ ସମ୍ବନ୍ଧୀୟ ଶିକ୍ଷା ମଧ୍ୟ ଦେଉଛନ୍ତି। ତାଙ୍କ କହିବାନୁସାରେ, ହାଇଡ୍ରୋପୋନିକ କୌଶଳରେ ଗଛର ମୂଳର ସଂରଚନା ସ୍ପଷ୍ଟ ରୂପେ ଦେଖାଯାଇଥାଏ। ଯାହାକି ମାଟିରେ ସମ୍ଭବ ହୁଏ ନାହିଁ। କେବଳ ପାଣି ବ୍ୟବହାର କରି ଏହି ଚାଷ କରିବା ସମ୍ଭବ। ଏନେଇ ସେ ହାଇଡ୍ରୋପୋନିକ୍ ଚାଷ ଉପରେ ୧୧ଟି ବହି ଲେଖିଛନ୍ତି। ଏଥିରେ ବିଭିନ୍ନ ପଦ୍ଧତିରେ ଗଛର ଦେଖାରଖା, ସହରରେ ଚାଷ ପଦ୍ଧତି ବିଷୟରେ ବିସ୍ତୃତ ଭାବେ ଲେଖିଛନ୍ତି। ଭବିଷ୍ୟତରେ ହାଇଡ୍ରୋପୋନିକ ଚାଷର ଆଦର ବଢ଼ିବ। ଏଥିରେ କମ୍ ପାଣି ଏବଂ ଅଳ୍ପ ସମୟ ଲାଗିଥାଏ। ଏଥିରେ ମାଟିର ଆବଶ୍ୟକତା ନ ଥିବାରୁ ଘରେ ଜଳବାୟୁ ନିୟନ୍ତ୍ରଣ କରି ଚାଷ କରାଯାଏ। କେବଳ ନିର୍ଦ୍ଦିଷ୍ଟ ବ୍ୟବଧାନରେ ଗଛରେ ତରଳ ସାର ପ୍ରୟୋଗ କରାଯାଏ। ବର୍ତ୍ତମାନ ସେ ପାଣି ସାହାଯ୍ୟରେ ହାଇଡ୍ରୋପୋନିକ ପଦ୍ଧତିରେ ଗହମ ଉତ୍ପାଦନ କରୁଛନ୍ତି। ଏଥିରେ ଯଦି ସଫଳ ହୁଅନ୍ତି ଭବିଷ୍ୟତରେ ଏହା କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ।



# କୃଷି ପାଣିପାଗ

## ଏ ସପ୍ତାହ ପାଇଁ କେତେକ ପରାମର୍ଶ...

- ବୁଣାଧାନରେ ଘାସମରା ଔଷଧ ପ୍ରୟୋଗ କରି ନ ଥିଲେ ଧାନ ବୁଣିବାର ୨୫ରୁ ୩୦ ଦିନ ପରେ ବେଉଷଣ କରିଦିଅନ୍ତୁ।
- ମକା, ଚିନାବାଦାମ ଓ ଶସ୍ୟ ଜାତୀୟ ଫସଲରେ ଶୋଷକ କୀଟ ଯଥା ଜଉ, ଉକୁଣିଆ, ପତ୍ରଡିଆଁ ଦହିଆ ଓ ଧଳାମାଛି ଭଳି ପୋକର ନିରୀକ୍ଷଣ ଓ ନିୟନ୍ତ୍ରଣ ପାଇଁ ଏକର ପିଛା ୮ଟି ଅଠାଲାଗିଥିବା ହଳଦିଆ ଯନ୍ତାକୁ ଜମିରେ ଲଗାନ୍ତୁ।
- ଶସ୍ୟଜାତୀୟ ଫସଲ, ମକା, ଚିନାବାଦାମ ଏବଂ ପନିପରିବା ଆଦି ଚାଷ ହେଉଥିବା ଜମିରୁ ବଳକା ପାଣି ନିଷ୍କାସନର ବ୍ୟବସ୍ଥା କରନ୍ତୁ।
- ଏବେ ଆଫ୍ରିକୀୟ ଗେଣ୍ଡୁ ଲଗାଯାଇପାରିବ।



# ଏସିଆ କପ୍ ଲାଗି ଭାରତୀୟ ଦଳ ଚୟନ ଆଜି

ମୁମ୍ବଇ, ୧୮।୮ (ଏଜେନ୍ସି): ଟେଷ୍ଟ କ୍ରିକେଟରେ ହିରୋର ପ୍ରଦର୍ଶନ। ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ୭୫୦ ରନ୍ ସଂଗ୍ରହ ଓ ଗତ ଆଇପିଏଲ୍‌ରେ ଗୁଜରାଟ ଟାଇଟାନ୍ସର ନେତୃତ୍ୱ ନେଇ ୬୫୦ରୁ ଉଦ୍ଧ୍ୱର୍ ରନ୍ ସଂଗ୍ରହ କରିଥିବା ଭାରତୀୟ ଟେଷ୍ଟ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଏସିଆ କପ୍ ଲାଗି ଭାରତୀୟ ଦଳରେ ସ୍ଥାନ ମିଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ୟୁଏଇରେ ସେପ୍ଟେମ୍ବର ୯ରୁ ୨୮ ତାରିଖଯାଏ ଖେଳାଯିବ ଏସିଆ କପ୍। ଏହି ଟୁର୍ଣ୍ଣାମେଣ୍ଟ ଟି-୨୦ ଫର୍ମାଟରେ ଖେଳାଯାଉଥିବାରୁ ଗତ ୩ଟି ସିରିଜ୍‌ରେ ଚମତ୍କାର ପ୍ରଦର୍ଶନ ପ୍ରଦର୍ଶନ କରିଥିବା ଫାଷ୍ଟ ବୋଲର ମହମ୍ମଦ୍ ସିରାଜଙ୍କୁ ଏସିଆ କପ୍ ଟିମ୍‌ରେ ସ୍ଥାନ ମିଳି ନ ପାରେ। ଏହା ମଧ୍ୟରେ ଫିଟ୍‌ନେସ୍ ଟେଷ୍ଟରେ ପାସ୍ ହୋଇ ସୂର୍ଯ୍ୟକୁମାର ଯାଦବ ମୁମ୍ବଇରେ ପହଞ୍ଚିଛନ୍ତି। ସେ ଆସନ୍ତାକାଲି ହେବାକୁ ଥିବା ବୈଠକରେ ଉପସ୍ଥିତ ରହିବେ ବୋଲି ସୂଚନା ମିଳିଛି। ଏହାର ଅର୍ଥ ସ୍ପଷ୍ଟ ଯେ ସୂର୍ଯ୍ୟକୁମାର ଯାଦବ ପୂର୍ବପରି ଦଳର ଅଧିନାୟକ ରହିବେ। ସେ ଚାହୁଁଥିବା ଖେଳାଳିଙ୍କୁ ନିଶ୍ଚିତ ଦଳରେ ସୁଯୋଗ ମିଳିବ ବୋଲି ଆଶା କରିବା ସ୍ୱାଭାବିକ୍।

ଚୟନ କମିଟିର ସବୁଠାରୁ ବଡ଼ ଚିନ୍ତା ଶୁବମନ ଗିଲ୍‌ଙ୍କୁ ନେଇ। ଏବେ ଦଳରେ ସଞ୍ଜୁ



**● ସେପ୍ଟେମ୍ବର ୯ ରୁ ଆରମ୍ଭ ଏସିଆ କପ୍**
**● ୧୪ରେ ଭାରତ-ପାକିସ୍ତାନ ମୁକାବିଲା**
**● ସାମିଲ ହୋଇ ନ ପାରନ୍ତି କିଛି ପ୍ରମୁଖ ଖେଳାଳି**

କରିଥିବା ଖେଳାଳିମାନଙ୍କୁ ଅଣଦେଖା କରାଯାଇ ପାରିବ ନାହିଁ। ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା ଓ ବାଂଲାଦେଶ ବିପକ୍ଷରେ ଯେଉଁ ଖେଳାଳିମାନେ ମ୍ୟାଚ୍ ଜିତାଇଛନ୍ତି, ସେମାନଙ୍କୁ ବାଦ୍ ଦେବାକୁ ଅଜିତ ଅଗରକରଙ୍କ ନେତୃତ୍ୱରେ ଗଠିତ ବିସିସିଆଇ ସିନିୟର ସିଲେକ୍ସନ କମିଟି ଆଦୌ ଚାହୁଁ ନାହିଁ। ଚୟନ କମିଟି ଯଦି ତାହାର ଚିନ୍ତାଧାରାରେ ତିଷ୍ଠି ରୁହେ, ତେବେ ଫର୍ମରେ ଥିବା ଦୁଇ ଖେଳାଳି ଶୁବମନ ଗିଲ୍ ଓ ଇଂଲଣ୍ଡରେ ଧମାକାଦାର ଖେଳ ସାମସନ ଓ ଅଭିଷେକ ଶର୍ମା ଓପନର ଭାବେ ଖେଳୁଛନ୍ତି। ଇଂଲଣ୍ଡ ବିପକ୍ଷରେ ୫୪ ବଲ୍‌ରୁ ୧୫୫ ରନ୍ ସଂଗ୍ରହ କରିବା ପରେ ଅଭିଷେକ ବିଶ୍ୱର ନଂ-୧ କିମ୍ବା ୨ ନମ୍ବର ବ୍ୟାଟର ଭାବେ ଆଇସିସି ର୍‍ୟାଙ୍କିଙ୍ଗ୍‌ରେ ସ୍ଥାନ ପାଇଆସିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ୨ଟି ଓ ବାଂଲାଦେଶ ବିପକ୍ଷରେ ଗୋଟିଏ ଶତକ ହାସଲ କରିବା ପରେ ତିଳକ ବର୍ମାଙ୍କୁ ନଂ-୩ରୁ ହଟାଇବାକୁ ଚୟନ କମିଟି ସାହସ କରିବ ନାହିଁ। ଏପରି ସ୍ଥଳେ ସାମସନ, ଶର୍ମା ଓ ବର୍ମାଙ୍କ ସ୍ଥାନ ପ୍ରଥମ ୩ଟି ପୋଜିସନରେ ସୁରକ୍ଷିତ। ଏଣୁ ଦ୍ୱିତୀୟ ଓପନର ଭାବେ ଗିଲ୍‌ଙ୍କ ପରି ବ୍ୟାଟରଙ୍କୁ ଦଳରେ ସାମିଲ କରି ନ ଖେଳାଇବା ଟିମ୍ ଉପରେ ଖରାପ ପ୍ରଭାବ ପକାଇବ। ଗିଲ୍ ଏବେ କ୍ୱାଲିଟୀ ଓ ସଫଳତା ଦୃଷ୍ଟିରୁ ବିରାଟ କୋହଲିଙ୍କ ସହ ସମକକ୍ଷ ହେଉଛନ୍ତି। ଏଣୁ ଗୌତମ ଗମ୍ଭୀରଙ୍କ ସୁପାରିସ୍ ବିନା ଗିଲ୍ ଯେ ଦଳରେ ସ୍ଥାନ ପାଇବେ ନାହିଁ ଏହା ନିଃସନ୍ଦେହରେ କୁହାଯାଇପାରେ। କିନ୍ତୁ ଯୁବ ଖେଳାଳି ଯଶସ୍ୱୀ ଜୟସ୍ୱାଲଙ୍କୁ ଦଳରେ ନିଆଗଲେ କୌଣସି ଅସୁବିଧା ହେବ ନାହିଁ ବୋଲି କୁହାଯାଉଛି। ଗତ ଟି-୨୦ ବିଶ୍ୱକପ୍‌ରେ ଭାରତ ଚାମ୍ପିଅନ ହୋଇଥିଲାବେଳେ ଗିଲ୍‌ଙ୍କୁ ଦଳରେ ଷ୍ଟାଣ୍ଡବାଇ ଖେଳାଳିଭାବେ ନିଆଯାଇଥିଲା। ଏହା ପରେ ଜିମ୍ବାୱେ ବିପକ୍ଷ ସିରିଜ୍‌ରେ ଅଧିନାୟକ ଓ ଶ୍ରୀଲଙ୍କା ବିପକ୍ଷ ସିରିଜ୍‌ରେ ଉପଅଧିନାୟକ ଦାୟିତ୍ୱ ଦିଆଯାଇଥିଲା। ଏଭଳି ସ୍ଥିତିରେ ତାଙ୍କୁ ଦଳରେ ସାମିଲ କରାଗଲେ କେଉଁ ପୋଜିସନରେ ଖେଳାଇବେ ତାହାକୁ ନେଇ ଚିନ୍ତା। ଏବେ ନଂ-୪ରେ ସୂର୍ଯ୍ୟକୁମାର ଯାଦବ, ଆବଶ୍ୟକ ହେଲେ ଶ୍ରେୟସ ଆୟର, ହାର୍ଦ୍ଦିକ ପାଣ୍ଡ୍ୟା ଓ ରିଙ୍କୁ ସିଂ ଏମାନଙ୍କ ପଛରେ ବ୍ୟାଟିଂ କରିବାକୁ ଆସିବେ। ଗିଲ୍‌ଙ୍କ ଭଳି ଆୟର ମଧ୍ୟ ଦଳରେ ସ୍ଥାନ ପାଇବାର ଆଶା କମ୍। ଏଣୁ ଦୁଇ ସଫଳ ଖେଳାଳିଙ୍କୁ କିପରି ବାଦ୍ ଦିଆଯିବ, ଏହାର ପ୍ରଭାବ ଦଳ ଓ ଖେଳାଳିଙ୍କ ଉପରେ କିପରି ପଡ଼ିବ ତାହାକୁ ନେଇ ଏବେ ଚୟନ କମିଟି ଚିନ୍ତାରେ ରହିଛି।

ୱିକେଟକିପର ଭାବେ ସଞ୍ଜୁ ସାମସନ ରହିଥିଲାବେଳେ ଦ୍ୱିତୀୟ କିପର ଭାବେ ଜିତେଶ ଶର୍ମା ସ୍ଥାନ ପାଇବେ। ସ୍ପିନର ଭାବେ ଅକ୍ଷର ପଟେଲ, ବରୁଣ ଚକ୍ରବର୍ତ୍ତୀ, ୱାଶିଂଟନ ସୁନ୍ଦରଙ୍କ ସ୍ଥାନ ଏକପ୍ରକାର ନିଶ୍ଚିତ। କିନ୍ତୁ କୁଲଦୀପ ଯାଦବଙ୍କୁ ଯଦି ଦଳରେ ନେବାକୁ ସ୍ଥିର କରାଯାଏ ତେବେ ଏମାନଙ୍କ ସ୍ଥାନରେ କିଛି ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ଏପରିକି ରବି ବିଷ୍ଣୋଇଙ୍କୁ ମଧ୍ୟ ସ୍ଥାନ ମିଳିଲେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ସେହିପରି ଏହି ଟୁର୍ଣ୍ଣାମେଣ୍ଟ ଲାଗି ଯଶପ୍ରୀତ୍ ବୁମ୍‌ରା ଫିଟ ଥିବାରୁ ସେ ନଂ-୧ ପେସ୍ ବୋଲର ଭାବେ ରହିବେ।

ନିକଟରେ ଶେଷ ହୋଇଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫିରେ ସର୍ବାଧିକ ୧୪ଟି ୱିକେଟ ନେବା ଓ ଉତ୍ସାହଜନକ ଖେଳି ଭାରତକୁ ସିରିଜ୍ ବରାବର କରାଇଥିବା ମହମ୍ମଦ୍ ସିରାଜଙ୍କୁ ଏହି ଟିମ୍‌ରେ ସ୍ଥାନ ହାସଲ କରିବାକୁ ସଂଘର୍ଷ କରିପାରନ୍ତି। ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା ଓ ହର୍ଷିତ ରାଣାଙ୍କ ଯୋଡିକୁ ଅଲଗା କରାଯିବ ନାହିଁ। ପାଣ୍ଡ୍ୟା ମଧ୍ୟ ପେସ୍ ବୋଲିଂ କରିବେ। ଶିବମ ଦୁବେଙ୍କ ନା ମଧ୍ୟ ଚର୍ଚ୍ଚାରେ ରହିଛି। ଭାରତ ୪ଜଣ ଅଲରାଉଣ୍ଡରଙ୍କୁ ସାମିଲ କଲେ ପାଣ୍ଡ୍ୟା, ଦୁବେ, ସୁନ୍ଦର ଓ ଉପଅଧିନାୟକ ପଟେଲଙ୍କୁ ଦଳରେ ସ୍ଥାନ ମିଳିବ। ଏଠାରେ ସୂଚନାଯୋଗ୍ୟ ଏସିଆ କପ୍ ଲାଗି ୧୫ଜଣ ଖେଳାଳିଙ୍କୁ ସାମିଲ କରାଯିବ। ଏଣୁ ଚୟନ କମିଟି କିଛି କଡ଼ା ନିଷ୍ପତ୍ତି ନେବା ନିଶ୍ଚିତ। କାରଣ ଭଲ ଖେଳୁଥିଲେ ମଧ୍ୟ ସମସ୍ତଙ୍କୁ ୧୫ଜଣଙ୍କ ମଧ୍ୟରେ ସାମିଲ କରିବା କଷ୍ଟକର। ଆସନ୍ତାକାଲି ବା ମଙ୍ଗଳବାର ହେବାକୁ ଥିବା ବୈଠକରେ ଏହା ଚୂଡାନ୍ତ ହେବ।

## ପେରୁ ପାରା ବ୍ୟାଡ୍‌ମିଣ୍ଟନରେ ଦୀପ୍‌ରଞ୍ଜନ, ଶୁଭ୍ରଜିତ୍‌ଙ୍କ ଚମକ

ଭୁବନେଶ୍ୱର, ୧୮।୮ (ସମିସ): ପେରୁରେ ଅନୁଷ୍ଠିତ ପେରୁ ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାସନାଲ ଲେଭଲ-୨ ଟୁର୍ଣ୍ଣାମେଣ୍ଟରେ ଓଡ଼ିଆ ଖେଳାଳିଙ୍କ ଚମକ ଦେଖିବାକୁ ମିଳିଛି। ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରି ଓଡ଼ିଶାର ଦୀପ୍‌ରଞ୍ଜନ ବିଶୋୟୀ ଓ ଶୁଭ୍ରଜିତ ମହାରଣା ପଦକ ସଫଳତା ପାଇଛନ୍ତି। ପୁରୁଷ ଡବଲ୍ସ ଏସ୍‌ଏଲସ୍ ୩- ଏସ୍‌ୟୁ ୪ କାଟାଗୋରୀରେ



ଦୀପରଞ୍ଜନ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ସେ ମନୋଜ ସରକାରଙ୍କୁ ସାଥୀ କରି କୋର୍ଟକୁ ଅବତୀର୍ଣ୍ଣ ହୋଇଥିଲେ। ସେହିଭଳି ଏହି କାଟାଗୋରୀରେ ଓଡ଼ିଶାର ଶୁଭ୍ରଜିତ ଓ ତାଙ୍କ ପାର୍ଟନର ମହମ୍ମଦ ଅରୱାଜ ଅନସାରୀ ଯୋଡ଼ି ୩ୟ ସ୍ଥାନରେ ରହି କାଂସ୍ୟ ପଦକ ପାଇଛନ୍ତି। ଫଳରେ ଓଡ଼ିଶା ଖେଳାଳିମାନେ ମୋଟ୍ ଉପରେ ୩ଟି ପଦକ ବିଜୟୀ ହୋଇଛନ୍ତି। ଏହି ସଫଳତା ଲାଗି ଦୀପ୍‌ରଞ୍ଜନ ଓ ଶୁଭ୍ରଜିତ୍‌ଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି।

**● ଜାତୀୟ ଜୁନିଅର ହକି ଚାମ୍ପିଅନସିପ୍**

## ଅପରାଜେୟ ସହ କ୍ୱାର୍ଟରରେ ଓଡ଼ିଶା



ଭୁବନେଶ୍ୱର, ୧୮।୮ (ସମିସ): ହକି ଇଣ୍ଡିଆ ଆନୁକୂଲ୍ୟରେ ପଞ୍ଜାବରେ ଚାଲିଥିବା ଜାତୀୟ ଜୁନିଅର ପୁରୁଷ ହକି ଚାମ୍ପିଅନସିପ୍‌ରେ ଓଡ଼ିଶା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ସୋମବାର ଓଡ଼ିଶା ଖେଳିଥିବା ଏହାର ୨ୟ ପୁଲ୍ ମ୍ୟାଚରେ ଆନ୍ଧ୍ର ପ୍ରଦେଶକୁ ଏକପାଖିଆ ଭାବେ ୧୦-୦ ଗୋଲରେ ପରାସ୍ତ କରିଛି। ବିଜୟୀ ଓଡ଼ିଶା ପକ୍ଷରୁ ପ୍ରଦୀପ ମଣ୍ଡଳ, କରଣ ଲାକ୍ରା, ଦୀପକ ପ୍ରଧାନ ଓ ବିଲକାନ ଓରାମ ୨ଟି ଲେଖାଏ ଗୋଲ୍ ଦେଇଥିଲେ। ପୂର୍ବରୁ ଓଡ଼ିଶା ପ୍ରଥମ ମ୍ୟାଚରେ ୨-୧ ଗୋଲରେ କର୍ଣ୍ଣାଟକକୁ ମାତ୍ ଦେଇଥିଲା। ଫଳରେ ଦୁଇଟି ମ୍ୟାଚରୁ ୨ ବିଜୟ ସହ ୬ ପଏଣ୍ଟ ପାଇ ଓଡ଼ିଶା ପୁଲ୍-ଡି'ରେ ଅପରାଜେୟ ରହି କ୍ୱାର୍ଟର ଫାଇନାଲ ଟିକଟ୍ ହାସଲ କରିଛି। ବୁଧବାର ଖେଳାଯିବାକୁ ଥିବା କ୍ୱାର୍ଟର ଫାଇନାଲରେ ଓଡ଼ିଶାର ମୁକାବିଲା ମଣିପୁର ସହ ହେବ।

**● ରାଜ୍ୟ ଜୁନିଅର ଓ ସବଜୁନିଅର ପେଙ୍କାକ ସିଲାଟ**

## ଝାରସୁଗୁଡ଼ା ଚାମ୍ପିଅନ



ଭୁବନେଶ୍ୱର, ୧୮।୮ (ସମିସ): ଝାରସୁଗୁଡ଼ାର ପୌର ପରିଷଦ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଅଡିଟୋରିୟମରେ ରାଜ୍ୟ ଜୁନିଅର ଓ ସବ୍‌ଜୁନିଅର ପେଙ୍କାକ ସିଲାଟ ଚାମ୍ପିଅନସିପର ୮ମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପେଙ୍କାକ ସିଲାଟ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ଇଣ୍ଡୋନେସିଆ ମାର୍ଶାଲ ଆର୍ଟ ପ୍ରତିଯୋଗିତାରେ ଝାରସୁଗୁଡ଼ା ଚାମ୍ପିଅନ ହୋଇଛି। ସେହିଭଳି ସୁନ୍ଦରଗଡ଼ ୨ୟ ଓ ଖୋର୍ଦ୍ଧା ୩ୟ ସ୍ଥାନ ହାସଲ କରିଛି। ଦୁଇଦିନିଆ ପ୍ରତିଯୋଗିତାରେ ରାଜ୍ୟର ୩୫୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଉତ୍ସବରେ ପ୍ରସାଦ ତାମଙ୍ଗ, ବିଜୟ ବେହେରା, ବିଜୟ ଦାସ, କ୍ୟାପଟେନ ମାନସ ଆଚାର୍ଯ୍ୟ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟ ସଂଘର ସଭାପତି ତାପସ କୁମାର ରାୟଚୌଧୁରୀ, ସମ୍ପାଦକ ପ୍ରେମ ସିଂ ଥାପ୍ପା, କୋଷାଧ୍ୟକ୍ଷ ଭବାନୀ ସାହୁ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଭାରତୀୟ ମହାସଂଘର ଆଇଟି ଡାଇରେକ୍ଟର ଆଦିଲ ମଞ୍ଜୁର ପ୍ରମୁଖ ଉପସ୍ଥିତ ଥିଲେ।

## ସାଫ୍ ଚାମ୍ପିଅନସିପ୍ ଭାରତୀୟ ଦଳରେ ରୀତୁ



କଟକ, ୧୮।୮ (ସମିସ): ଭୁଟାନରେ ଖେଳାଯିବାକୁ ଥିବା ଆଗାମୀ ସାଫ୍ ଚାମ୍ପିଅନସିପ୍ ଲାଗି ୧୭ ବର୍ଷରୁ କମ୍ ଭାରତୀୟ ମହିଳା ଫୁଟବଲ୍ ଦଳ ଘୋଷଣା କରାଯାଇଛି। ସର୍ବଭାରତୀୟ ଫୁଟବଲ୍ ମହାସଂଘ (ଏଆଇଏଫ୍‌ଏଫ୍) ପକ୍ଷରୁ ଘୋଷିତ ୨୩ ଜଣିଆ ଦଳରେ ଓଡ଼ିଶାର ରୀତୁ ବଡ଼ାଇକ ସ୍ଥାନ ପାଇଛନ୍ତି। ଅଗଷ୍ଟ ୨୦ରେ ନେପାଳ ବିପକ୍ଷରେ ଖେଳି ଭାରତ ସାଫ୍ ଚାମ୍ପିଅନସିପରେ ଅଭିଯାନ ଆରମ୍ଭ କରିବ। ଏହାପରେ ଅଗଷ୍ଟ ୨୨ରେ ବାଂଲାଦେଶ, ୨୪ରେ ଭୁଟାନ, ୨୭ରେ ଭୁଟାନ, ୨୯ରେ ନେପାଳ ଓ ୩୧ରେ ବାଂଲାଦେଶ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ଅଂଶଗ୍ରହଣକାରୀ ପ୍ରତି ଦଳ ପରସ୍ପର ବିପକ୍ଷରେ ୨ଥର ଲେଖାଏ ଖେଳିବେ। ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ ରୀତୁଙ୍କୁ ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।

## ଅଶୋକ ପଟ୍ଟନାୟକ ସ୍ମାରକୀ ବନ୍ଧୁକଚାଳନା ଓ ବାହୁକୁସ୍ତି

ଭୁବନେଶ୍ୱର, ୧୮।୮ (ସମିସ): ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା) ଓ ଉତ୍କଳ କରାଟେ ସ୍କୁଲର ମିଳିତ ଆନୁକୂଲ୍ୟରେ ସୋମବାର ଡ. ଅଶୋକ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ସ୍ଥାନୀୟ ଉତ୍କଳ କରାଟେ




ସ୍କୁଲ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଓସ୍‌ଜାର ବରିଷ୍ଠ ଉପସଭାପତି ସମୀକ୍ଷା ପଟ୍ଟନାୟକ ଶ୍ରଦ୍ଧାସୁମନ ଜଣାଇଥିଲେ। ସେହିଭଳି ଯୁଗ୍ମ ସମ୍ପାଦକ ସଞ୍ଜୀବ ବିଶ୍ୱାଳ କ୍ରୀଡ଼ା ସାମ୍ବାଦିକ ଅଶୋକ ପଟ୍ଟନାୟକଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ଓସ୍‌ଜାର କର୍ମକର୍ତ୍ତାଙ୍କ ମଧ୍ୟରେ ସୌଖିନ ବନ୍ଧୁକ ଚାଳନା ଓ ବାହୁକୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ବାହୁ କୁସ୍ତି ୨ଟି ଓଜନ ବର୍ଗରେ ହୋଇଥିଲା। ୭୫ କିଗ୍ରାରୁ କମ୍ ବର୍ଗରେ ତୁଷାର ସେନାପତି, ଶକ୍ତିପ୍ରସାଦ ନନ୍ଦ ଓ ରଞ୍ଜନ ରାୟ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ସେହିଭଳି ୭୫ କିଗ୍ରାରୁ ଊର୍ଦ୍ଧ୍ୱ ବିଭାଗରେ ସନ୍ଦୀପ ମିଶ୍ର, ଅନାଦି କର ଓ ସଞ୍ଜୀବ ବିଶ୍ୱାଳ କ୍ରମାନ୍ୱୟରେ ପ୍ରଥମ ୩ଟି ସ୍ଥାନରେ ରହି ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଥିଲେ। ଅପରପକ୍ଷରେ ସୁଟିଂ ଇଭେଣ୍ଟ ୩ଟି ବୟସ କାଟାଗୋରୀକୁ ନେଇ ଆୟୋଜିତ ହୋଇଥିଲା। ୪୫ ବର୍ଷରୁ କମ୍ ବର୍ଗରେ ଦେବୀ ପାଣିଗ୍ରାହୀ ସ୍ୱର୍ଣ୍ଣ, ଚକ୍ରଧର ମାଝୀ ରୌପ୍ୟ ଓ ତୁଷାର ସେନାପତି କାଂସ୍ୟ ପଦକ ପାଇଥିଲେ। ୪୫ରୁ ୫୫ ବର୍ଷ ବର୍ଗରେ ସର୍ବେଶ୍ୱର ମହାନ୍ତି, ତପନ ସ୍ୱାଇଁ ଓ ରଞ୍ଜନ ରାୟ ଏବଂ ୫୫ ବର୍ଷରୁ ଊର୍ଦ୍ଧ୍ୱ ବର୍ଗରେ ସୁଜିତ ଦାସ, ସୁରେଶ ସ୍ୱାଇଁ ଓ ରଜନୀକାନ୍ତ ଶତ୍ରୁସଲ୍ୟ ପୋଡିୟମର ପ୍ରଥମ ୩ଟି ସ୍ଥାନରେ ରହିଥିଲେ। ଉଭୟ ପ୍ରତିଯୋଗିତାର ମହିଳାବର୍ଗରେ ମନ୍ଦାକିନୀ ମିଶ୍ର ଶ୍ରେଷ୍ଠ ହୋଇଥିଲେ। ଓସ୍‌ଜାର ଅନ୍ୟ ସଦସ୍ୟଙ୍କ ମଧ୍ୟରେ ବେଣୁଧର ଦାସ, ବିମଳ ରାଉଳ, ମନୋରଞ୍ଜନ ଦାସ, ଅନିରୁଦ୍ଧ ମିଶ୍ର, ପ୍ରଫୁଲ୍ଲ କିଶୋର ସାହୁ, ସନ୍ତୋଷ କୁମାର ମହାନ୍ତି, ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଉତ୍କଳ କରାଟେ ସ୍କୁଲର ମୁଖ୍ୟ ଡ. ହରି ପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଉଭୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପୀୟୂଷ ମହାନ୍ତି, ବଳଭଦ୍ର ଦାସ, ସାଗର ନାୟକ, କୁନୁ ମୁଖୀ, ହିମାଂଶୁ ଶେଖର ଦାସ, ସତ୍ୟଜିତ ପ୍ରଧାନ, ରାକେଶ ମହାନ୍ତି, ଶ୍ରୀଜିତା ବରାଳ, ଭବିଷ୍ୟା ପତି, ଅନୁପମା ସ୍ୱାଇଁ, ସନ୍ଦୀପ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପଣ୍ଡା ଭଉଣୀଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୮।୮ (ସମିସ): ଓଡ଼ିଶାରୁ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଖେଳୁଥିବା ଦୁଇ ଭଉଣୀ ରତ୍ନପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଜି ଲୋକସେବା ଭବନ ପରିସରରେ ପଣ୍ଡା ଭଉଣୀ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଆଶୀର୍ବାଦ ଲୋଡିଥିଲେ। ଅଗଷ୍ଟ ୨୫ରୁ ୩୧ ତାରିଖଯାଏ ପ୍ୟାରିସ୍‌ରେ ୱାର୍ଲ୍ଡ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଆୟୋଜିତ ହେବ। ଏହି ପ୍ରତିଯୋଗିତା ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଭୟଙ୍କୁ ଆଶୀର୍ବାଦ ଦେବା ସହ ସେମାନଙ୍କର ସଫଳତା କାମନା କରିଥିଲେ। ସୂଚନାଯୋଗ୍ୟ ନବୀନ ପଟ୍ଟନାୟକଙ୍କ ସରକାରଙ୍କ ଅମଳରେ ଅନ୍ତର୍ଜାତୀୟ କ୍ରୀଡ଼ାରେ ଭାଗନେଉଥିବା ଓଡ଼ିଶାର ସମସ୍ତ ପ୍ରତିଯୋଗୀଙ୍କୁ ସରକାର ସମସ୍ତପ୍ରକାର ସହାୟତା ଯୋଗାଇଦେଇ ଆସୁଛନ୍ତି।

**ବୁଚି ବାବୁ କ୍ରିକେଟ୍**

## ଓଡ଼ିଶା ବିପକ୍ଷରେ ନିତ୍ୟଙ୍କ ଶତକ

କଟକ,୧୮।୮ (ସମିସ): ବେଙ୍ଗାଲୁରୁରେ ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାରଠାରୁ ଆରମ୍ଭ ହୋଇଛି। ସିପିଟି ଟର୍ଫ ଗ୍ରାଉଣ୍ଡରେ ଟୁର୍ଣ୍ଣାମେଣ୍ଟର ପ୍ରଥମ ମୁକାବିଲାରେ ଭ୍ରମଣକାରୀ ଓଡ଼ିଶା ଦଳ ବରୋଦାକୁ ଭେଟିଛି। ଟସ୍ ଜିତି ବ୍ୟାଟିଂ କରିଥିବା ବରୋଦା ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୬ ୱିକେଟ ହରାଇ ଦଳ ୩୮୧ ରନ ସଂଗ୍ରହ କରିଛି। ତେବେ ନିୟମ ମୁତାବକ ପ୍ରତ୍ୟେକ ଦଳ ପ୍ରଥମ ଇନିଂସ୍‌ରେ ସର୍ବାଧିକ ୯୦ ଓଭର ଓ ଦ୍ୱିତୀୟ ଇନିଂସ୍‌ରେ ସର୍ବାଧିକ ୪୫ ଓଭର ଖେଳି ପାରିବେ। ଏଣୁ ତ୍ରିଦିବସୀୟ ଏହି ମ୍ୟାଚ୍‌ରେ ମଙ୍ଗଳବାର ସକାଳୁ ସ୍ୱସ୍ତିକ ସାମଲଙ୍କ ନେତୃତ୍ୱାଧୀନ ଓଡ଼ିଶା ବ୍ୟାଟିଂ ଆରମ୍ଭ କରିବ।

ବରୋଦା ଅଧିନାୟକ ଅଭିମନ୍ୟୁ ସିଂହ ରାଜପୁତ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଓପନିଂ ଭାଗୀଦାରିରେ ଦଳ ୭୩ ରନ ସଂଗ୍ରହ କରିଥିଲା। ଓପନର ହର୍ଷ ଦେଶାଇଙ୍କୁ ଏଲବିଡବ୍ଲ୍ୟୁ କରି ଓଡ଼ିଶାକୁ ପ୍ରଥମ ବ୍ରେକ ଥ୍ରୁ ଦେଇଥିଲେ ବାମହାତୀ ସ୍ପିନର ସୁମିତ ଶର୍ମା। ଦ୍ୱିତୀୟ ୱିକେଟରେ ଓପନର ନିତ୍ୟ ପାଣ୍ଡ୍ୟା ଏବଂ ସୁକୀର୍ତ୍ତି ପାଣ୍ଡେଙ୍କ ୧୧୪ ରନର ଭାଗୀଦାରୀ ବରୋଦାକୁ ଦୃଢ଼ ସ୍ଥିତିରେ ପହଞ୍ଚାଇଥିଲା। ନିତ୍ୟ ୧୭୫ ବଲରୁ ୧୦୨ ରନ ସଂଗ୍ରହ କରି ତରଣୀ ସ'ଙ୍କ ବଲରେ ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ସୁକୀର୍ତ୍ତି ୮୫ ରନର ପାଳି ଖେଳିଥିଲେ। ମଧ୍ୟକ୍ରମରେ ପାର୍ଥ କୋହଲି ୪୮, ମୋହିତ ମୋଙ୍ଗିଆ ୨୨, ଅଧିନାୟକ ଅଭିମନ୍ୟୁ ଦ୍ରୁତ ୫୧ ରନ ସଂଗ୍ରହ କରିଥିଲେ। ଷ୍ଟମ୍ପ ଅପସାରଣବେଳକୁ ୱିକେଟକିପର ଅକ୍ଷୟ ମୋରେ ୨୦ ଏବଂ ପ୍ରଦୀପ ଯାଦବ ୧୪ ରନରେ ଅପରାଜିତ ଥିଲେ। ଓଡ଼ିଶା ନିମନ୍ତେ ସୁନୀଲ କୁମାର ରାଉଳ ୨ଟି ଏବଂ ତରଣୀ ସ, ସମ୍ବିତ ବରାଳ, ସୁମିତ ଶର୍ମା ଏବଂ ବାଦଲ ବିଶ୍ୱାଳଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା।

### ଦୁଲୀପ ଟ୍ରଫି: ଇଶାନଙ୍କ ସ୍ଥାନରେ ଅଭିମନ୍ୟୁ ପୂର୍ବାଞ୍ଚଳ ଅଧିନାୟକ

କୋଲକାତା,୧୮।୮ (ଏଜେନ୍ସି): ଆହତ ସମସ୍ୟାରୁ ମୁକୁଳି ପାରି ନ ଥିବାରୁ ଇଶାନ କିସାନ ଅଗଷ୍ଟ ୨୮ରୁ ଉତ୍ତରାଞ୍ଚଳ ଓ ପୂର୍ବାଞ୍ଚଳ ମଧ୍ୟରେ ଖେଳାଯିବାକୁ ଥିବା ଦୁଲୀପ ଟ୍ରଫିର ମ୍ୟାଚ୍ ଖେଳିପାରିବେ ନାହିଁ। କିସାନ ଏବେ ସୁଦ୍ଧା ପୂରା ଫିଟ୍ ହୋଇନାହାନ୍ତି। ଏଣୁ ଏନ୍‌ସିଏରୁ ଫିଟ୍‌ନେସ ସାର୍ଟିଫିକେଟ ପାଇବା ପରେ ତାଙ୍କୁ ଦଳରେ ସାମିଲ କରାଯିବ। ସେହିପରି ଆକାଶ ଦୀପ୍‌ଙ୍କୁ ବିଶ୍ରାମ ନେବାକୁ କୁହାଯାଇଛି। ଯାହା ଫଳରେ ତାଙ୍କୁ ମଧ୍ୟ ଦଳରୁ ବାଦ୍ ଦିଆଯାଇଛି। ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ସେ ୪ଟି ମ୍ୟାଚ୍ ଖେଳିଥିଲେ। ଆଘାତ ଯୋଗୁଁ ସେ ଚତୁର୍ଥ ଟେଷ୍ଟରେ ଖେଳି ପାରି ନ ଥିଲେ। ଏହି ଦୁଇଟି ପରିବର୍ତ୍ତନ ଫଳରେ ବେଙ୍ଗଲର ଅଭିମନ୍ୟୁ ଈଶ୍ୱରନଙ୍କୁ ପୂର୍ବାଞ୍ଚଳ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ତାଙ୍କ ସ୍ଥାନରେ ରିୟାନ ପରାଗଙ୍କୁ ଉପଅଧିନାୟକ ଦାୟିତ୍ୱ ମିଳିଛି। ଇଶାନଙ୍କ ସ୍ଥାନରେ ଓଡ଼ିଶାର ୱିକେଟରକ୍ଷକ ଆଶୀର୍ବାଦ ସ୍ୱାଇଁ ଓ ଆକାଶଦୀପଙ୍କ ସ୍ଥାନରେ ଆସାମର ପେସ୍ ବୋଲର ମୁକ୍ତାର ହୁସେନଙ୍କୁ ୧୫ଜଣିଆ ଦଳରେ ସାମିଲ କରାଯାଇଛି।

## ଦଳ କିଣିବ ମହାପାତ୍ର ୟୁନିଭର୍ସାଲ ଲିମିଟେଡ

କଟକ,୧୮।୮(ସମିସ): ଆଗାମୀ ଦିନରେ ହେବାକୁ ଥିବା ଓଡିଶା ପ୍ରୋ ଟି-୨୦ ଲିଗ୍‌କୁ ପ୍ରଥମ ଫ୍ରାଞ୍ଚାଇଜ୍ ମିଳିଛି। ମହାପାତ୍ର ୟୁନିଭର୍ସାଲ ଲିମିଟେଡ୍ ଫ୍ରାଞ୍ଚାଇଜ ଘୋଷିତ ହେବା ସହ ଏହା ଦଳ କିଣିବ ବୋଲି ଆଜି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। ଓସିଏର ଅଫିସିଆଲ ୱେବସାଇଟ୍‌ରେ ଫ୍ରାଞ୍ଚାଇଜ୍ ଆଶାୟୀଙ୍କ ନିମନ୍ତେ ଇଓଆଇ ଡକ୍ୟୁମେଣ୍ଟ ଉପଲବ୍ଧ କରାଯାଇଥିଲା। ଏହି କ୍ରମରେ ସମସ୍ତ ମାନଦଣ୍ଡକୁ ପୂରଣ କରି ମହାପାତ୍ର ୟୁନିଭର୍ସାଲ ଲିମିଟେଡ୍ ପ୍ରଥମ ଫ୍ରାଞ୍ଚାଇଜ ହୋଇପାରିଛି। ପ୍ରକାଶଯୋଗ୍ୟ, ଓଡ଼ିଶା ପ୍ରୋ ଟି-୨୦ ଲିଗ୍(ଓପିଟିଏଲ)ର ପ୍ରଥମ ସଂସ୍କରଣ ଆୟୋଜନ ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପ୍ରାକ୍ ପ୍ରସ୍ତୁତି ଚଳାଇଛି। ସେପ୍ଟେମ୍ବର ୧୪ରୁ ବାରବାଟୀ ଷ୍ଟାଡିୟମରେ ଲିଗ୍ ଖେଳାଯିବ। ସମ୍ପୂର୍ଣ୍ଣ ନୂଆ ଢାଞ୍ଚା ଓ ନୂଆ ଫର୍ମାଟରେ ଲିଗ୍ ଦେଖିବାକୁ ପାଇବେ ଓଡ଼ିଶାର ଅଗଣିତ କ୍ରିକେଟପ୍ରେମୀ। ଷ୍ଟାରସ୍ପୋର୍ଟସ କିମ୍ବା ସୋନୀ ନେଟୱର୍କରେ ପ୍ରତ୍ୟେକ ମ୍ୟାଚ୍‌ର ସିଧାପ୍ରସାରଣ କରାଯିବ ବୋଲି ଯୋଜନା ଚାଲିଛି। ଏପରିକି ଓଟିଟି ପ୍ଲାଟଫର୍ମ ଜିଓ ହଟଷ୍ଟାରରେ ମଧ୍ୟ ମ୍ୟାଚ୍ ଦେଖିବାର ସୁଯୋଗ ମିଳିପାରେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS